

ଭାରତ ପରେ ପାଣି ବନ୍ଦ କରିବ ଆଫଗାନିସ୍ତାନ

ପୃଷ୍ଠା ୫

# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com

RNI NO :ODIODI/2001/04811 Postal Regd No : BN/249/15-17

Vol. 33 | ISSUE 211 | ଭାଗ ୩୩ | ସଂଖ୍ୟା ୨୧୧ | Saturday 25 October 2025 | Page 8 Rs. 5.00 | ● ଭୁବନେଶ୍ୱର ଶନିବାର ୨୫ ଅକ୍ଟୋବର ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା


## ମୋହନ ସରକାର @ ୫୦୦ ଦିନ

- ଆଜି ଗୁରୁତ୍ୱପୂର୍ଣ୍ଣ କ୍ୟାବିନେଟ ବୈଠକ
- ବଡ ଘୋଷଣା କରିବେ ମୁଖ୍ୟମନ୍ତ୍ରୀ



**ଭୁବନେଶ୍ୱର,୨୪।୧୦ (ସଂଚାର ବ୍ୟୁରୋ):** ସବୁ ଗଣିତକୁ ବିଗାଡି ବିଜେପି ପ୍ରଥମ ଥର ପାଇଁ ରାଜ୍ୟରେ ଏକାକୀ ସରକାର ଗଠନ କରିଛି। ୨୦୨୪ ଜୁନ ୧୨ ତାରିଖରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ନେଲେ। ଆଉ ପ୍ରଥମ ଦିନରେ ହିଁ କ୍ୟାବିନେଟ ବୈଠକ ଡାକି ନିର୍ବାଚନୀ ଇସ୍ତାହାର ପୂରଣ ପାଇଁ ନିଷ୍ପତ୍ତି ନିଆଗଲା। ତାପରେ ଗୋଟିଏ ପରେ ଗୋଟିଏ ଲୋକାଭିମୁଖୀ ଯୋଜନା କାର୍ଯ୍ୟକାରୀ ହୋଇଛି। ଆସନ୍ତାକାଲି ସରକାରକୁ ୫୦୦ ଦିନ ପୂରୁଥିବା ବେଳେ ମୁଖ୍ୟମନ୍ତ୍ରୀ ଡାକିଛନ୍ତି କ୍ୟାବିନେଟ ବୈଠକ। ଆଶା କରାଯାଉଛି ସରକାରକୁ ୫୦୦ ଦିନ ପୂର୍ତ୍ତି ଅବସରରେ ମୁଖ୍ୟମନ୍ତ୍ରୀ ପୁଣି କଛି ବଡ ଘୋଷଣା କରିପାରନ୍ତି।

କ୍ୟାବିନେଟ୍ ବୈଠକରେ କିଛି ମନ୍ତ୍ରୀ ଉପସ୍ଥିତ ରହିବେ। ଆଉ କିଛି ମନ୍ତ୍ରୀ ନୂଆପଡ଼ାରୁ ଭିଡିଓ କନ୍‌ଫରେନ୍ସ ଜରିଆରେ ଯୋଡ଼ି ହେବେ। ଏହି ବୈଠକରେ କିଛି ବଡ଼ ନିଷ୍ପତ୍ତି ନେଇପାରନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ନିକଟରେ ମୋହନ ସରକାର ବର୍ଷ ପୂର୍ତ୍ତି ଉତ୍ସବ ପାଳିଥିଲେ। ରାଜ୍ୟସ୍ତରୀୟ ବିକାଶ ବାହାନକୁ ଶୁଭାରମ୍ଭ କରିଥିଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ସରକାରଙ୍କ ବିକାଶ କଥା ନେଇ ପଞ୍ଚାୟତରୁ ପଞ୍ଚାୟତ ବୁଲିଥିଲା ବିକାଶ ➪ପୃଷ୍ଠା-୬

୩ ଦିନ ଓଡ଼ିଶାକୁ ମଛିବ 'ମୋନ୍ଥା'

## ୨୭ରେ ବାତ୍ୟା ଆଶଙ୍କା




ନୂତନ ଲଘୁଚାପ କ୍ଷେତ୍ର ସୃଷ୍ଟି ହେଲା

ଉପକୂଳ ଓ ଦକ୍ଷିଣ ଓଡ଼ିଶାରେ ପ୍ରବଳ ବର୍ଷା ହେବ

୨୬ରୁ ୨୯ ମଧ୍ୟରେ ମତ୍ସ୍ୟଜୀବୀଙ୍କୁ ସମୁଦ୍ର ମନା

**ଭୁବନେଶ୍ୱର,୨୪।୧୦(ସଂଚାର ବ୍ୟୁରୋ):** ଓଡ଼ିଶାକୁ ମାଡ଼ି ଆସୁଛି ପୁଣି ବାତ୍ୟା ଭୟ। ଦକ୍ଷିଣ-ପୂର୍ବ ବଙ୍ଗୋପସାଗର ଏବଂ ସଂଲଗ୍ନ ଦକ୍ଷିଣ ଆଣ୍ଡାମାନ ସାଗର ଉପରେ ଏକ ନୂତନ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ଶୁକ୍ରବାର ସକାଳ ୫.୩୦ ମିନିଟରେ ଦକ୍ଷିଣ- ପୂର୍ବ ବଙ୍ଗୋପସାଗର ଉପରେ ଏହି ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ଏହା କ୍ରମଶଃ ପଶ୍ଚିମ-ଉତ୍ତରପଶ୍ଚିମ ଦିଗକୁ ଗତିକରି ଆଗାମୀ ୨୪ ଘଣ୍ଟା ମଧ୍ୟରେ ଏକ ଅବପାତ କ୍ଷେତ୍ରରେ ପରିଣତ ହେବାର ସମ୍ଭାବନା ଅଛି। ୨୬ ତାରିଖରେ ଏକ ଗଭୀର ଅବପାତରେ ପରିଣତ ହେବାର ସମ୍ଭାବନା ରହିଛି। ୨୭ ତାରିଖ ସକାଳେ ଏହା କେନ୍ଦ୍ରୀୟ ପଶ୍ଚିମ ବଙ୍ଗୋପସାଗର ଉପରେ ଘନୀଭୂତ ହୋଇ ଏକ ଘୂର୍ଣ୍ଣିଝଡ଼ ବା ବାତ୍ୟାରେ ପରିଣତ ହେବାର ସମ୍ଭାବନା ଅଛି।

୨୭ ତାରିଖରେ ସାରା ଓଡ଼ିଶାରେ ବର୍ଷା ସହ କେନ୍ଦ୍ରାପଡ଼ା, ଜଗତସିଂହପୁର, କଟକ, ଖୋର୍ଦ୍ଧା, ପୁରୀ, ନୟାଗଡ଼, ଗଞ୍ଜାମ, ଗଜପତି, ରାୟଗଡ଼ା, କୋରାପୁଟ, ମାଲକାନଗିରିରେ ପ୍ରବଳ ବର୍ଷା ହେବାକୁ ଥିବାବେଳେ ଏନେଇ ୟେଲୋ ୱାର୍ଣ୍ଣିଂ ଜାରି କରିଛି ବିଭାଗ। ୨୮ରେ ସାରା ଓଡ଼ିଶାକୁ ୟେଲୋ ଆଲର୍ଟ ➪ପୃଷ୍ଠା-୬

### ସମ୍ଭାବ୍ୟ ବାତ୍ୟା ନେଇ ଜଳସଂପଦ ବିଭାଗର ପ୍ରସ୍ତୁତି



ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କ ବୈଠକ

**ଭୁବନେଶ୍ୱର, ୨୪।୧୦(ସଂଚାର ବ୍ୟୁରୋ):** ଭାରତୀୟ ପାଣିପାଗ ବିଭାଗର ଆକଳନ ଅନୁସାରେ ଆଗାମୀ ସମ୍ଭାବ୍ୟ ବାତ୍ୟା ଜନିତ ବର୍ଷାକୁ ଦୃଷ୍ଟିରେ ରଖି ରାଜ୍ୟ ଜଳ ସଂପଦ ବିଭାଗ ପକ୍ଷରୁ ପ୍ରସ୍ତୁତି ନେଇ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଏକ ବୈଠକରେ ସ୍ଥିତି ସମୀକ୍ଷା କରିଥିଲେ। ଆଜି ସଂଧ୍ୟାରେ ଲୋକସେବା ଭବନସ୍ଥିତ ➪ପୃଷ୍ଠା-୬

'କଳାମଣ୍ଡଳ' ପ୍ରକଳ୍ପର ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ

## ୨୦୨୬ ମେ' ସୁଦ୍ଧା କାମ ସାରିବାକୁ ନିର୍ଦ୍ଦେଶ

- ଖର୍ଚ୍ଚ ହେବ ୧୭୩ କୋଟି ଟଙ୍କା
- କେନ୍ଦୁଝରରେ ୬ କ୍ରୀଡ଼ା ପ୍ରକଳ୍ପର ବିକାଶ ହେବ



**ଭୁବନେଶ୍ୱର, ୨୪।୧୦(ସଂଚାର ବ୍ୟୁରୋ):** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଲୋକସେବା ଭବନରେ ଭୁବନେଶ୍ୱରରେ ନିର୍ମାଣାଧୀନ ପ୍ରେକ୍ଷାଳୟ 'କଳାମଣ୍ଡଳ' ପ୍ରକଳ୍ପ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଏଥିସହିତ କେନ୍ଦୁଝର ଜିଲ୍ଲାରେ କ୍ରୀଡ଼ା ଭିତ୍ତିଭୂମିର ବିକାଶ ସମ୍ପର୍କରେ ଆଲୋଚନା କରିଛନ୍ତି।

ସୂଚନାଯୋଗ୍ୟ ଯେ, ଭୁବନେଶ୍ୱରର ସୈନିକ ସ୍କୁଲ ନିକଟରେ ୯.୮୫ ଏକର ଜମି ଉପରେ ୧୭୩ କୋଟି ଟଙ୍କା ବ୍ୟୟରେ ଓଡ଼ିଶାର ସର୍ବବୃହତ ଏହି ପ୍ରେକ୍ଷାଳୟ ଇଡ୍‌କୋ ପକ୍ଷରୁ ନିର୍ମାଣ କରାଯାଉଛି। ୨୦୦୦ ଆସନ ବିଶିଷ୍ଟ ପ୍ରେକ୍ଷାଳୟ ସହିତ ୫୦୦ ସିଟ୍ ବିଶିଷ୍ଟ ଏକ ଓପନ୍ ଏୟାର ଥିଏଟର୍ ମଧ୍ୟ ଏହି ପରିସର ମଧ୍ୟରେ ରହିବ। ମୁଖ୍ୟମନ୍ତ୍ରୀ ଏହାର ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରି ୨୦୨୬ ମେ ମାସ ସୁଦ୍ଧା ସମ୍ପୂର୍ଣ୍ଣ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଭୁବନେଶ୍ୱରରେ ବିଭିନ୍ନ ସରକାରୀ କାର୍ଯ୍ୟକ୍ରମ ଓ ସଭାସମିତି ଆୟୋଜନ କରିବା ପାଇଁ ଏହି ପ୍ରେକ୍ଷାଳୟଟି ଅତ୍ୟନ୍ତ ଉପଯୋଗୀ ହେବ। ଭବିଷ୍ୟତକୁ ଦୃଷ୍ଟିରେ ରଖି ସମସ୍ତ ଆନୁସଙ୍ଗିକ ବ୍ୟବସ୍ଥା ଏହି 'କଳାମଣ୍ଡଳ' ପରିସରରେ ଉପଲବ୍ଧ କରିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ଏଥି ସହିତ ପର୍ଯ୍ୟାପ୍ତ ପାର୍କିଂ ସୁବିଧା ପାଇଁ ମଧ୍ୟ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଥିଲେ।

ସେହିଭଳି, କେନ୍ଦୁଝର ଜିଲ୍ଲାରେ ପ୍ରସ୍ତାବିତ ୬ଟି ଗୁରୁତ୍ୱପୂର୍ଣ୍ଣ କ୍ରୀଡ଼ା ପ୍ରକଳ୍ପର ବିକାଶ ସମ୍ପର୍କରେ ମଧ୍ୟ ବୈଠକରେ ଆଲୋଚନା ହୋଇଥିଲା। କେନ୍ଦୁଝରର ରାଙ୍କୀ ଓ ରାଇକଳା ଠାରେ ଦୁଇଟି ଅତ୍ୟାଧୁନିକ ସ୍ପୋର୍ଟସ କମ୍ପ୍ଲେକ୍ସ, କାଳୀ ପଡ଼ିଆରେ ଏକ ଫୁଟବଲ ଷ୍ଟାଡ଼ିଅମ୍ ସହିତ ଇନଡୋର ଓ ଆଉଟଡୋର ଗେମ'ର ସୁବିଧା, ଡିଏନ୍ ହାଇସ୍କୁଲ ପରିସରରେ ଏକ ଅତ୍ୟାଧୁନିକ ସ୍ୱିମିଂ ପୁଲ, ନରଣପୁରରେ ଆର୍ଚେରୀ ଏକାଡେମୀ ଏବଂ କେନ୍ଦୁଝରରେ ୧୦୦ ଶଯ୍ୟା ବିଶିଷ୍ଟ ହ୍ୟାଣ୍ଡବଲ କ୍ରୀଡା ଛାତ୍ରାବାସ ନିର୍ମାଣ କରାଯିବ ବୋଲି ବୈଠକରେ ଆଲୋଚନା ହୋଇଥିଲା।

ଏହି ବୈଠକରେ ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ଓ କ୍ରୀଡା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ଶାସନ ➪ପୃଷ୍ଠା-୬

ନୂଆପଡ଼ା ବିଧାନସଭା ଉପନିର୍ବାଚନ

## ମୈଦାନରେ ୧୪ ପ୍ରାର୍ଥୀ

କୌଣସି ପ୍ରାର୍ଥୀ ପ୍ରତ୍ୟାହାର କଲେନି ନାମାଙ୍କନପତ୍ର




**ଭୁବନେଶ୍ୱର,୨୪।୧୦(ସଂଚାର ବ୍ୟୁରୋ):** ୭୧-ନୂଆପଡା ବିଧାନସଭା ଉପନିର୍ବାଚନ ନେଇ ଆଜି ଥିଲା ନାମାଙ୍କନ ପତ୍ର ପ୍ରତ୍ୟାହାରର ଶେଷ ତାରିଖ। ହେଲେ ଜଣେ ବି ପ୍ରାର୍ଥୀ ନାମାଙ୍କନ ପତ୍ର ପ୍ରତ୍ୟାହାର କରିନାହାନ୍ତି। ଅତଏବ, ୧୪ ଜଣ ପ୍ରାର୍ଥୀଙ୍କ ମଧ୍ୟରେ ନୂଆପଡା ବିଧାନସଭା ଉପନିର୍ବାଚନରେ ହେବ ପ୍ରତିଦ୍ୱନ୍ଦ୍ୱିତା। ଭାରତୀୟ ଜନତା ପାର୍ଟିରୁ ଜୟ ଢୋଲକିଆ, ବିଜୁ ଜନତା ଦଳରୁ ସ୍ନେହାଙ୍ଗିନୀ ଛୁରିଆ, ଭାରତୀୟ ଜାତୀୟ କଂଗ୍ରେସରୁ ଘାସିରାମ ମାଝୀ, ସମାଜବାଦୀ ପାର୍ଟିରୁ ରମାକାନ୍ତ ହାତୀ, ବହୁଜନ ମୁକ୍ତି ପାର୍ଟିରୁ ହେମନ୍ତ ତାଣ୍ଡି, ଓଡ଼ିଶା ଜନତା ଦଳରୁ ଶୁକଧର ଦଣ୍ଡସେନାଙ୍କ ସମେତ ୮ ଜଣ ସ୍ୱାଧୀନ ପ୍ରାର୍ଥୀ ଆଶ୍ରୟ ମହାନ୍ଦନ, ଇ.ଚକ୍ରାନ୍ତ ଜେନା, ଭୁବନ ଲାଲ ସାହୁ, କିଶୋର କୁମାର ବାଗ, ନୀତା ବାଗ, ଲକ୍ଷ୍ମୀକାନ୍ତ ତାଣ୍ଡି, ଭକ୍ତବନ୍ଧୁ ଧରୁଆ ଓ ଲୋଚନ ମାଝୀ ପ୍ରମୁଖ ଏହି ଉପନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବେ। ସୂଚନାଯୋଗ୍ୟ ଯେ, ପ୍ରାର୍ଥିପତ୍ର ଯାଞ୍ଚ ସମୟରେ ମୋଟ ୫ଟି ନାମାଙ୍କନ ପତ୍ର ନାକଚ କରାଯାଇଥିଲା। ନାକଚ କରାଯାଇଥିବା ବ୍ୟକ୍ତିମାନେ ହେଉଛନ୍ତି ବହୁଜନ ସମାଜ ପାର୍ଟିର ପ୍ରାର୍ଥୀ ରାଜାରାମ ସାହୁ, ରାଷ୍ଟ୍ରୀୟ ପରିବର୍ତ୍ତନ ଦଳର ପ୍ରାର୍ଥୀ ସୀତାରାମ ବେହେରା ଏବଂ ତିନି ସ୍ୱାଧୀନ ପ୍ରାର୍ଥୀ କମଳ କୁମାର ଛତ୍ରିଆ, ପୁରୁଷୋତ୍ତମ ବେହେରା ଏବଂ ଭୁଜବଳ ଆଡବଙ୍ଗ। ନଭେମ୍ବର ୧୬ ତାରିଖ ସୁଦ୍ଧା ନିର୍ବାଚନ ପ୍ରକ୍ରିୟା ସମ୍ପୂର୍ଣ୍ଣ ହେବ।

### ଚନ୍ଦନପୁରରେ ଲଜ୍ଜା; ୨ ଗିରଫ



**ପୁରୀ,୨୪।୧୦(ସଂଚାର ବ୍ୟୁରୋ):** ଜଣେ ନାବାଳିକା ଘରେ ଶୋଇଥିବା ବେଳେ ଅଧରାତିରେ ଘରେ ପଶି ତାଙ୍କୁ ସମ୍ପର୍କୀୟ ଦାଦା, ପୁତୁରା ଗଣଦୁଷ୍କର୍ମ କରିଛନ୍ତି। ଏନେଇ ଆଜି ଅଭିଯୋଗ ହେବାରୁ ପୁରୀ ଜିଲ୍ଲା ଚନ୍ଦନପୁର ଥାନା ପୁଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତ ଦାଦା ଓ ପୁତୁରାକୁ ଅଟକ ରଖି ତଦନ୍ତ ଚଳାଇଛି। ଚନ୍ଦନପୁର ଥାନା ଆଇଆଇସି ଭୁବନମୋହନ ସାମନ୍ତରାୟ କହିଛନ୍ତି ଯେ, ଚନ୍ଦନପୁର ଥାନା ଅଞ୍ଚଳର ଜଣେ ୧୬ ବର୍ଷ ବୟସ୍କା ନାବାଳିକା ତାଙ୍କ ୭ ବର୍ଷୀୟା ସାନଭଉଣୀ ସହିତ ଗତ ୨୨ ତାରିଖ ରାତିରେ ଘରେ ଶୋଇଥିଲେ। ଏହି ସମୟରେ ତାଙ୍କ ପରିବାର ଲୋକେ କାଳୀଙ୍କ ଭସାଣି ଯାତ୍ରା ଦେଖିବାକୁ ➪ପୃଷ୍ଠା-୬

### ଉଷୁନା ଚାଉଳ ଉଠାଇନି କେନ୍ଦ୍ର

- ଅଧିକ ଅରୁଆ ମିଲିଂ ପାଇଁ ପରାମର୍ଶ



**ଭୁବନେଶ୍ୱର,୨୪।୧୦(ସଂଚାର ବ୍ୟୁରୋ):** ଡିସେମ୍ବର ସୁଦ୍ଧା ବଳକା ଚାଉଳ ଉଠାଇବ ଏଫ୍‌ସିଆଇ। କିନ୍ତୁ ଉଷୁନା ଚାଉଳ ଉଠାଇବାକୁ ଅମଙ୍ଗ ହେଉଛି କେନ୍ଦ୍ର। ସେଥିପାଇଁ ରାଜ୍ୟରେ ଥିବା ରାଇସ ମିଲ୍ ଗୁଡ଼ିକୁ ଅଧିକ ଅରୁଆ ଚାଉଳ କରିବାକୁ ନିର୍ଦ୍ଦେଶ ଦେବ କୃଷି ବିଭାଗ। ଏପରି ଗୁରୁତ୍ୱପୂର୍ଣ୍ଣ ସୂଚନା ଦେଇଛନ୍ତି କୃଷି ମନ୍ତ୍ରୀ କେ.ଭି ସିଂ ଦେଓ। ସେ ଆହୁରି କହିଛନ୍ତି ଯେ, ନିକଟରେ କେନ୍ଦ୍ର କୃଷି ମନ୍ତ୍ରୀଙ୍କୁ ଭେଟି ବଳକା ଚାଉଳ ଉଠାଇବାକୁ ନିବେଦନ କରାଯାଇଥିଲା। ଆଗକୁ ଅଧିକ ଅରୁଆ ଚାଉଳ ଦେବାକୁ ମିଲର୍‌ମାନଙ୍କୁ କୁହାଯିବ। ଚଳିତ ବର୍ଷ ଏଫ୍‌ସିଆଇ ୨୪ ମେଟ୍ରିକ ଟନ୍ ଚାଉଳ ଉଠାଇଥିବା ବେଳେ ୧୫ ଲକ୍ଷ ମେଟ୍ରିକ ଟନ୍ ଚାଉଳ ଉଠାଇବାକୁ ପଡି ରହିଥିବା କହିଛନ୍ତି କୃଷିମନ୍ତ୍ରୀ।

ନାବାଳିକା ଗଣଦୁଷ୍କର୍ମ ମାମଲା

### ତଦନ୍ତ ପାଇଁ ଭୁବନେଶ୍ୱରରେ ଝାଡ଼ଖଣ୍ଡ ଟିମ୍



**ଭୁବନେଶ୍ୱର,୨୪।୧୦ (ସଂଚାର ବ୍ୟୁରୋ):** ରାଜଧାନୀ ଭୁବନେଶ୍ୱରରେ ବହୁଚର୍ଚ୍ଚିତ ଝାଡ଼ଖଣ୍ଡ ନାବାଳିକା ଗଣଦୁଷ୍କର୍ମ ମାମଲାରେ ସଂପୃକ୍ତ କିଛି ଅଭିଯୁକ୍ତଙ୍କୁ ପୁଲିସ ଗିରଫ କରିଥିବା ବେଳେ ଆଉ କେଉଁମାନେ ଏହି ସମ୍ବେଦନଶୀଳ ଘଟଣାରେ ସଂପୃକ୍ତ କମିସନରେଟ୍ ପୁଲିସ ତଦନ୍ତ ଜାରି ରଖିଛି। ଏହାରି ମଧ୍ୟରେ ଆଜି ଝାଡ଼ଖଣ୍ଡ ଚାଇଲ୍ଡ କମିସନଙ୍କ ଟିମ୍ କ୍ୟାପିଟାଲ ଥାନା ଓ କ୍ୟାପିଟାଲ ହସ୍‌ପିଟାଲରେ ପହଞ୍ଚି ଘଟଣାକ୍ରମ ସଂପର୍କରେ ଆଲୋଚନା କରିଛନ୍ତି।

ଝାଡ଼ଖଣ୍ଡ ଚାଇଲଡ କମିସନଙ୍କ ୩ ଜଣ ସଦସ୍ୟ ଓ ଓଡିଶା ଚାଇଲ୍ଡ କମିସନ ମେମ୍ବର ସୁଜାତା ନାୟକ ଓ କ୍ୟାପିଟାଲ ଥାନା ପୁଲିସ ସହ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହୋଇଛି। ଏହି ଟିମ୍ ନାବାଳିକା ରହୁଥିବା ସ୍ୱଧାର ଗୃହକୁ ଯାଇ ପଚରାଉଚରା କରିଛନ୍ତି। ନାବାଳିକା ପୀଡ଼ିତାଙ୍କ ବୟାନ ରେକେର୍ଡ ➪ପୃଷ୍ଠା-୬

ସୋସିଆଲ ମିଡିଆରେ ଅପପ୍ରଚାର ପଡିଲା ମହଙ୍ଗା

### ଶ୍ରୀବତ୍ସ ଧଳ ଗିରଫ



**ଭୁବନେଶ୍ୱର,୨୪।୧୦ (ସଂଚାର ବ୍ୟୁରୋ):** ଓଡିଶା ନ୍ୟୁଜ ଚ୍ୟାନେଲ ନ୍ୟୁଜ-୭ର ସମ୍ପାଦକ ଦେବ ନାରାୟଣ ସେଠୀଙ୍କ ବିରୋଧରେ ସୋସିଆଲ ମିଡିଆରେ ଅରୁଚିକର ଓ ମାନହାନୀଜନକ ମନ୍ତବ୍ୟ ଦେବା ଅଭିଯୋଗରେ ଗିରଫ ହୋଇଛନ୍ତି ଶ୍ରୀବତ୍ସ ଧଳ। ତାଙ୍କ ବିରୋଧରେ ଖଣ୍ଡଗିରି ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ସୂଚନାଯୋଗ୍ୟ ଯେ, ଅଭିଯୁକ୍ତ ଶ୍ରୀବତ୍ସ ଧଳ, ୨୦୨୦ ମସିହାରୁ ସମ୍ପୃକ୍ତ ନ୍ୟୁଜ୍ ଚ୍ୟାନେଲରେ ନ୍ୟୁଜ୍ ➪ପୃଷ୍ଠା-୬

ପର୍ଯ୍ୟଟନ ଋତୁ ପାଇଁ ପୁରୀରେ ପ୍ରସ୍ତୁତି

## ବଢ଼ିଲା ସୁରକ୍ଷା ବ୍ୟବସ୍ଥା




**ପୁରୀ,୨୪।୧୦(ସଂଚାର ବ୍ୟୁରୋ):** ଆସୁଛି ପର୍ଯ୍ୟଟନ ଋତୁ ଏହାକୁ ଦୃଷ୍ଟିରେ ରଖି, ପୁରୀ ପୋଲିସ ପକ୍ଷରୁ ସମସ୍ତ ହୋଟେଲ ମାଲିକ, ପରିଚାଳକ ଓ ସମ୍ପୃକ୍ତ ବ୍ୟକ୍ତିମାନଙ୍କ ପାଇଁ ଏକ ବିସ୍ତୃତ ବୈଠକ କରାଯାଇଛି । ପୁରୀ ସହର ଓ ସମୁଦ୍ରତଟ ଅଞ୍ଚଳରେ ପର୍ଯ୍ୟଟକ ସୁରକ୍ଷା, ହୋଟେଲ ଶୃଙ୍ଖଳା, ଏବଂ ଅନଲାଇନ ଠକେଇ ରୋକିବା ଉଦ୍ଦେଶ୍ୟରେ ଏହି ବୈଠକ ହୋଇଥିଲା ।

ପ୍ରତ୍ୟେକ ହୋଟେଲରେ ପ୍ରବେଶଦ୍ୱାର, ପ୍ରତ୍ୟେକ କରିଡର, କାର୍ଯ୍ୟାଳୟ ଓ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ସିସିଟିଭି କ୍ୟାମେରା ଲଗାଇବାକୁ କାହାଯାଇଛି। ସିସିଟିଭି ଫୁଟେଜ୍‌କୁ ଅତି କମରେ ୩୦ ଦିନ ପର୍ଯ୍ୟନ୍ତ ➪ପୃଷ୍ଠା-୬



### କାନ ଡେରିଆ

ସୁନାଦର ଟିକେ
ଖସିଗଲା ବୋଲି
ଟିକିଏ ହାଲକା ଲାଗୁଛି
ଲକ୍ଷେ ପାର ହୋଉ
ଦେଢ଼ ଛୁଇଁଲା
ସୁନା ଦର ଏବେ ମାରୁଛି
ଗରିବ ବାପଟା କାନ୍ଦୁଚି...
ବଢ଼ିଲା ଝିଅଟା ବାହା
ହେବା ନେଇ
ଭୋକ ଶୋଷ ଭୁଲି ଯାଇଛି ।

■ ଦେବାଶିଷ

କର୍ମୀ ହଡ଼ପ ପାଇଁ କସରତ

## ତିନି ଦଳର ନେତା ରାତି ଉଜାଗର



**ଭୁବନେଶ୍ୱର,୨୪।୧୦(ସଂଚାର ବ୍ୟୁରୋ):** ନୂଆପଡା ଉପନିର୍ବାଚନ ଯେତିକି ପାଖେଇ ଆସୁଛି ଅନ୍ୟ ଦଳରୁ କର୍ମୀ ହଡ଼ପ ପାଇଁ କସରତ ସେତିକି ବଢ଼ିବାରେ ଲାଗିଛି। ମଇଦାନରେ ଥିବା ତିନି ପ୍ରମୁଖ ଦଳ ବିଜେପି, ବିଜେଡି ଓ କଂଗ୍ରେସ ଏଥିପାଇଁ ରାତି ଉଜାଗର ହେଉଥିବା ବେଳେ ମଉକା ଦେଖି ଚଉକା ମାରିବା ନୀତିରେ କର୍ମୀମାନେ ବି ଏପଟ ସେପଟ ହେଉଥିବା ଲକ୍ଷ୍ୟ କରାଯାଉଛି।

ସାଧାରଣ ନିର୍ବାଚନର ଦେଢ଼ବର୍ଷ ପରେ ଅନୁଷ୍ଠିତ ଏହି ଉପନିର୍ବାଚନରେ ତିନି ଦଳର ଗଣିତ ଓଲଟ ପାଲଟ ହୋଇଯାଇଛି। ବିଜେଡି ନେତା ସ୍ୱର୍ଗତ ରାଜେନ୍ଦ୍ର ଢୋଲକିଆଙ୍କ ପୁଅ ଜୟ ଢୋଲକିଆଙ୍କୁ ବିଜେପି ହଠାତ୍ ଆଣି ପ୍ରାର୍ଥୀ କରିଥିବା ବେଳେ ବିଜେଡି ପୂର୍ବତନ ମନ୍ତ୍ରୀ ସ୍ନେହାଙ୍ଗିନୀଙ୍କୁ ମଇଦାନକୁ ଓହ୍ଲାଇଛି। ସ୍ନେହାଙ୍ଗିନୀଙ୍କ ନାମରେ ମୋହର ମାରିବା ପାଇଁ ବିଜେଡିକୁ ଯଥେଷ୍ଟ କସରତ କରିବାକୁ ପଡିଥିଲା। ସେହିଭଳି ଗତ ନିର୍ବାଚନରେ କଂଗ୍ରେସକୁ ଚତୁର୍ଥ ସ୍ଥାନରେ ରଖିବା ପରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା କଂଗ୍ରେସର ବିଦ୍ରୋହୀ ପ୍ରାର୍ଥୀ ଘାଷିରାମ ଏଥର କଂଗ୍ରେସ ପ୍ରାର୍ଥୀ ହୋଇଛନ୍ତି।

ନେତାଙ୍କ ଦଳବଦଳ ସହଜରେ ହୋଇଯାଇଥିବା ବେଳେ କର୍ମୀମାନେ କିନ୍ତୁ ଦ୍ୱନ୍ଦ୍ୱରେ ଅଛନ୍ତି। ମାସେ ପନ୍ଦର ଦିନ ତଳେ ଯାହାକୁ ଗାଳିମନ୍ଦ କରୁଥିଲେ ଏବେ କିଭଳି ତାଙ୍କ ପତାକା ଧରି ଚାଲିବେ ସେହି ଚିନ୍ତାରେ ପଡିଛନ୍ତି। ତେଣୁ ଏଭଳି କର୍ମୀଙ୍କୁ ନିଜ ପଟକୁ ଆଣିବା ପାଇଁ ବିଜେପି, ବିଜେଡି ଓ କଂଗ୍ରେସ ଲାଗି ପଡିଛନ୍ତି। ଏଥିପାଇଁ ସମସ୍ତ ପ୍ରକାର କୌଶଳ ଆପଣେଇବାରେ ଲାଗିଛନ୍ତି। ଅନ୍ୟ ଦଳ ଓ ପ୍ରାର୍ଥୀଙ୍କ ନାଁରେ ଭିତିରିଆ କୁତ୍ସାରଟନା କରିବା ସହିତ ଅତୀତର ବିଭିନ୍ନ କଥା ମନେ ପକାଇ ଦେଉଛନ୍ତି। ମୋଟାମୋଟି ଭାବେ ସଂଖ୍ୟାଧିକ କର୍ମୀ କୁଆଡେ ଯିବେ ମନସ୍ଥିର କରିପାରୁ ନାହାନ୍ତି।

### ମଉକା ଦେଖି କର୍ମୀ ଏପଟ ସେପଟ

ଏହି ତିନି ପ୍ରମୁଖ ଦଳ ବାଦ୍ ଏଥର ୧୧ଜଣ ସ୍ୱାଧୀନ ପ୍ରାର୍ଥୀ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ଏମାନଙ୍କ ମଧ୍ୟରୁ ମଇଦାନରେ କେତେ ରହି କାହାର ଭୋଟ କାଟିବେ ତାହା ଉପରେ ବି ସମସ୍ତଙ୍କ ନଜର ରହିଛି। ତେଣୁ ଅନ୍ୟ ଦଳର କର୍ମୀ ହଡ଼ପ ସହିତ କିଛି ସ୍ୱାଧୀନ ପ୍ରାର୍ଥୀଙ୍କୁ ମନାଇବାରେ ବି ଦଳଗୁଡିକ ଲାଗି ପଡିଛନ୍ତି।

ଏଥର ଉପନିର୍ବାଚନରେ ବିଜୟ ପାଇଁ ବିଜେପି, ବିଜେଡି ଓ କଂଗ୍ରେସକୁ ଅନ୍ୟ ଦଳର କର୍ମୀ ଭରସା ବୋଲି କୁହାଯାଉଛି। ଯଦିଓ ଗତ ନିର୍ବାଚନରେ ବିଜେଡି ପ୍ରାର୍ଥୀ ରାଜେନ୍ଦ୍ର ଢୋଲକିଆ ଏଠାରୁ ୬୧,୮୮୨ ଖଣ୍ଡ ଭୋଟ ପାଇଥିଲେ, କିନ୍ତୁ ଏଥିରୁ ଏବେ କିଛି ଜୟଙ୍କ ସହିତ ଅଛନ୍ତି। ସେହିଭଳି ବିଜେପି ପ୍ରାର୍ଥୀ ଅଭିନନ୍ଦନ ପଣ୍ଡା ଏଠାରୁ ୪୪,୮୧୪ ଖଣ୍ଡ ଭୋଟ ପାଇଥିଲେ। ଏଥର ଅଭିନନ୍ଦନଙ୍କୁ ଦଳ ଟିକଟ ଦେଇନାହିଁ। ଏହାକୁ ନେଇ ଅଭିନନ୍ଦନଙ୍କ ସହିତ ତାଙ୍କ ପିତା ତଥା ପୂର୍ବତନ ବିଜେପି ରାଜ୍ୟ ମୁଖ୍ୟ ବସନ୍ତ ପଣ୍ଡା ବି ମନମରା ହୋଇଛନ୍ତି। ଏମାନଙ୍କ ଉପରେ ବିଜେପି ନଜର ରଖିଥିବା ବେଳେ ଅତୀତରେ ଜୟଙ୍କୁ ବିରୋଧ କରୁଥିବା ବିଜେପି କର୍ମୀ ଓ ଅଭିନନ୍ଦନଙ୍କ ସହିତ ବିଜେପି କର୍ମୀ କିଭଳି ଦଳ ସହିତ ରହିବେ ତାହା ଏବେ ବିଜେପି ପାଇଁ ବଡ ଆହ୍ୱାନ ହୋଇଛି।

କଂଗ୍ରେସର ଘାଷିରାମ ଗତ ନିର୍ବାଚନ ସ୍ୱାଧୀନ ଭାବେ ଲଢ଼ି ୫୦,୯୪୧ ଖଣ୍ଡ ଭୋଟ ପାଇଥିଲେ। ତାଙ୍କ ସହିତ କଂଗ୍ରେସ ଓ ଆଦିବାସୀ ଭୋଟ ରହିଥିଲା। ଏଠାରେ ଆଦିବାସୀ ଭୋଟ ପରିମାଣ ପ୍ରାୟ ଏକ ଲକ୍ଷ ରହିଛି। ଏବେ ଆଦିବାସୀ ସଂଘ ଭାଗ ଭାଗ ହୋଇ ବିବୃତ୍ତି ଦେଉଥିବାରୁ କଂଗ୍ରେସ ଭୋଟ ସହିତ କେତେ ଆଦିବାସୀ ଭୋଟ ଯୋଡିହେବ ତାହା ଉପରେ କଂଗ୍ରେସ ନେତୃତ୍ୱ ନଜର ରଖିବା ସହିତ ବିଜେଡି ଓ ବିଜେପିର ଅସନ୍ତୁଷ୍ଟମାନଙ୍କୁ ନିଜ ପଟକୁ ଆଣିବାକୁ ଯୋଜନା କରୁଛି।

ତେବେ ସବୁକିଛି ନିର୍ଭର କରୁଛି ବିଜେଡି ଓ ବିଜେପିର ଆଗଧାଡିର ନେତାଙ୍କ ନୂଆପଡା ପ୍ରଚାର ଉପରେ। ବିଜେଡିର ନବୀନ ପଟ୍ଟନାୟକଙ୍କ ସମେତ ବିଜେପିର ଜାତୀୟ ସ୍ତରର ➪ପୃଷ୍ଠା-୬

## ୮୯୩ ଲିଟର ଚୋରା ମଦ ଜବତ, ୪ ଗିରଫ



**କେନ୍ଦ୍ରାପଡ଼ା,୨୪।୧୦(ସଂଚାର ବ୍ୟୁରୋ):** ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ କେନ୍ଦ୍ରାପଡ଼ା ଅବକାରୀ ବିଭାଗ ପକ୍ଷରୁ ତଲ୍ଲିଆପାଳ ସାମୁଦ୍ରିକ ଓ ମାର୍ଶାଘାଇ ଥାନା ଅଧିନସ୍ଥ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ଗରଜଙ୍ଗା ଗ୍ରାମର ଚନ୍ଦନ ମହାନ୍ତି(୩୬)ଙ୍କ ଠାରୁ ୨୫ ଲିଟର ଚୋରା ବିଦେଶୀ ମଦ, ପାଟଲିପଙ୍କ ଗ୍ରାମର ମନୋଜ ମହାନ୍ତି(୪୮)ଙ୍କ ଠାରୁ ୪୨୭ ଲିଟର ଚୋରା ଦେଶୀ ରନ୍ଧା ମଦ ଓ ନଳତିଆପାଳନ୍ଦ ଗ୍ରାମର ଦେବେନ୍ଦ୍ର ବେହେରା(୪୫)ଙ୍କ ଠାରୁ ୩୮୦ ଲିଟର ଚୋରା ଦେଶୀ ମଦ ଓ ବଡ଼ପାଳ ଗ୍ରାମର ଗୁରୁପଦ ପରିଡ଼ା(୩୯)ଙ୍କ ଠାରୁ ୬୧ ଲିଟର ଚୋରା ବିଦେଶୀ ମଦ ଜବତ କରାଯାଇ ସେମାନଙ୍କୁ ଗିରଫ କରାଯାଇଛି । ସେମାନଙ୍କ ପାଖରୁ ସମୁଦାୟ ୮୯୩ ଲିଟର ଚୋରା ବିଦେଶୀ ଓ ରନ୍ଧା ମଦ ଜବତ କରାଯାଇ ୪ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି । ଆଗାମୀ ଦିନରେ ଏହି ଚଢ଼ାଉ ବ୍ୟାପକ ଭାବରେ ଜାରି ରହିବ ବୋଲି ଅବକାରୀ ଅଧୀକ୍ଷକ ବିପ୍ର ଚରଣ ମଣ୍ଡଳ କହିଛନ୍ତି ।

## ବଢ଼ୁଛି ଘରୋଇ ଋଣ କାରବାର

# ଜୁଲମର ଶିକାର ହେଉଛନ୍ତି ସାଧାରଣ ଲୋକ

### ଋଣ ସୁଝିବା ପରେ ବି ବନ୍ଧକ ସୁନା ଚେନ ଫେରାଉନାହାନ୍ତି

### ଥାନାର ଦ୍ୱାରସ୍ଥ ହୋଇ ନ୍ୟାୟ ନ ମିଳିବାରୁ ଜିଲ୍ଲାପାଳଙ୍କୁ ଅଭିଯୋଗ



**କେନ୍ଦ୍ରାପଡ଼ା,୨୪।୧୦ (ସଂଚାର ବ୍ୟୁରୋ):** ଜଣେ ଅସହାୟ ଗରିବ ଶ୍ରେଣୀର ଲୋକ ନିଜର କୌଣସି ଅସୁବିଧା ବସତଃ କିମ୍ବା ହଠାତ କୌଣସି ଅର୍ଥ ଆବଶ୍ୟକ ହେତୁ ନିଜ ଗାଁ କିମ୍ବା ନିକଟତମ ଅଞ୍ଚଳର ବ୍ୟକ୍ତି ପାଖରୁ ଋଣ ଆଣୁଛି । ଏହି ଋଣ ବାବଦରେ ମାସିକ ବ୍ୟାଙ୍କ୍ ସୁଧ ଅପେକ୍ଷା କୃତ ହାତଉଦ୍ଧାରୀ ଋଣ ଅଧିକ ଦୁଇଗୁଣା ଦେବା ସହ ଋଣ ଦେବା ପୂର୍ବରୁ କୌଣସି ସୁନା ଅଳଙ୍କାର ପୈଠ କରିବାକୁ ବାଧ କରାଯାଉଛି । ଆବଶ୍ୟକ ପଡୁଥିବା ସମୟରେ ଋଣ ନେଇ ମାସ ମାସ ଧରି ସୁଧ ପ୍ରଦାନ କରିବା ପରେ ମଧ ବେଆଇନ୍ ସୁଧ କାରବାର କରୁଥିବା ଲୋକ ଋଣ ନେଇଥିବା ଲୋକ ଉପରେ ଜୁଲମ ମଧ ଆରମ୍ଭ କରିଦେଉଛି। ବର୍ତ୍ତମାନ ଏହି କାରବାର ବହୁ ମାତ୍ରାରେ ବୃଦ୍ଧି ପାଇବାରେ ଲାଗିଛି। ଏହି ଜୁଲମର ଶିକାର ହେବା ପରେ ନିଜକୁ ଆତ୍ମହତ୍ୟା ଲାଗି ଚରମ ନିଷ୍ପତି ନେବାକୁ ବାଧ ହେଉଛି। ଏହିଭଳି ଅଭିଯୋଗ ଦୈନିକ ପ୍ରତ୍ୟେକ ଥାନାକୁ ଆସୁଥିଲେ ସୁଦ୍ଧା ପୁଲିସ ଏହି ଘଟଣାକୁ ଗୁରୁତ୍ୱ ନଦେଇ ଓଲଟା ବେଆଇନ୍ ଋଣ କାରବାର କରୁଥିବା ବ୍ୟକ୍ତିଙ୍କ ସହ ସାଲିସ ହେଉଛି । ଏଭଳି କାରବାରକୁ ରୋକିବା ପରିବର୍ତ୍ତେ ସେମାନଙ୍କୁ ଆହୁରି ଅଧିକ ପ୍ରୋତ୍ସାହନ ଦେଉଥିବା ଅଭିଯୋଗ ହେଉଛି।

ଅଭିଯୋଗ ଅନୁଯାୟୀ ପଟ୍ଟାମୁଣ୍ଡାଇ ଅଞ୍ଚଳ ବକ୍ତାରପୁର ଗ୍ରାମର ମିତାଲୀ ନାୟକ ସେହି ଗ୍ରାମର ଅନୁସ୍ୱୟା ସାହୁଙ୍କ ପାଖରେ ତାଙ୍କର ସୁନା ଚେନଟି ବନ୍ଧକ ରଖି ଏକଲକ୍ଷ ଟଙ୍କା କରଜ ଆଣିଥିଲେ। ତେବେ ବନ୍ଧକ ରଖିବାର ବର୍ଷକ ପରେ ମିତାଲୀ ଦୁଇଲକ୍ଷ ୫୦ହଜାର ଟଙ୍କା ମୂଳ ଓ ସୁଧ ବାବଦ ଅର୍ଥ ଅନୁସ୍ୱୟାଙ୍କୁ ଦେଇଥିଲେ ମଧ ସେ ତାଙ୍କ ସୁନାଚେନ ଫେରାଉନଥିବା ପଟ୍ଟାମୁଣ୍ଡାଇ ଥାନାରେ ଅଭିଯୋଗ କରିଥିଲେ ମଧ କୌଣସି ପଦକ୍ଷେପ ପୁଲିସ ଗ୍ରହଣ କରୁନଥିବା ଅତିରିକ୍ତ ଜିଲ୍ଲାପାଳଙ୍କ ନିକଟରେ ମିତାଲୀ ଅଭିଯୋଗ କରିଛନ୍ତି । ଅତିରିକ୍ତ ଜିଲ୍ଲାପାଳ ପଟ୍ଟାମୁଣ୍ଡାଇ ଏସଡିପିଓଙ୍କୁ ତୁରନ୍ତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ।

## ଚାନ୍ଦୋଳ ବଜାରରେ ଚୋରା ସୁନା ରାକେଟ

## ଚୋରା ସୁନା ରଖିବା ଅଭିଯୋଗରେ ୨ ଦୋକାନୀ ଗିରଫ

**କେନ୍ଦ୍ରାପଡ଼ା,୨୪।୧୦(ସଂଚାର ବ୍ୟୁରୋ):** ଚୋରାସୁନା ରଖିବା ଅଭିଯୋଗରେ ଦୁଇ ସୁନା ଦୋକାନୀ ମାଲିକ କେନ୍ଦ୍ରାପଡ଼ା କଟକ ପୋଲିସ ଦ୍ୱାରା ଗିରଫ ହୋଇଛନ୍ତି । ଅଭିଯୋଗ ଅନୁଯାୟୀ କେନ୍ଦ୍ରାପଡ଼ା ସଦର ଥାନା ଅଧିନ ଚାନ୍ଦୋଳ ବଜାରରେ ଥିବା ଜୟନାରାୟଣ ଜୁଏଲର୍ସର ମାଲିକ ପ୍ରଶାନ୍ତ କୁମାର ସାହୁ ଓ ଅନ୍ୟଏକ ଜୁଏଲାରୀର ମାଲିକ ଶ୍ରୀକାନ୍ତ ସାହୁ ଏକ ଡକାୟତ ଦଳ ଠାରୁ ୩ମହ ଗ୍ରାମର ଚୋରାସୁନା କିଣିଥିଲେ । ପୁଲିସ ତଦନ୍ତରୁ ଜାଣିବାକୁ ପାଇଥିଲା ଯେ ଡକାୟତମାନେ ଯେଉଁ ସୁନା ଚୋରି କରିଥିଲେ ତାହାକୁ ଏହି ଦୁଇ ଜୁଏଲାରୀକୁ ବିକ୍ରୀ କରିଥିଲେ। ତେଣୁ ଏହି ଦୁଇ ସୁନା ଦୋକାନୀଙ୍କୁ ଗିରଫ କରିବା ପାଇଁ କଟକ ଏସପି ଏକ ସ୍ୱତନ୍ତ୍ର ଟିମ ଗଠନ କରିଥିଲେ। ସେହି ସ୍ୱତନ୍ତ୍ର ପୁଲିସ ଟିମ ଦ୍ୱାରା ଉଭୟ ସୁନା ଦୋକାନୀ ଗିରଫ ହୋଇଥିବା ଜଣାପଡ଼ିଛି । ଏଠାରେ ସୂଚନା ଯୋଗ୍ୟ ଯେ ପୂର୍ବରୁ ମଧ ଜୟନାରାୟଣ ଜୁଏଲର୍ସର ମାଲିକ ଉଭୟ ପ୍ରଶାନ୍ତ ଓ ଶ୍ରୀକାନ୍ତ ଜନ୍ମିଜୁର ଗ୍ରାମର ଗୋଟିନି ପଞ୍ଜାଙ୍କ ଠାରୁ ଦେଢ଼ କିଲୋ ଚୋରା ସୁନା କିଣି ଦିଲ୍ଲୀ ପୁଲିସ ଦ୍ୱାରା ଗିରଫ ହୋଇ ଜେଲ ଯାଇଥିଲେ ।

## ୩୦ ବସ୍ତା ବାତେରା ଓ ଗରାଣୀ ଚେର ଜବତ, ୯ ଗିରଫ



**ରାଜନଗର,୨୪।୧୦(ସଂଚାର ବ୍ୟୁରୋ):** ବିଶ୍ୱ ପ୍ରସିଦ୍ଧ ଭିତରକନିକା ଜାତୀୟ ଉଦ୍ୟାନର କାଳୀଭଞ୍ଜଡିଆ ଜଙ୍ଗଲରୁ ବନବିଭାଗର ପାଟ୍ରୋଲିଂ ଦଳ ଚଢ଼ାଉ କରି ୩୦ବସ୍ତା ବାତେରା ଓ ଗରାଣୀ ଚେର ଜବତ କରିବା ସହ ୯ଜଣ ଆସାମୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ବିଶ୍ୱସ୍ତ ସୂତ୍ରରୁ ଖବରପାଇ ବନଖଣ୍ଡ ଅଧିକାରୀ ଭରଦରାଜ ଗାଓଁକରଙ୍କ ନିର୍ଦ୍ଦେଶକ୍ରମେ ସହକାରୀ ବନସଂରକ୍ଷକ ମାନସକୁମାର ଦାସଙ୍କ ତତ୍ୱାବଧାନରେ ଏକ ଟିମ୍ କାଳୀଭଞ୍ଜଡିଆରେ ଚଢ଼ାଉ କରିଥିଲେ । ସେଠାରେ ଲୁଣା ଜାତୀୟ ଗଛକୁ କାଟି ବାତେରା ଓ ଗାରଣୀ ଚେର ସଂଗ୍ରହ କରୁଥିବା ଦିବାକର ମଣ୍ଡଳ, ଶମ୍ଭୁନାଥ ନାୟକ, କାମପ୍ତର ନାୟକ, ଉପେନ୍ଦ୍ର ନାୟକ, ସାଗର ନାୟକ, କୁନି ନାୟକ, ହାରା ନାୟକ ଓ ପ୍ରତିମା ନାୟକଙ୍କୁ ଗିରଫ କରିଥିଲା । ସେମାନଙ୍କଠାରୁ ୨ଟି କାଙ୍କ, ୧ଟି କୋଦାଳ ୩ଟି କଟୁରୀ ଓ ୫ଟି ଗଇଁନ୍ତି ଜବତ କରିଥିଲା । ସେମାନେ ସଂଗ୍ରହ କରିଥିବା ୨୦ବସ୍ତା ବାତେରା ଚେର(୧୦କ୍ୟୁଟାଂଲ) ଓ ୧୦ବସ୍ତା ଗରାଣୀ ଚେର(୫କ୍ୟୁଟାଂଲ) ଜବତ କରିଥିଲା । ସେମାନଙ୍କ ନାମରେ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଛି ।

## ଯୁବକଙ୍କ ମୃତ୍ୟୁକୁ ନେଇ ହତ୍ୟା ଅଭିଯୋଗ ଆଣିଲେ ପରିବାର

**ଯାଜପୁର,୨୪।୧୦(ସଂଚାର ବ୍ୟୁରୋ):** ଯାଜପୁର ଜିଲ୍ଲାରେ ଏକ ହୃଦୟବିଦାରକ ଘଟଣା ସାମ୍ନାକୁ ଆସିଛି। କୋରେଇ ଥାନା ଅନ୍ତର୍ଗତ ତେନ୍ତୁଲିଖୁଣ୍ଟା ଛକସ୍ଥିତ ଉତ୍କଳ ହୁଣ୍ଡାଇ ସର୍ଭିସ ସେଣ୍ଟରରେ ଜଣେ ଯୁବ କର୍ମଚାରୀଙ୍କ ଅସ୍ୱଷ୍ଟ ମୃତ୍ୟୁ ଘଟିଥିବା ଘଟଣା ଏବେ ନୂଆ ମୋଡ଼ ନେଇଛି। ମୃତକଙ୍କ ପରିବାର ପକ୍ଷରୁ ଏହାକୁ 'ହତ୍ୟା' ବୋଲି ଅଭିଯୋଗ କରାଯାଇଛି। ମୃତ ଯୁବକଙ୍କ ନାମ ସିପୁନ ବେହେରା (୨୨), ଯିଏ ଜେନାପୁର ଥାନା ଅନ୍ତର୍ଗତ ଅତାସାହି ଗ୍ରାମର ରହୁଥିଲେ। ସେ ଉତ୍କଳ ହୁଣ୍ଡାଇ ସର୍ଭିସ ସେଣ୍ଟରରେ କାମ କରୁଥିଲେ। ଗତକାଲି ଦିନ ସେ କାମ ସମୟରେ ଅଚେତ ଅବସ୍ଥାରେ ମିଳିଲେ ଏବଂ ହସ୍ପିଟାଲକୁ ନେଇବା ସମୟରେ ମୃତ୍ୟୁ ହୋଇଯାଇଥିଲା। ଆଜି ସକାଳେ ମୃତକଙ୍କ ମାମୁ ସନାତନ ସ୍ୱାଇଁ, କୋରେଇ ଥାନାରେ ଲିଖିତ ଅଭିଯୋଗ ଦେଇ କହିଛନ୍ତି ଯେ, ସିପୁନଙ୍କ ସହକର୍ମୀ ବିନୟ ଭୂଷଣ ବେହେରା ଓରଫ ରବୀନ୍ଦ୍ର, କାର୍ ସଫା କରୁଥିବା ବେଳେ ଏୟାର ପାଇପ୍‌କୁ ସିପୁନଙ୍କ ମଳଦ୍ୱାରରେ ପୂରାଇଦେଇଥିଲେ, ଯାହା ଫଳରେ ଗୁରୁତର ଆଘାତ ହୋଇ ସେ ଜୀବନ ହାରାଇଛନ୍ତି। ଏହି ଅଭିଯୋଗ ପରେ କୋରେଇ ଥାନାଧିକାରୀ ରାକେଶ କୁମାର ତ୍ରିପାଠୀ ସର୍ଭିସ ସେଣ୍ଟରକୁ ପହଞ୍ଚି ସିସିଟିଭି ଫୁଟେଜ୍ ଯାଞ୍ଚ କରିଛନ୍ତି ଏବଂ ସେଣ୍ଟରର ମାଲିକ ଓ କର୍ମଚାରୀମାନଙ୍କୁ ପଚରାଉଚରା କରାଯାଇଛି। ତାଙ୍କ କହିବା ଅନୁସାରେ, ଏହି ଘଟଣାର ଶବ ବ୍ୟବଚ୍ଛେଦ ହୋଇସାରିଛି ଏବଂ ନମୁନାଗୁଡ଼ିକୁ ଫରେନ୍ସିକ୍ ଲ୍ୟାବକୁ ପଠାଯାଇଛି। ରିପୋର୍ଟ ଆସିଲେ ଆଗକୁ ତଦନ୍ତ ହେବ। ତଥାପି, ପରିବାର ପକ୍ଷରୁ ପ୍ରଶ୍ନ ଉଠାଯାଇଛି — ଯେତେବେଳେ ସିପୁନ ମୃତ୍ୟୁ ପୂର୍ବରୁ ନିଜେ କହିଥିଲେ ଯେ "ରବୀନ୍ଦ୍ର ତାଙ୍କ ମଳଦ୍ୱାରରେ ଏୟାର ପାଇପ୍ ପୂରାଇଦେଇଛି", ସେପରି ସ୍ଥିତିରେ ପୁଲିସ କାହିଁକି ଅଭିଯୁକ୍ତକୁ ହେପାଜତକୁ ନେଉନାହିଁ?

## ଭୂଇଁପୁରରେ ବିଜେପିର ମିଶ୍ରଣ ପର୍ବ



**ଆଳି,୨୪।୧୦(ସଂଚାର ବ୍ୟୁରୋ):** ଆଳିର ଦୁଇ ନମ୍ବର ଜୋନ୍ ଭୂଇଁପୁର କଳମଡା ଠାରେ ବିଜେପିର ମହା ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି।ବିଜେଡି ଓ କଂଗ୍ରେସ ଦଳ ଛାଡ଼ି ଶତାଧିକ ଲୋକେ ବିଜେପିରେ ବିଧିବଧ ଭାବେ ଯୋଗ ଦେଇଛନ୍ତି।ଏହାକୁ ଆଳି ବିଜେପି ବିଧାୟକ ପାର୍ଥୀ କୃଷ୍ଣ ଚନ୍ଦ୍ର ପଣ୍ଡା ଉତ୍ତରୀୟ ଓ ପୁଷ ଗୁଚ୍ଛ ଦେଇ ଦଳରେ ସାମିଲ କରାଇଥିଲେ। ଅନ୍ୟ ପଟେ ବିଜେପି ତିନି ଦିନରେ ତିନୋଟି ମହା ମିଶ୍ରଣ ପର୍ବ କରି ବିଜେଡି ଓ କଂଗ୍ରେସ କୁ ଚକମା ଦେଇଥିବା ଚର୍ଚ୍ଚା ହୋଉଛି।ଏହି ମିଶ୍ରଣ ପର୍ବ ମଞ୍ଚରେ ଥିଲେ ବିଜେପି ବିଧାୟକ ପାର୍ଥ କୃଷ୍ଣ ଚନ୍ଦ୍ର ପଣ୍ଡା ,ଚାରି ନମ୍ବର ମଣ୍ଡଳ ସଭାପତି ତପନ ପରିଡ଼ା , ଦୁଇ ନମ୍ବର ମଣ୍ଡଳ ସଭାପତି କଳ୍ପତରୁ ଦାସ ରାଜ୍ୟ କାର୍ଯ୍ୟକାରିଣୀ ଅନନ୍ତ ରଥ ,ସୁବାସ ପାତ୍ର ପ୍ରମୁଖ ଯୋଗ ଦେଇଥିବା ବେଳେ ଅନନ୍ତ ରଥ ମଞ୍ଚ ପରିଚାଳନା କରିଥିଲେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଙ୍କ ଅନୁଶାସନ ରେ ଅନୁପ୍ରାଣିତ ହୋଇ ଆଳିରେ ବିଜେପି ଦଳ ପ୍ରତି ଆକୃଷ୍ଟ ହୋଇ ବିଜେପି ସ୍ରୋତରେ ସାମିଲ ହୋଇଥିବା କୁହାଯାଉଛି।

## ପଞ୍ଚାୟତ ଆଲୋକୀକରଣ ପ୍ରକଳ୍ପ ଦୁର୍ନୀତିର ଭିଜିଲାନ୍ସ ତଦନ୍ତ ଦାବି

**କେନ୍ଦ୍ରାପଡ଼ା,୨୪।୧୦(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଚକ୍ରୋଡା ଗ୍ରାମପଞ୍ଚାୟତର ରାସ୍ତା ଆଲୋକୀକରଣ ପ୍ରକଳ୍ପରେ ଏକ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ଦୁର୍ନୀତି ହୋଇଛି। ଠିକାଦାର, ଯନ୍ତ୍ରୀ, ସରକାରୀ ଅଧିକାରୀ, ରାଜନେତା ମିଳିମିଶି ସରକାରୀ ଅନୁଦାନ ହରିଲୁଟ କରିଛନ୍ତି। ଯାହାଫଳରେ ଏହି ପଞ୍ଚାୟତରେ ଗୋଟିଏ ଦୁଇଟି ଲାଇଟକୁ ଛାଡିଦେଲେ ବାକି ଲାଇଟର ଚିହ୍ନବର୍ଣ୍ଣ ନାହିଁ । କେବଳ କାଗଜ କଲମରେ ଏହି ପ୍ରକଳ୍ପ ଶେଷ କରାଯାଇ ବିଲ କରାଯାଇଛି । ଏଥିରେ ଯେଉଁ ବଡ ଧରଣର ଦୁର୍ନୀତି ହୋଇଛି ଓ ଯେଉଁ ପ୍ରଭାବଶାଳୀ ବ୍ୟକ୍ତିମାନେ ଏଥିରେ ସଂପୃକ୍ତ ଅଛନ୍ତି ସେମାନଙ୍କ ବିରୋଧରେ ଭିଜିଲାନ୍ସ ତଦନ୍ତ କରିବା ପାଇଁ ପୂର୍ବତନ ବିଧାୟିକା ଡ. ସିପ୍ରା ମଲ୍ଲିକ ଜିଲ୍ଲାପାଳ ରଘୁରାମ ଆର.ଆୟାରଙ୍କ ନିକଟରେ ଅଭିଯୋଗ କରିଛନ୍ତି।

ଏସଂକ୍ରାନ୍ତରେ ଡ. ମଲ୍ଲିକ ପ୍ରଦାନ କରିଥିବା ଦାବିପତ୍ରରେ ଉଲ୍ଲେଖ କରିଛନ୍ତି ଯେ କେନ୍ଦ୍ରାପଡା



ନିର୍ବାଚନ ମଣ୍ଡଳୀରେ ପଥ ଆଲୋକୀକରଣ ନିମନ୍ତେ ରାଜ୍ୟସଭା ସାଂସଦ ସୁଲତା ଦେଓ ପ୍ରାୟ ଏକ କୋଟି ଟଙ୍କା ସଂସଦୀୟ କ୍ଷେତ୍ର ଆଳିକ ଉନ୍ନୟନ ପାଣ୍ଠିରୁ ପ୍ରଦାନ କରିଥିଲେ। ସେଥିମଧ୍ୟରୁ କେବଳ ଚକ୍ରୋଡା ଗ୍ରାମପାୟତକୁ ୬୪ଲକ୍ଷ ଟଙ୍କାର ଅନୁଦାନ ପ୍ରଦାନ କରାଯାଇଥିଲା । ସେହିପରି ରାଜ୍ୟସଭା ସାଂସଦ ଦେବାଶିଷ ସାମନ୍ତରାୟ ମଧ ତାଙ୍କ ପାଣ୍ଠିରୁ ୪୦ଲକ୍ଷରୁ ଉର୍ଦ୍ଧ୍ୱ ଅନୁଦାନ ପ୍ରଦାନ କରିଥିଲେ। ପଞ୍ଚାୟତ ରାସ୍ତାକୁ ଆଲୋକୀକରଣ କରିବା ଉଦ୍ଦେଶ୍ୟରେ ଉଭୟ ସାଂସଦ ଏହି ଅର୍ଥ ପ୍ରଦାନ କରିଥିଲେ। ଚକ୍ରୋଡା ଗ୍ରାମପାୟତର ୫,୧୫ ଓ ୧୮ନମ୍ବର ୱାର୍ଡରେ ପଥ ଆଲୋକୀକରଣ ଯୋଜନାରେ ବିନିଯୋଗ କରାଯାଇଥିବା କାଗଜକଲମରେ ଦର୍ଶାଯାଇଛି। କିନ୍ତୁ ଏଥି ନିମନ୍ତେ ବିଦ୍ୟୁତ ବିଭାଗରୁ ଫିଜିବିଲିଟି ରିପୋର୍ଟ କିମ୍ବା ବୈଷୟିକ ମଞ୍ଜୁରୀ ନିଆଯାଇ ନାହିଁ। ବିଦ୍ୟୁତ ବିଭାଗର ଅଗୋଚରରେ ଏହି ପ୍ରକଳ୍ପ କାର୍ଯ୍ୟକାରୀ କରାଯାଇଛି । ଏହି ଅର୍ଥରେ ଅତ୍ୟନ୍ତ ନିମ୍ନମାନର ଅନାମଧେୟ କମ୍ପାନୀର ସାମଗ୍ରୀ ହାତଗଣତି କେତେକ ସ୍ଥାନରେ ବ୍ୟବହାର କରାଯାଇଥିବା ବେଳେ ବାକି ସ୍ଥାନରେ ଆଲୋକ ବ୍ୟବସ୍ଥା କରାଯାଇଥିବା କାଗଜ କଲମରେ ଦର୍ଶାଯାଇଛି। ତେଣୁ ଏହି ପ୍ରକଳ୍ପ କାର୍ଯ୍ୟର ତଦନ୍ତ ଭିଜିଲାନ୍ସ ବିଭାଗ ଦ୍ୱାରା କରାଗଲେ ପ୍ରକୃତ ତଥ୍ୟ ଲୋକଲୋଚନକୁ ଆସିପାରିବ ବୋଲି ପ୍ରାକ୍ତନ ବିଧାୟିକା ଡ. ମଲ୍ଲିକ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି । ଅଭିଯୋଗପତ୍ର ଗ୍ରହଣ କରିବା ପରେ ଏହାର ବିଧିବଦ୍ଧ ତଦନ୍ତ ହେବ ବୋଲି ଜିଲ୍ଲାପାଳ ପ୍ରତିଶୃତି ଦେଇଛନ୍ତି ।

## ଶ୍ରୀ ବଳଦେବଜୀୟୁ ଟ୍ରଷ୍ଟ ବୋର୍ଡ ବୈଠକ



**କେନ୍ଦ୍ରାପଡା,୨୪।୧୦(ସଂଚାର ବ୍ୟୁରୋ):** ତୁଳସୀ କ୍ଷେତ୍ରର ଆରାଧଦେବତା ଶ୍ରୀ ଶ୍ରୀ ବଳଦେବଜୀୟୁଙ୍କ ମନ୍ଦିର ଟ୍ରଷ୍ଟ ବୋର୍ଡ ବୈଠକ ଗତ ଗୁରୁବାର ସନ୍ଧ୍ୟାରେ ମନ୍ଦିର ଯାତ୍ରୀ ନିବାସ ସଭା କକ୍ଷରେ ଟ୍ରଷ୍ଟ ବୋର୍ଡ ସଭାପତି ଅତିରିକ୍ତ ଜିଲ୍ଲାପାଳ ନବକୃଷ୍ଣ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇ ଅଛି । ଉକ୍ତ ବୈଠକରେ ମନ୍ଦିର ନିର୍ବାହୀ ଅଧିକାରୀ ବଳଭଦ୍ର ପତ୍ରୀ ଦେବୋତର ସଂସ୍ଥାର ଆୟ ବ୍ୟୟ ଉପସ୍ଥାପନ କରିଥିଲେ । ଗରାପୁର ସ୍ଥିତ ଦିବ୍ୟ ଜୀବନ ସଂଘ ଆଶ୍ରମ ତରଫରୁ ଆସନ୍ତା ଅକ୍ଟୋବର ୩୧ତାରିଖରୁ ନଭେମ୍ବର ୫ତାରିଖ ପର୍ଯ୍ୟନ୍ତ ପଂଚୁକରେ ହବିଷ୍ୟାଳୀ ମାନଙ୍କର ନିଃଶୁଳ୍କ ଭାବେ ରହିବା, ଶୟନ ପାଇଁ ବ୍ୟବସ୍ଥା ଓ ମନ୍ଦିର ବେଢ଼ାରେ ପ୍ରବଚନ କାର୍ଯ୍ୟକ୍ରମ ପାଇଁ ଲାଇଟ ଓ ମାଇକ ବ୍ୟବସ୍ଥା କରାଯିବ। ଏନେଇ ଆଶ୍ରମ ପକ୍ଷରୁ ପ୍ରସ୍ତାବ ଦିଆଯାଇ ଥିଲା । ଏହି ପ୍ରସ୍ତାବକୁ ଗ୍ରହଣ କରାଯାଇ ସମସ୍ତ ବ୍ୟବସ୍ଥା କରିବା ନିମନ୍ତେ ବୈଠକରେ ସ୍ଥିର କରାଯାଇଛି । ମନ୍ଦିରର ନିତି କାନ୍ତି ବିଷୟରେ ଓ ଆସନ୍ତା କାର୍ତ୍ତିକ ପୂର୍ଣ୍ଣିମାରେ ଫୁଲ ରଥ ଓ ଶୃଙ୍ଖଳିତ ବ୍ୟବସ୍ଥା ବିଷୟରେ ଆଲୋଚନା କରାଯାଇଥିଲା । ଗୁଣ୍ଡିଚା ମନ୍ଦିର ପ୍ରାଚୀର ଦକ୍ଷିଣ ପଶ୍ୱରେ ଥିବା ଖାଲି ସ୍ଥାନରେ ମାର୍କେଟ କମ୍ପ୍ଲେସ ନିର୍ମାଣ କରାଯିବା ନିମନ୍ତେ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସ୍ଥିର କରାଯାଇଥିଲା । ରଥ ଦାଣ୍ଡରେ ବସୁଥିବା ପରିବା ହାଟକୁ, ପୁରୁଣା ଗୋରୁ ହାଟକୁ ସ୍ଥାନାନ୍ତର କରିବା ଓ ଜମିଜମା ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା।

## ଚିତ୍ରୋତ୍ପଳାରୁ ଯୁବତୀଙ୍କ ମୃତଦେହ ଉଦ୍ଧାର

**ସାଲେପୁର,୨୪।୧୦(ସଂଚାର ବ୍ୟୁରୋ):** ଗତକାଲି ଯୋବ୍ରା ବ୍ରିଜ୍‌ରୁ ମହାନଦୀକୁ ଡେଇଁ ନିଖୋଜ ହୋଇଯାଇଥିବା ଯୁବତୀର ମୃତ ଦେହକୁ ଆଜି ସାଲେପୁର ମୁର୍କୁଣ୍ଡି ଗ୍ରାମ ବ୍ୟାରେଜ୍ ନିକଟରେ ଚିତ୍ରୋତ୍ପଳା ନଦୀରେ ଭାସୁଥିବା ପୁଲିସ ଉଦ୍ଧାର କରିଥିବା ଜଣାଯାଇଛି। ପ୍ରକାଶ ଯେ ଗତକାଲି ସାଲେପୁର ବ୍ଲକ ଜଗତପୁର ଥାନା ଅଣ୍ଡେଇସାହି ଗ୍ରାମର କୁଳମଣି ମଲ୍ଲିକଙ୍କ ଝିଅ ଶିବାନୀ ମଲ୍ଲିକ(୨୧) ବ୍ରିଜ୍ ନିକଟରେ ସ୍କୁଟି ରଖି ମହାନଦୀକୁ ଡେଇଁ ପଡ଼ିଥିଲେ। ସ୍ଥାନୀୟ ଦମକଳ ବାହିନୀ, ପୁଲିସ ଓ ଓଡ୍ରାଫ ଟିମ୍ ସନ୍ଧ୍ୟା ପର୍ଯ୍ୟନ୍ତ ନଦୀ ପାଣିରେ ଶିବାନୀଙ୍କୁ ବହୁ ଖୋଜାଖୋଜି କରିଥିଲେ ମଧ ତା'ର କୌଣସି ପତ୍ତା ମିଳିନଥିଲା।

## ଜିଲ୍ଲାସ୍ତରୀୟ ପ୍ରବାସୀ ସହାୟତା ରଥ ପରିକ୍ରମା ଶୁଭାରମ୍ଭ

**କେନ୍ଦ୍ରାପଡା,୨୪।୧୦(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲାର ଦାଦନ ସମସ୍ୟାକୁ ସମାଧାନ କରିବା ଓ ଦାଦନ ଖଟିବାକୁ ଯାଉଥିବା ବ୍ୟକ୍ତି ମାନଙ୍କୁ ବିକଳ୍ପ, କାର୍ଯ୍ୟଧନ୍ଦା ଯୋଗାଇ ଦେବା ଓ ଦାଦନ ସମସ୍ୟାକୁ ନିରୁତ୍ସାହିତ କରିବା ଉଦ୍ଦେଶ୍ୟ ରେ ଏକ ସଚେତନତା ରଥର ପରିକ୍ରମା ଶୁଭାରମ୍ଭ କରାଯାଇଛି। ଜିଲ୍ଲାପାଳ ରଘୁରାମ ଆର ଆୟାର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହି ରଥ ପରିକ୍ରମାର ଶୁଭାରମ୍ଭ କରିଥିଲେ।

କେନ୍ଦ୍ରାପଡା ଜିଲ୍ଲାରେ ଦାଦନ ସମସ୍ୟା ମୁଖ୍ୟତଃ ରାଜନଗର ଓ ମହାକାଳପଡା ବ୍ଲକରେ ଅଧିକ ଭାବେ ଦେଖା ଦେଇଥିବା ବେଳେ ଅନ୍ୟାନ୍ୟ ବ୍ଲକ ମାନଙ୍କରେ ମଧ ଏହି ସମସ୍ୟା ଲାଗି



ରହିଛି । ସ୍ଥାନୀୟ ଅଂଚଳରେ କାମଧନ୍ଦା ପାଉନଥିବା ବ୍ୟକ୍ତିମାନେ ବିଶେଷକରି ଅନ୍ୟ ଜିଲ୍ଲା ଓ ରାଜ୍ୟକୁ ଦାଦନ ଶ୍ରମିକ ଭାବେ ଯାଉଥିବାରୁ ସେଠାରେ ବିଭିନ୍ନ ପ୍ରକାର ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗମାନ ମିଳୁଛି । ଏଥିରୁ ସେମାନଙ୍କୁ ନିବୃତ କରାଇବା ଓ ବକଳ୍ପ ରୋଜଗାର ବ୍ୟବସ୍ଥା ବିଶେଷ କରି କୃଷି ଭିତିକ ରୋଜଗାର ଯୋଗାଇବା ଉଦ୍ଦେଶ୍ୟରେ ଏହି ସଚେତନତା ରଥ ୧୫ଦିନ ଧରି ରାଜନଗର ଓ ମହାକାଳପଡା ବ୍ଲକରେ ପରିକ୍ରମା କରି ଜନ ସାଧାରଣଙ୍କୁ ସଚେତନ କରାଇବ। ପର୍ଯ୍ୟାୟକ୍ରମେ ଅନ୍ୟ ବ୍ଲକ ମାନଙ୍କରେ ମଧ ଏହି ସଚେତନତା କାର୍ଯ୍ୟକ୍ରମ ଆରମ୍ଭ କରାଯିବ ବୋଲି ଜଣାପଡିଛି ।

## 'ଆମ ଗାଁରେ ତହସିଲ କାର୍ଯ୍ୟାଳୟ' କାର୍ଯ୍ୟକ୍ରମ

### ରାଜ୍ୟସ୍ତରରେ କେନ୍ଦ୍ରାପଡ଼ା ଉଚ୍ଚ ପ୍ରଶଂସିତ



**କେନ୍ଦ୍ରାପଡ଼ା,୨୪।୧୦(ସଂଚାର ବ୍ୟୁରୋ):** 'ଆମ ଗାଁରେ ତହସିଲ କାର୍ଯ୍ୟାଳୟ' କାର୍ଯ୍ୟକ୍ରମରେ ରାଜ୍ୟ ସ୍ତରରେ କେନ୍ଦ୍ରାପଡା ଜିଲ୍ଲା ଉଚ୍ଚ ପ୍ରଶଂସିତ ହୋଇଛି। ଉପଜିଲ୍ଲାପାଳ ଅରୁଣ କୁମାର ନାୟକଙ୍କ ଉଦ୍ୟମ କ୍ରମେ କେନ୍ଦ୍ରାପଡା ଜିଲ୍ଲାର ବିଭିନ୍ନ ତହସିଲରେ ଏହି କାର୍ଯ୍ୟକ୍ରମ ସଫଳତାର ସହ ସମ୍ପନ୍ନ ହେବା ସହିତ ରାଜ୍ୟ ସ୍ତରରେ ଉଚ୍ଚ ପ୍ରଶଂସିତ ହୋଇପାରିଛି । ଏହି ଉପଲକ୍ଷେ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତଙ୍କ ଦ୍ୱାରା ଭୁବନେଶ୍ୱର ଗୋପାଟଣାସ୍ଥିତ ରାଜସ୍ୱ ଅଧିକାରୀଙ୍କ ପ୍ରଶିକ୍ଷଣ ପ୍ରତିଷ୍ଠାନରେ ଆୟୋଜିତ ଉତ୍ସବରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ କୁମାର ପୂଜାରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କେନ୍ଦ୍ରାପଡା ଜିଲ୍ଲାରେ ସରକାରଙ୍କ ଏହି କାର୍ଯ୍ୟକ୍ରମକୁ ସଫଳତାର ସହ କାର୍ଯ୍ୟକାରୀ କରାଇଥିବାରୁ ତାହାର ଉଚ୍ଚ ପ୍ରଶଂସା କରିଥିଲେ ।

## ବ୍ଲକସ୍ତରୀୟ ଭିନ୍ନକ୍ଷମ ଚିହ୍ନଟ ଶିବିର



**କେନ୍ଦ୍ରାପଡା,୨୪।୧୦(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ବ୍ଲକ ସାମାଜିକ ସୁରକ୍ଷା ବିଭାଗ ଓ କେନ୍ଦ୍ରାପଡା ପୌରସଂସ୍ଥା ପକ୍ଷରୁ ବ୍ଲକ ସ୍ତରୀୟ ଭିନ୍ନକ୍ଷମ ଚିହ୍ନଟ ଶିବିର ଭାରତୀ ବିଦ୍ୟା ମନ୍ଦିର ପରିସର ରେ ଅନୁଷ୍ଠିତ ହୋଇଯାଇଛି । ଶିବିର କୁ ଜିଲ୍ଲାପାଳ ରଘୁରାମ ଆର ଆୟାର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ । ବିଡିଓ ଅଭିଷେକ ସ୍ୱାଇଁ, ବ୍ଲକ ଉପାଧକ୍ଷ ପ୍ରତାପ ନାରାୟଣ ମହାପାତ୍ର, କାଉନସିଲର ଉମେଶ ଚନ୍ଦ୍ର ନାୟକ, ଡିଏସଏସଓ ସଂଗ୍ରାମ କେଶରୀ ବେହୁରା, ବିଏସଏସଓ ସୁଦିପ୍ତା ମହାପାତ୍ର, ସଦର ବିଏସଏସଓ ସୁଧାଂଶୁ ଶେଖର ବେହୁରା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ଶିବିର ରେ କେନ୍ଦ୍ରାପଡା ବ୍ଲକ ଓ ପୌରାଂଚଳ ର ୭୦୦ ଜଣ ବ୍ୟକ୍ତି ନାମ ପଞ୍ଜିକରଣ କରିଥିବା ବେଳେ ୬୭୪ ଜଣ ଭିନ୍ନକ୍ଷମଙ୍କୁ ଚିହ୍ନଟ କରାଯାଇ ଥିଲା । ଏହି ଶିବିରରେ ଅସ୍ଥି ଶଲ୍ୟ, ଭେଷଜ, କର୍ଣ୍ଣ-ନାସା-ଗଳା, ଚକ୍ଷୁ, ମସ୍ତିଷ୍କ ପ୍ରଭୃତି ବିଭାଗର ଡାକ୍ତରମାନେ ଉପସ୍ଥିତ ରହି ପରୀକ୍ଷା କରିଥିଲେ। ଅଶୁଂମାନ ଓଝାଙ୍କୁ କୃତ୍ରିମ ଗୋଡ ପ୍ରଦାନ କରାଯାଇଥିଲା ।

## ଡେରାବିଶ ମହାବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ରାଜ୍ୟସ୍ତରୀୟ କ୍ରୀଡ଼ାରେ କୃତିତ୍ୱ



**ଡେରାବିଶ,୨୪।୧୦(ସଂଚାର ବ୍ୟୁରୋ):** ଡେରାବିଶ ବ୍ଲକ ଗୋଲରାହାଟ ପଞ୍ଚାୟତ ଅନ୍ତର୍ଗତ ଦୁମୁକାହାଟ ସ୍ଥିତ ଡେରାବିଶ ମହାବିଦ୍ୟାଳୟର ଉଭୟ +୨ ଓ +୩ ଶ୍ରେଣୀର ଛାତ୍ରଛାତ୍ରୀମାନେ ରାଜ୍ୟସ୍ତରୀୟ କ୍ରୀଡ଼ାର ବିଭିନ୍ନ ବିଭାଗରେ ଅଂଶଗ୍ରହଣ କରି କୃତିତ୍ୱ ହାସଲ କରିଛନ୍ତି। ଉଚ୍ଚମାଧମିକ ଶିକ୍ଷା ପରିଷଦ ଦ୍ୱାରା ସମ୍ବଲପୁର ସ୍ଥିତ ଝାଡେଶ୍ୱରୀ ମହାବିଦ୍ୟାଳୟ, ଧାମା ଠାରେ ଆୟୋଜିତ ତାଇକାଣ୍ଡୋ ଚମ୍ପିଆନ୍‌ସିପ୍‌ରେ +୨ ଛାତ୍ର ବିଜ୍ଞାନ ମଲିକ ସଫଳତା ପୂର୍ବକ ସ୍ୱର୍ଣ୍ଣପଦକ ହାସଲ କରି ଜମ୍ମୁ ଠାରେ ହେବାକୁ ଥିବା ଜାତୀୟସ୍ତରର ତାଇକାଣ୍ଡୋ ଚମ୍ପିଆନ୍‌ସିପ୍ ପ୍ରତିଯୋଗିତାରେ ଭାଗ ନେବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଏଥିସହିତ ଉତ୍କଳ ବିଶ୍ୱବିଦ୍ୟାଳୟରେ ଆୟୋଜିତ ଯୋଗ ପ୍ରତିଯୋଗିତାରେ +୩ ଛାତ୍ରୀ ପ୍ରିୟଦର୍ଶିନୀ ମଲିକ, ସରସ୍ୱତୀ ସିଂ ଓ ଶୁଭଶ୍ରୀ ରାଉତ ଏବଂ ଭୁବନେଶ୍ୱରସ୍ଥ କିସ୍ ପରିସରରେ ଆୟୋଜିତ ଭଲ୍ଲୀବଲ୍ ପ୍ରତିଯୋଗିତାରେ +୨ ଛାତ୍ରୀ ଶୁଭଶ୍ରୀ ପ୍ରିୟଦର୍ଶିନୀ ସିଂ ସଫଳତା ପୂର୍ବକ ଜାତୀୟ ସ୍ତରର ପ୍ରତିଯୋଗିତାରେ ଭାଗନେବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ସେହିପରି +୨ ଛାତ୍ର ମିର ଫେରାନ୍ ଜାତୀୟ ସ୍ତରର ଭଲିବଲ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ସଫଳତା ପାଇଛନ୍ତି।

# ରାଜନଗର ଥାନା: ତଦନ୍ତ ବ୍ୟବସ୍ଥାରେ ସୁଧାର ଆସିବ କେବେ ?

- ଭୂତ ସାକ୍ଷୀରେ ମାମଲା ଫଲ୍‌ସ
- ୧୩ ନଭେମ୍ବର ୨୦୨୩ରେ ମାମଲା ରୁଜୁ
- ୧୮ ଅପ୍ରେଲ ୨୦୨୧ରେ ମରିଥିବା ଲୋକ ଦେଲା ସାକ୍ଷୀ
- ୯ ଅଗଷ୍ଟ ୨୦୨୪ରେ ମାମଲା ଫଲ୍‌ସ ଦର୍ଶାଯାଇଛି

**ରାଜନଗର,୨୪।୧୦(ସଂଚାର ବ୍ୟୁରୋ):** ରାଜନଗର ଥାନାରେ ଆଇନର ଶାସନ ଭୁଷୁଡି ପଡିଛି। ଗୋଟିଏ ଦୁଇ ବୋତଲ ମଦ ଜବତ ହେଲେ ଆମେ ୧୦ ଲିଟର ମଦ ଜବତ ଦର୍ଶାଇ କୋର୍ଟ ଚାଲାଣ କରୁଥିବା ନେଇ ନିଜେ ଆଇଆଇସି ଖୋଲା ସଭାରେ କହି ଆଇନ ବ୍ୟବସ୍ଥାର ଧଜିଆ ଉଡାଇଥିଲେ। ଏହି ଚର୍ଚ୍ଚା ଥମିନଥିବା ବେଳେ ରାଜନଗର ଥାନାରେ କିପରି ସତ ମାମଲାକୁ ଫଲସ କରିବା ପାଇଁ ଭୂତଙ୍କ ସହାୟତା ନିଆଯାଏ, ତାର ପ୍ରମାଣ ମିଳିଛି। ରାଜନଗର ଥାନାର ଏପରି ମିଛ ତଦନ୍ତ ଓ ଭୂତ ସାକ୍ଷୀ ଘଟଣାକୁ ନେଇ ଅଭିଯୋଗକାରୀ ପୁଲିସ ନାଁରେ ମାନ୍ୟବର କୋର୍ଟରେ ମାମଲା ରୁଜୁ କରିଥିବା ଜଣାପଡିଛି।

ରାଜନଗର ଥାନା ଅନ୍ତର୍ଗତ ନଉକୋଣା ଜୟଗୁରୁ ଆଶ୍ରମର ସମ୍ପାଦକ କ୍ଷୀରୋଦ କୁମାର ମଲ୍ଲିକ ୧୩ ନଭେମ୍ବର ୨୦୨୩ରେ ଆଶ୍ରମର ଭାଇ ମାନଙ୍କୁ ମର୍ଡର କରିବାକୁ ଧମକ ଦେଉଥିବା ନେଇ ଅଭିଯୋଗ କରିଥିଲେ। ଆଶ୍ରମରେ ଗୋଟିଏ ଗୋଷ୍ଠି ତାଲା ପକାଇବା ଓ ପୁଲିସ ପହଞ୍ଚି ଆଶ୍ରମର ତାଲା ଖୋଲିବା ପରେ ଏହି ଘଟଣା ଘଟିଥିଲା। ରାଜନଗର ଥାନାରେ କେସ ନମ୍ବର ୬୩୨/୨୦୨୩ , ଦଫା ୪୪୭ , ୧୮୮ , ୫୦୬ରେ ମାମଲା ରୁଜୁ ହୋଇଥିଲା। ମାତ୍ର ରାଜନଗର ଥାନାର ସବ ଇନିସପେକ୍ଟର ନାରାୟଣ ସାହୁ ସାକ୍ଷୀ ମାନଙ୍କ ବୟାନକୁ ଆଧାର କରି ଘଟଣା ଫଲସ ବୋଲି ଦର୍ଶାଇ ମାମଲାକୁ ବନ୍ଦ କରିବାକୁ ମାନ୍ୟବର କୋର୍ଟକୁ ୯ ଅଗଷ୍ଟ ୨୦୨୪ରେ ଜଣାଇଛନ୍ତି।

ସବୁଠୁ ବଡ କଥା ହେଲା ବିନ୍ଧାନାଉକୋଣା ଗାଁର ସୁନାକର ପଢ଼ିହାରୀ ୧୮ ଅପ୍ରେଲ ୨୦୨୧ରେ ମୃତ୍ୟୁବରଣ କରିଛନ୍ତି। ୨୦୨୧ ଅପ୍ରେଲରେ ମୃତ୍ୟୁବରଣ କରିଥିବା ସୁନାକାର କିପରି ରାଜନଗର ଥାନାରେ ୧୩ ନଭେମ୍ବର ୨୦୨୩ରେ ଅର୍ଥାତ ମୃତ୍ୟୁର ୩୧ ମାସ ପରେ ସାକ୍ଷୀ ଦେଲେ ତାହାକୁ ନେଇ ପ୍ରଶ୍ନ ଉଠିଛି। ପୁଲିସ ସଠିକ ତଦନ୍ତ ନକରି କିପରି ଭୂତ ସାକ୍ଷୀରେ ଘଟଣା ସପକ୍ଷରେ କୌଣସି ପ୍ରମାଣ ନଥିବାରୁ ମାମଲା ବନ୍ଦ କରିବାକୁ ମାନ୍ୟବର କୋର୍ଟକୁ ଜଣାଇବା ଘଟଣା ସବୁ ମହଲରେ ଉଦବେଗ ସୃଷ୍ଟି କରିଛି।

ଏ ସମ୍ପର୍କରେ ଜାଣିବା ପରେ ଅଭିଯୋଗକାରୀ କ୍ଷୀରୋଦ କୁମାର ମଲ୍ଲିକ ମାନ୍ୟବର ରାଜନଗର କୋର୍ଟରେ ଆଉ ଏକ ମାମଲା ରୁଜୁ କରିଛନ୍ତି ଓ ପୁଲିସ ମୃତ ଲୋକଙ୍କୁ ସାକ୍ଷୀ ଭାବେ ଦର୍ଶାଇ ମାମଲାକୁ ଫଲସ କରିବା ଘଟଣାକୁ ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଆଇନଜୀବୀ ଦେବଦତ୍ତ ସେଠୀଙ୍କୁ ପଚାରିବାରୁ ପୁଲିସ ମଲା ଲୋକଙ୍କୁ ସାକ୍ଷୀ ଭାବେ ଦର୍ଶାଇବା ଧର୍ତ୍ତବ୍ୟ ଅପରାଧ, ସମ୍ପୃକ୍ତ ପୁଲିସ ଅଧିକାରୀଙ୍କ ବିରୁଦ୍ଧରେ ଦୃଷ୍ଟାନ୍ତମୂଳକ କର୍ଯ୍ୟାନୁଷ୍ଠାନ ନିଆଯିବା ଆବଶ୍ୟକ ବୋଲି କହିଛନ୍ତି।

## ଅବସରପ୍ରାପ୍ତ ରାଜସ୍ୱ ନିରୀକ୍ଷକଙ୍କ ଘରୁ ଚୋରି

**ଡେରାବିଶ,୨୪।୧୦(ସଂଚାର ବ୍ୟୁରୋ):** ଡେରାବିଶ ବ୍ଲକ ଦାନପୁର ପଞ୍ଚାୟତ ଅନ୍ତର୍ଗତ କେଶରପୁର (ମହାବୀର କଲୋନୀ) ଗ୍ରାମର ଅବସରପ୍ରାପ୍ତ ରାଜସ୍ୱ ନିରୀକ୍ଷକ ଶ୍ରୀଚରଣ ସାହୁଙ୍କ ଘରୁ ଗତକାଲି ବିଳମ୍ବିତ ରାତିରେ ଚୋରି ହୋଇଥିବା ନେଇ ଚାନ୍ଦୋଳ ଫାଣ୍ଡିରେ ଅଭିଯୋଗ ହୋଇଛି। ଶ୍ରୀ ସାହୁଙ୍କ ପୁଅ ଦିପ୍ତିକାନ୍ତ ଚାନ୍ଦୋଳ ଫାଣ୍ଡିରେ କରିଥିବା ଅଭିଯୋଗ ଅନୁଯାୟୀ ଗତକାଲି ବିଳମ୍ବିତ ରାତିରେ ତାଙ୍କ ଘରର ପଛପଟର ଦୁଇଟି ଝରକା ତାଡ଼ି ଚୋରମାନେ ତାଙ୍କ ଘରଭିତରକୁ ପଶି ତଳ ମହଲାର ଦୁଇଟି ବଖରାରେ ଥିବା ଦୁଇଟି ଆଲମିରା ତାଡ଼ି ସେଥିରେ ଥିବା ନଗଦ ୧୩ ହଜାର ଟଙ୍କା ୨ଟି ସୁନା ମୁଦି ଓ ଦୁଇଟି ସୁନା ଚେନ୍ ଯାହାର ଆନୁମାନିକ ଓଜନ ୨୫ ଗ୍ରାମ ପାଖାପାଖି ହେବ ଏବଂ ଏକ ଶହ ଗ୍ରାମର ରୂପା ଗହଣା ଚୋରି କରି ନେଇଯାଇଛନ୍ତି। ଏଥିସହିତ ଘରେ ଥିବା କିଛି ଟଙ୍କା, ଗୋଟିଏ ମୋବାଇଲ୍ ଫୋନ୍ ମଧ ଚୋରି କରି ନେଇଯାଇଛନ୍ତି। ପରେ ଘରର ଉପର ମହଲାରେ ଭଡ଼ାରେ ରହୁଥିବା ବିଦ୍ୟୁତ୍ ଭୂଷଣ ମହାନ୍ତିଙ୍କ ଘରୁ ଏକ ଦାମୀ ଡିଜିଟାଲ୍ କ୍ୟାମେରା, ମୋବାଇଲ୍ ଫୋନ୍, ନଗଦ ୪୮ ହଜାର ଟଙ୍କା ଓ ୪୦ଟି ରୂପା କଏନ୍ ଲୁଟି ନେଇଥିବା ଅଭିଯୋଗରେ ଦର୍ଶାଇଛନ୍ତି।

## ରିଘାଗଡରୁ ଅଜଗର ଓ ଖମାରସାହିରୁ ତମ୍ପ ସାପ ଉଦ୍ଧାର



**ରାଜନଗର,୨୪।୧୦(ସଂଚାର ବ୍ୟୁରୋ):** ରାଜନଗର ବ୍ଲକ ଇଶ୍ୱରପୁର ପଚାଂୟତ ରିଘାଗଡ (ଭିତରକନିକା ଜାତୀୟ ଉଦ୍ୟାନ ସଂଲଗ୍ନ) ଗ୍ରାମରୁ ବନବିଭାଗର ଟିମ୍ ୯ଫୁଟ ଲମ୍ବର ଅଜଗର ସାପକୁ ଉଦ୍ଧାର କରିଛି । ଏହି ଗ୍ରାମର ଦୁଃଶାସନ ବେହେରା(ନେମୁଣା)ଙ୍କ ବାଡରେ ଲଗାଯାଇଥିବା ମନୋଫିଲାମେଟଂ ଜାଲରେ ଏକ ଅଜଗର ଲାଗି ଯାଇଥିଲା। ଫରେଷ୍ଟର ନବୀନକୁମାର ମଲ୍ଲିକଙ୍କ ନେତୃତ୍ୱରେ ଫରେଷ୍ଟଗାର୍ଡ ବବୁଲ ପରିଡା ଓ କର୍ମଚାରୀମାନେ ପହଂଚି ଜାଲରେ ଲାଗିଥିବା ଅଜଗରଟିକୁ ଉଦ୍ଧାର କରି ଜାତୀୟ ଉଦ୍ୟାନରେ ଛାଡି ଦେଇଥିଲେ । ସେହିପରି ଖମାରସାହି ଗ୍ରାମର ମଟୁ ପରିଡାଙ୍କ ବାଡରେ ଦିଆଯାଇଥିବା ଜାଲରେ ଲାଗିଯାଇଥିବା ୫ଫୁଟ ଲମ୍ବର ତମ୍ପ ସାପଟିକୁ ଉଦ୍ଧାର କରି ଭିତରକନିକା ଜାତୀୟ ଉଦ୍ୟାନ ମଧରେ ଛାଡି ଦେଇଥିଲେ ।

● ମାନବ ଚୋରାଚାଲାଣ ସମ୍ପର୍କିତ ରାଜ୍ୟସ୍ତରୀୟ ସମ୍ମିଳନୀ

# ଓଡ଼ିଶାକୁ ଆଦର୍ଶ ରାଜ୍ୟଭାବେ ଗଢ଼ି ତୋଳିବାକୁ ଆହ୍ୱାନ



**ଭୁବନେଶ୍ୱର, ୨୪।୧୦(ସଂଚାର ବ୍ୟୁରୋ):** ଆଜି ପୋଲିସ ଭବନଠାରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ମାନବ ଚୋରାଚାଲାଣ ସମ୍ପର୍କିତ ଏକ ରାଜ୍ୟସ୍ତରୀୟ ସମ୍ମିଳନୀକୁ ଉଦଘାଟନ କରିଛନ୍ତି। ଏହି ଅବସରରେ ସାମ୍ପ୍ରତିକ ପରିସ୍ଥିତିରେ ମାନବ ଚାଲାଣ କେବଳ ଓଡିଶା ପାଇଁ ନୁହେଁ, ସମଗ୍ର ଦେଶ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଏବଂ ଚିନ୍ତାଜନକ ବିଷୟ ବୋଲି ଡିଜିପି ମତବ୍ୟକ୍ତ କରିଥିଲେ। ନ୍ୟାୟପାଳିକା, ପୋଲିସ, ମହିଳା ଓ ଶିଶୁ ସୁରକ୍ଷା ୟୁନିଟ୍, ଶ୍ରମ ବିଭାଗ, ସ୍ୱେଚ୍ଛାସେବୀ ସଂଗଠନ, ନ୍ୟାୟପାଳିକା ଓ ସମାଜର ସମସ୍ତ ବ୍ୟକ୍ତିବିଶେଷ ଏକତ୍ରିତ ହୋଇ କାର୍ଯ୍ୟ କଲେ ଏହି ଘୃଣ୍ୟ କାର୍ଯ୍ୟକୁ ରୋକିବାରେ ଆମେ ସଫଳ ହୋଇପାରିବା ବୋଲି ଡିଜିପି ନିଜ ଅଭିଭାଷଣରେ ମତବ୍ୟକ୍ତ କରିଥିଲେ। ଏହା ସହ ଆଗାମୀ ଦିନରେ ଏକତ୍ରିତ ହୋଇ ଓଡିଶାକୁ ମାନବ ଚାଲାଣ ବିରୋଧରେ ଏକ ଆଦର୍ଶ ରାଜ୍ୟ ଭାବେ ଗଢ଼ି ତୋଳିବାକୁ ଆହ୍ୱାନ ଦେଇଥିଲେ।

ମାନବ ଚାଲାଣ ରୋକିବାରେ ସମନ୍ୱିତ ମାନବ ଚାଲାଣ ପ୍ରତିରୋଧ ଶାଖା ଓ ଜିଲ୍ଲା ଶ୍ରମ ଅଧିକାରୀମାନଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଅଧିକାରୀମାନେ ଅନୁସନ୍ଧାନ ଓ ଉଦ୍ଧାର କରିବାର ମେରୁଦଣ୍ଡ ସଦୃଶ। ଅଧିକ ମାନବ ସମ୍ବଳ ଯୋଗାଇଦେବା ସହ ଉପଯୁକ୍ତ ତାଲିମ ପ୍ରଦାନ ଓ ବୈଷୟିକ ଜ୍ଞାନ କୌଶଳରେ ଅଧିକ ଶକ୍ତିଶାଳୀ କରିବାକୁ ଉଦ୍ୟମ କରାଯାଉଛି। ଏହା ସହ ମାନବ ଚାଲାଣରେ ସମ୍ପୃକ୍ତ ଥିବା ରାଜ୍ୟଗୁଡିକ ସହ ଉପଯୁକ୍ତ ସମନ୍ୱୟ ରଖାଯାଇ ଏହାକୁ ରୋକିବାରେ ବିହିତ ପଦକ୍ଷେପ ଗ୍ରହଣ କରାଯାଉଛି । ଆଗାମୀ ଦିନରେ ପ୍ରଯୁକ୍ତି ବିଦ୍ୟାର ବ୍ୟବହାର, ଡିଜିଟାଲ୍ ଟ୍ରାକିଂ, ଡାଟା ଆନାଲିଟିକ୍ସ ଓ ନିରୀକ୍ଷଣ ମାଧ୍ୟମରେ ଚାଲାଣ ନେଟୱାର୍କକୁ ଭାଙ୍ଗିବା ଆମର ପ୍ରମୁଖ ଉଦ୍ଦେଶ୍ୟ ବୋଲି ଡିଜିପି କହିଥିଲେ। ସମ୍ମିଳନୀରେ ଡ. ପି. ଏମ.ନେୟାର (ଅବସରପ୍ରାପ୍ତ ଡିଜିପି, ଏନଡିଆରଏଫ) , ଉମି ଡାନିଏଲ (ନିର୍ଦ୍ଦେଶକ, ମାଇଗ୍ରେସନ ଏବଂ ଏଜୁକେସନ) , କେନ୍ଦ୍ର ଗୃହ ମନ୍ତ୍ରଣାଳୟ, ଡେପୁଟି କମାଣ୍ଡାଣ୍ଟ ସଞ୍ଜୟ କୁମାର ଏ ସଂକ୍ରାନ୍ତରେ ଆଲୋଚନା କରିଥିଲେ। ଅମିତ କୁମାର ନାଗ, (ଲିଡ଼ ଲିଗାଲ ପ୍ରୋଗ୍ରାମ ପାର୍ଟନରସିପ, ଇଣ୍ଟରନ୍ୟାସନାଲ ଜଷ୍ଟିସ ମିଶନ) ପ୍ରମୁଖ ଉପସ୍ଥିତ ଥିଲେ। ଏହି ସମ୍ମିଳନୀରେ ଡିଜିପି, କ୍ରାଇମବ୍ରାଞ୍ଚ ବିନୟତୋଷ ମିଶ୍ର, ଆଇଜି, (ମହିଳା ଓ ଶିଶୁ ଅପରାଧ ନିରାକରଣ ଶାଖା) ଅବିନାଶ କୁମାର ଉପସ୍ଥିତ ଥିଲେ। ଆଜିର ଏହି ସମ୍ମିଳନୀରେ ବିଭିନ୍ନ ଜିଲ୍ଲାରେ ସମନ୍ୱିତ ମାନବ ଚାଲାଣ ପ୍ରତିରୋଧ ଶାଖାରେ କାର୍ଯରତ ଅଧିକାରୀମାନେ ସାମିଲ ହୋଇଥିଲେ।

## ମାଣ୍ଡିଆ ଦିବସରେ ଯୋଗଦେବେ କେନ୍ଦ୍ର କୃଷିମନ୍ତ୍ରୀ ଶିବରାଜ



**ଭୁବନେଶ୍ୱର,୨୪।୧୦(ସଂଚାର ବ୍ୟୁରୋ):** ଉପ ମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂ ଦେଓ ଶୁକ୍ରବାର ଏକ ବଡ଼ ସୂଚନା ନଭେମ୍ବର ୧୦ ମାଣ୍ଡିଆ ଦିବସ ଅବସରରେ ରାଜ୍ୟରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ କରାଯିବ । ଏଥିରେ କେନ୍ଦ୍ର କୃଷି ମନ୍ତ୍ରୀ ଶିବରାଜ ସିଂ ଚୌହ୍ୱାନ ଯୋଗ ଦେବାରେ କାର୍ଯ୍ୟକ୍ରମ ରହିଛି ବୋଲି ଉପ ମୁଖ୍ୟମନ୍ତ୍ରୀ ସିଂ ଦେଓ କହିଛନ୍ତି। ନଭେମ୍ବର ୧୦ ଏବଂ ୧୧ ଦୁଇ ଦିନ ଧରି ଏହି କାର୍ଯ୍ୟକ୍ରମ କାର୍ଯ୍ୟକ୍ରମ ଚାଲିବ। ଉତ୍ସବ ମାଧ୍ୟମାରେ ମାଣ୍ଡିଆର ପ୍ରଚାର ପ୍ରଶାର ସାଙ୍ଗକୁ ବିଶ୍ୱ ବଜାରରେ ମାଣ୍ଡିଆ ଯେପରି ପହଞ୍ଚି ପାରିବ ସେନେଇ ଉଦ୍ୟମ କରାଯିବ ବୋଲି ସୂଚନା ମିଳିଛି।

ସହଯୋଗପୂର୍ଣ୍ଣ ଗବେଷଣା ଏବଂ ବିକାଶକୁ ପ୍ରୋତ୍ସାହନ

# ଆଇଆଇଟି ଭୁବନେଶ୍ୱର ଏବଂ ଇସ୍ରୋ ମଧ୍ୟରେ ବୁଝାମଣା



**ଭୁବନେଶ୍ୱର, ୨୪।୧୦ (ସଂଚାର ବ୍ୟୁରୋ):** ଭାରତୀୟ ମହାକାଶ ଗବେଷଣା ସଂଗଠନ (ଇସ୍ରୋ), ଏହାର ଜାତୀୟ ଦୂରବର୍ତ୍ତୀ ସେନ୍ସିଂ କେନ୍ଦ୍ର ମାଧ୍ୟମରେ ଏବଂ ଭାରତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ (ଆଇଆଇଟି) ଭୁବନେଶ୍ୱର ୧୭ ଅକ୍ଟୋବର ୨୦୨୫ରେ ଏକ ବୁଝାମଣାପତ୍ର ସ୍ୱାକ୍ଷର କରିଛନ୍ତି, ଯାହା ଦ୍ୱାରା ସହଯୋଗପୂର୍ଣ୍ଣ ଗବେଷଣା ଏବଂ ବିକାଶକୁ ପ୍ରୋତ୍ସାହିତ କରାଯାଇପାରିବ। ଏହି ସହଭାଗୀତା ପଶ୍ଚିମ ବଙ୍ଗୋପସାଗର ସହିତ ଭୌତିକ ଏବଂ ଜୈବଭୌମିକ ରାସାୟନିକ ସମୁଦ୍ର ପ୍ରକ୍ରିୟା ଏବଂ କୂଳ ପରିବର୍ତ୍ତନ ଗତିଶୀଳତାର ମୂଲ୍ୟାଙ୍କନ ଉପରେ ଧ୍ୟାନ ଦେବ। ପାଇଲଟ୍ ପର୍ଯ୍ୟାୟରେ ସୁନ୍ଦରବନ ଡେଲ୍ଟାରୁ ଉତ୍ତର ଆନ୍ଧ୍ରପ୍ରଦେଶ ପର୍ଯ୍ୟନ୍ତ ନିକଟବର୍ତ୍ତୀ ଗତିଶୀଳତାର ମ୍ୟାପିଂ ଏବଂ ବିଶ୍ଳେଷଣ କରାଯିବ, ଏବଂ ଭବିଷ୍ୟତରେ ଏକ ବିସ୍ତାରିତ ବୁଝାମଣାପତ୍ର ଅଧୀନରେ ଅନ୍ୟାନ୍ୟ ଭାରତୀୟ ଉପକୂଳବର୍ତ୍ତୀ ଅଞ୍ଚଳକୁ ସମ୍ଭାବ୍ୟ ସମ୍ପ୍ରସାରଣ କରାଯିବ।

ଏହି ବୁଝାମଣାପତ୍ରରେ ଇସ୍ରୋର ଡକ୍ଟର ଏସ.କେ. ଶ୍ରୀବାସ୍ତବ (ଏନଆରଏସସିର ଆଞ୍ଚଳିକ କେନ୍ଦ୍ରର ମୁଖ୍ୟ ମହାପ୍ରବନ୍ଧକ) ଏବଂ ଆଇଆଇଟି ଭୁବନେଶ୍ୱରର ପକ୍ଷରୁ ପ୍ରଫେସର ପି. ଦିନାକର (ଡିନ୍-ପ୍ରାୟୋଜିତ ଗବେଷଣା ଏବଂ ଶିଳ୍ପ ପରାମର୍ଶଦାତା) ସ୍ୱାକ୍ଷର କରିଥିଲେ। ଏହି ସମାରୋହରେ ଆଇଆଇଟି ଭୁବନେଶ୍ୱରର ପ୍ରଫେସର ସି.ଏନ. ଭେଣ୍ଡେ (ଡିନ୍-ସ୍ନାତକୋତ୍ତର ଏବଂ ଗବେଷଣା କାର୍ଯ୍ୟକ୍ରମ); ଡକ୍ଟର ଆର.କେ. ସିଂହ (ସ୍କୁଲ୍-ସ୍କୁଲ୍ ଅଫ୍ ଆର୍ଥ ଓସେନ୍ ଆଣ୍ଡ କ୍ଲାଇମେଟ୍ ସାଇନ୍ସର ମୁଖ୍ୟ); ସ୍କୁଲ ଅଫ୍ ଆର୍ଥ, ଓସେନ୍ ଏବଂ କ୍ଲାଇମେଟ୍ ସାଇନ୍ସର ସହଯୋଗୀ ଏବଂ ଇସ୍ରୋର ଅଧିକାରୀମାନେ ଉପସ୍ଥିତ ଥିଲେ।

■ ଏସ୍‌ୟୁସିଆଇର ଘୋଷଣା

## ନଭେମ୍ବର ୨୫ରେ ରାଜଧାନୀରେ ବିକ୍ଷୋଭ




**ଭୁବନେଶ୍ୱର, ୨୪।୧୦(ସଂଚାର ବ୍ୟୁରୋ):** ରାଜ୍ୟର ଚାଷୀ-ମୂଲିଆ-ମହିଳା-ଛାତ୍ର-ଯୁବକ-ଶ୍ରମିକ-କର୍ମଚାରୀ ଆଦି ସର୍ବସ୍ତରର ଜନଗଣଙ୍କ ଜୀବନ ଜୀବିକାର ନ୍ୟାଯ୍ୟ ଦାବି ନେଇ ସମସ୍ତ ୩୦ଟି ଜିଲ୍ଲାରୁ ୨୦ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କୁ ନେଇ ଆଗାମୀ ୨୫ ନଭେମ୍ବର ରାଜ୍ୟ ସଚିବାଳୟ ସମ୍ମୁଖରେ ଏକ ବିଶାଳ ଗଣ ବିକ୍ଷୋଭ ଅନୁଷ୍ଠିତ ହେବ ବୋଲି ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ରାଜ୍ୟ କମିଟି ସମ୍ପାଦକ ଶଙ୍କର ଦାଶଗୁପ୍ତ ଓ ସମ୍ପାଦକମଣ୍ଡଳୀ ସଦସ୍ୟ ବିଷ୍ଣୁ ଦାସ, ରଘୁନାଥ ଦାସ, ସ୍ୱୟଂପ୍ରଭା ନାୟକ, ବିଶ୍ୱାବସୁ ଦାସ ଆଜି ଭୁବନେଶ୍ୱର ଲୋହିଆ ଏକାଡେମୀ ଠାରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି। ରାଜ୍ୟରେ ଦେଖାଦେଇଥିବା ବିଭିନ୍ନ ସମସ୍ୟା ଓ ସେଗୁଡ଼ିକର ସମାଧାନ ନେଇ ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ପକ୍ଷରୁ ଜନ ଜୀବନର ନ୍ୟାଯ୍ୟ ଦାବିନେଇ ତଥା ସରକାରଙ୍କ ଜନମାରଣ ନୀତି ପ୍ରତିବାଦରେ ଗଣଆନ୍ଦୋଳନ କରିବ। ଏଥିଲାଗି ୨୫ ନଭେମ୍ବର ରାଜ୍ୟସ୍ତରୀୟ ବିଶାଳ ଗଣ ବିକ୍ଷୋଭର ଡାକରା ଦିଆଯାଇଛି ଓ ଏହାର ପ୍ରସ୍ତୁତିରେ ଜନସାଧାରଣ ବ୍ୟାପକ ସଂଖ୍ୟାରେ ଅଂଶଗ୍ରହଣ କରୁଛନ୍ତି। ଏହି ବିଶାଳ ଗଣ ବିକ୍ଷୋଭକୁ ସମସ୍ତ ପ୍ରକାର ସହଯୋଗ ଦେଇ ତଥା ବ୍ୟାପକ ସଂଖ୍ୟାରେ ଅଂଶଗ୍ରହଣ କରି ସଫଳ କରିବା ପାଇଁ ରାଜ୍ୟବାସୀଙ୍କୁ ଉପସ୍ଥିତ ନେତୃମଣ୍ଡଳୀ ନିବେଦନ କରିଛନ୍ତି।

● ବେକାରି ମୁକ୍ତ ଅଭିଯାନର ଦାବି

## ତୁରନ୍ତ ନିଯୁକ୍ତି ଦିଅ ନଚେତ ଜନଆନ୍ଦୋଳନ




**ଭୁବନେଶ୍ୱର,୨୪।୧୦(ସଂଚାର ବ୍ୟୁରୋ):** ବେକାରି ଏବଂ ଦାଦନ ମୁକ୍ତ ଓଡ଼ିଶା ଗଠନ ନେଇ ସଂକଳ୍ପ ନେଇଛି ବେକାର ମୁକ୍ତ ଅଭିଯାନ । ଆମ ଜନତା ଅଧିକାର ସୌଜନ୍ୟରେ ଏହି ମିଶନ ଆରମ୍ଭ ହୋଇଛି । ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ଅଭିଯାନ ରାଜ୍ୟରେ ଉତ୍କଟ ବେକାରି ସମସ୍ୟା ଓ ତା'ର ସମାଧାନ ପାଇଁ ସରକାରଙ୍କୁ ଦାବି ଜଣାଇଛି । ଏହି ବେକାରୀ ସମସ୍ୟା ସମାଧାନ ପାଇଁ ସରକାର ତୁରନ୍ତ ନିଯୁକ୍ତି ଆୟୋଗ ଗଠନ କରି ସବୁ ବେକାରୀଙ୍କୁ ନିଯୁକ୍ତି ଦେବାକୁ ଅଭିଯାନ କହିଛି । ୨୦୨୫ ରେ ଓଡ଼ିଶାରେ ସମସ୍ତ ଯୋଗ୍ୟତା ସ୍ତରରେ ଚାକିରି ଖୋଜୁଥିବା ୧୨ ଲକ୍ଷରୁ ଅଧିକ ଯୁବକ ସରକାରୀ ନିୟୋଜନ ପୋର୍ଟାଲରେ ପଞ୍ଜୀକୃତ ହୋଇଥିଲେ। ପ୍ରକୃତରେ ବେକାରୀ ସଂଖ୍ୟା ଢେର ଅଧିକ। ମୋଟ ୧୧,୧୭,୬୨୬ ରୁ ୧୧,୯୭,୪୯୭ ଜଣ ପ୍ରାୟ ୧୨ ଲକ୍ଷ ଶିକ୍ଷିତ ସକ୍ରିୟ ଚାକିରି ଖୋଜୁଥିବା ବେରୋଜଗାର ଅଛନ୍ତି। ଓଡ଼ିଶାରେ ବେକାରୀ ସମସ୍ୟା ସାମାଜିକ ବିପଦ ସୃଷ୍ଟି କରି ଚାଲିଛି । ମଦ୍ୟପାନ, ନିଶାଦ୍ରବ୍ୟ ସେବନ, ଚୋରା ଚାଲାଣ ଏବଂ ଅନ୍ୟାନ୍ୟ ଅସାମାଜିକ କାର୍ଯ୍ୟକଳାପରେ ସାମିଲ ହୋଇଥାନ୍ତି। ଏଥିପାଇଁ ପାରିବାରିକ ଅଶାନ୍ତି ହୋଇଥାଏ । ଆସନ୍ତା ଦିନରେ ଯଦି ସରକାର ସଠିକ ପଦକ୍ଷେପ ନନିଅନ୍ତି, ତେବେ ଲକ୍ଷ ଲକ୍ଷ ବେକାର ଯୁବକ ଯୁବତୀଙ୍କୁ ନେଇ ଏକ ବିରାଟ ଜନଆନ୍ଦୋଳନ ପାଇଁ ଚେତାବନୀ ଦେଇଛି ଅଭିଯାନ । ଆଜିର ସାମ୍ବାଦିକ ସମ୍ମିଳନୀରେ କୋର କମିଟି ମୁଖ୍ୟ ଇଂ ଲଳିତ ମୋହନ ପଟ୍ଟନାୟକ, ଆବାହକ ମନୋଜ ଜେନା, ସହ ଆବାହକ ବାସୁଦେବ ଭଞ୍ଜ, ସଂଯୋଜକ ପ୍ରସନ୍ନ ବିଷୋୟୀ, ନିବେଦିତା ପଟ୍ଟନାୟକ, ସର୍ବେଶ୍ୱର ବିଶ୍ୱାଳ, ଅଜୟ ସାମନ୍ତରାୟ ଆଦି ଉପସ୍ଥିତ ଥିଲେ ।

## ବିଦ୍ୟୁତୀକରଣ କ୍ଷମତାକୁ ବୃଦ୍ଧି କରିଛି ପୂର୍ବତଟ ରେଳପଥ

**ଭୁବନେଶ୍ୱର, ୨୪।୧୦(ସଂଚାର ବ୍ୟୁରୋ):** ପୂର୍ବତଟ ରେଳପଥ ଏହାର ନେଟୱର୍କର ପ୍ରମୁଖ ଅଂଶଗୁଡ଼ିକରେ ୨x ୨୫କେଭି ଓଭରହେଡ୍ ବିଦ୍ୟୁତୀକରଣ ସିଷ୍ଟମ ପ୍ରଚଳନ ସହିତ ଏହାର ଉନ୍ନତ ବିଦ୍ୟୁତୀକରଣ ଭିତ୍ତିଭୂମିର ବିସ୍ତାର ଆରମ୍ଭ କରିଛି। ଏହି ରଣନୈତିକ ଅପଗ୍ରେଡ୍ ଭୋଲ୍ଟେଜ୍ ନିୟନ୍ତ୍ରଣକୁ ଉନ୍ନତ କରିବା, ସେମି-ହାଇ-ସ୍ପିଡ୍ ଟ୍ରେନଗୁଡ଼ିକ ପାଇଁ ସୁଗମ କାର୍ଯ୍ୟ ସୁନିଶ୍ଚିତ କରିବା, ଅତ୍ୟଧିକ ଲୋଡ୍ ହୋଇଥିବା ମାଲ ପରିବହନ ଟ୍ରେନଗୁଡ଼ିକର ଗତିକୁ ସହଜ କରିବା ଏବଂ ସିଷ୍ଟମରେ ସ୍ଥିର ଭୋଲ୍ଟେଜ୍ ସ୍ତର ବଜାୟ ରଖିବା ଲକ୍ଷ୍ୟ ରଖିଛି। ୩୦୦ସହ ନିୟୁତ ଟନ୍ ମାଲ ପରିବହନ କ୍ଷମତା ହାସଲ କରିବା ଏବଂ ବନ୍ଦେ ଭାରତ ଏକ୍ସପ୍ରେସ ଭଳି ହାଇ-ସ୍ପିଡ୍ ଟ୍ରେନ ପ୍ରଚଳନକୁ ପ୍ରୋତ୍ସାହନ କରିବା ପାଇଁ ରେଳ ବୋର୍ଡର ଦୃଷ୍ଟିକୋଣ ସହିତ, ବିଦ୍ୟମାନ ୧x୨୫ କେଭି ଓଏଚଇ ସିଷ୍ଟମକୁ ଅଧିକ ଦକ୍ଷ ୨x ୨୫କେଭି ସିଷ୍ଟମରେ ଅପଗ୍ରେଡ୍ କରାଯାଉଛି।ଏହି ଉନ୍ନତ ସିଷ୍ଟମ ଅଧୀନରେ, ଲାଇନ ସହିତ ୫୦ କେଭିରେ ବିଦ୍ୟୁତ୍ ପରିବହନ କରାଯାଏ ଏବଂ ଟ୍ରେନ୍‌କୁ ଯୋଗାଣ ପାଇଁ ଏହାକୁ ୨୫ କିଲୋଭୋଲ୍ଟ କୁ ହ୍ରାସ କରାଯାଏ। ଏହି ସିଷ୍ଟମଟି ୫୦କେଭି ଟ୍ରାନ୍ସଫର୍ମର ଏବଂ ମଧ୍ୟବର୍ତ୍ତୀ ଅଟୋଟ୍ରାନ୍ସଫର୍ମର ସହିତ ସଜ୍ଜିତ ଟ୍ରାକ୍ସନ୍ ସବ-ଷ୍ଟେସନ୍ ମାଧ୍ୟମରେ କାର୍ଯ୍ୟ କରେ, ଯାହା ସନ୍ତୁଳିତ ଭୋଲଟେଜ୍ ଏବଂ ଦକ୍ଷ ଶକ୍ତି ବଣ୍ଟନ ସୁନିଶ୍ଚିତ କରେ। ଏହା ଫଳରେ ଉଚ୍ଚତର ଭୋଲଟେଜ୍ ନିୟନ୍ତ୍ରଣ ଏବଂ ଅଧିକ ଟ୍ରାକ୍ସନ୍ ଲୋଡ୍ ପରିଚାଳନା କରିବା ପାଇଁ କ୍ଷମତା ବୃଦ୍ଧି ହୁଏ - ଯାହା ଦୀର୍ଘ ଦୂରତାରେ ଉଚ୍ଚ-ଗତି ବିଶିଷ୍ଟ ଯାତ୍ରୀ ଏବଂ ଭାରୀ ମାଲବାହୀ ଟ୍ରେନଗୁଡ଼ିକର ନିର୍ବିଘ୍ନ ଗତିକୁ ସକ୍ଷମ କରିଥାଏ। ପୂର୍ବତଟ ରେଳପଥ ଏହି ଗୁରୁତ୍ୱପୂର୍ଣ୍ଣ ରୁଟରେ ଟ୍ରାକ୍ସନ୍ କ୍ଷମତା ଏବଂ କାର୍ଯ୍ୟକ୍ଷମତା ବୃଦ୍ଧି କରିବା ପାଇଁ ୪୬୮.୩୮ କୋଟି ମୂଲ୍ୟରେ ଖୋର୍ଦ୍ଧା ରୋଡ୍ ଡିଭିଜନ ଅଧୀନରେ ଖୋର୍ଦ୍ଧା ରୋଡ୍-ପଲାସା ଡବଲ୍ ଲାଇନ୍ ସେକ୍ସନ୍ର ଉନ୍ନତିକରଣ କରିବ। ଏହି ସେକ୍ସନ୍‌ରେ ୨x ୨୫କେଭି ଟ୍ରାକ୍ସନ୍ ସିଷ୍ଟମ୍ କାର୍ଯ୍ୟକାରୀ କରାଯାଇବା ଫଳରେ କାର୍ଯ୍ୟକ୍ଷମ ଦକ୍ଷତା ବୃଦ୍ଧି ପାଇବ, ଦ୍ରୁତ ଏବଂ ଭାରୀ ଟ୍ରେନ ଚଳାଚଳକୁ ପ୍ରୋତ୍ସାହନ ମିଳିବ।

## ସ୍କୁଲ ଛାତ୍ରଛାତ୍ରୀଙ୍କ ରାଜ୍ୟସ୍ତରୀୟ ବାଦ୍ୟ ପ୍ରତିଯୋଗିତା



**ଭୁବନେଶ୍ୱର, ୨୪।୧୦(ସଂଚାର ବ୍ୟୁରୋ):** ରାଜ୍ୟସ୍ତରୀୟ ବାଦ୍ୟ ପ୍ରତିଯୋଗିତା ଆଜି ପୂର୍ବାହ୍ନରେ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ୟୁନିଟ୍-୬, ଭୁବନେଶ୍ୱର ପରିସରରେ ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ, ନିୟତି ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପିଲାମାନଙ୍କୁ ବାଦ୍ୟ ପ୍ରତିଯୋଗିତାର ଉଦ୍ଦେଶ୍ୟ ତଥା ଆବଶ୍ୟକତା ସମ୍ପର୍କରେ ଅବଗତ କରିଛନ୍ତି। ଓଡ଼ିଶାର ବିଭିନ୍ନ ଜୋନରୁ ଆସିଥିବା କୃତୀ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିବା ସହିତ ବାଦ୍ୟ କ୍ଷେତ୍ରରେ ସେମାନଙ୍କର ପାରଙ୍ଗମତାକୁ ପ୍ରଶଂସା କରିଛନ୍ତି। ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ବୀରେନ୍ଦ୍ର କର୍କରା ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଥିଲେ। ଏହି ଅବସରରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁଜାତାବାଳା ଦାସ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ ଓସେପାର ଯୁଗ୍ମ ନିର୍ଦ୍ଦେଶକ ହିମାଂଶୁ ଭୂଷଣ ସାମର୍ଥ ଧନ୍ୟବାଦ ଅର୍ପଣ କରିଥିଲେ। ଏଥିସହ ଅପରାହ୍ନରେ ଆୟୋଜିତ ଉଦଯାପନୀ ଉତ୍ସବରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଂଗଠନର ନିର୍ଦ୍ଦେଶକ ସ୍ମିତା ରାଉତ ମୁଖ୍ୟ ଅତିଥିଭାବେ ଯୋଗଦେଇ ପିଲାମାନଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରିଥିଲେ। ପିଏମ-ପୋଷଣର ରାଜ୍ୟ ନୋଡାଲ୍ ଅଧିକାରୀ ଭବାନୀ ପ୍ରସାଦ ମିଶ୍ର ଉତ୍ସବରେ ମୁଖ୍ୟ ବକ୍ତା ଭାବେ ଯୋଗଦେଇଥିଲେ।

## ଜୈନଚେୟାର ଆନୁକୂଲ୍ୟରେ କଳିଙ୍ଗ ଜୈନ ବକ୍ତୃତାମାଳା

**ଭୁବନେଶ୍ୱର,୨୪।୧୦(ସଂଚାର ବ୍ୟୁରୋ):** ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ଜୈନ ଚେୟାର ଆନୁକୂଲ୍ୟରେ କଳିଙ୍ଗ ଜୀନ ବକ୍ତୃତାମାଳା ଅନୁଷ୍ଠିତ ହୋଇଯାଇଛି। 'ଭାରତର ଜୈନ ସଂସ୍କୃତି ଓ ସ୍ଥାପତ୍ୟ ସମ୍ପର୍କରେ ଗବେଷଣା' ଶୀର୍ଷକ ବକ୍ତୃତାମାଳାକୁ ଜୈନ ଗବେଷକ ଡଃ ମହେନ୍ଦ୍ର ସିଂହ ଏବଂ ବିଶିଷ୍ଟ ବକ୍ତା ଡଃ ଶିଶିର ଜୈନ ଉଦ୍‌ଘାଟନ କରିଥିଲେ । ନିଜ ଅଭିଭାଷଣରେ ଡଃ ମହେନ୍ଦ୍ର ସିଂହ ଜୈନ ଐତିହ୍ୟ ସଂପର୍କରେ ଭାରତର ବିଭିନ୍ନ ଜୈନ ଐତିହ୍ୟ ସଂପର୍କରେ ସୂଚନା ଦେଇଥିଲେ। ଏହି ପରିପ୍ରେକ୍ଷୀରେ ବିଭିନ୍ନ ଗବେଷଣାର ପ୍ରାସଙ୍ଗିକତା ସଂପର୍କରେ ଆଲୋକପାତ କରିଥିଲେ । ବିଶିଷ୍ଟ ବକ୍ତା ଭାବେ ଯୋଗ ଦେଇଥିବା ଭାରତୀୟ ଜାତୀୟ ସ୍ମାରକ ପ୍ରାଧିକରଣ ସଂସ୍ଥା, ନୂଆଦିଲ୍ଲୀର ପ୍ରତ୍ନତାତ୍ତ୍ୱିକ ପରାମର୍ଶଦାତା ଡଃ ଶିଶିର ଜୈନ ନିଜ ଅଭିଭାଷଣରେ




ଜୈନ ସଂସ୍କୃତି ଓ ଐତିହ୍ୟ ଭାରତ ବର୍ଷରେ କିପରି ପର୍ଯ୍ୟଟନ କ୍ଷେତ୍ରରେ ଏକ ବିଶେଷ ରୂପ ନେଇପାରିଛି ସେ ସମ୍ବନ୍ଧରେ ଆଲୋକପାତ କରିଥିଲେ । କଳିଙ୍ଗ ଜୀନ ମହାପଦ୍ମ ନନ୍ଦ ଯୁଦ୍ଧର ସ୍ମାରକୀ ହିସାବରେ ମଗଧକୁ ଖ୍ରୀଷ୍ଟପୂର୍ବ ଚତୁର୍ଥ ଶତାବ୍ଦୀରେ ଦେଇଯାଇଥିଲେ ଏବଂ ମହାମେଘବାହନ ଖାରବେଳ ଖ୍ରୀଷ୍ଟପୂର୍ବ ପ୍ରଥମ ଶତାବ୍ଦୀରେ ମଗଧ ଜୟକରି କଳିଙ୍ଗ ଜୀନକୁ କିପରି ଉଦ୍ଧାର କରିଥିଲେ, ସେ ସଂପର୍କରେ ସୁବିସ୍ତୃତ ସୂଚନା ଦେଇଥିଲେ । ସ୍ନାତକୋତ୍ତର ବିଭାଗ ମୁଖ୍ୟ ପ୍ରଫେସର ଚକ୍ରଧର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଜୈନ ଚେୟାରର ସଂଯୋଜିକା ଡଃ ସୁଚିତ୍ରା ଦାସ ଆଭିମୁଖ୍ୟ ସଂପର୍କରେ ସୂଚନା ଦେଇଥିଲେ । ଓଡ଼ିଶୀ କଣ୍ଠସଂଗୀତ ବିଭାଗର ସହଯୋଗୀ ପ୍ରଫେସର ଡଃ ଧୀରଜ ମହାପାତ୍ର ନମୋକାର ମନ୍ତ୍ର ଗାଇଥିଲେ । ସଂସ୍କୃତି ପାଠ୍ୟକ୍ରମର ସହକାରୀ ପ୍ରଫେସର ଡଃ ଲକ୍ଷ୍ମଣ କୁମାର ସାହୁ ଉକ୍ତ ସଭାକାର୍ଯ୍ୟ ପରିଚାଳନା କରିଥିଲେ ।

## 'ରିଫ୍ରେଶର୍ କୋର୍ସ ଇନ୍ ଫାର୍ଷ୍ଟ ଏଡ୍' ସମ୍ପର୍କିତ ତାଲିମ କର୍ମଶାଳା



**ଭୁବନେଶ୍ୱର, ୨୪।୧୦(ସଂଚାର ବ୍ୟୁରୋ):** ରାଜ୍ୟରେ କାରଖାନାମାନଙ୍କରେ ଶ୍ରମିକ ସୁରକ୍ଷା ଓ ସୁରକ୍ଷିତ କାର୍ଯ୍ୟସ୍ଥଳୀ ନିର୍ମାଣକୁ ସରକାର ପ୍ରାଥମିକତା ଦେଇଆସୁଛି। ଏହାକୁ ଦୃଷ୍ଟିରେ ରଖି ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗର ମଞ୍ଜୁରୀକ୍ରମେ କାରଖାନା ଏବଂ ବାଷ୍ପୀୟ ନିର୍ଦ୍ଦେଶାଳୟ ପକ୍ଷରୁ ନିୟମିତ ଭାବରେ ଭିନ୍ନ ଭିନ୍ନ ସୁରକ୍ଷା ସମ୍ପର୍କିତ ତାଲିମ କାର୍ଯ୍ୟକ୍ରମ ଆୟୋଜିତ ହେଉଛି। ରାଜ୍ୟ ଶ୍ରମ ପ୍ରତିଷ୍ଠାନ, ଭୁବନେଶ୍ୱରରେ ସମ୍ମିଳନୀ କକ୍ଷରେ 'ରିଫ୍ରେଶର୍ କୋର୍ସ ଇନ୍ ଫାର୍ଷ୍ଟ ଏଇଡ୍ - ସୁରକ୍ଷା ଏବଂ ଗୁଣବତ୍ତା' ବିଷୟରେ ଏକ ରାଜ୍ୟସ୍ତରୀୟ ତାଲିମ କର୍ମଶାଳା ଆୟୋଜିତ ହୋଇଥିଲା। ଉଦଘାଟନୀ ସଭାରେ କାରଖାନା ଏବଂ ବାଷ୍ପୀୟ ନିର୍ଦ୍ଦେଶାଳୟର ଉପନିର୍ଦ୍ଦେଶକ (ସୁରକ୍ଷା) ଡଃ ମଳୟ କୁମାର ପ୍ରଧାନ ମୁଖ୍ୟ ଅତିଥି ଭାବେ ଉଦବୋଧନ ଦେଇ କାରଖାନାମାନଙ୍କରେ ସ୍ୱାସ୍ଥ୍ୟ ଓ ସୁରକ୍ଷାକୁ ସର୍ବାଧିକ ଅଗ୍ରାଧିକାର ଦେବା ଆବଶ୍ୟକ ବୋଲି କହିଥିଲେ। ତାଲିମ କର୍ମଶାଳାରେ ନିର୍ଦ୍ଦେଶାଳୟର ସହନିର୍ଦ୍ଦେଶକ (ସୁରକ୍ଷା) ଅନିଲ କୁମାର ନନ୍ଦ ଓ ସହନିର୍ଦ୍ଦେଶକ (ମୁଖ୍ୟାଳୟ) ପଙ୍କଜ କୁମାର ବିଶ୍ୱାଳ ମଧ୍ୟ ଯୋଗଦେଇ ତାଲିମ ସଞ୍ଚାଳନରେ ପ୍ରମୁଖ ଭୂମିକା ନିର୍ବାହ କରିଥିଲେ। ପ୍ରତିଷ୍ଠାନ ପକ୍ଷରୁ ଭିନ୍ନ ଭିନ୍ନ ବର୍ଗର ୫୭ ଜଣ କାରଖାନା ଅଧିକାରୀ ଅଂଶଗ୍ରହଣ କରିଥିଲେ। ସନ୍ଧ୍ୟା ସମାରୋହରେ ଅଂଶଗ୍ରାହୀମାନଙ୍କୁ ପ୍ରମାଣପତ୍ର ବିତରଣ କରାଯାଇଥିଲା। ଏହି କର୍ମଶାଳା ମାଧ୍ୟମରେ ଶ୍ରମିକ ସୁରକ୍ଷା, ଆପତକାଳୀନ ସଜାଗତା ଏବଂ ପ୍ରାଥମିକ ଚିକିତ୍ସା ବିଷୟରେ ସଚେତନତା ବୃଦ୍ଧି ପାଇଛି, ଯାହା ରାଜ୍ୟର ଶ୍ରମ ସୁରକ୍ଷା ଅଭିଯାନକୁ ଆଗକୁ ନେବାରେ ସାହାଯ୍ୟ କରିବ।

## ଭୁବନେଶ୍ୱର-ହାଇଦ୍ରାବାଦ ସ୍ୱତନ୍ତ୍ର ଟ୍ରେନର ସମ୍ପ୍ରସାରଣ

**ଭୁବନେଶ୍ୱର, ୨୪।୧୦(ସଂଚାର ବ୍ୟୁରୋ):** ଉତ୍ତମ ଯାତ୍ରା ସୁବିଧା ଜାରି ରଖିବା ଏବଂ ପାର୍ବଣ ଋତୁରେ ବର୍ଦ୍ଧିତ ଯାତ୍ରୀ ଚାହିଦା ପୂରଣ କରିବା ପାଇଁ, ଭାରତୀୟ ରେଳବାଇ ହାଇଦ୍ରାବାଦ - ଭୁବନେଶ୍ୱର ନୂଆ - ହାଇଦ୍ରାବାଦ ସାପ୍ତାହିକ ସ୍ୱତନ୍ତ୍ର ଟ୍ରେନର ସେବାକୁ ପୂର୍ବ ସୂଚିତ ସମୟ, ରହଣି ଏବଂ ସଂରଚନା ସହିତ ସମ୍ପ୍ରସାରଣ କରିବାକୁ ନିଷ୍ପତ୍ତି ନେଇଛି। ଟ୍ରେନ୍ ନମ୍ବର ୦୭୧୬୫, ହାଇଦ୍ରାବାଦ - ଭୁବନେଶ୍ୱର ନୂଆ ସାପ୍ତାହିକ ସ୍ୱତନ୍ତ୍ର, ହାଇଦ୍ରାବାଦରୁ ପ୍ରତି ମଙ୍ଗଳବାର ଦିନ ୨୫ ନଭେମ୍ବର ୨୦୨୫ ପର୍ଯ୍ୟନ୍ତ ଚାଲିବା ପାଇଁ ସମ୍ପ୍ରସାରଣ କରାଯାଇଛି।

ଟ୍ରେନ ନମ୍ବର ୦୭୧୬୬, ଭୁବନେଶ୍ୱର ନୂଆ-ହାଇଦ୍ରାବାଦ ସ୍ୱତନ୍ତ୍ର, ୨୬ ନଭେମ୍ବର ୨୦୨୫ ପର୍ଯ୍ୟନ୍ତ ଭୁବନେଶ୍ୱର ନୂଆରୁ ପ୍ରତି ବୁଧବାର ଦିନ ଚାଲିବା ପାଇଁ ସମ୍ପ୍ରସାରଣ କରାଯାଇଛି। **ରହଣି ସ୍ଥଳ:** ସିକନ୍ଦରାବାଦ, ଚାର୍ଲାପାଲ୍ଲୀ, ନାଲଗୋଣ୍ଡା, ମିରିୟାଲାଗୁଡା, ସତ୍ତେନାପାଲ୍ଲୀ, ଗୁଣ୍ଟୁର , ବିଜୟୱାଡା, ଗୁଡିଭାଡା, କାଇକାଲୁରୁ, ଆକିଭିଡୁ, ଭୀମଭରମ, ତନୁକୁ, ରାଜମଣ୍ଡ୍ରି, ସାମଲକୋଟ, ଆନ୍ନାଭରମ, ଅନାକାପାଲେ, ଦୁଭଭଡା, କୋଟ୍ଟାଭାଲସା, ବିଜୟନଗରମ୍,ଶ୍ରୀକାକୁଲମ ରୋଡ,ପଲାସା, ଖୋର୍ଦ୍ଧା ରୋଡ ଏବଂ ଭୁବନେଶ୍ୱର।

**କୋଚ୍ ସଂରଚନା:** ଏହି ଟ୍ରେନରେ ୪ ଟି ୨ୟ ଶ୍ରେଣୀ ଏସି କୋଚ, ୮ ଟି ତୃତୀୟ ଶ୍ରେଣୀ ଏସି କୋଚ, ୬ ଟି ସ୍ଲିପର୍ ଶ୍ରେଣୀ କୋଚ, ୨ ଟି ଜେନେରାଲ୍ ଶ୍ରେଣୀ କୋଚ, ୨ ଟି ଲଗେଜ୍ କମ ଡିଭିଆଙ୍ଗଜାନ୍ କୋଚ୍ ଏବଂ ଜେନେରେଟର ମୋଟର କାର୍ ରହିବ। ଯାତ୍ରୀମାନଙ୍କୁ ଏହି ସମ୍ପ୍ରସାରଣର ଟିପ୍ପଣୀ କରିବାକୁ ଏବଂ ସେହି ଅନୁଯାୟୀ ସେମାନଙ୍କର ଯାତ୍ରା ଯୋଜନା କରିବାକୁ ଅନୁରୋଧ କରାଯାଇଛି।




ଶ୍ରମ କମିଶନଙ୍କ ଅଫିସ ସାମ୍ନାରେ ବାଲେଶ୍ୱରସ୍ଥିତ ବିର୍ଲା ଟାୟାର୍ସ ଶ୍ରମିକଙ୍କ ପୁନଃନିଯୁକ୍ତି ଓ ଆଇନଗତ ପ୍ରାପ୍ୟ ଦାବିରେ ମିଳିତ ଶ୍ରମିକ ସଂଘର ଧାରଣ ତୃତୀୟ ଦିନରେ ପହଞ୍ଚିଛି।

# ଲଘୁ ଖଣିଜ ଲୁଟ୍ ଉପରେ ଲଗାମ କେବେ ?



**ଭୁବନେଶ୍ୱର,୨୪।୧୦:** ଲଘୁ ଖଣିଜ ସାମଗ୍ରୀ ଚୋରା କାରବାର ଖୋଲାଖୋଲି ଭାବେ ବର୍ଷ ବର୍ଷ ଧରି ସାରା ରାଜ୍ୟରେ ଚାଲୁଛି। ଏହି ଲୁଟ୍ ରେ ସମ୍ପୃକ୍ତ ମାଫିଆମାନେ ଏତେ ବଳଶାଳୀ ହେଉଛନ୍ତି ଯେ, ସେମାନଙ୍କୁ ନିୟନ୍ତ୍ରଣ କରିବା ପୁଲିସ୍ ଓ ପ୍ରଶାସନ ପାଇଁ କାଠିକରପାଠ ହେଉଛି। ଏମିତିକି ଚୋରା ବାଲି, ପଥର, ମୋରମ ଆଦି କାରବାରକୁ ରୋକିବାକୁ ଯାଉଥିବା ଅଧିକାରୀମାନଙ୍କୁ ସେମାନେ ଆକ୍ରମଣ କରିବାକୁ ମଧ୍ୟ ପଛାଉ ନାହାନ୍ତି।

ପୂର୍ବରୁ ଏହି ଲଘୁ ଖଣିଜ ସାମଗ୍ରୀଗୁଡିକର ନିୟନ୍ତ୍ରଣ ଓ ପରିଚାଳନା ଦାୟିତ୍ୱ ରାଜସ୍ୱ ବିଭାଗର ସ୍ଥାନୀୟ ତହସିଲଗୁଡିକ ଉପରେ ନ୍ୟସ୍ତ ଥିଲା। ଗତ ସରକାର ସମୟରେ ଏହାକୁ ଖଣି ବିଭାଗକୁ ହସ୍ତାନ୍ତର କରାଯାଇଥିଲା। ଖଣି ବିଭାଗ ଏହାର ଦାୟିତ୍ୱ ନେବାପରେ ତାହାର ପର୍ଯ୍ୟାପ୍ତ ସଂଖ୍ୟକ କ୍ଷେତ୍ର କର୍ମଚାରୀ ନଥିବାରୁ ଜିଲ୍ଲା ଖଣି ଅଧିକାରୀମାନେ ବାଲି ଠାରୁ ମୋରମ ପର୍ଯ୍ୟନ୍ତ ଲଘୁ ଖଣିଜ ସାମଗ୍ରୀ ଚୋରି ରୋକିବାରେ ଏକ ପ୍ରକାର ଅସମର୍ଥ ହେଉଥିଲେ। ଏହାର ଫାଇଦା ନେଇ ଅନେକ ସ୍ଥାନରେ ବେଆଇନ୍ କ୍ରସରମାନ ବସାଯିବା ସହିତ ଗୋଟିଏ ପରେ ଗୋଟିଏ ପାହାଡକୁ ଏହି ଖଣି ମାଫିଅମାନେ ନଷ୍ଟ କରିଚାଲିଛନ୍ତି।

ଏବେ ପୁଣି ଏହି ଦାୟିତ୍ୱ ଜିଲ୍ଲାପାଳମାନଙ୍କ ତତ୍ତ୍ୱାବଧାନରେ ତହସିଲଗୁଡିକୁ ଦିଆଯାଉଛି। ତେବେ ତହସିଲଦାରଙ୍କର ରାଜସ୍ୱ ସଂକ୍ରାନ୍ତୀୟ ଯେତେ କାମ ବଢୁଛି ସେଥିରେ ସେମାନେ ପ୍ରତିଦିନ ସେମାନଙ୍କ ଅଞ୍ଚଳରେ ଥିବା ବାଲିଘାଟ, ପଥର ଓ ମୋରମ ଖଣି ଆଦି ପରିଦର୍ଶନ କରିବା ସମ୍ଭବପର ନୁହେଁ। ଏହାଛଡା ଏହି ଚୋରା କାରବାରରେ ସମ୍ପୃକ୍ତ ମାଫିଆମାନେ ମାରଣାସ୍ତ୍ର ବ୍ୟବହାର କରୁଥିବାରୁ ପର୍ଯ୍ୟାପ୍ତ ସଂଖ୍ୟକ ପୁଲିସ୍‌ଫୋର୍ସ ନନେଇ ସେମାନଙ୍କୁ ମୁକାବିଲା କରିବା ମଧ୍ୟ ଅସମ୍ଭବ ହୋଇପଡୁଛି। ଏମିତିକି କେତେକ କ୍ଷେତ୍ରରେ ତହସିଲଦାର ଓ ତହସିଲର ଅନ୍ୟ କର୍ମଚାରୀ ଏବଂ ଗାଡି ଅଟକାଉଥିବା ପୁଲିସ୍ କର୍ମଚାରୀଙ୍କୁ ମଧ୍ୟ ଏମାନେ ଆକ୍ରମଣ କରିବାକୁ ପଛାଉ ନାହାନ୍ତି।

ଏକଦା ଆସିକା ତହସିଲଦାର କେଳୁଚରଣ ରଣସିଂହ କୁହନ୍ତି ଯେ, ସେ ସେହି ତହସିଲକୁ ଯିବା ପୂର୍ବରୁ ବହୁବର୍ଷ ଧରି କେତେଗୁଡିଏ ବାଲିଘାଟର ନିଲାମ ହେଉନଥିଲା ଏବଂ ମାଫିଆମାନେ ଜୋରଜବରସ୍ତ ବାଲି ଚୋରାଚାଲାଣ କରୁଥିଲେ। ବୋର୍ଡ ଅଫ୍ ରେଭନ୍ୟୁର ନିର୍ଦ୍ଦେଶ କ୍ରମେ ସେ ଉପରିସ୍ଥ ଅଧିକାରୀଙ୍କୁ ଜଣାଇ ଏହି ବାଲିଘାଟ ନିଲାମ କରିବା ପରେ ତାଙ୍କୁ ରାଜନୈତିକ ଆକ୍ରୋଶର ଶିକାର ହେବାକୁ ପଡିଲା ଏବଂ ସେ ଦୀର୍ଘଦିନ ଧରି ବିନା ଦୋଷରେ ନିଲମ୍ବିତ ହୋଇ ରହିଲେ। ପରେ ଅବଶ୍ୟ ବହୁ ଲଢେଇ କରି ଆଇନ୍ ଅଦାଲତରୁ ତାଙ୍କୁ ନ୍ୟାୟ ମିଳିଲା। (ତଥ୍ୟ)

## ସ୍ୱାମୀର କାଠ ଫାଳିଆ ମାଡ଼ରେ ସ୍ତ୍ରୀଙ୍କ ମୃତ୍ୟୁ

**ଉଦଳା ୨୪।୧୦(ସଂଚାର ବ୍ୟୁରୋ):** ସ୍ତ୍ରୀକୁ କାଠ ଫାଳିଆରେ ପିଟି ପିଟି ମାରିଦେଲା ସ୍ୱାମୀ । ଏଭଳି ଘଟଣା ଘଟିଛି ମୟୁରଭଞ୍ଜ ଜିଲ୍ଲା ଶରତ ଥାନା ପାତାସାହି ଅଞ୍ଚଳରେ। ସୂଚନାଯୋଗ୍ୟ ଯେ, ମୟୁରଭଞ୍ଜ ଜିଲ୍ଲା ଶରତ ଥାନା ପାତାସାହି ଗ୍ରାମର ଗୁରୁବାରୀ ପୂର୍ତ୍ତି ଘରେ ଥିବା ବେଳେ ତାଙ୍କ ସ୍ୱାମୀ ଭଞ୍ଜ ପୂର୍ତ୍ତି କୌଣସି କାମରେ ବାହାରକୁ ଯାଇଥିଲେ। ଘରକୁ ଫେରିବା ପରେ ସ୍ୱାମୀଙ୍କ ସହିତ କୌଣସି କଥାକୁ ନେଇ ତାଙ୍କର ଝଗଡା ହୋଇଥିଲା । ଏକ କାଠ ଫାଳିଆରେ ସ୍ତ୍ରୀ ଗୁରୁବାରୀର ମୁଣ୍ଡ ଫଟାଇ ଦେବା ସହିତ ଜୀବନରୁ ମାରିଦେବାକୁ ଉଦ୍ୟମ କରିଥିଲା ସ୍ୱାମୀ। ଗୁରୁତର ଅବସ୍ଥାରେ ସ୍ତ୍ରୀକୁ ଛାଡି ଘଟଣାସ୍ଥଳରୁ ସ୍ୱାମୀ ଭଞ୍ଜ ଫେରାର ହୋଇଯାଇଥିଲେ । ଗୁରୁତର ଅବସ୍ଥାରେ ଗୁରୁବାରୀଙ୍କୁ ଚିକିତ୍ସା ନିମନ୍ତେ ମେଡିକାଲ ନେବା ବାଟରେ ତାଙ୍କର ମୃତ୍ୟୁ ହୋଇଥିଲା। ଶରତ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହିତ ସ୍ୱାମୀକୁ ପୋଲିସ ଗିରଫ କରିଛି ।

# 'ଏଇ ଆମ ପାଠଶାଳା' ଉନ୍ମୋଚିତ

**ଭୁବନେଶ୍ୱର, ୨୪।୧୦(ସଂଚାର ବ୍ୟୁରୋ):** ପୁଡୁଚେରୀସ୍ଥିତ ଶ୍ରୀଅରବିନ୍ଦଙ୍କ ପ୍ରତିଷ୍ଠିତ ଆଶ୍ରମର ନବଜ୍ୟୋତି କାର୍ଯ୍ୟାଳୟ ପରିସରରେ 'ଏଇ ଆମ ପାଠଶାଳା' ଶୀର୍ଷକ ଏକ ଚିତ୍ରଗାଥା ଉଦ୍‌ଘାଟିତ ହୋଇଯାଇଛି। ଖଣ୍ଡଗିରିସ୍ଥିତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରର ପ୍ରାକ୍ତନ ଛାତ୍ରଛାତ୍ରୀମାନେ ଏହା ପ୍ରସ୍ତୁତ କରିଛନ୍ତି। ୭୦ ଦଶକରେ ଏହି ଶିକ୍ଷାକେନ୍ଦ୍ରର ପ୍ରଥମ ଅଧ୍ୟକ୍ଷା ଥିବା ପ୍ରୀତିମଞ୍ଜରୀ ପଟ୍ଟନାୟକ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସଂପ୍ରତି ନବଜ୍ୟୋତି କାର୍ଯ୍ୟାଳୟର ମୁଖ୍ୟ ପରିଚାଳିକା ଥିବା ସୁଶ୍ରୀ ଜୟନ୍ତୀ ତ୍ରିପାଠୀ ଓ ଅନ୍ୟତମ ପୂର୍ବତନ ଅଧ୍ୟକ୍ଷା ସୁଶ୍ରୀ ବିଜୟଲକ୍ଷ୍ମୀ ପଟ୍ଟନାୟକ ଏଥିରେ ଅନ୍ୟତମ ଅତିଥିଭାବେ ଯୋଗଦେଇଥିଲେ।ଏହି ଉତ୍ସବରେ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ବର୍ତ୍ତମାନର ଅଧ୍ୟକ୍ଷ ତଥା ଏଇ ଆମ ପାଠଶାଳାର କବି ରବୀନ୍ଦ୍ର ନାଥ ପାଢ଼ୀ ଯୋଗଦେଇଥିଲେ। ଶ୍ରୀଅରବିନ୍ଦ ସଂସ୍କୃତି ସଂସଦର ସଂପାଦକ ବିନୋଦ କୁମାର ସାହୁ , ବିଶିଷ୍ଟ ଲେଖିକା ଡ. ପ୍ରବୀଣା ମହାନ୍ତି ଓ ପୂର୍ବତନ ଅଧ୍ୟକ୍ଷା ସତ୍ୟଭାମା ସ୍ୱାଇଁଙ୍କ ସମେତ ଅନେକ ପୂର୍ବତନ ଶିକ୍ଷକ ଶିକ୍ଷୟିତ୍ରୀ ଓ ପୂର୍ବତନ ଛାତ୍ରଛାତ୍ରୀ ତଥା ଆଶ୍ରମର ଅନ୍ତେବାସୀମାନେ ଯୋଗ ଦେଇଥିଲେ। କାଲିଫର୍ଣ୍ଣିଆ ବିଶ୍ୱବିଦ୍ୟାଳୟରେ ଯୁବ ବୈଜ୍ଞାନିକ ଓ ଗବେଷକ ଭାବେ ଅବସ୍ଥାପିତ




ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ପୂର୍ବତନ ଛାତ୍ର ଡ. ସ୍ୱୟଂ ପ୍ରକାଶ ଏହି ଚିତ୍ରଗାଥାର ପ୍ରଯୋଜନା କରିଥିବା ବେଳେ ଅନ୍ୟତମ ପ୍ରାକ୍ତନ ଛାତ୍ର ତଥା ଯୁବ ଚଳଚ୍ଚିତ୍ର ନିର୍ମାତା ସୁବ୍ରତ ବାହିନୀପତି ଏହାର ନିର୍ଦ୍ଦେଶନା ଦେଇଛନ୍ତି। ଶିକ୍ଷାକେନ୍ଦ୍ରର ପ୍ରାକ୍ତନ ଛାତ୍ରୀ ତଥା ଖ୍ୟାତନାମା ନୃତ୍ୟଶିଳ୍ପୀ ସଂଗୀତା ଦାସଙ୍କ ନୃତ୍ୟ ନିର୍ଦ୍ଦେଶନା ଓ ରବୀନ୍ଦ୍ରନାଥ ପାଢ଼ୀଙ୍କ ସଂଗୀତ ନିର୍ଦ୍ଦେଶନାରେ ଏହି ଚିତ୍ରଗାଥାଟି ଆକର୍ଷଣୀୟ ହୋଇପାରିଛି।

sanchar.live

ସମ୍ପାଦକୀୟ

SANCHAR
ସଂଚାର

୪
ଶନିବାର ୨୫ ଅକ୍ଟୋବର ୨୦୨୫, ଭୁବନେଶ୍ୱର
Saturday 25 October 2025, Bhubaneswar

### ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

# ବିହାର ନିର୍ବାଚନ ମୈଦାନରେ ମୋଦୀ

ଆଜି ୨୪ ଅକ୍ଟୋବର ୨୦୨୫, ବିହାରରେ ନିର୍ବାଚନୀ ଉତ୍ସବର ମନ୍ଦିରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପ୍ରବେଶ ଏକ ଐତିହାସିକ ମୁହୂର୍ତ୍ତ। ସମସ୍ତିପୁରରେ କର୍ପୁରୀ ଠାକୁରଙ୍କ ଜନ୍ମସ୍ଥାନ କର୍ପୁରୀଗ୍ରାମରେ ପୂଜାର୍ପଣ କରି, ସେ ଏକ ଭୂମିସୂଚନାରେ ଏକାଠି



ହୋଇଥିବା ଭିଡ଼କୁ ସମ୍ବୋଧିତ କରିଛନ୍ତି। ଏହା କେବଳ ଏକ ରାଲି ନୁହେଁ, ବରଂ ରାଷ୍ଟ୍ରୀୟ ଜାତୀୟତାବାଦୀ ଗଠବନ୍ଧନ (ଏନ୍ଡିଏ)ର ନିର୍ବାଚନୀ ଅଭିଯାନର ଶୁଭାରମ୍ଭ। ମୋଦୀଙ୍କ ଏହି ଉପସ୍ଥିତି ବିହାରର ରାଜନୈତିକ ଦୃଶ୍ୟପଟକୁ ନୂତନ ଦିଗନ୍ତ ପ୍ରଦାନ କରିବ ବୋଲି ଆଶା କରାଯାଉଛି।

ବିହାରର ନିର୍ବାଚନ ସର୍ବଦା ଦେଶର ରାଜନୀତିରେ ଏକ ମାଇଲଷ୍ଟୋନ୍। ୨୦୨୫ର ଏହି ସଂଗ୍ରାମରେ ଏନ୍ଡିଏ ମୁଖ୍ୟମନ୍ତ୍ରୀ ନୀତିଶ କୁମାରଙ୍କ ନେତୃତ୍ୱରେ ଲଢୁଛି, ଯେତେବେଳେ ମହାଗଠବନ୍ଧନ ତେଜସ୍ୱୀ ଯାଦବଙ୍କୁ ମୁଖ୍ୟମନ୍ତ୍ରୀ ମୁଖାପତ୍ର କରି ଚ୍ୟାଲେଞ୍ଜ ଦେଉଛି। ମୋଦୀଙ୍କ ରାଲିରେ ସେ କହିଛନ୍ତି, "ନୀତିଶଙ୍କ ନେତୃତ୍ୱରେ ଏନ୍ଡିଏ ସମସ୍ତ ପୂର୍ବବର୍ତ୍ତୀ ରେକର୍ଡ ଭାଙ୍ଗିବ।" ଏହା କେବଳ ଆଶ୍ୱାସନା ନୁହେଁ, ବରଂ ସରକାରଙ୍କ ବିକାଶବାଦୀ ଏଜେଣ୍ଡାର ପ୍ରତିଫଳନ। ବିହାରରେ ଜଙ୍ଗଲ୍ ରାଜ୍ ଶେଷ ହୋଇଛି, ଆଉ ଏବେ ସେଠାରେ ସ୍ୱାମୀନାଥନ ଯୋଜନା, ପ୍ରଧାନମନ୍ତ୍ରୀ ଆୟୁଷ୍ମାନ ଯୋଜନା ଭଳି କେନ୍ଦ୍ରୀୟ ପ୍ରୋଗ୍ରାମ୍‌ଗୁଡ଼ିକ ଗରିବ-ଦଳିତଙ୍କ ଜୀବନ ପରିବର୍ତ୍ତନ କରୁଛନ୍ତି। ମୋଦୀଙ୍କ ଉପସ୍ଥିତି ଏହି ସଫଳତାକୁ ଜନସାଧାରଣଙ୍କୁ ସ୍ମରଣ କରାଇବ।

କିନ୍ତୁ ଏହା ଏକ ପକ୍ଷୀୟ ଚିତ୍ରଣ ନୁହେଁ। ମୋଦୀଙ୍କ ଭାଷଣରେ ବିରୋଧୀ ମହାଗଠବନ୍ଧନ୍‌କୁ "ଜାମିନ୍‌ରେ ବାହାରହୋଇଥିବା ନେତାମାନଙ୍କ ନେତୃତ୍ୱ" କହି ତୀଖା ପ୍ରହର ହୋଇଛନ୍ତି। ସେ କର୍ପୁରୀ ଠାକୁରଙ୍କ ନାମକୁ ନିଜ ପକ୍ଷରେ ଆଣିବାକୁ ଚେଷ୍ଟା କରୁଥିବା ବିରୋଧୀଙ୍କୁ ସତର୍କ କରିଛନ୍ତି। ଏହା ରାଜନୈତିକ ରଣକ୍ଷେତ୍ରରେ ଏକ ନୂତନ ଯୁଦ୍ଧଘୋଷଣା। ତେଜସ୍ୱୀଙ୍କ ଚାରିଟି ରାଲି ଆଜି ସାହସା, ଦରଭଙ୍ଗା, ମୁଜାଫ୍ଫରପୁର ଓ ସମସ୍ତିପୁରରେ ହେଉଛି, ଯାହା ଏନ୍ଡିଏର ପ୍ରତି ଏକ ସଠିକ୍ ଜବାବ। ବିରୋଧୀ ଯୁବକମାନଙ୍କ ଭବିଷ୍ୟତ୍ ନିଶ୍ଚିତ କରିବାରେ ନିର୍ଦ୍ଧଣ ବୋଲି ଦାବି କରୁଛନ୍ତି, କିନ୍ତୁ ମୋଦୀଙ୍କ ଆଗମନ ଏହାକ ଚ୍ୟାଲେଞ୍ଜ କରୁଛି।

ମୋଦୀଙ୍କ ଏହି ପ୍ରବେଶ ବିହାରର ବିକାଶ ପଥରେ ଏକ ନିର୍ମାଣାତ୍ମକ ପ୍ରଭାବ ପକାଇବ। ବେଗୁସରାଇରେ ତାଙ୍କ ଦ୍ୱିତୀୟ ରାଲି ଉଦ୍ୟୋଗ, ଶିଳ୍ପ ଓ କୃଷି କ୍ଷେତ୍ରରେ ନିବେଶକୁ ଆକର୍ଷଣ କରିବ। କର୍ପୁରୀ ଠାକୁରଙ୍କ ସ୍ମୃତିରେ ସ୍ଥାପିତ ସ୍କିଲ୍ ୟୁନିଭର୍ସିଟି ଯୋଗୁଁ ଯୁବଶକ୍ତିକୁ ନେତୃତ୍ୱ ଦେବାରେ ସରକାର ପ୍ରତିବଦ୍ଧ। ଏହା ଦଳିତ-ପଛୋଆଙ୍କର ସାମାଜିକ ନ୍ୟାୟର ପ୍ରତୀକ। କିନ୍ତୁ ଚୁନ୍ନଲୋକଙ୍କୁ ଏହାକୁ ବୁଝିବାରେ ସାବଧାନ ରହିବାକୁ ହେବ। ରାଜନୈତିକ ନେତାମାନେ ପ୍ରତୀକକୁ ନିଜ ପକ୍ଷରେ ଆଣିବାକୁ ଚେଷ୍ଟା କରୁଥାନ୍ତି, କିନ୍ତୁ ଜନସାଧାରଣଙ୍କ ପାଇଁ ପ୍ରକୃତ ପରିବର୍ତ୍ତନ କେବଳ ନୀତି ଓ କାର୍ଯ୍ୟକାରିତାରେ ରହିବ।

ଅନ୍ତରେ, ମୋଦୀଙ୍କ ବିହାର ପ୍ରବେଶ ଏକ ଶକ୍ତିଶାଳୀ ସଂଦେଶ। ଏହା ଏନ୍ଡିଏର ସଂଘବଦ୍ଧତାକୁ ଦୃଢ଼ କରୁଛି ଓ ବିରୋଧୀଙ୍କୁ ନୂତନ ଚିନ୍ତାରେ ଫୋପାଡୁଛି। ନଭେମ୍ବର ୧୪ରେ ଫଳାଫଳ ଆସିବା ପର୍ଯ୍ୟନ୍ତ ଏହି ରାଜନୈତିକ ନାଟକ ଆହୁରି ତୀବ୍ର ହେବ। ବିହାରର ଜନସାଧାରଣ ଏହାକୁ କେମିତି ଗ୍ରହଣ କରୁଛନ୍ତି, ସେହିଟି ନିର୍ଦ୍ଧାରଣ କରିବ ରାଜ୍ୟର ଭବିଷ୍ୟତ। ଏହା ଏକ ନୂତନ ଅଧ୍ୟାୟର ଆରମ୍ଭ, ଯେଉଁଥିରେ ବିକାଶ ଓ ସ୍ଥିରତା ପ୍ରମୁଖ ହେବ।

# ବାପା'ମାଙ୍କ ନିଦ ହଜାଉଛି ପିଲାଙ୍କ ପାଠପଢ଼ା



ଯୁଧିଷ୍ଠିର ମହାରଣା

ପିଲାଙ୍କ ପାଠପଢ଼ା ଚିନ୍ତାରେ ବାପା ମା'ଙ୍କ ଆଖିରୁ ନିଦ ହଜିଗଲାଣି। ପିଲାଙ୍କ ପାଠପଢ଼ାକୁ ନେଇ ଆରମ୍ଭ ହୋଇଛି ପ୍ରତିଯୋଗିତା। କାହା ପିଲା କେଉଁ ଦାମୀ ସ୍କୁଲରେ ପଢୁଛି ସେଇଥିରୁ ବାପା ମା'ଙ୍କ ମୂଲ୍ୟାୟନ କରାଯାଇପାରୁଛି। ଆଜିର ସମୟ ଟିକେ ଦେଖନ୍ତୁ। ତଥାକଥିତ କନଭେଣ୍ଟ ସ୍କୁଲ ଓ ବଡ଼ ସ୍କୁଲରେ ପଢୁଥିବା ପିଲମାନଙ୍କ ପାଠ୍ୟଖସଡ଼ା ଓ ପାଠପଢ଼ା ସରଞ୍ଜାମ ତଥା ତା'ର ବଜାର ମୂଲ୍ୟ ଆଖି ତରାଟ କରିଦେଲା ପରି। ନାମ ଲେଖାବେଳେ ଲକ୍ଷେ ଲକ୍ଷେ ଟଙ୍କା ଡୋନେସନ, ପରବର୍ତ୍ତୀ ସମୟରେ ଦାମୀ ବହି ଓ ଟ୍ୟୁସନ। ଏହାସହ ପିଲାଟି କେଉଁଠି କୋଚିଂ ନେବ? କେଉଁଠୁ ସମ୍ଭ୍ରାନ୍ତ ପୋଷାକପତ୍ର କିଣିବ ଏସବୁ ବାପ ମା'ଙ୍କ ପାଇଁ ଦାୟିତ୍ୱ ସହ ବଡ଼ ବୋଝ ମଧ ପାଲଟି ଗଲାଣି। ବଡ଼ ସ୍କୁଲରେ ନାମ ନ ଲେଖାଇଲେ ପିଲାମାନଙ୍କ ଭିତରେ ଏକ ପ୍ରକାର ଗରିବ ଓ ଅଭାବୀ ମାନସିକତା ମଧ ସେମାନଙ୍କ ପାଇଁ ଏକ ମନସ୍ତାତ୍ତ୍ୱିକ ଯନ୍ତ୍ରଣା କହିଲେ ଅତ୍ୟୁକ୍ତି ହେବନାହିଁ। ଯଦି ସରକାରୀ ସ୍କୁଲରେ ପିଲାଏ ପଢୁଛନ୍ତି ସେ ବାପା ମା' ସେତେଟା ସମ୍ଭ୍ରାନ୍ତ ଶ୍ରେଣୀର ନୁହଁନ୍ତି ବୋଲି ବାରି ହୋଇପଡୁଛି। ତେଣୁ କେହି ଚାହୁଁନାହାନ୍ତି ସେଇ ବର୍ଗର ରହିବାକୁ। ଏଇ କାରଣରୁ ହିଁ ସରକାରୀ ସ୍କୁଲରେ ପିଲାଙ୍କର ଅଭାବ ଦେଖାଦେଇଛି। ସବୁବେଳେ ଯେ ସରକାରୀ ସ୍କୁଲରେ ପାଠପଢ଼ାର ମାନ କମ ଏକଥା କହିବା ଉଚିତ ନୁହେଁ। ଏବେ ସମସ୍ତେ ପାରୁ ପର୍ଯ୍ୟନ୍ତ ପିଲାଙ୍କୁ ନାମୀ ଦାମୀ ସ୍କୁଲରେ ପଢ଼ାଇବାକୁ ଚାହୁଁଛନ୍ତି ନିଜର ଏକ ପ୍ରତିଷ୍ଠା ଏବଂ ସାମାଜିକ ପରିଚୟ ସୃଷ୍ଟି କରିବା ଚାହୁଁଛନ୍ତି। ଗତ ମାସରେ ଉତ୍ତର ପ୍ରଦେଶରେ ଏକ ନାମୀ ଓ ପ୍ରତିଷ୍ଠିତ ବିଦ୍ୟାଳୟରେ ନାମ ଲେଖାଇବା ପାଇଁ ବାପା ଓ ମାଆଙ୍କ ଭିତରେ କଥା କଟାକଟି ଓ ଏହି ପ୍ରସଙ୍ଗକୁ ନେଇ ଅଭାବନୀୟ ଭାବରେ ଏକ ଦୁର୍ଘଟଣା ସଂଗଠିତ ହୋଇ ମାଆଙ୍କର ଅକାଳରେ ଜୀବନ ଚାଲିଯାଇଥିଲା। କାରଣ ମାଆ ଏକ ପ୍ରକାର ଜିଦ କରିଥିଲେ ଏକ ବଡ଼ ବିଦ୍ୟାଳୟରେ ତାଙ୍କ ପିଲାର ନାମ ଲେଖାଇବା ପାଇଁ ଯାହାକୁ ଅଭାବୀ ବାପ ଜଣଙ୍କ ସମର୍ଥ ହୋଇନଥିଲେ। ଦେଖନ୍ତୁ ବିଦ୍ୟାଳୟରେ ନାମ ଲେଖା କଥାକୁ ନେଇ କିପରି ଏକ ଜୀବନ ଅକାଳରେ ଚାଲି ଗଲା। ବାପା ମା'ଙ୍କ ସ୍ୱପ୍ନ ପିଲାଙ୍କ ଉପରେ ଥୋପି ଦିଆଯାଉଛି। ବାପା ମା' ସେମାନଙ୍କ ସମୟରେ ଯାହା ସ୍ୱପନ୍ନ ଦେଖିଥିଲେ ସେ ସ୍ୱପ୍ନ ପିଲାଙ୍କ ଜରିଆରେ ସାକାର କରାଇବାକୁ ଚାହୁଁଛନ୍ତି ଆଜିର ବାପା ମା'। ଏଇ କାରଣରୁ ରାଜସ୍ଥାନର କୋଟାଠାରେ ବିଭିନ୍ନ ପ୍ରବେଶିକା ପରୀକ୍ଷା ପାଇଁ କୋଚିଂ ନେଉଥିବା ପିଲାମାନଙ୍କ ଭିତରେ ଆତ୍ମହତ୍ୟା ପ୍ରବଣତା ବଢ଼ିବାରେ ଲାଗିଛି। ପିଲାଙ୍କୁ ଉଚ୍ଚଶିକ୍ଷା ଦେଇ ସେମାନଙ୍କୁ ଏକ ସମ୍ଭ୍ରାନ୍ତ ବର୍ଗରେ ସାମିଲ କରିବା ପାଇଁ ବାପା ମା'ଖୁବ କଷ୍ଟ ମଧ କରୁଛନ୍ତି। ପିଲାଏ ସେମାନଙ୍କ ମନଲାଖି ଉପଯୁକ୍ତ ଚାକିରି ପାଇ ବାପା ମା'ଙ୍କୁ ଛାଡ଼ି ବିଦେଶକୁ ଚାଲିଯିବା ପରେ ବାପା ମା'ଙ୍କ ପାଖରେ ପସ୍ତେଇବା ଛଡ଼ା ଅନ୍ୟ କୌଣସି ଉପାୟ ରହୁନାହିଁ। ଖୁବ ଛଳନାର ହସ ସେମାନେ ହସୁଛନ୍ତି ପିଲାଙ୍କ ସଫଳତାକୁ ଦେଖି। ବାପା ମା' କେବେ ବି ଜାଣିବାକୁ ଚେଷ୍ଟା କରୁନାହାନ୍ତି ପିଲାଟି ତାଙ୍କର କ'ଣ ଚାହୁଁଛି, ତା'ର ଇଛା କ'ଣ? ସିଏ ଡାକ୍ତର, ଇଞ୍ଜିନିୟର ହେବାକୁ ଚାହୁଁଛି ନା ଆଉ କିଛି? ଅନେକ ସମୟରେ ଦେଖାଯାଇଥାଏ ବାପା ମାଆଙ୍କ ନିଜ ଜୀବନର ଇଛା ପିଲାଟି ଉପରେ ଏକ ପ୍ରକାର ଲଦି ଦିଆଯାଏ। ଯାହାଦ୍ୱାରା ପିଲାଟି ଇଛା କରୁଥିବା ପାଠ୍ୟକ୍ରମରେ ନିଜେ ସାମିଲ ହୋଇପାରି ନଥାଏ। ତା ଇଛା, ତା ସ୍ୱପ୍ନ, ତା ସାମର୍ଥ୍ୟ ସବୁକିଛି ଯେପରି ଏକ ପ୍ରକାର ସମାଧି ନେଇଯାଏ। ତେଣୁ ପ୍ରଶ୍ନ ଉଠୁଛି ବାପା ମାଆ ମାନେ ନିଜ ଇଛା ବା ସ୍ୱପ୍ନକୁ ପିଲାମାନଙ୍କ ଉପରେ ଲଦି ଦେବା ପାଇଁ କାହିଁକି ଚେଷ୍ଟା କରିଥାନ୍ତି? ଆଜିକାଲି ଅନେକ ପ୍ରକାର ପାଠ୍ୟକ୍ରମ ଆସିଗଲାଣି। ପରିବର୍ତ୍ତିତ ସମୟ ଏବଂ ଚାହିଦାକୁ ଚାହିଁ ନୂଆ ନୂଆ ପାଠ୍ୟକ୍ରମ ସୃଷ୍ଟି ହେଲାଣି। ଏମିତି ଅନେକ ପାଠ୍ୟକ୍ରମ ଏବେ ଉପଲବ୍ଧ ହେଉଛି ଯାହା ପୂର୍ବରୁ ନଥିଲା। ଡାକ୍ତର ହେବା ପାଇଁ ଏମବିବିଏସ ପଢ଼ିବାର ଆବଶ୍ୟତା ଥିବା ସମୟରେ ଡାକ୍ତରଖାନା ଚଳେଇବା ପାଇଁ ମେଡ଼ିକାଲ ମ୍ୟାନେଜମେଣ୍ଟ ପାଠ୍ୟକ୍ରମ ଏବେ ଉପଲବ୍ଧ। ତେଣୁ ପିଲାଟି କ'ଣ ଚାହୁଁଛି ଏବଂ କେଉଁଥିରେ ସିଏ ଖୁସି ହୋଇପାରିବ ଏବଂ କେଉଁ ପାଠକୁ ସିଏ ସହଜରେ ଆୟତ୍ତ କରିପାରିବ ସେ ନିଷ୍ପତ୍ତି ପିଲାଙ୍କ ଉପରେ ଛାଡ଼ିଦେବା ଉଚିତ ହେବ ବୋଲି ଶିକ୍ଷା ବିଶେଷଜ୍ଞମାନେ ମତ ଦେଉଛନ୍ତି। ବାପା ମା'ଙ୍କ ଇଛା ପିଲାମାନଙ୍କ ଉପରେ ଲଦିଦେବା ଫଳରେ ସେମାନେ ଅନେକ ସମୟରେ ଡିପ୍ରେସନ ଭିତରୁ ମଧ ଚାଲିଯାଉଛନ୍ତି। ଏଇ କାରଣରୁ ଯୁବ ବର୍ଗଙ୍କ ଭିତରେ ଆତ୍ମହତ୍ୟାର ପ୍ରବଣତା ବଢ଼ିବାରେ ଲାଗିଛି।

ଏତେ କଥା କହିବାର ଉଦ୍ଦେଶ୍ୟ ହେଲା ମହାରାଷ୍ଟ୍ର ଚନ୍ଦ୍ରପୁରର ଜଣେ ୧୯ ବର୍ଷୀୟ ଛାତ୍ର ନିଟ ପରୀକ୍ଷାରେ ୯୯.୯୯ ପ୍ରତିଶତ ନମ୍ବର ରଖିଥିବା ପରେ ମଧ ଆତ୍ମହତ୍ୟା କରିଥିବାର ଖବର ପ୍ରକାଶ ପାଇଛି। ଛାତ୍ରଜଣକ ଏକ ମେଡ଼ିକାଲ କଲେଜରେ ଏମବିବିଏସ ପାଇଁ ନାମ ଲେଖାଇବା ଦିନ ହିଁ ଆତ୍ମହତ୍ୟା କରିଛନ୍ତି। ପୋଲିସ ଘଟଣାସ୍ଥଳରୁ ଏକ ଆତ୍ମହତ୍ୟା ନୋଟ ପାଇଛି, ଯେଉଁଥିରେ ଉକ୍ତ ଛାତ୍ର ଡାକ୍ତର ହେବାକୁ ଚାହୁଁନଥିବା ପ୍ରକାଶ କରିଛନ୍ତି। ମୃତ ଛାତ୍ର ଜଣକ ନାଁ ଅନୁରାଗ ଅନୀଲ ବୋରକର ବୋଲି ଚିହ୍ନଟ କରାଯାଇଛି। ଅନୁରାଗ ନିଟ/ୟୁଜି-୨୦୨୫ ପରୀକ୍ଷାରେ ୯୯.୯୯ ପ୍ରତିଶତ ସ୍କୋର କରିଥିଲେ। ଅନୁରାଗ ଓବିସିରେ ୧୪୭୫ତମ ସ୍ଥାନ ହାସଲ କରିଥିଲେ ଏବଂ ବୁଧବାର ଦିନ ଏହି ପାଠ୍ୟକ୍ରମରେ ଯୋଗଦେବାକୁ ପ୍ରସ୍ତୁତ ହୋଇଥିଲେ। ଅନୁରାଗ ଉତ୍ତର ପ୍ରଦେଶର ଗୋରଖପୁରରେ ଥିବା ସରକାରୀ ମେଡ଼ିକାଲ କଲେଜରେ ନାମ ଲେଖାଇବାର ସୁଯୋଗ ପାଇଥିଲେ। କିନ୍ତୁ କଲେଜରେ ଯିବା ପୂର୍ବରୁ ଅନୁରାଗଙ୍କୁ ତାଙ୍କ ଘରେ ଝୁଲନ୍ତା ଅବସ୍ଥାରେ ଦେଖିବାକୁ ମିଳିଥିଲା ଏବଂ ସୁଇସାଇଡ ନୋଟରେ ସେ ଲେଖି ଯାଇଛନ୍ତି - ମୁଁ ଡାକ୍ତର ହେବାକୁ ଚାହେଁନାହିଁ। ଏ ଖବରରୁ ଏତିକି ଜାଣି ହେଉଛି, ପିଲାଟି ଉପରେ ନିଶ୍ଚିତ ଭାବରେ ଡାକ୍ତର ହେବା ପାଇଁ ବାପା ମା'ଙ୍କର ଚାପ ରହିଥିଲା। ତେଣୁ ବର୍ତ୍ତମାନ ସମୟ ପହଞ୍ଚିଛି ପିଲାଟିର ସାମର୍ଥ୍ୟ, ତା'ର ସ୍ୱପ୍ନ ଓ ତାର ସାମର୍ଥ୍ୟକୁ ଦେଖି ଶିକ୍ଷା କ୍ଷେତ୍ର ଚୟନ କରନ୍ତୁ। ଜୀବନରେ ଏକ ନିର୍ଦ୍ଦିଷ୍ଟ ଅଧ୍ୟୟନ ବା ବୃତ୍ତି ସବୁ କିଛି ଗୁରୁତ୍ୱପୂର୍ଣ୍ଣ ହୋଇନଥାଏ।

ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ
ମୋବାଇଲ୍: ୯୪୩୭୧୬୩୫୨୮

# ଭୟାବହ ପ୍ରଦୂଷଣରେ ଆମେ



ନାରାୟଣ ଚନ୍ଦ୍ର ବିଶ୍ୱାଳ

ଦୀପାବଳି ଅବସରରେ ଦିଲ୍ଲୀ ଏନସିଆରରେ ସୀମିତ ସମୟ ସୀମା ମଧରେ ସବୁଜ ବାଣ ଫୁଟାଇବା ପାଇଁ ମାନ୍ୟବର ସୁପ୍ରିମକୋର୍ଟ ଅନୁମତି ଦେଇଛନ୍ତି। ମାନ୍ୟବର ସୁପ୍ରିମକୋର୍ଟ ଏହା ସହ ପ୍ରଦୂଷଣ ନିୟନ୍ତ୍ରଣବୋର୍ଡ଼ ଏ ନେଇ ଯାଞ୍ଚ କରିବା ଉପରେ ନିର୍ଦ୍ଦେଶ ଦେବା ସହ ଅକ୍ଟୋବର ୧୪ରୁ ୨୫ ପର୍ଯ୍ୟନ୍ତ ବାୟୁଗୁଣବତ୍ତା ରିପୋର୍ଟ ଦାଖଲ କରିବାକୁ ସୁପ୍ରିମକୋର୍ଟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼କୁ ନିର୍ଦ୍ଦେଶ ଦେଇଛନ୍ତି। ଗତବର୍ଷ କେବଳ ଦୀପାବଳି ନୁହେଁ ବର୍ଷ ତମାମ ଅନ୍ୟ ସମୟରେ ବାଣ ଫୁଟା ଓ ବାଣର ବ୍ୟବହାର ଉପରେ ମାନ୍ୟବର ସୁପ୍ରିମକୋର୍ଟ କଟକଣାକୁ କଠୋର କରିଥିଲେ। ଖଣ୍ଡପୀଠ କହିଥିଲେ ୨୦୨୧ରେ ପ୍ରଦୂଷଣ ସୃଷ୍ଟି କରୁଥିବା ବାଣ ବିକ୍ରି ଓ ଫୁଟାଇବାକୁ ନିଷିଦ୍ଧ କରିବା ପାଇଁ ଯେଉଁ ନିର୍ଦ୍ଦେଶ ରହିଥିଲା ତାହା ଭାରତର ସବୁ ରାଜ୍ୟପାଇଁ ସମାନ ଆଇନ ଭାବେ ନିଷିଦ୍ଧ ରହିବ। ତେବେ ବର୍ତ୍ତମାନ ସମୟରେ କେବଳ ସବୁଜ ବାଣ ବିକ୍ରିକୁ ଅନୁମତି ମିଳିବ ବୋଲି ମାନ୍ୟବର ସୁପ୍ରିମକୋର୍ଟଙ୍କ ଏହି ରାୟ ପରେ ପରିବେଶବିତଙ୍କ ଭିତରେ ସ୍ୱଭାବିକ ଭାବେ ଆନନ୍ଦ ପ୍ରକାଶ ପାଇଛି। ରାଜଧାନୀ ଦିଲ୍ଲୀର ବାୟୁମଣ୍ଡଳରେ କିଛିଦିନ ତଳେ ସମ୍ପ୍ରତି ପ୍ରଦୂଷଣର ମାତ୍ରା ସାଙ୍ଘାତିକ ଚିନ୍ତାଜନକ ସ୍ଥିତିରେ ପହଞ୍ଚିବା ପରେ ଏହାର ପ୍ରତିକାର ପାଇଁ ବିଭିନ୍ନ ସ୍ତରରେ ଉଦ୍ୟମ ଆରମ୍ଭ ହୋଇଯାଇଥିଲା। ଏବେ ଶୀତକାଳୀନ କୁହୁଡ଼ି ସହ ପ୍ରଦୂଷଣ ଏକ ପ୍ରକାର ସାଙ୍ଘାତିକ ପରିବେଶ ସୃଷ୍ଟି କରିଛି। ଦିଲ୍ଲୀ, ପଞ୍ଜାବ, ହରିଆନା ତିନୋଟି ରାଜ୍ୟ ଏହି ପ୍ରଦୂଷଣର ସାଂଘାତିକ ଭାବେ ଶିକାର ହେଉଛନ୍ତି। ଦିଲ୍ଲୀ ଓ ଜାତୀୟ ରାଜଧାନୀ ଅଞ୍ଚଳରେ ପ୍ରଦୂଷଣର ସ୍ଥିତି ଉଦ୍‌ବେଗଜନକ ଭାବେ ରହିଥିବାରୁ ଜାତୀୟ ମାନବାଧିକାର କମିଶନ ନିଜଆଡୁ ଏ କ୍ଷେତ୍ରରେ ହସ୍ତକ୍ଷେପ କରିଛନ୍ତି। ଉପରୋକ୍ତ ରାଜ୍ୟ ସରକାରମାନେ ପ୍ରଦୂଷଣ ନିୟନ୍ତ୍ରଣ କ୍ଷେତ୍ରରେ ପର୍ଯ୍ୟାପ୍ତ ପଦକ୍ଷେପ ନେଇ ନଥିବାରୁ ଓ ଏହା ଲୋକଙ୍କ ଜୀବନ ଧାରଣାର ଅଧିକାରକୁ ଉଲ୍ଲଂଘନ କରୁଥିବାରୁ କମିଶନ ନିଜ ଆଡୁ ମାମଲାକୁ ବିଚାର ପାଇଁ ଗ୍ରହଣ କରିଛନ୍ତି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବ୍ୟବସ୍ଥା, ସଂସ୍ଥାମାନେ ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ତତ୍ପରତାର ସହ କାର୍ଯ୍ୟକରି ଲୋକଙ୍କୁ ବଡ଼ଧରଣର ସ୍ୱାସ୍ଥ୍ୟ ସଙ୍କଟରୁ ରକ୍ଷା କରିବା ଦିଗରେ ଗୁରୁତ୍ୱପୂର୍ଣ୍ଣ ଓ ତତ୍କାଳ ପଦକ୍ଷେପ ନିଅନ୍ତୁ। କେବଳ ଏହି ବର୍ଷ ନୁହେଁ ପ୍ରତିବର୍ଷ ଘନ କୁହୁଡି ଓ ବିଷାକ୍ତ ବାୟୁ ଲୋକମାନଙ୍କ ସ୍ୱାସ୍ଥ୍ୟ ପାଇଁ ବିପଦର କାରଣ ପାଲଟିଛି। ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲ ତତ୍କାଳ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତିକ୍ରମେ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସମ୍ବିଧାନର ଧାରା ୨୧ ଓ ୪୮ ଅନୁଯାୟୀ ନାଗରିକ ମାନଙ୍କୁ ସ୍ୱଚ୍ଛ ବାତାବରଣର ହକ ଦେବାର ଦାୟିତ୍ୱ ସମ୍ପର୍କରେ ଟ୍ରିବ୍ୟୁନାଲ ସରକାରଙ୍କୁ ସୂଚୀତ କରିଛନ୍ତି। ସରକାର ଲୋକଙ୍କ ଠାରୁ ବଞ୍ଚିବାର ଅଧିକାର ଛଡ଼ାଇ ନେଉଛନ୍ତି ବୋଲି କହିଛନ୍ତି। କେନ୍ଦ୍ରୀୟ ପଲ୍ୟୁସନ୍ କଣ୍ଟ୍ରୋଲ ବୋର୍ଡ଼ର ତଥ୍ୟ ଅନୁଯାୟୀ ବିପଜ୍ଜନକ ଭାବେ ବାୟୁର ମାନ ବଢୁଛି। ଯେଉଁ ପିଏମ୍‌ସ୍ତର କେବଳ ୧୦୦ ହେବା ଆବଶ୍ୟକ ହୋଇଥିବାବେଳେ ତାହା ଗତ ସପ୍ତାହରେ ୯୮୬ ଥିଲା। ସେହିପରି ପିଏମ୍ ୨.୫ର ସ୍ତର ୬୦ ବଦଳରେ ୪୨୦ ହୋଇଯାଉଛି ବୋଲି ଟ୍ରିବ୍ୟୁନାଲ ଦର୍ଶାଇଥିଲେ। ସେହିପରି ୧୦ ବର୍ଷରୁ ପୁରୁଣା ଡିଜେଲ ଗାଡ଼ି ଓ ୧୫ ବର୍ଷର ପୁରୁଣା ପେଟ୍ରୋଲ ଗାଡ଼ିକୁ ଦିଲ୍ଲୀରେ ପ୍ରବେଶର ସୁଯୋଗ ନ ଦେବାକୁ ଟ୍ରିବ୍ୟୁନାଲ କହିଛନ୍ତି। ଗତ ସପ୍ତାହରେ ପଞ୍ଜାବୀବାଗରେ ଏୟାର କ୍ୱାଲିଟି ଇଣ୍ଡେକ୍ସ ୭୯୯ ରେକର୍ଡ଼ କରାଯାଇଥିଲା। ଏ ନେଇ ବିଶେଷଜ୍ଞମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି।

ନିକଟରେ ପ୍ରକାଶ ପାଇଛି ସ୍ୱାସ୍ଥ୍ୟଭିତ୍ତିକ ପତ୍ରିକା ଲାନ୍‌ସେଟ କମିଶନ ଅଫ୍ ହେଲଥ ଆଣ୍ଡ ପଲ୍ୟୁସନ୍ ରିପୋର୍ଟ। ଏଥିରେ ପ୍ରକାଶିତ ତଥ୍ୟ ଅନୁଯାୟୀ ପ୍ରଦୂଷଣଜନିତ ଅପମୃତ୍ୟୁ କ୍ଷେତ୍ରରେ ଭାରତ ସମଗ୍ର ବିଶ୍ୱରେ ସର୍ବାଗ୍ରେ ରହିଛି। ୨୦୨୨ରେ ପ୍ରଦୂଷଣ କାରଣରୁ ସାରା ବିଶ୍ୱରେ ୧୦.୬ ମିଲିଅନ୍ ଲୋକ ମୃତ୍ୟୁବରଣ କରିଥିବା ବେଳେ ଭାରତର ଏହି ସଂଖ୍ୟାରେ ଅଂଶ ହେଉଛି ୪.୮୧ ମିଲିଅନ୍। ପୁଣି ସବୁ ପ୍ରକାରର ପ୍ରଦୂଷଣ ଭିତରେ ବାୟୁ ପ୍ରଦୂଷଣ ହେଉଛି ସବୁଠୁ ବେଶୀ ମାରାତ୍ମକ। ଏଥିରେ ସେହି ବର୍ଷ ସମଗ୍ର ବିଶ୍ୱର ମୃତ୍ୟୁ ସଂଖ୍ୟା ଥିଲା ୭.୫ ମିଲିଅନ୍ ଏବଂ ଏଥିରେ ଭାରତର ଅଂଶ ଥିଲା ପ୍ରାୟ ୩୨ ପ୍ରତିଶତ ଅର୍ଥାତ୍ ୨.୪ ମିଲିଅନ୍।

ବାଣ ପ୍ରସ୍ତୁତିରେ କେତେ ବିଷାକ୍ତ ଓ ଭୟାନକ ଜୈବ ପଦାର୍ଥ ତଥା କ୍ଷତିକାରକ ପ୍ରସ୍ତୁତି ପଦାର୍ଥ ରହିଛି ତାହା ଯେ କେହି ଜାଣିଲେ ଆଶ୍ଚର୍ଯ୍ୟ ଚକିତ ହେବ। ବାଣ ତିଆରିରେ କପର, କ୍ୟାଡମିୟମ, ଜିଙ୍କ, ଲିଡ, ମାଗ୍ନେସିୟମ, ସୋଡିୟମ ଆଦି ରାସାୟନିକ ବ୍ୟବହାର ହେଉଛି। ବାଣ ପୋଡାରୁ ବାହାରୁଛି ବିଷାକ୍ତ ଅଙ୍ଗାରକାମ୍ଳ ଯାହାକି କାର୍ବନ ଡାଇଅକ୍ସାଇଡ଼, ସଲଫର ଡାଇଅକ୍ସାଇଡ଼, ନାଇଟ୍ରୋଜେନ ଡାଇଅକ୍ସାଇଡ଼, କାର୍ବନ ମନୋକ୍ସାଇଡ଼, ହାଇଡ୍ରୋ କାର୍ବନ, ଚାରକୋଲ ବାଷ୍ପ। ଆକାଶରୁ ରଙ୍ଗୀନ କରିବା ପାଇଁ ବାଣରେ ବ୍ୟବହୃତ ରାସାୟନିକ ପଦାର୍ଥରୁ ନିର୍ଗତ ଗ୍ୟାସ କ୍ୟାନସର ଭଳି ଭୟଙ୍କର ରୋଗକୁ



ବଢ଼ାଇଥାଏ। ଏସବୁ ବାଷ୍ପ ଧୂଳିକଣା ସହ ମିଶି ବାୟୁମଣ୍ଡଳରେ ଏକ ଅସୁସ୍ଥକର ବାତାବରଣ ସୃଷ୍ଟି କରିଥାଏ। ଅଙ୍ଗାରକାମ୍ଳ ପରିମାଣ ବାୟୁମଣ୍ଡଳରେ ବଢ଼ିଲେ ମୁଣ୍ଡବ୍ୟଥା ସହ ଧଇଁସଇଁ, ମାନ୍ଦା ଲାଗିପାରେ। ବେଳେ ବେଳେ ଶରୀରରେ ଆକସ୍ମିକ ପୀଡ଼ା ଅନୁଭବ ହୁଏ। ଅଚାନକ ରକ୍ତଚାପ ବଢ଼ିଯାଏ। ରକ୍ତଚାପର ଏହି ଆକସ୍ମିକ ବଢ଼ିଯିବା ମାତ୍ରା ଜଣକୁ ଅସ୍ୱାଭାବିକ ଓ ଏକ ପ୍ରକାର ବିଚଳିତ କରିପକାଏ। କେତେକ କ୍ଷେତ୍ରରେ କୋମା, ଆସଫିକ୍ସିଆ, କନଭୁଲସନ ହାତ, ଗୋଡ଼, ଆଙ୍ଗୁଠି ଯେମିତି ନିର୍ଦ୍ଦିଷ୍ଟ ଅବସ୍ଥାରେ ଅଟକିଯାଏ ଆକ୍ରାନ୍ତ କରିପାରେ। କାର୍ବନ ମନୋକ୍ସାଇଡ ଗ୍ୟାସ ଉଭୟ ମଣିଷ, ପଶୁପକ୍ଷୀଙ୍କୁ ପ୍ରଭାବିତ କରେ। ଏହା ରକ୍ତରେ ଅମ୍ଳଜାନ ପ୍ରବାହର କ୍ଷମତାକୁ କମାଇଦିଏ। ଶରୀରର ବିଭିନ୍ନ କୋଷ, ହୃଦୟ, ମସ୍ତିଷ୍କ ସମେତ ବିଭିନ୍ନ ଅଙ୍ଗକୁ ଅମ୍ଳଜାନ ପ୍ରବାହ କମିଯାଏ। ଏଥିରେ ହୃଦ ରୋଗୀଙ୍କ ସ୍ଥିତି ସଙ୍କଟାପନ୍ନ ହୋଇପାରେ। ସଲଫର ଡାଇଅକ୍ସାଇଡ ଗ୍ୟାସ ପୁରା ଶ୍ୱାସକ୍ରିୟାକୁ ପ୍ରଭାବିତ କରିଥାଏ। ବିଶେଷକରି ଫୁସଫୁସକୁ ଆକ୍ରାନ୍ତ ହୁଏ। ଅଚାନକ କାଶ ବଢ଼ିପାରେ। ଛାତିରେ ଯନ୍ତ୍ରଣା ହୁଏ। ଆଜମା ଓ ଶ୍ୱାସଜନିତ ବିଭିନ୍ନ ରୋଗରେ ଆକ୍ରାନ୍ତଙ୍କ ସ୍ଥିତି ସଙ୍କଟାପନ୍ନ ହୋଇପାରେ। ବ୍ଲାକ ପାଉଡର ମଧ ବେଶ କ୍ଷତିକାରକ। କୌଣସି ଗୋଟିଏ ସ୍ଥାନରେ ବାୟୁ ସୁସ୍ଥକର ନୁହେଁ। ସବୁଠି ବାୟୁ ପ୍ରଦୂଷଣ ସ୍ତର ମଧ୍ୟମ ଧରଣର ଥିବା କୁହାଯାଉଛି। ହାର୍ଟ ଓ ଲଙ୍ଗସ ରୋଗୀ, ପିଲା ଓ ବୟସ୍କଙ୍କ ପାଇଁ ଏଭଳି ପରିବେଶ ଭଲ ନୁହେଁ। ଛାତି ରୋଗ ସହ, ଆଜମା, ଫୁସଫୁସ କ୍ୟାନସର ରୋଗକୁ ଏହା ବଢ଼ାଏ।

ପରିବେଶକୁ ବ୍ୟାପକ କ୍ଷତାକ୍ତ କରିଥାଏ ପ୍ରଦୂଷଣ କେବଳ ଯେ ପରିବେଶଜନିତ ପ୍ରସଙ୍ଗ ତାହା ନୁହେଁ। ଏହା ମନୁଷ୍ୟର ସ୍ୱାସ୍ଥ୍ୟ ଓ ସୁସ୍ଥ ଜୀବନଯାପନ ପ୍ରଣାଳୀ ଉପରେ ପ୍ରଭାବ ପକାଇଥାଏ। ଏହା ମଧରେ ଦେଶର ଅର୍ଥନୀତି ଏବଂ ସାମାଜିକ କ୍ଷେତ୍ର ମଧ ଅନ୍ତର୍ଭୁକ୍ତ। ପ୍ରଦୂଷଣ କାରଣରୁ ଭାରତ ଭଳି ନିମ୍ନ ମଧମ ଆୟକାରୀ ବର୍ଗର ରାଷ୍ଟ୍ରଗୁଡ଼ିକରେ ଉତ୍ପାଦନଗତ କ୍ଷତି ଦେଶର ଜିଡ଼ିପିର ୦.୩୨ ପ୍ରତିଶତରୁ ୦୪ ପ୍ରତିଶତ ପର୍ଯ୍ୟନ୍ତ ହୋଇଥାଏ। ମୋଟାମୋଟି ରିପୋର୍ଟରେ ପ୍ରାଣୀ ସମାଜ ଉପରେ ଅନିୟନ୍ତ୍ରିତ ପ୍ରଦୂଷଣର ଭୟାବହ ପରିଣତିକୁ ଦର୍ଶାଯାଇଛି। ତେଣୁ ଅର୍ଥନୀତିକ ଅଭିବୃଦ୍ଧି ନାଁରେ ମାନବ ସମାଜର ସ୍ୱାସ୍ଥ୍ୟ ଓ ମଙ୍ଗଳ ଉପରେ ଅତ୍ୟନ୍ତ ହାନିକାରକ ପ୍ରଭାବ ପକାଉଥିବା ପ୍ରଦୂଷଣକୁ ଅଣଦେଖା କରିବା ଉଚିତ ନୁହେଁ। ପ୍ରଦୂଷଣ ପ୍ରତିରୋଧ କରିବା କିପରି ବର୍ତ୍ତମାନ ସମୟରେ କେବଳ ଅତ୍ୟାବଶ୍ୟକ ନୁହେଁ, ଅପରିହାର୍ଯ୍ୟ ଏବଂ ଜାତୀୟ କାର୍ଯ୍ୟକ୍ରମରେ ଏହା କିପରି ପ୍ରାଥମିକତା ପାଇବା ଉଚିତ ତାର ସଙ୍କେତ ଅତ୍ୟନ୍ତ ସ୍ପଷ୍ଟ ଭାବରେ ଏହି ରିପୋର୍ଟରୁ ମିଳେ। ପ୍ରଦୂଷଣକୁ ରୋକିବା ପାଇଁ କେବଳ ଆଇନକାନୁନ ତିଆରି କରିବା ବା କେତେକ ଉପର ଠାଉରିଆ ପଦକ୍ଷେପ ନେବା କି ଆଭିମୁଖ୍ୟ ଆପଣାଇବା ଯଥେଷ୍ଟ ନୁହେଁ। ବରଂ ପ୍ରଦୂଷଣର ମୁକାବିଲାକୁ ଦେଶର ଯୋଜନା ପ୍ରକ୍ରିୟାରେ ସାମିଲ କରିବା ଉଚିତ। ଏହା ସହିତ ପ୍ରତ୍ୟେକ ସ୍ତରରେ ସରକାରମାନେ ଏଥିପାଇଁ ହାସଲ କରିହେବା ଭଳି ଲକ୍ଷ୍ୟ ଧାର୍ଯ୍ୟ କରି ସେଥିପାଇଁ ନିର୍ଦ୍ଦିଷ୍ଟ ସମୟ ସୀମା ଓ ଉତ୍ତରଦାୟିତ୍ୱ ନେବାର ଆବଶ୍ୟକତା ରହିଛି। ପ୍ରଦୂଷଣ ପ୍ରତିରୋଧ ନିମନ୍ତେ ରହିଥିବା ଆଇନକାନୁନଗୁଡ଼ିକର ଘରୋଇ ଉଦ୍ୟୋଗ କ୍ଷେତ୍ର ତଥା ସହରାଞ୍ଚଳଗୁଡ଼ିକରେ କଡ଼ାକଡ଼ି କାର୍ଯ୍ୟାନ୍ୱୟନ ଏ ଦିଗରେ ବିଶେଷ ସହାୟକ ହୋଇପାରିବ। ବିଶ୍ୱ ପାଇଁ ସମ୍ପ୍ରତି ଦୁଇଟି ପ୍ରମୁଖ ବିପଦ ଦେଖାଦେଇଛି। ତାହାହେଲା ସନ୍ତ୍ରାସବାଦ ଓ ବିଶ୍ୱତାପାୟନ ସହ ପରିବେଶ ପ୍ରଦୂଷଣ। ଆମକୁ ଯଦି ଆମର ଭବିଷ୍ୟତ ବଂଶଧରମାନଙ୍କ ପାଇଁ ଏକ ସୁରକ୍ଷିତ ଓ ଶୁଦ୍ଧ ବାତାବରଣବିଶିଷ୍ଟ ଭବିଷ୍ୟତ ସୃଷ୍ଟି କରିବାରେ ଅଛି ତାହେଲେ ଏହି ଉଭୟ ସମସ୍ୟାକୁ ପ୍ରାଥମିକତା ଦେଇ ଏହାକୁ ସମୂଳେ ବିଲୋପ କରିବାର ଆବଶ୍ୟକତା ରହିଛି। ସମାଜର ସବୁ ଲୋକ ଯଦି ଏକାଠି ହୋଇ କାର୍ଯ୍ୟ କରନ୍ତି ତାହାଲେ ପ୍ରଦୂଷଣର ମାତ୍ରା ହ୍ରାସ ହେବା ସହିତ ମାନବ ସମାଜର ମଙ୍ଗଳ ହୋଇପାରିବ ଏବଂ ଅର୍ଥନୀତିକ ଅଭିବୃଦ୍ଧି ହାସଲ ହେବା ଅସମ୍ଭବ ହେବନାହିଁ।

ସମ୍ପ୍ରତି ପୃଥିବୀ ଏକ 'ନୂଆ ବାସ୍ତବିକତା' ସହ ଯୁଝୁଛି। ଏହି ବାସ୍ତବିକତା ଅତ୍ୟନ୍ତ ଭୟଙ୍କର ରୂପ ନେଉଛି। ଜଳବାୟୁ ପରିବର୍ତ୍ତନ ଯୋଗୁଁ ବିନାଶଲୀଳାର ଅୟମାରମ୍ଭ ହୋଇସାରିଛି। ଏହି ବିନାଶଲୀଳା ଏହାର ଆଦ୍ୟ ବିନ୍ଦୁରେ ଉପନୀତ ହୋଇଛି। ଅତଳ ସମୁଦ୍ର ଗର୍ଭରେ ବାସ କରୁଥିବା ସୂକ୍ଷ୍ମ ଜୀବଗୁଡ଼ିକର ମୃତ୍ୟୁ ହେଉଛି। କାଳକ୍ରମେ ସେଗୁଡ଼ିକ ନିଶ୍ଚିନ୍ନ ହୋଇଯିବା ଆଶଙ୍କା ଉପୁଜିଛି। ବିଶ୍ୱବ୍ୟାପୀ ୧୬୦ ବୈଜ୍ଞାନିକଙ୍କ ଦ୍ୱାରା ପ୍ରସ୍ତୁତ ଏକ ଐତିହାସିକ ରିପୋର୍ଟରୁ ଏହି ଭୟାନକ ଚିତ୍ର ମିଳିଛି। ରିପୋର୍ଟ ଦର୍ଶାଇଛି ମାନବ ଦିନକୁ ଦିନ ଅଧିକ ଜୀବାଣୁ ଇନ୍ଧନ ଜାଳିବାରେ ଲାଗିଛି। ଏହାର ମାତ୍ରା ବଢ଼ିବାରୁ ତାପମାତ୍ରା ବୃଦ୍ଧି ପାଉଛି। ଏହାଯୋଗୁଁ ସାଙ୍ଘାତିକ ଗ୍ରୀଷ୍ମ ପ୍ରବାହ, ଅସ୍ୱାଭାବିକ ବନ୍ୟା, ମରୁଡ଼ି ଓ ବନାଗ୍ନି ଭଳି ଘଟଣା ଦେଖିବାକୁ ମିଳିଲାଣି। କ୍ରମେ ଏହା ସ୍ୱାଭାବିକ ଘଟଣା ହେବାରେ ଲାଗିଛି। ତେବେ ଦିଗବଳୟରେ ଏହାର ପ୍ରଭାବ ଆହୁରି ଅଧିକ ରହିଛି। ଏମିତି କି ଜଳବାୟୁ ପରିବର୍ତ୍ତନ ଯୋଗୁଁ ବିଶ୍ୱର ମହତ୍ତ୍ୱପୂର୍ଣ୍ଣ ପ୍ରଣାଳୀ ବି ବିପଦମୁଖୀ। ଆମାଜାନ ବର୍ଷାଜଙ୍ଗଲ ଠାରୁ ପୋଲାର ବରଫ ବାଦର ପର୍ଯ୍ୟନ୍ତ ସନ୍ତୁଳନ ବିଗିଡ଼ିବାରେ ଲାଗିଛି। ବିଶ୍ୱବ୍ୟାପୀ ଏହା ଭୟଙ୍କର ବିନାଶଲୀଳାର ସଙ୍କେତ ଦେଉଛି। ପ୍ରଦୂଷଣ କଥା ନେଇ ଆମ୍ଭେମାନେ ଯେ ଜାଣି ନାହୁଁ ତାହା ନୁହେଁ। ଦିଲ୍ଲୀର ଭୟାନକ ପ୍ରଦୂଷଣ ଅଳ୍ପ ବହୁତେ ଆମ୍ଭେମାନେ ସାମ୍ନା କରୁଛୁ ଏବଂ ଆଗକୁ ଜଳବାୟୁ ପରିବର୍ତ୍ତନର କାରଣ ମଧ ପରିବେଶକୁ ଆହୁରି ସଙ୍ଗୀନ କରିପାରେ। ଏ କ୍ଷେତ୍ରରେ ବ୍ୟାପକ ବୃକ୍ଷରୋପଣ ଓ ଗଛ କଟା ଉପରେ ଲଗାମ ରଖିବା ସହ ପରିବେଶକୁ ନେଇ ଆମ୍ଭମାନଙ୍କ ଭିତରେ ଗଭୀର ଓ ଆନ୍ତରିକ ସଚେତନତା ଜରୁରୀ।

ବାକଶ୍ରବଣ ବିଶେଷଜ୍ଞ, 'ଧ୍ୱନୀ' କାଠଗୋଲା ରୋଡ଼, ମଙ୍ଗଳାବାଗ, କଟକ,
ମୋବାଇଲ୍: ୯୪୩୮୨୬୭୬୬୦

# ଭାରତ-ତାଲିବାନ ସଂଯୋଗ: ପ୍ରାୟୋଗିକତା ଓ କୌଶଳର ନୂତନ ପରିସୀମା



ଡ଼ ସୁଶାନ୍ତ କୁମାର ପରିଡା

ଚଳିତ ଅକ୍ଟୋବର ମାସରେ ଆଫଗାନିସ୍ତାନର କାର୍ଯ୍ୟରତ ବିଦେଶ ମନ୍ତ୍ରୀ ଆମୀର ଖାନ ମୁତ୍ତାକୀଙ୍କ ଭାରତ ଯାତ୍ରା ଭାରତ ଓ ତାଲିବାନ ସମ୍ପର୍କର ଏକ ନୂତନ ସମ୍ଭାବନା ଖୋଲିଦେଇଛି। ଅମୀର ଖାନ ମୁତ୍ତାକିଙ୍କର ଏହି ଯାତ୍ରା ସମ୍ଭବ ହୋଇଛି ଜାତିସଂଘ ସୁରକ୍ଷା ପରିଷଦ ମୁତ୍ତାକିଙ୍କ ଉପରୁ ସାମୟିକ ଯାତ୍ରା ପ୍ରତିବନ୍ଧ ହଟାଇଥିବାରୁ। ଏହା ତାଲିବାନ ଶାସନ ସହ ଭାରତର ପ୍ରଥମ ସିଧାସଳଖ କୂଟନୀତିକ ଆଲୋଚନା। ଏହି ଭ୍ରମଣ ଅନ୍ତର୍ଜାତୀୟ ସ୍ତରରେ ବହୁ ଗୁରୁତ୍ୱବହନ କରୁଛି। ଏହି ଯାତ୍ରା ଏକ ରାଜନୈତିକ ସଂଯୋଗ ନୁହେଁ, ଏହା ଦକ୍ଷିଣ ଏସିଆର ଭୌଗୋଳିକ ରଣନୀତି ଓ ପ୍ରାୟୋଗିକ ବାସ୍ତବବାଦ ମଧରେ ଏକ ସନ୍ତୁଳନ ସୃଷ୍ଟି କରିବାର ଚେଷ୍ଟା। ତାଲିବାନ ସହ ଭାରତର ସଂଯୋଗ ଦୁଇଟି ଅନୁପାତିକ ପାର୍ଶ୍ୱରେ ଅଟେ— ରାଜନୈତିକ ପ୍ରାୟୋଗିକତା ଓ ରାଷ୍ଟ୍ରୀୟ କୌଶଳ।

୧୯୯୬ରେ ଆଫଗାନିସ୍ତାନରେ ପ୍ରଥମେ ତାଲିବାନ ଶାସନ ଆସିବା ସମୟରେ ଭାରତ ସେହି ଶାସନକୁ ସ୍ୱୀକାର କରିନଥିଲା। ତାଲିବାନର ଆତଙ୍କବାଦ ସହ ଯୋଗାଯୋଗ, ମହିଳା ଅଧିକାର ଦମନ ଏବଂ ପାକିସ୍ତାନୀ ISI ର ଆଧିପତ୍ୟ ଭାରତକୁ ତାଲିବାନ ଠାରୁ ଦୂରେଇ ରଖିବାକୁ ବାଧକରିଥିଲା। ଭାରତ ତାଲିବାନକୁ ପାକିସ୍ତାନଙ୍କର ପ୍ରତିନିଧି ଭାବରେ ଦେଖିଥିଲା। ୧୯୯୯ ମସିହାର କାନ୍ଦାହାର ବିମାନ ବନ୍ଧକ ଘଟଣା ଭାରତ—ତାଲିବାନ ସମ୍ପର୍କରେ ଅସ୍ଥିରତା ଓ ଅନିଶ୍ଚିତତାର ଶିଖରକୁ ନେଇଯାଇଥିଲା। ତାହା ପରେ ଦୀର୍ଘଦିନ ଧରି ନୂଆଦିଲ୍ଲୀ ତାଲିବାନ ସହ କୌଣସି ସଂପର୍କ ରଖିନଥିଲା। କିନ୍ତୁ ୨୦୨୧ରେ ତାଲିବାନ ଶାସନ ପୁନଃସ୍ଥାପିତ ହେବା ପରେ ଭାରତର ଆଭିମୁଖ୍ୟ ବଦଳିଗଲା। ଭାରତ ଏହି ସରକାରକୁ ସ୍ୱୀକାର କରିନଥିଲେ ମଧ, ପ୍ରାୟୋଗିକ ସଂଯୋଗ ଆରମ୍ଭ କରିଥିଲା।

ଭାରତ ତାଲିବାନ ସହ ଯେଉଁପରି ଅଭିଗମ ଗଢୁଛି, ସେଥିରେ ରାଜନୈତିକ ପ୍ରାୟୋଗିକତା ସ୍ପଷ୍ଟ। ନିଜ ଆର୍ଥିକ ଓ ସୁରକ୍ଷା ହିତକୁ ରକ୍ଷା କରିବା ପାଇଁ ଭାରତ ଏକ "ENGAGEMENT WITHOUT ENDORSEMENT" ନୀତି ଆପଣାଇଛି। ଏହା ଭାରତକୁ ଏକ ଅସ୍ତିତ୍ୱ ନିଶ୍ଚିତ କରୁଛି, ଯେଉଁଠାରେ ତାଲିବାନ ସହ ସଂଲଗ୍ନ ରହି ସୁରକ୍ଷା, ବ୍ୟବସାୟ ଓ ରାଜନୈତିକ ପ୍ରଭାବ ରକ୍ଷା କରାଯାଉଛି।

ଭାରତ ଅଫଗାନିସ୍ତାନରେ ୩ ବିଲିଅନ୍ ଡଲାର ରୁ ଅଧିକ ନିବେଶ କରିଛି। ବିଶେଷତଃ ଜଲାଲାବାଦ ରାସ୍ତା, ଜାରାଞ୍ଜ-ଦେଲାରାମ ହାଇୱେ, ସାଲମା ବନ୍ଧ ,ଆଫଗାନ ପାର୍ଲିଆମେଣ୍ଟ ଭବନ,ଓ କାବୁଲ—କାନ୍ଧାହାର ରାସ୍ତା ଭାରତୀୟ ସହଯୋଗର ପ୍ରତୀକ। ତାଲିବାନ ଶାସନ ପରେ ମଧ ଭାରତ ଅନେକ ମାନବୀୟ ସହାୟତା ଜାରି ରଖିଛି — ଖାଦ୍ୟ ଶସ୍ୟ, ଔଷଧ ଓ ଶିକ୍ଷା ପ୍ରକଳ୍ପ। ଏହା ଭାରତର "SOFT POWER DIPLOMACY" ର ଉଦାହରଣ।

ପାକିସ୍ତାନ ଦୀର୍ଘ ଅବଧି ଧରି ତାଲିବାନର ପୃଷ୍ଠପୋଷକ ଥିଲା। ଆଫଗାନିସ୍ତାନରେ ପାକିସ୍ତାନୀ ପ୍ରଭାବ ଅନେକ ଦିନ ଧରି ଅବସ୍ଥିତ।

ତାଲିବାନ ମଧ ISI ର ଅଧିନ ହୋଇ କାର୍ଯ୍ୟ କରୁଥିଲା। ISI ର ନିୟନ୍ତ୍ରଣ ଓ ସମର୍ଥନ ବିନା ତାଲିବାନ ଶାସନ ଦୃଢ଼ ହେବା ସମ୍ଭବ ନ ଥିଲା। କିନ୍ତୁ ଶେଷ ଦୁଇ ବର୍ଷ ଧରି ଏହି ସମ୍ପର୍କରେ ଗଭୀର ଭିନ୍ନମତ ସୃଷ୍ଟି ହୋଇଛି।TEHREEK-E-TALIBAN PAKISTAN (TTP) ର ଉତ୍ଥାନ ଓ ଏହାକୁ ତାଲିବାନ ଦ୍ୱାରା ଅପରୋକ୍ଷ ସମର୍ଥନ ପାକିସ୍ତାନୀ ସେନାକୁ ଆକ୍ରୋଶିତ କରିଛି। ଏହା ଫଳରେ ତାଲିବାନ—ଇସ୍ଲାମାବାଦ ସମ୍ପର୍କ ଏବେ ଅସ୍ଥିର ଓ ସନ୍ଦେହପୂର୍ଣ୍ଣ। ଭାରତ ଏହାକୁ ଏକ ରଣନୈତିକ ସୁଯୋଗ ଭାବରେ ବ୍ୟବହାର କରୁଛି। ନୂଆଦିଲ୍ଲୀ ଏବେ ତାଲିବାନ ସହ ସୀମିତ ସଂଲଗ୍ନତା ରଖି, ପାକିସ୍ତାନୀ ପ୍ରଭାବକୁ ହ୍ରାସ କରିବାକୁ ଚାହୁଁଛି।

ଭାରତ ପାଇଁ ଅଫଗାନିସ୍ତାନ ଏକ ଭୌଗୋଳିକ ସ୍ଥାନ, ଯାହା ମାଧମରେ ମଧ ଏସିଆ ସହ ସଂଯୋଗ ସମ୍ଭବ। ତାଲିବାନ ସହ ଯଦିଓ ସଂଯୋଗ ସୀମିତ, ତଥାପି ଭାରତ ଏହାକୁ ବ୍ୟବସାୟ, ଆତଙ୍କବାଦ ବିରୋଧୀ ସହଯୋଗ ଓ ମାନବୀୟ ସୁରକ୍ଷା ଦିଗରେ ବ୍ୟବହାର କରୁଛି। ପାକିସ୍ତାନ ମାଧମରେ ଭାରତର ଯାତାୟାତ ସମ୍ଭବ ନହେବାରୁ, ଇରାନର ଚାବାହାର ପୋର୍ଟ ଓ ତାଲିବାନ-ଶାସିତ ଆଫଗାନିସ୍ତାନ ମାଧମରେ ମଧ ଏସିଆର ବଜାର ପର୍ଯ୍ୟନ୍ତ ଯୋଗାଯୋଗ ଏକ ନୂତନ ବିକଳ୍ପ ହେଇପାରେ। ଚିନ୍—ପାକିସ୍ତାନ ଆର୍ଥିକ କରିଡୋର (CPEC)ର ପ୍ରତିସ୍ପର୍ଦ୍ଧୀ ଭାବରେ ଭାରତ—ଇରାନ—ଆଫଗାନିସ୍ତାନ ଅକ୍ଷ ଏକ ନୂତନ ଅଞ୍ଚଳୀୟ ସମୀକରଣ ସୃଷ୍ଟି କରିପାରେ। ଏହି ପ୍ରସଙ୍ଗରେ ତାଲିବାନ ସହ ଭାରତର ସୀମିତ ସଂଲଗ୍ନତା ଭାବୀ ଆର୍ଥିକ ଓ ରଣନୀତିକ ସଂଯୋଗକୁ ଶକ୍ତି ଦେଇପାରେ।

ତାଲିବାନ ସହ ସଂଯୋଗ ଭାରତକୁ ରଣନୀତିକ ଲାଭ ଦେଲେ ମଧ, ଏହାର ଅନେକ ସମସ୍ୟା ରହିଛି। ତାଲିବାନ ଶାସନର ମହିଳା ଅଧିକାର ଦମନ,ମହିଳା ଶିକ୍ଷା, କାର୍ଯ୍ୟ ଓ ସାଧାରଣ ଜୀବନରେ ନିଷେଧ, ଭାରତୀୟ ଗଣତାନ୍ତ୍ରିକ ମୂଲ୍ୟ ସହ ବିରୋଧାଭାସ ସୃଷ୍ଟି କରୁଛି। ତାଲିବାନର ମାନବୀୟ ଅଧିକାର ଉଲ୍ଲଂଘନ ଓ ଧର୍ମୀୟ କଠୋରତା ଆନ୍ତର୍ଜାତିକ ସମ୍ପ୍ରଦାୟକୁ ଆଶଙ୍କିତ କରୁଛି।ଏବଂ ତାଲିବାନ ମଧରେ ଆନ୍ତରିକ ଗଠନ ସଂକଟ ଭାରତକୁ ଚିନ୍ତା ରେ ପକାଇଛି, ବର୍ତ୍ତମାନ ଭାରତ ଏହି ସବୁକୁ ଧାନରେ ରଖି "CALIBRATED ENGAGEMENT" ରଣନୀତି ଆପଣାଇଛି।

ଭାରତ—ତାଲିବାନ ସଂଯୋଗ କେବଳ ଏକ ରାଜନୈତିକ ପଦକ୍ଷେପ ନୁହେଁ; ଏହା ଏକ ନୂତନ ଭୌଗୋଳିକ ବାସ୍ତବବାଦର ପ୍ରତୀକ। ଏଠାରେ ଭାରତ ନିଜ ହିତ, ମାନବୀୟ ସୁରକ୍ଷା ଓ ଅଞ୍ଚଳୀୟ ସ୍ଥିରତାର ମଧରେ ସନ୍ତୁଳନ ସୃଷ୍ଟି କରିଛି। "CALIBRATED ENGAGEMENT" ନୀତି ଭାରତକୁ ସୀମିତ ସଂଲଗ୍ନତା ଦ୍ୱାରା ଭୌଗୋଳିକ ପ୍ରଭାବ ରଖିବା, ସୁରକ୍ଷା ଶ୍ରେଷ୍ଠତା ରକ୍ଷା କରିବା, ଓ ରାଜନୈତିକ ପ୍ରାଗମାଟିଜମ୍ ଦେଖାଇବାରେ ସକ୍ଷମ କରିଛି। ଭାରତ ତାଲିବାନ ସହ ସମ୍ପର୍କରେ ଯେପରି ନୀତି ଆପଣାଇଛି, ତାହା ଏକ ନୂତନ ଶୈଳୀର ବାହ୍ୟ ନୀତି ଯେଉଁଠି ନା ଅଧିକ ନିକଟତା, ନା ସମ୍ପୂର୍ଣ୍ଣ ଦୂରତା ବରଂ ଏକ ସମନ୍ୱିତ ସମୀକରଣ ଯେଉଁଥିରେ ପ୍ରାୟୋଗିକତା ଓ କୌଶଳ ମିଶି ଯାଇଛି। ଏହି ସଂଯୋଗ କେବଳ ଏକ ଦେଶିୟ ସମ୍ପର୍କ ନୁହେଁ; ଏହା ଦକ୍ଷିଣ ଏସିଆର ସ୍ଥିରତା, ଆତଙ୍କବାଦ ବିରୋଧୀ ସମର୍ଥନ ଓ ମାନବିକ ଦୃଷ୍ଟିକୋଣର ଏକ ପରୀକ୍ଷା। ଆଗାମୀ ଦିନରେ ଭାରତର କୂଟନୀତି ଯଦି ଏହି ସନ୍ତୁଳନକୁ ରଖି ପାରେ, ତେବେ ଆଫଗାନ ମାଟିରେ ଏକ ଦୃଢ଼ ଓ ସ୍ଥାୟୀ ଭାରତୀୟ ପ୍ରତିଛବି ଗଢ଼ି ଉଠିବ।

ବିଭାଗୀୟ ମୁଖ୍ୟ, ରାଜନୀତି ବିଜ୍ଞାନ ବିଭାଗ
ଲୋକନାଥ ମହାବିଦ୍ୟାଳୟ, ପାଟକୁରା, କେନ୍ଦ୍ରାପଡ଼ା
ମୋବାଇଲ୍: ୯୪୩୭୨୧୦୪୫୮




# ବସ୍‌ରେ ନିଆଁ ଲାଗି ୨୦ ଜୀବନ୍ତ ଦଗ୍ଧ

ହାଇଦ୍ରାବାଦ,୨୪।୧୦ : ଆନ୍ଧ୍ରପ୍ରଦେଶ କୁର୍ଣ୍ଣୁଲ ଜିଲ୍ଲାରେ ହାଇଦ୍ରାବାଦ-ବେଙ୍ଗାଲୁରୁ ହାଇୱେରେ ବସରେ ନିଆଁଲାଗି ଯିବାରୁ ୨୦ ଜଣଙ୍କ ଜୀବନ ଚାଲିଯାଇଛି। ଆନ୍ଧ୍ରର କୁର୍ଣ୍ଣୁଲ ଜିଲ୍ଲା ଚିନ୍ନା ଟେକୁରୁ ଗାଁ ନିକଟରେ ଏହି ଅଘଟଣ ଘଟିଛି। ଏହି ଘଟଣାରେ ଦୁଃଖ ପ୍ରକାଶ କରିଛନ୍ତି ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ଏବଂ ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ। ବସରେ ପାଖାପାଖି ୪୦ ରୁ ଅଧିକ ଯାତ୍ରୀ ଥିଲେ। ଆଗକୁ ମୃତ୍ୟୁ ସଂଖ୍ୟା ବଢ଼ିବ ବୋଲି ଆଶା କରାଯାଉଛି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି ଯେ, ଆନ୍ଧ୍ରପ୍ରଦେଶର କୁର୍ଣ୍ଣୁଲରେ ଏକ ମର୍ମନ୍ତୁଦ ବସ୍ ଅଗ୍ନିକାଣ୍ଡ ଦୁର୍ଘଟଣାରେ ପ୍ରାଣହାନି ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ମୁଁ ଶୋକସନ୍ତପ୍ତ ପରିବାର ସଦସ୍ୟଙ୍କ ପ୍ରତି ମୋର ସମବେଦନା ଜଣାଉଛି ଏବଂ ଆହତମାନଙ୍କ ଶୀଘ୍ର ଆରୋଗ୍ୟ ପାଇଁ ପ୍ରାର୍ଥନା କରୁଛି।

**ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ଏବଂ ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀଙ୍କ ଦୁଖ ପ୍ରକାଶ**

ସେହିପରି ଉପରାଷ୍ଟ୍ରପତି ସିପି ରାଧାକ୍ରିଷ୍ଣନ ମଧ ସମବେଦନା ଜଣାଇଛନ୍ତି। ତେବେ ଘଟଣାକୁ ନେଇ ଦୁଃଖପ୍ରକାଶ କରିବା ସହ ଆର୍ଥିକ ସହାୟତା ଘୋଷଣା କରିଛନ୍ତି ପ୍ରଧାନମନ୍ତ୍ରୀ। ପ୍ରଧାନମନ୍ତ୍ରୀ ମୃତକଙ୍କ ପରିବାରକୁ ୨ ଲକ୍ଷ ଏବଂ ଆହତଙ୍କୁ ୫୦ ହଜାର ରାଶି ନେଇ ଘୋଷଣା କରିଛନ୍ତି। ଆନ୍ଧ୍ରପ୍ରଦେଶର କୁର୍ଣ୍ଣୁଲ ଜିଲ୍ଲାରେ ଏକ ଦୁର୍ଘଟଣାରେ ପ୍ରାଣହାନି ଯୋଗୁଁ ଅତ୍ୟନ୍ତ ମର୍ମାହତ। ଏହି କଷ୍ଟକର ସମୟରେ ସେମାନଙ୍କ ପରିବାର ପ୍ରତି ମୋର ସମବେଦନା। ଆହତମାନଙ୍କ ଶୀଘ୍ର ଆରୋଗ୍ୟ ପାଇଁ ପ୍ରାର୍ଥନା କରୁଛି। ହାଇଦ୍ରାବାଦରୁ ବେଙ୍ଗାଲୁରୁ ଯାଉଥିବା ଏକ କାବେରୀ ଟ୍ରାଭେଲ୍ସ ବସରେ ହଠାତ୍ ଲାଗିଥିଲା ନିଆଁ। ବାଇକ୍ ସହ ଧକ୍କା ହେବାରୁ ବସରେ ହଠାତ୍ ନିଆଁ ଲାଗିଯାଇଥିଲା। ବସଟି କିଛି ମିନିଟ୍ ମଧ୍ୟରେ ପାଉଁଶ ହୋଇଗଲା। ସମସ୍ତ ଆହତଙ୍କୁ ଚିକିତ୍ସା ପାଇଁ କର୍ଣ୍ଣୁଲ ସରକାରୀ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

## ଶୋଷରେ ମରିବ ପାକିସ୍ତାନ

# ଭାରତ ପରେ ପାଣି ବନ୍ଦକରିବ ଆଫଗାନିସ୍ତାନ

କାବୁଲ, ୨୪।୧୦ : ଭାରତ ପରେ ପାକିସ୍ତାନକୁ ନେଇ ଦୃଢ଼ ପଦକ୍ଷେପ ନେଇଛି ଆଫଗାନିସ୍ତାନ। ଆଫଗାନିସ୍ତାନରୁ ପାକିସ୍ତାନ ଆଡ଼କୁ ବୋହୁଥିବା ସମସ୍ତ ନଦୀର ପାଣିକୁ ବନ୍ଦ କରିପାରେ ଆଫଗାନିସ୍ତାନ। ଶେଷରେ ଶୋଷରେ ଆଉଟପାଉଟ ହେବ ପାକିସ୍ତାନ। ପାକିସ୍ତାନକୁ ବୁନ୍ଦେ ପାଣି ଦେବନି ଆଫଗାନିସ୍ତାନ।

ଆଫଗାନିସ୍ତାନ ଓ ପାକିସ୍ତାନ ମଧ୍ୟରେ କୌଣସି ଜଳ ଚୁକ୍ତି ନାହିଁ। ତେଣୁ କୁନାର ନଦୀ ଉପରେ ଆଫଗାନିସ୍ତାନ ବନ୍ଧ ତିଆରି କରିବାକୁ ଘୋଷଣା କରିଛି। କୁନାର ନଦୀ ଉପରେ ଡ୍ୟାମ ନିର୍ମାଣ କରିବ କାବୁଲ। ଯେତେ ଶୀଘ୍ର ସମ୍ଭବ ଡ୍ୟାମ ନିର୍ମାଣ ପାଇଁ ନିର୍ଦ୍ଦେଶ ଦେଇଛନ୍ତି ତାଲିବାନ ସୁପ୍ରିମ ଲିଡର। ପାକିସ୍ତାନ ସହ ଆଫଗାନିସ୍ତାନର ତିକ୍ତତା ଚରମ ସୀମାରେ ପହଞ୍ଚିଛି। ନିକଟରେ ଆଫଗାନିସ୍ତାନ ଓ ପାକିସ୍ତାନ ମଧ୍ୟରେ ଭୟଙ୍କର ଯୁଦ୍ଧ ହୋଇଥିଲା। ଏଥିରେ ଶତାଧିକ ନିହତ



ହୋଇଥିଲେ। ଏହା ପରେ ଚରମ ନିଷ୍ପତ୍ତି ନେଇଛି ଆଫଗାନିସ୍ତାନ। ଆଫଗାନବାସୀଙ୍କୁ ସେମାନଙ୍କର ଜଳସମ୍ପଦ ପରିଚାଳନା କରିବାର ଅଧିକାର ଅଛି ବୋଲି ଜଳ ଏବଂ ଶକ୍ତି ମନ୍ତ୍ରୀ ମୁଲ୍ଲା ଅବଦୁଲ ଲତିଫ ମନସୁର ଜୋର ଦେଇ କହିଛନ୍ତି।

୪୮୦ କିଲୋମିଟର ଦୈର୍ଘ୍ୟ ବିଶିଷ୍ଟ କୁନାର ନଦୀ ଉତ୍ତରପୂର୍ବ ଆଫଗାନିସ୍ତାନର ହିନ୍ଦୁ କୁଶ ପର୍ବତମାଳାରୁ ବାହାରିଛି। ଏହା ପାକିସ୍ତାନର ଖୈବର ପାଖତୁନଖ୍ୱା ପ୍ରଦେଶ ଦେଇ ପ୍ରବାହିତ ହୋଇଛି। ଖୈବର ପ୍ରଦେଶରେ ଏହା କାବୁଲ ନଦୀ ସହ ମିଶିଛି। ପାକିସ୍ତାନରେ ଏହି ନଦୀର ନାଁ ଚିତ୍ରାଲ ନଦୀ। ଏହି ନଦୀ ଉପରେ ଡ୍ୟାମ ନିର୍ମାଣ କରି ପାକିସ୍ତାନକୁ ପାଣି ବନ୍ଦ କରିବାକୁ ଯୋଜନା କରିଛି ଆଫଗାନିସ୍ତାନ। ପହଲଗାମ ଆକ୍ରମଣ ପରେ ପାକିସ୍ତାନ ସହ ସିନ୍ଧୁ ଜଳଚୁକ୍ତି ସ୍ଥଗିତ ରଖିଥିଲା ଭାରତ। ଏବେ ପୁଣି ପାକିସ୍ତାନକୁ ପାଣି ବନ୍ଦ କରିବ ଆଫଗାନିସ୍ତାନ।

## ମହିଳା ଡାକ୍ତରଙ୍କ ଆତ୍ମହତ୍ୟା

# ଦୁଇ ପୁଲିସ କର୍ମଚାରୀଙ୍କ ନାଁରେ ଦୁଷ୍କର୍ମ ଅଭିଯୋଗ

ମୁମ୍ବାଇ,୨୪।୧୦ : ମହାରାଷ୍ଟ୍ରର ସତାରାରୁ ଏକ ଦୁଃଖଦ ଘଟଣା ସାମ୍ନାକୁ ଆସିଛି। ଏଠାରେ ଜଣେ ମହିଳା ଡାକ୍ତର ଆତ୍ମହତ୍ୟା କରିଛନ୍ତି। କେବଳ ଏତିକି ନୁହେଁ, ଏହି ଡାକ୍ତର ତାଙ୍କ ହାତ ପାପୁଲିରେ ଲେଖିଛନ୍ତି ସୁଇସାଇଡ୍ ନୋଟ୍। ଏଥିରେ ଦର୍ଶାଇଛନ୍ତି ଯେ, ଦୁଇଜଣ ପୁଲିସ କର୍ମଚାରୀଙ୍କ ଦ୍ୱାରା ସେ ଦୁଷ୍କର୍ମ ଓ ନିର୍ଯାତନାର ଶିକାର ହୋଇଥିଲେ। ସେଥିପାଇଁ ସେ ଖୁବ୍ ଅବସାଦରେ ଜୀବନ ହାରି ଦେଇଥିଲେ। ସୂଚନା ଆଧାରରେ ସଟାରାର ଫାଲଟନ ଠାରେ ଏକ ହୋଟେଲ ରୁମ୍‌ରୁ ଡାକ୍ତରଙ୍କ ମୃତଦେହ ଫାଶୀରେ ଝୁଲୁ ଥିବାର ମିଳିଥିଲା। ଏହା ଉପରେ ପୁଲିସକୁ ଆଲର୍ଟ କରାଯାଇଥିଲା। ମହିଳା ଡାକ୍ତର



**ହାତ ପାପୁଲିରେ ସୁଇସାଇଡ୍ ନୋଟ୍**

ବିଡ ଜିଲ୍ଲାରେ ରହୁଥିଲେ ଏବଂ ସତାରାର ଫାଲଟନ ସ୍ଥିତ ସରକାରୀ ହସ୍ପିଟାଲରେ ଚାକିରି କରୁଥିଲେ। ସେ ସୁଇସାଇଡ୍ ନୋଟ୍‌ରେ ୪ଥର ଦୁଷ୍କର୍ମ କରାଯିବା କଥା ଲେଖିଛନ୍ତି। ମହିଳା ଡାକ୍ତର ଜଣଙ୍କ ଲେଖିଛନ୍ତି ଯେ, ସେ ଏହି ଉତ୍ପୀଡ଼ନର ଶିକାର ହୋଇ ଖୁବ୍ ମାନସିକ ଆଘାତ ପାଇଥିଲେ। ଏଥିପାଇଁ ସେ ଏଭଳି ଏକ ଭୟଙ୍କର ପଦକ୍ଷେପ ନେଇଥିଲେ। ହାତ ପାପୁଲିରେ ଲେଖା ହୋଇଥିବା ସୁଇସାଇଡ୍ ନୋଟ୍‌ରେ ମହିଳା ଡାକ୍ତର କହିଛନ୍ତି , ଦୁଇ ଜଣ ପୁଲିସ କର୍ମୀ ଗତ ୫ ମାସରୁ ଦୁଷ୍କର୍ମ କରୁଥିଲେ। ସେ ଲେଖିଛନ୍ତି ଯେ, ସବ-ଇନ୍ସପେକ୍ଟର ଗୋପାଳ ବାଡାନେ

# ବିହାରରେ ମୋଦିଙ୍କ ପ୍ରଚାର

ପାଟନା, ୨୪।୧୦ଃ ବିହାର ନିର୍ବାଚନକୁ ନେଇ ପ୍ରଚାର ମଇଦାନ ସରଗରମ ହୋଇଛି। ଆଜି ନିର୍ବାଚନ ପ୍ରଚାର ପାଇଁ ବିହାର ଗସ୍ତ କରିଛନ୍ତି ପ୍ରଧାନମନ୍ତ୍ରୀ ମୋଦୀ। ସେ ବିହାରର ଜନନାୟକ କର୍ପୁରି ଠାକୁରଙ୍କ ଗାଁରୁ ପ୍ରଚାର ଆରମ୍ଭ କରିଛନ୍ତି। ବିଧାନସଭା ନିର୍ବାଚନ ତାରିଖ ଘୋଷଣା ପରେ ଏହା ତାଙ୍କର ପ୍ରଥମ ସଭା। ଏହି ସଭାରେ ସେ ବିହାର ନିର୍ବାଚନ ପାଇଁ ଏଜେଣ୍ଡା ଘୋଷଣା କରିଛନ୍ତି। ପରିବାରବାଦ, ଜଙ୍ଗଲରାଜ ପ୍ରସଙ୍ଗ ଉଠାଇ ବିରୋଧୀ ମେଣ୍ଟକୁ ଘେରିଛନ୍ତି ପ୍ରଧାନମନ୍ତ୍ରୀ। ସେପଟେ ବିଜେପି ରାଷ୍ଟ୍ରୀୟ ଅଧକ୍ଷ ଜେପି ନଡ୍ଡା ଓ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ମଧ ପ୍ରଥମରୁ ନିର୍ବାଚନ ପ୍ରଚାର ଆରମ୍ଭ କରିଦେଇଛନ୍ତି। ଅମିତ୍ ଶାହ ନିର୍ବାଚନ ପରିଚାଳନା କରିବା ସହ ଅସନ୍ତୁଷ୍ଟ ପ୍ରାର୍ଥୀଙ୍କୁ ମନାଇବା କାମରେ ଲାଗିଥିବା ବେଳେ ବକ୍ସର ଓ ସିବାନରେ ନିର୍ବାଚନ ରାଲି କରିବେ।

ଅନ୍ୟପଟେ ପ୍ରଧାନମନ୍ତ୍ରୀ ସମସ୍ତିପୁର ଜିଲ୍ଲାର କପୁରି ଠାକୁରଙ୍କ ଗାଁରୁ ନିର୍ବାଚନ ପ୍ରଚାର କରିଛନ୍ତି। ବିହାରର ଅତି ପଛୁଆ ଜାତିର ଲୋକଙ୍କ ପାଇଁ ସଂଗ୍ରାମ କରିଥିବା କପୁରି ଠାକୁରଙ୍କ ଜନ୍ମସ୍ଥଳୀ ଯାଇ ସେଠାରେ ଶ୍ରଦ୍ଧାଞ୍ଜଳି ଦେଇଛନ୍ତି। ବିହାରର ପୂର୍ବତନ ମୁଖ୍ୟମନ୍ତ୍ରୀ କପୁରି ଠାକୁରଙ୍କୁ କେନ୍ଦ୍ର ସରକାର ଭାରତ ରତ୍ନ ସମ୍ମାନରେ ସମ୍ମାନିତ କରିସାରିଛନ୍ତି।

# ଜାତିସଂଘରେ ସବୁକିଛି ଠିକ୍ ଚାଲିନାହିଁ: ଜୟଶଙ୍କର




ନୂଆଦିଲ୍ଲୀ,୨୪।୧୦ : ଜାତିସଂଘ ପ୍ରତିଷ୍ଠାର ୮୦ତମ ବାର୍ଷିକୀ ପାଳନ କରାଯାଉଛି। ଏହି ଅବସରରେ ଭାରତର ରାଜଧାନୀ ଦିଲ୍ଲୀରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବୈଦେଶିକ ମନ୍ତ୍ରୀ ଏସ. ଜୟଶଙ୍କର ଏହି କାର୍ଯ୍ୟକ୍ରମରେ ନିଜର ଅଭିଭାଷଣ ପ୍ରଦାନ କରିଥିଲେ। ତାଙ୍କ ଅଭିଭାଷଣ ସମୟରେ ଜୟଶଙ୍କର ମିଳିତ ଜାତିସଂଘ ସୁରକ୍ଷା ପରିଷଦର ସଦସ୍ୟମାନଙ୍କୁ ଆତଙ୍କବାଦୀ ଗୋଷ୍ଠୀଗୁଡ଼ିକୁ ସୁରକ୍ଷା ଦେବାର ଅଭିଯୋଗ କରିଥିଲେ। ଭାରତୀୟ ବୈଦେଶିକ ମନ୍ତ୍ରୀ କହିଛନ୍ତି, ଆମକୁ ସ୍ୱୀକାର କରିବାକୁ ପଡିବ ଯେ, ଜାତିସଂଘରେ ସବୁକିଛି ଠିକ୍ ନାହିଁ। ଏହାର ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟା ପ୍ରକୃତରେ ଏହାର ସମସ୍ତ ସଦସ୍ୟ ରାଷ୍ଟ୍ରଙ୍କୁ ପ୍ରତିନିଧିତ୍ୱ କରେ ନାହିଁ କିମ୍ବା ଏହା ବିଶ୍ୱର ମୂଳ ଆବଶ୍ୟକତାକୁ ପୂରଣ କରେ ନାହିଁ। ଜାତିସଂଘରେ ବିତର୍କ ଏବେ ଗଭୀର ଭାବରେ ବିଭକ୍ତ ହୋଇଛି, ଏବଂ ଏହାର କାର୍ଯ୍ୟ ଦୃଶ୍ୟମାନ ଭାବରେ ଅଟକି ରହିଛି। ଆତଙ୍କବାଦ ପ୍ରତି ଏହାର ପ୍ରତିକ୍ରିୟା ଏହାର ବିଶ୍ୱସନୀୟତାର ଅଭାବକୁ ପ୍ରକାଶ କରେ। ତେବେ ସେ କହିଛନ୍ତି ଯେ, ଆମେ ଆଶା ଛାଡ଼ିବା ଉଚିତ ନୁହେଁ, ଆମକୁ ବହୁପକ୍ଷବାଦକୁ ସମର୍ଥନ କରିବା ଉଚିତ୍। ଜାତିସଂଘ ତ୍ରୁଟିପୂର୍ଣ୍ଣ ହେଲେ ବି ତାହାର ସମର୍ଥନ ଜାରି ରଖିବା ଉଚିତ୍।

# ବିଜ୍ଞାପନ ଗୁରୁ ପୀୟୂଷ ପାଣ୍ଡେଙ୍କ ପରଲୋକ



ନୂଆଦିଲ୍ଲୀ,୨୪।୧୦ଃ ଭାରତୀୟ ବିଜ୍ଞାପନ ଜଗତ ଏକ ବଡ଼ ଝଟକା ଲାଗିଛି। ବିଜ୍ଞାପନ ଗୁରୁ ଭାବରେ ଜଣାଶୁଣା ପୀୟୁଷ ପାଣ୍ଡେଙ୍କର ୭୦ ବର୍ଷ ବୟସରେ ମୁମ୍ବାଇରେ ପରଲୋକ ହୋଇଛି। ସେ 'ଅବକି ବାର ମୋଦି ସରକାର' ଏବଂ 'ଥଣ୍ଡା ମତଲବ କୋକା-କୋଲା' ସମେତ ଅନେକ ପ୍ରସିଦ୍ଧ ବିଜ୍ଞାପନ ଲେଖିଥିଲେ। ତାଙ୍କର ଜନ୍ମ ରାଜସ୍ଥାନର ଜୟପୁରରେ ହୋଇଥିଲା। ତାଙ୍କ ମୃତ୍ୟୁର କାରଣ ଏପର୍ଯ୍ୟନ୍ତ ପ୍ରକାଶ ପାଇନାହିଁ। ପୀୟୂଷ ୨୭ ବର୍ଷ ବୟସରେ ବିଜ୍ଞାପନ ଜଗତରେ ପ୍ରବେଶ କରିଥିଲେ। ସେ ତାଙ୍କ ଭାଇ ପ୍ରସୂନ ପାଣ୍ଡେଙ୍କ ସହିତ ତାଙ୍କର କ୍ୟାରିଅର ଆରମ୍ଭ କରିଥିଲେ। ଉଭୟ ରେଡିଓ ଜିଙ୍ଗଲ୍ସ ପାଇଁ କଣ୍ଠସ୍ୱର ପ୍ରଦାନ କରିଥିଲେ। ସେ ୧୯୮୨ ମସିହାରେ ବିଜ୍ଞାପନ କମ୍ପାନୀ ଓଗିଲଭି ସହିତ କାମ କରିବା ଆରମ୍ଭ କରିଥିଲେ। ପରବର୍ତ୍ତୀ ସମୟରେ ତାଙ୍କୁ ୧୯୯୪ ମସିହାରେ ଓଗିଲଭିର ବୋର୍ଡକୁ ମନୋନୀତ କରାଯାଇଥିଲା। ୨୦୧୬ ମସିହାରେ ଭାରତ ସରକାର ତାଙ୍କୁ ପଦ୍ମଶ୍ରୀ ପୁରସ୍କାରରେ ସମ୍ମାନିତ କରିଥିଲେ।

# ୟୁକ୍ରେନକୁ ୨୦୨୭ ଯାଏ ଆର୍ଥିକ ସହଯୋଗ କରିବ ୟୁରୋପୀୟ ସଂଘ

ନୂଆଦିଲ୍ଲୀ,୨୪।୧୦ଃ ୟୁକ୍ରେନକୁ ଆଗାମୀ ଦୁଇବର୍ଷ ଯାଏ ଆର୍ଥିକ ସହାୟତା ପ୍ରଦାନ ପାଇଁ ୟୁରୋପୀୟ ୟୁନିଅନ ପରିଷଦ ନିଷ୍ପତ୍ତି ନେଇଛି। ୟୁରୋପୀୟ ସଂଘର ଏହି ନିଷ୍ପତ୍ତି ଉପରେ ୟୁକ୍ରେନୀୟ ରାଷ୍ଟ୍ରପତି ଭୋଲୋଡିମିର ଜେଲେନସ୍କି ଖୁସି ବ୍ୟକ୍ତ କରିଛନ୍ତି। ସୋସିଆଲ୍ ମିଡିଆ ପୋଷ୍ଟରେ ସେ ଏହି ସୂଚନା ଦେଇଛନ୍ତି। ତେବେ ୟୁକ୍ରେନକୁ ସାହାଯ୍ୟ ପାଇଁ ରୁଷର ଜବତ ସମ୍ପତ୍ତିକୁ ବ୍ୟବହାର କରିବାକୁ ସଂଘ ଏବେବି ମଞ୍ଜୁରି ଦେଇନାହିଁ। ବୈଠକରେ ବେଲଜିୟମ ଏହି ପ୍ରସ୍ତାବକୁ ମଞ୍ଜୁରି ଦେଇନାହିଁ । ୟୁରୋପୀୟ ସଂଘ ପରିଷଦର ଅଧକ୍ଷ ଆଣ୍ଟୋନିଓ କୋଷ୍ଟା କହିଛନ୍ତି ଯେ, ଇୟୁ ଗୁରୁବାର ଆଗାମୀ ଦୁଇ ବର୍ଷ ପାଇଁ ୟୁକ୍ରେନକୁ ଆର୍ଥିକ ସହଯୋଗ କରିବା ଉପରେ ସହମତ ହୋଇଛି। ବ୍ରୁସେଲ୍ସରେ ୟୁରୋପୀୟ ୟୁନିଅନ ପରିଷଦର ବୈଠକ ହୋଇଥିଲା, ଯେଉଁଥିରେ ଅତିଥିଭାବେ ୟୁକ୍ରେନ ରାଷ୍ଟ୍ରପତି ଜେଲେନସ୍କି ମଧ ସାମିଲ ହୋଇଥିଲେ। ଜବତ ରୁଷ ସମ୍ପତ୍ତିକୁ ବ୍ୟବହାର କରି ୟୁକ୍ରେନକୁ ୧୪୦ ବିଲିୟନ ୟୁରୋ ଋଣ ଦେବା ପାଇଁ ଦାବି କରିଥିଲେ। କିନ୍ତୁ ବେଲଜିୟମର ବିରୋଧ ଯୋଗୁ ଏହାକୁ ମଞ୍ଜୁରି ମିଳିପାରି ନଥିଲା। ବେଲଜିୟମ ମଞ୍ଜୁରି ଦେବା ପାଇଁ ତିନି ସର୍ତ୍ତ ରଖିଥିଲା, ଯାହାକୁ ସ୍ୱୀକାର କରାଯିବା ପରେ ବେଲଜିୟମ ମଧ ମଞ୍ଜୁରି ଦେଇପାରେ। ଉଲ୍ଲେଖଯୋଗ୍ୟ ଯେ, ରୁଷର ଜବତ ସମ୍ପତ୍ତି ବେଲଜିୟମରେ ରହିଛି। ବେଲଜିୟମ ପ୍ରଧାନମନ୍ତ୍ରୀ ଦାବି କରିଛନ୍ତି ଯେ, ଯଦି ରୁଷ ଆଇନଗତ ପଦକ୍ଷେପ ନିଏ, ତେବେ ସେହି ଆଇନଗତ ଲଢେଇର ସମସ୍ତ ଖର୍ଚ୍ଚ ୟୁରୋପୀୟ ସଂଘର ଅନ୍ୟ ଦେଶ ବହନ କରିବେ। ଏହାସହ ଯଦି କେବେ ଟଙ୍କା ଫେରସ୍ତ କରିବାକୁ ପଡ଼େ ତେବେ ଅନ୍ୟ ଦେଶ ବି ଆର୍ଥିକ ସହଯୋଗ କରିବେ। ବେଲଜିୟମ ପ୍ରଧାନମନ୍ତ୍ରୀ ଏହା ମଧ ଦାବି କରିଛନ୍ତି ଯେ, ଅନ୍ୟ ଦେଶରେ ଜବତ କରାଯାଇଥିବା ରୁଷ ସମ୍ପତ୍ତି ବି ଏହି ଯୋଜନାର ଅଂଶ ହେବା ଦରକାର।

## ଉଛୁଳିଲା ସରକାରୀ ରାଜକୋଷ

# ଦୀପାବଳିରେ ରେକର୍ଡ ମଦ ପିଇଲେ ଦିଲ୍ଲୀବାସୀ

ନୂଆଦିଲ୍ଲୀ ୨୪।୧୦ଃ ଦିଲ୍ଲୀ ସରକାର ନିକଟରେ ଏକ ଡାଟା ଜାରି କରିଛନ୍ତି। ଏଥିରେ ଦୀପାବଳି ପାର୍ବଣରେ ଦିଲ୍ଲୀର ଲୋକେ ଏତେ ମଦ ପିଇଛନ୍ତି ଯେ, ସେଥିରୁ କେବଳ ଟ୍ୟାକ୍ସ ଆକାରରେ ସରକାରଙ୍କ ରାଜକୋଷ ଉଛୁଳିଛି। ସରକାରଙ୍କ ତଥ୍ୟ ଅନୁସାରେ ଗତବର୍ଷ ଦୀପାବଳି ବେଳେ ହୋଇଥିବା ମଦ କାରବାରରୁ ଯେତିକି ଟଙ୍କା ଶୁଳ୍କ ଅସୁଲ ହୋଇଥିଲା ଏଥର ଦୀପାବଳିରେ ତାଠାରୁ ୧୫% ଅଧିକ ହୋଇଛି। ସରକାରଙ୍କ ଅନୁସାରେ ଦୀପାବଳି ସମୟରେ ରିଟେଲ ବିକ୍ରିରୁ ଦିଲ୍ଲୀ ସରକାରଙ୍କୁ ପାଖାପାଖି ୬୦୦ କୋଟି ଟଙ୍କା ଅବକାରୀ ରାଜସ୍ୱ ମିଳିଛି।

ଦିଲ୍ଲୀ ସରକାରଙ୍କ ଜନୈକ ବରିଷ୍ଠ ଅଧିକାରୀ କହିଛନ୍ତି ଯେ, ଦୀପାବଳି ପୂର୍ବ ୧୫ ଦିନରେ ସରକାରୀ ମଦ ଦୋକାନମାନଙ୍କରେ ୫୯୪ କୋଟି ଟଙ୍କାର ବିକ୍ରି ରେକର୍ଡ ହୋଇଥିଲା। ୨୦୨୪ର ଏହି ଅବଧିରେ ବିକ୍ରି ପରିମାଣ ୫୧୬ କୋଟି ଟଙ୍କା ଥିଲା। ଅଧିକାରୀ କହିଛନ୍ତି ଯେ, ଚଳିତବର୍ଷ ଦୀପାବଳି ପୂର୍ବ ୧୫ ଦିନରେ ମୋଟ ମଦ ବିକ୍ରିରେ ୧୫% ବୃଦ୍ଧି ରେକର୍ଡ କରାଯାଇଛି। ଅଧିକାରୀଙ୍କ ତଥ୍ୟ ଅନୁସାରେ ୨୦୨୫-୨୬ ପ୍ରଥମ ଷାଣ୍ମାସିକରେ ଉତ୍ପାଦ ଶୁଳ୍କ ଓ ମୂଲ୍ୟ ଯୁକ୍ତ କର ମିଶି ମୋଟ ରେଭିନ୍ୟୁ ୪,୧୯୨.୮୬ କୋଟି ଟଙ୍କା ଆଦାୟ ହୋଇଛି। ପୂର୍ବ ବର୍ଷ ସମାନ ଅବଧିରେ ଏହି ଶୁଳ୍କ ପରିମାଣ ୩,୭୩୧.୭୯ କୋଟି ଟଙ୍କା ଥିଲା।

ଏଥିରେ ଦୀପାବଳିରେ ବଢ଼ିଥିବା ବିକ୍ରିରୁ ଅବକାରୀ ବିଭାଗ ଜାରି ଆର୍ଥିକ ବର୍ଷରେ ୬,୦୦୦ କୋଟି ଟଙ୍କାର ଧାର୍ଯ୍ୟ ରାଜସ୍ୱ ଲକ୍ଷ ଅସୁଲ ହୋଇଯିବ ବୋଲି ଆଶା ବ୍ୟକ୍ତ କରିଛି। କାରଣ ନୂଆ ବର୍ଷ ବେଳେ ହେବାକୁ ଥିବା ବିକ୍ରିରୁ ମଧ ସମର୍ଥନ ମିଳିବ ବୋଲି ଆଶା କରାଯାଉଛି। ୨୦୫-୨୬ ବଜେଟରେ ଉତ୍ପାଦ ଶୁଳ୍କ ଲକ୍ଷ୍ୟ ୭,୦୦୦ କୋଟି ଟଙ୍କା ଧାର୍ଯ୍ୟ କରାଯାଇଥିଲା। ତେବେ ପରେ ଏହାକୁ ସଂଶୋଧନ କରି ୬,୦୦୦ କୋଟି କରାଯାଇଛି।

ଅଧିକାରୀମାନେ କହିଛନ୍ତି ଯେ ବର୍ଷର ଶେଷ ଦୁଇ ମାସରେ ମଦବିକ୍ରି ଆହୁରି ବୃଦ୍ଧି ହୋଇପାରେ। ନଭେମ୍ବର ଓ ଡିସେମ୍ବର ଦେଶରେ ବିବାହ ଋତୁ ଏଣୁ ମଦ ବିକ୍ରି ବଢ଼ିବ ବୋଲି ଅଧିକାରୀମାନେ ଆକଳନ କରିଛନ୍ତି। ଏଥି ପାଇଁ ଉତ୍ସବରେ ପରଷିବା ବାଇଁ ପାଇକାରୀ ଦରରେ ମଦ କିଣିବା ପାଇଁ ଟେମ୍ପରାରି ଲାଇସେନ୍ସ ନେବାକୁ ମଧ ଲୋକଙ୍କୁ ଅବକାରୀ ବିଭାଗ ଉତ୍ସାହିତ କରୁଛି। ଅନ୍ୟପଟେ ଗତ ୧ ମାସ ହେଲା ମଦ ତିଆରି କରୁଥିବା କମ୍ପାନୀଙ୍କ ସେୟାର ମୂଲ୍ୟରେ ବେଶ୍ ବୃଦ୍ଧି ଦେଖା ଯାଇଛି। ଦେଶର ବଡ଼ ମଦ ତିଆରି କମ୍ପାନୀଙ୍କ ମଧ୍ୟରେ ରେଡିକୋ ଖୈତାନ ସେୟାରରେ ପାଖାପାଖି ୧୦% ଅଭିବୃଦ୍ଧି ଦେଖାଯାଇଛି। ସେହିପରି ତିଲକନଗର ଇଣ୍ଡଷ୍ଟ୍ରିଜ ସେୟାରରେ ମାସକରେ ୪% ବୃଦ୍ଧି ଦେଖାଯାଇଛି।

## ରୁଷିଆକୁ ଟ୍ରମ୍ପଙ୍କ ଚେତାବନୀ

# ୬ ମାସ ପରେ ବୁଦ୍ଧି ଶିଖିବେ ପୁଟିନ

ୱାଶିଂଟନ, ୨୪।୧୦ଃ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସିଧାସଳଖ ପୁଟିନଙ୍କୁ ଟାର୍ଗେଟ୍ କରିଛନ୍ତି। ଟ୍ରମ୍ପ୍ ସରକାର ଋଷର ଦୁଇଟି ବଡ଼ ତୈଳ କମ୍ପାନି ଉପରେ ପ୍ରତିବନ୍ଧକ ଲଗାଇଛି। ଆମେରିକାର ଏଭଳି ପଦକ୍ଷେପକୁ ନେଇ ପୁଟିନ ବି ପ୍ରତିକ୍ରିୟା ରଖିଛନ୍ତି। ପୁଟିନଙ୍କ ପ୍ରତିକ୍ରିୟା ପରେ ଏବେ ଟ୍ରମ୍ପ୍ ସିଧାସଳଖ ଋଷକୁ ଧମକ ଦେଇଛନ୍ତି। ଟ୍ରମ୍ପ କହିଛନ୍ତି ୬ ମାସ ପରେ ଋଷ ଜାଣୁ ପୁଟିନଙ୍କ ଦ୍ୱାରା ନିଆଯାଇଥିବା ପଦକ୍ଷେପ କିଭଳି ନିଜ ଦେଶ ଉପରେ ପ୍ରଭାବ ପକାଉଛି। ଏହା ଟ୍ରମ୍ପ ଦ୍ୱାରା ଋଷକୁ ଦିଆଯାଇଥିବା ସିଧାସଳଖ ଧମକ। ଋଷର ବଡ଼ ବଡ଼ ତୈଳ କମ୍ପାନି ଉପରେ ଆମେରିକା



ପ୍ରତିବନ୍ଧକ ଲଗାଇବା ପରେ ଏହା ଭାରତର ତୈଳ ଆମଦାନୀ ଉପରେ ପ୍ରଭାବ ପକାଇପାରେ। ଟ୍ରମ୍ପ କହିଛନ୍ତି ଏହି ପ୍ରତିବନ୍ଧକ ବାସ୍ତବର ପ୍ରଭାବ ଆସନ୍ତା ୬ ମାସ ମଧ୍ୟରେ ଦେଖିବାକୁ ମିଳିବ। ପୁଟିନଙ୍କ ପ୍ରତିକ୍ରିୟା ପରେ ୨୩ ତାରିଖରେ ହ୍ୱାଇଟ ହାଉସରୁ ଟ୍ରମ୍ପ କହିଛନ୍ତି କି, ଯଦି ଟ୍ରମ୍ପ ଭାବୁଛନ୍ତି ଏହି ପ୍ରତିବନ୍ଧକ ପରେ ଋଷ ଅର୍ଥ ବ୍ୟବସ୍ଥା ଉପରେ ପ୍ରଭାବ ପଡ଼ିବ ନାହିଁ, ତ ଠିକ୍ ଅଛି। କ'ଣ ପ୍ରଭାବ ପଡିବ ତାହା ୬ ମାସ ପରେ ମୁଁ ଜଣାଇଦେବି। ଋଷର ଦୁଇଟି ତୈଳ କମ୍ପାନି ଉପରେ ଆମେରିକା ପ୍ରତିବନ୍ଧକ ଲଗାଇବା ପଛରେ ୟୁକ୍ରେନ ଯୁଦ୍ଧ ନେଇ ଋଷ ଉପରେ ଚାପ ପକାଇବା ଉଦ୍ଦେଶ୍ୟ ବୋଲି କୁହାଯାଉଛି। ପ୍ରତିବନ୍ଧକ ପରେ ଅନ୍ତର୍ରାଷ୍ଟ୍ରୀୟ ବଜାରରେ ଅଶୋଧିତ ତୈଳର ମୂଲ୍ୟ ୫ ପ୍ରତିଶତ ବୃଦ୍ଧି ପାଇଛି ।

ଟ୍ରମ୍ପଙ୍କ ଦ୍ୱିତୀୟ କାର୍ଯ୍ୟକାଳରେ ଏହା ପ୍ରଥମ ଯେତେବେଳେ ୱାଶିଂଟନରୁ ୟୁକ୍ରେନ ଯୁଦ୍ଧକୁ ନେଇ ଋଷ ଉପରେ ସିଧା ଆର୍ଥିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଏହାପୂର୍ବରୁ ଟ୍ରମ୍ପ କୂଟନୈତିକ ଆଲୋଚନା ମାଧମରେ ଋଷ ଓ ୟୁକ୍ରେନ ଯୁଦ୍ଧ ବନ୍ଦ କରିବାକୁ ଚେଷ୍ଟା କରିଥିଲେ। ଟ୍ରମ୍ପ ବି ଅନେକ ଥର ଭାରତକୁ ଋଷ ଠାରୁ ତୈଳ ନକିଣିବାକୁ ଧମକ ଦେଇଛି। ଏହାସହ କିଛିଦିନ ଭିତରେ ଭାରତ ଋଷଠାରୁ ଆଉ ତୈଳ କିଣିବ ନାହିଁ ବୋଲି କହିଛନ୍ତି। ଏନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କୁ ପ୍ରତିଶ୍ରୁତି ଦେଇଥିବା କଥା ଦାବି କରିଛନ୍ତି।

# ଭାରତ ଓ ଚୀନ ମଧ୍ୟରେ ୭୦୦୦ କୋଟିର ଚୁକ୍ତି

**ନୂଆଦିଲ୍ଲୀ,୨୪।୧୦:** ଭାରତର ନବୀକରଣୀୟ ଶକ୍ତି କ୍ଷେତ୍ରକୁ ଏକ ନୂଆ ପ୍ରେରଣା ଦେଇପାରିବ ବୋଲି ଏକ ପ୍ରମୁଖ ଚୁକ୍ତି ଭାରତ-ଚୀନ ମଧ୍ୟରେ ସ୍ୱାକ୍ଷରିତ ହୋଇଛି। ଆଇନକ୍ସଜିଏଫ୍ଏଲ୍ ଗ୍ରୁପର ଏକ କମ୍ପାନୀ ଆଇନକ୍ସ ସୋଲାର, ଏକ ଅଗ୍ରଣୀ ଚୀନ ସୌର ଶକ୍ତି କମ୍ପାନୀ ଲଙ୍ଗି ଗ୍ରୀନ ଏନର୍ଜି ଟେକ୍ନୋଲୋଜି ସହିତ ପ୍ରାୟ ୭,୦୦୦ କୋଟି ମୂଲ୍ୟର ଏକ ଚୁକ୍ତି ସ୍ୱାକ୍ଷର କରିଛି। ଏହି ଚୁକ୍ତି ଅନୁଯାୟୀ, ଆଇନକ୍ସ ସୋଲାର ଆଗାମୀ ତିନି ବର୍ଷ ମଧ୍ୟରେ ଲୋଙ୍ଗିକୁ ୫ ଗିଗାୱାଟ ସୌର ମଡ୍ୟୁଲ ଯୋଗାଇବ। ଏହି ଚୁକ୍ତି କେବଳ ଭାରତର ସୌର ଶିଳ୍ପ ପାଇଁ ଏକ ପ୍ରମୁଖ ମାଇଲଖୁଣ୍ଟ ନୁହେଁ ବରଂ ଏହା ମଧ୍ୟ ସୂଚିତ କରେ ଯେ ବିଶ୍ୱ ଭାରତର ବର୍ଦ୍ଧିତ ଉତ୍ପାଦନ କ୍ଷମତା ଉପରେ ବିଶ୍ୱାସ କରିବା ଆରମ୍ଭ କରିଛି, ଯେଉଁଥିରେ ଚୀନ ଭଳି ଦେଶ ମଧ୍ୟ ସାମିଲ ଅଛନ୍ତି।



ଇକୋନୋମିକ ଟାଇମ୍ସ ଅନୁଯାୟୀ, ଚୀନ ଲୋଙ୍ଗି ଗ୍ରୀନ ଏନର୍ଜି ଆଇନକ୍ସ ସୋଲାରରୁ ଭାରତୀୟ ବଜାର ପାଇଁ ମଡ୍ୟୁଲ କ୍ରୟ କରିବ। ଏହି ଚୁକ୍ତି ଅନୁଯାୟୀ, ଲଙ୍ଗି ଆଇନକ୍ସକୁ ବିଶ୍ୱ ଗୁଣବତ୍ତା ମାନଦଣ୍ଡରେ ଏହାର ଉନ୍ନତ ବୈଷୟିକ ବିଶେଷଜ୍ଞତା ଏବଂ ଅଭିଜ୍ଞତା ପ୍ରଦାନ କରିବ। ଉଦ୍ଦେଶ୍ୟ ହେଉଛି ଆଇନକ୍ସର ଉତ୍ପାଦଗୁଡ଼ିକ ଅନ୍ତର୍ଜାତୀୟ ଗୁଣବତ୍ତା ମାନଦଣ୍ଡ ପୂରଣ କରିବା ନିଶ୍ଚିତ କରିବା। ଏହି ଚୁକ୍ତି ଏପରି ଏକ ସମୟରେ ଆସିଛି ଯେତେବେଳେ ଭାରତ ଆମଦାନୀ ଉପରେ ନିର୍ଭରଶୀଳତା ହ୍ରାସ କରିବା ପାଇଁ ଘରୋଇ ସୌର ମଡ୍ୟୁଲ ଉତ୍ପାଦନକୁ ଦ୍ରୁତ ଗତିରେ ବିସ୍ତାର କରୁଛି। ଆଇନକ୍ସ ସୋଲାର ସମ୍ପ୍ରତି ଅହମ୍ମଦାବାଦ ନିକଟସ୍ଥ ବାଭଲାରେ ଏହାର ନୂଆ ସୌର ମଡ୍ୟୁଲ ଉତ୍ପାଦନ ପ୍ଲାଣ୍ଟ ଆରମ୍ଭ କରିଛି। ପ୍ରଥମ ପର୍ଯ୍ୟାୟରେ ଏହାର କ୍ଷମତା ୧.୨ ଗିଗାୱାଟ ହେବ, ଯାହାକୁ ପରବର୍ତ୍ତୀ ପର୍ଯ୍ୟାୟରେ ୩ ଗିଗାୱାଟ କୁ ବିସ୍ତାର କରାଯିବ। କମ୍ପାନୀ ଏତିକିରେ ସ୍ଥଗିତ ହେଉନାହିଁ; ଏହା ଓଡ଼ିଶାର ଢେଙ୍କାନାଳରେ ଆଉ ଏକ ବଡ଼ ସୌର ସେଲ ଏବଂ ମଡ୍ୟୁଲ ପ୍ଲାଣ୍ଟ ନିର୍ମାଣ କରୁଛି, ଯାହାର ମୋଟ କ୍ଷମତା ୪.୮ ଗିଗାୱାଟ। ଏହି ସୁବିଧା ଭାରତରେ ସୌର ଉତ୍ପାଦନକୁ ଗୁରୁତ୍ୱପୂର୍ଣ୍ଣ ଭାବରେ ପରିବର୍ତ୍ତନ କରିପାରିବ। ଆଇନକ୍ସ ସୋଲାରର ମୂଳ କମ୍ପାନୀ, ଆଇନକ୍ସ କ୍ଲିନ ଏନର୍ଜି, ମଧ୍ୟ ସାର୍ବଜନୀନ ହେବାକୁ ପ୍ରସ୍ତୁତ ହେଉଛି। ଏହି ଆର୍ଥିକ ବର୍ଷର ଚତୁର୍ଥ ତ୍ରୟମାସରେ କମ୍ପାନୀର ଆଇପିଓ ଆଶା କରାଯାଉଛି।

## ପାକିସ୍ତାନ, ଚୀନ ଓ ତୁର୍କୀର ନିଦ ହଜିବ

# ଶକ୍ତି ବଢ଼ାଉଛି ଭାରତୀୟ ବାୟୁସେନା

ନୂଆଦିଲ୍ଲୀ,୨୪।୧୦ : ମେ ମାସରେ ଅପରେସନ ସିନ୍ଦୂର ବେଳେ ଭାରତୀୟ ସେନା ବାହିନୀର ଚାରି ଦିନର ସାମରିକ କାର୍ଯ୍ୟାନୁଷ୍ଠାନ କେବଳ ପାକିସ୍ତାନ-ତୁର୍କୀ ଓ ଚୀନ ସଂପର୍କର ପର୍ଦ୍ଦାଫାଶ ପୂରା ଦୁନିଆ ସାମ୍ନାରେ କରି ନଥିଲା, ବରଂ ଚାଇନା ଫାଇଟର ଜେଟ୍ ଜେ-୧୦ସିଇ ଓ ତୁର୍କୀ ଦ୍ୱାରା ପଠାଯାଇ ଥିବା ଡ୍ରୋନକୁ ବିଫଳ କରାଇ ପାକିସ୍ତାନର ଉଦ୍ଦେଶ୍ୟକୁ ଭଣ୍ଡୁର କରିଦେଇଥିଲା। ଏଥିରେ ପୂରା ଦୁନିଆ ସାମ୍ନାରେ ପାକ୍‌ର ସେହି ସହଯୋଗୀମାନେ ଖୁବ୍ ଅପମାନିତ ହୋଇଥିଲେ। ଏବେ ଭାରତୀୟ ନୌସେନାର ପଦକ୍ଷେପରେ ଏହି ତିନି ଜଣ ପୁଣି ଚିନ୍ତାରେ। ଏହାର କାରଣ ଭୂମଧ ସାଗରରୁ ନେଇ ଭାରତ-ପ୍ରଶାନ୍ତ ମହାସାଗର ଯାଏ ଭାରତୀୟ ନୌସେନାର ଶକ୍ତି ବୃଦ୍ଧି। ଉଲ୍ଲେଖନୀୟ ଯେ, ଭାରତୀୟ ନୌସେନା ନିକଟବର୍ତ୍ତୀ ଦିନରେ ଭାରତ ମହାସାଗର ଓ ଭାରତ-ପ୍ରଶାନ୍ତ ମହାସାଗରରେ ଦକ୍ଷିଣ କୋରିଆ , ଅଷ୍ଟ୍ରେଲିଆ, ଫିଲିପାଇନ୍ସ ସହ ମିଳିତ ଯୁଦ୍ଧ ଅଭ୍ୟାସ, ମୁକ୍ତ ମାର୍ଗ ଅଭ୍ୟାସ ଓ ଅନ୍ୟ ସେନା ସହଯୋଗ ମାଧମରେ ବୃଦ୍ଧି କରିଛି, ଯେଉଁଥିରେ ପୂର୍ବ ପଡୋଶୀ ଦେଶ ଚୀନରେ ଆତଙ୍କ ଖେଳିଯାଇଛି।



ଚୀନ ଏହି ସବୁ ଅଭ୍ୟାସରେ ଅସନ୍ତୁଷ୍ଟ ଅଛି। ସେ ଏହି ଭାରତ-ପ୍ରଶାନ୍ତ ମହାସାଗରରେ ଭାରତର ଦଖଲକୁ ଦର୍ଶାଇଛି। ଚାଇନା ବିଶ୍ଳେଷକଙ୍କ ଅନୁସାରେ, ଭାରତ, ଦକ୍ଷିଣ କୋରିଆ ଓ ଅଷ୍ଟ୍ରେଲିଆ ମଧ୍ୟରେ ପ୍ରତିରକ୍ଷା ସହଯୋଗ ବୃଦ୍ଧିକୁ ବେଜିଂ ଭାରତ-ପ୍ରଶାନ୍ତ ମହାସାଗର କ୍ଷେତ୍ରରେ ଚୀନକୁ ନିୟନ୍ତ୍ରିତ କରିବାର ଏକ ରଣନୀତିକ ପ୍ରୟାସ ଭାବେ ଦେଖୁଛି। ବିଶ୍ଳେଷକଙ୍କ କହିବାନୁସାରେ ଘନିଷ୍ଠ ପ୍ରତିରକ୍ଷା ସମ୍ବନ୍ଧ ପ୍ରସ୍ତୁତ କରି ଏହି ଦେଶ ଏହି କ୍ଷେତ୍ରରୁ ଆମେରିକାର ରଣନୀତିକ ପ୍ରତ୍ୟାହାର କାରଣରୁ ସୃଷ୍ଟି ହୋଇଥିବା ଶୂନ୍ୟସ୍ଥାନକୁ ଭରିବା ପାଇଁ ଚେଷ୍ଟା କରୁଛି। ଏହି ଚାଇନା ବିଶ୍ଳେଷକ ଚୀନର ଆଭ୍ୟନ୍ତରୀଣ କ୍ଷେତ୍ରରେ ଭାରତୀୟ ନୌସୈନିକ ଜାହାଜ ସହ୍ୟାଦ୍ରିର ଉପସ୍ଥିତିରେ ପ୍ରତିକ୍ରିୟା ଦେଉଥିଲେ। ପ୍ରତିରକ୍ଷା ମନ୍ତ୍ରଣାଳୟର ଏକ ବିବୃତ୍ତିରେ କୁହାଯାଇଛି ଯେ, ସହ୍ୟାଦ୍ରି ୧୩ ଅକ୍ଟୋବରରେ ହିଁ ଦକ୍ଷିଣ କୋରିଆର ବୁସାନ ନୌସୈନିକ ବନ୍ଦରରେ ପହଞ୍ଚି ସାରିଛି। ବିବୃତ୍ତିରେ ଏହା ମଧ କୁହାଯାଇଛି, ଦକ୍ଷିଣ ଚୀନ ସାଗର ଓ ଭାରତ-ପ୍ରଶାନ୍ତ କ୍ଷେତ୍ରରେ ଚାଲିଥିବା ପରିଚାଳନା ମୁତୟନ ଅନୁସାରେ , ଭାରତୀୟ ନୌସେନାର ଜାହାଜ ସହ୍ୟାଦ୍ରି ୧୩ ଅକ୍ଟୋବର ୨୦୨୫ରେ ଦକ୍ଷିଣ କୋରିଆର ବୁସାନ ନୌସୈନିକ ବନ୍ଦରରେ ଭାରତୀୟ ନୌସେନା ଓ ଦକ୍ଷିଣ କୋରିଆ ଗଣରାଜ୍ୟ ନୌସେନା ମଧ୍ୟରେ ପ୍ରଥମେ ଦ୍ୱିପାକ୍ଷୀୟ ଅଭ୍ୟାସରେ ଅଂଶ ଗ୍ରହଣ କରିବାକୁ ପହଞ୍ଚି ଯାଇଛି। ଏହି ଯାତ୍ରା ବେଳେ, ସହ୍ୟାଦ୍ରି ଜାହାଜ ଚାଳକ ଦେଶ ଦ୍ୱିପାକ୍ଷୀୟ ଅଭ୍ୟାସରେ ଅଂଶଗ୍ରହଣ କରିବେ।



## ଷଡଯନ୍ତ୍ର ଫେଲ୍, ୨ ଆତଙ୍କୀଙ୍କୁ ମାଡ଼ି ବସିଲା ପୁଲିସ୍

ନୂଆଦିଲ୍ଲୀ,୨୪।୧୦: ବଡ଼ଧରଣର ବିସ୍ଫୋରଣ ଯୋଜନା ପଣ୍ଡ । ରାଜଧାନୀ ଦିଲ୍ଲୀରେ ବଡ଼ ଆକ୍ରମଣ ଯୋଜନା କରିଥିଲେ ଆତଙ୍କୀ । ମାତ୍ର ସଫଳ ହେବା ପୂର୍ବରୁ ଧରାପଡ଼ିଗଲେ। ଆଇଇଡି ବିସ୍ଫୋରଣ ପାଇଁ ଯୋଜନା କରୁଥିବା ଆଇଏସଆଇଏସ ଆତଙ୍କୀ ମଡ୍ୟୁଲ୍‌ର ପର୍ଦ୍ଦାଫାସ୍ କରିଛି ପୁଲିସ୍ । ୨ ଆତଙ୍କୀଙ୍କୁ ଗିରଫ କରିଛି ଦିଲ୍ଲୀ ପୁଲିସ୍ । ଗୁଇନ୍ଦା ଏବଂ ଦିଲ୍ଲୀ ପୁଲିସ୍‌ର ସ୍ୱତନ୍ତ୍ର ସେଲ୍‌ର ମିଳିତ ଉଦ୍ୟମରେ ଏହି ସଫଳତା ମିଳିଛି । କୌଣସି ଅଘଟଣ ଘଟିବା ପୂର୍ବରୁ ବିପଦ ଟଳି ଯାଇଛି । ଗିରଫ ଦୁଇ ଆତଙ୍କୀଙ୍କଠୁ ଅସ୍ତ୍ରଶସ୍ତ୍ର ଏବଂ ଗୁଳି ଜବତ ହୋଇଛି । ଆଇଏସଆଇଏସ୍ ଲିଙ୍କ୍ ନେଇ ତଦାରଖ ଜାରି ରହିଛି । ସୁରକ୍ଷା ଅଧିକାରୀଙ୍କ ସୂଚନା ଅନୁସାରେ, ୨ ଆତଙ୍କବାଦୀଙ୍କ ଆଇଇଡି ବ୍ଲାଷ୍ଟ କରିବାର ଯୋଜନା ଶେଷ ପର୍ଯ୍ୟାୟରେ ଥିଲା । ସେମାନେ ହ୍ୟାଣ୍ଡ ଟ୍ରେନିଂ ନେଇ ସାରିଥିଲେ । ଦୁଇ ଜଣଙ୍କ ମଧ୍ୟରୁ ଜଣଙ୍କୁ ଦିଲ୍ଲୀ ଓ ଅନ୍ୟଙ୍କୁ ମଧ୍ୟପ୍ରଦେଶରୁ କାବୁ କରାଯାଇଛି। ଦିଲ୍ଲୀ ପୁଲିସ୍‌ର ସ୍ପେଶାଲ ସେଲ୍ ଦୁଇ ଆତଙ୍କୀଙ୍କୁ ଗିରଫ କରିଛି । ଦୁଇ ଜଣ ଆଇଏସଆଇଏସ ଆତଙ୍କୀ ସଂଗଠନ ସହ ସାମିଲ ଥିଲେ। ଜଣଙ୍କ ନାମ ଅଦନାନ। ଜନଗହଳିପୂର୍ଣ୍ଣ ସ୍ଥାନରେ ଆଇଇଡି ବିସ୍ଫୋରଣ କରିବାକୁ ଷଡ଼ଯନ୍ତ୍ର କରିଥିଲେ। ଆଇଏସଆଇଏସ୍ ପଠାଉଥିବା ଏହି ମଡ୍ୟୁଲ ପାକିସ୍ତାନ ଆଇଏସଆଇଏସ୍ ସହାୟତାରେ ଚାଲୁଥିବା ଜଣାପଡ଼ିଛି । ଗିରଫ ଦୁଇ ଆତଙ୍କୀଙ୍କୁ ପଚରାଉଚରା ଚାଲିଛି । ସୁରକ୍ଷା ଓ ଗୁଇନ୍ଦା ଏଜେନ୍ସି ପୂରା ନେଟ୍‌ୱର୍କର ପର୍ଦ୍ଦାଫାସ୍ କରିବାରେ ଲାଗିଛନ୍ତି । ଏମାନଙ୍କୁ କିଏ ଏହି କାମରେ ଲଗାଇଥିଲା ତା'ର ଖୋଳତାଡ ଜାରି ରହିଛି । ମଡ୍ୟୁଲରେ ଆଉ କିଏ କିଏ ସାମିଲ ଅଛନ୍ତି କେଉଁଠୁ ଫଣ୍ଡିଂ ହେଉଥିଲା କଣ ଷଡ଼ଯନ୍ତ୍ର ହେଉଥିଲା ତାର ତଦନ୍ତ ଚାଲିଛି ।

## ନାବାଳିକା ଦୁଷ୍କର୍ମ ମାମଲା, ଅଭିଯୁକ୍ତକୁ ୨୦ ବର୍ଷର ସଶ୍ରମ କାରାଦଣ୍ଡାଦେଶ

କଟକ, ୨୪।୧୦ (ସଂଚାର ବ୍ୟୁରୋ) : କଟକ ସ୍ୱତନ୍ତ୍ର ପୋକସୋ କୋର୍ଟ ଜଣେ ନାବାଳିକାକୁ ଦୁଷ୍କର୍ମ ମାମଲାରେ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହିତ ୨୦ ବର୍ଷର ସଶ୍ରମ କାରାଦଣ୍ଡାଦେଶ ଦେଇଛନ୍ତି । ସଶ୍ରମ କାରାଦଣ୍ଡ ସହିତ ୨୦ ହଜାର ଟଙ୍କାର ଜରିମାନା ନିର୍ଦ୍ଦେଶ ଦେଇଛନ୍ତି ଅଦାଲତ । ଜରିମାନା ଅନାଦାୟେ ଅଧିକ ଏକ ବର୍ଷ ଜେଲଦଣ୍ଡ ଭୋଗିବ ବୋଲି ନିର୍ଦ୍ଦେଶ ରହିଛି । ପିଡ଼ିତା କ୍ଷତିପୂରଣ ଆଇନ ଅନୁଯାୟୀ ପିଡ଼ିତାକୁ ୫ ଲକ୍ଷ ଟଙ୍କା କ୍ଷତିପୂରଣ ଜିଲ୍ଲା ଆଇନସେବା ପ୍ରାଧିକରଣ ଜରିଆରେ ପ୍ରଦାନ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଅଭିଯୁକ୍ତ ଜଣକୁ ୨୦ ବର୍ଷିୟ ଜଗା ଓରଫ ରାକେଶ ବେହେରା କଟକ ସ୍ୱତନ୍ତ୍ର ପୋକସୋ କୋର୍ଟରେ ଦୋଷୀ ସାବ୍ୟସ୍ତ ହୋଇଛି । ଗତ ୨୦୨୧ ମସିହା ଜୁନ ୫ ତାରିଖରେ ମାହାଙ୍ଗା ଥାନା ଅଞ୍ଚଳରେ ଘଟିଥିଲା ଏହି ଘଟଣା । ପିଡ଼ିତା ନାବାଳିକା ନିଜ ସାଙ୍ଗ ଘରକୁ [illegible] ପାଇଁ ଯାଇଥିଲା। ଏହି ସମୟରେ ଅଭିଯୁକ୍ତ ରାକେଶ ବେହେରା ଓ ତାର ସହଯୋଗୀ ଗଣେଶ୍ୱର ସେଠାରେ ପହଞ୍ଚି ତାଙ୍କ ବଡ଼ ଭଉଣୀ ଡାକୁଛି କହି ଏକ ଘର ଭିତରକୁ ନେଇ ଯାଇଥିଲେ। ସେଠାରେ ପିଡ଼ିତାକୁ ରାକେଶ ବେହେରା ଦୁଷ୍କର୍ମ କରିଥିଲା । ପରବର୍ତ୍ତୀ ସମୟରେ ପୁନଶ୍ଚ ଡାକିଥିଲା । ପିଡ଼ିତା ଯିବାକୁ ମନା କରିବାରୁ ସେ ପିଡ଼ିତାର ରେକର୍ଡିଂ ଭିଡିଓ ସାମାଜିକ ଗଣମାଧ୍ୟମରେ ଛାଡି ଦେବ ବୋଲି ଧମକାଇ ଥିଲା। ଏହାପରେ ପିଡ଼ିତା ବାପା ମା' ଆଗରେ କହିବା ପରେ ୨୦୨୧ ସେପ୍ଟେମ୍ବର ୧୦ ତାରିଖରେ ମାହାଙ୍ଗା ଥାନାରେ ଅଭିଯୋଗ କରାଯାଇଥିଲା ।

ରାଜ୍ୟସ୍ତରୀୟ ବାର୍ଷିକ ରବି ସମ୍ମିଳନୀ

# ଡାଲି, ତୈଳବୀଜ ଏବଂ ଉଦ୍ୟାନ କୃଷି ଫସଲକୁ ପ୍ରୋତ୍ସାହନ




ଭୁବନେଶ୍ୱର, ୨୪।୧୦(ସଂଚାର ବ୍ୟୁରୋ): ଆଜି କୃଷି ଭବନ ଅଡିଟୋରୀୟମରେ ରାଜ୍ୟସ୍ତରୀୟ ବାର୍ଷିକ ରବି ସମ୍ମିଳନୀ- ୨୦୨୫-୨୬ ଅନୁଷ୍ଠିତ ହୋଇଥିଲା। ଏଥିରେ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ, ଶକ୍ତିମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ,

### ବୈଷୟିକ ଜ୍ଞାନକୌଶଳ ଦ୍ୱାରା ପରିଚାଳିତ ଜଳବାୟୁ ଅନୁକୂଳ କୃଷି ପ୍ରଣାଳୀକୁ ଗୁରୁତ୍ୱ

ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, କୃଷି ବିଭାଗ ପ୍ରମୁଖ ଶାସନ ସଚିବ ଡ଼ ଅରବିନ୍ଦ କୁମାର ପାଢ଼ୀ ଯୋଗଦେଇଥିଲେ।

ରବି ଅଭିଯାନ ୨୦୨୫-୨୬କୁ ଓଡିଶାର ମୁଖ୍ୟ ଶାସନ ସଚିବ ୨୨ ଅକ୍ଟୋବର ୨୦୨୫ରେ ଅନୁମୋଦନ କରିଛନ୍ତି। ରବି ଅଭିଯାନର ମୁଖ୍ୟ ବୈଶିଷ୍ଟ୍ୟ ମଧ୍ୟରେ ରହିଛି, ଓଡିଶାରେ ରବି ଋତୁ ୨୦୨୫-୨୬ ମଧ୍ୟରେ ପ୍ରାୟ ୨୯ ଲକ୍ଷ ୩୦ ହଜାର ହେକ୍ଟର ଜମିରେ ବିଭିନ୍ନ ଫସଲ ଚାଷ କରାଯିବାର କାର୍ଯ୍ୟକ୍ରମ ରହିଛି, ଯେଉଁଥିରେ ୧୫.୧୩ ଲକ୍ଷ ହେକ୍ଟର ଜମିରେ ଡାଲି ଜାତୀୟ ଫସଲ ଅନ୍ତର୍ଭୁକ୍ତ, ୩.୭୦ଲକ୍ଷ ହେକ୍ଟର ଜମିରେ ତୈଳବୀଜ ଚାଷ କରାଯାଇଛି, ପରିବା ଚାଷ ପାଇଁ ୪.୯୭ ଲକ୍ଷ ହେକ୍ଟର ଜମିରେ ଚାଷ କରାଯାଇଛି, ଖାଦ୍ୟଶସ୍ୟ ପାଇଁ ୨୩.୨୬ ଲକ୍ଷ ମେଟ୍ରିକ୍ ଟନ୍ ଉତ୍ପାଦନ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବା ବେଳେ ମସଲା ଅଧୀନରେ ୧.୧୫ ଲକ୍ଷ ହେକ୍ଟର ଏବଂ ଆଖୁଚାଷ ଅଧୀନରେ ୦.୨୧ ଲକ୍ଷ ହେକ୍ଟର ଜମି ରହିଛି , ୮.୨୦ ଲକ୍ଷ ମେଟ୍ରିକ୍ ଟନ୍ ଡାଲି ଜାତୀୟ ଶସ୍ୟ ଓ ୪.୨୧ ଲକ୍ଷ ମେଟ୍ରିକ୍ ଟନ୍ ତୈଳବୀଜ ପାଇଁ ଲକ୍ଷ୍ୟ ରହିଛି।

ପ୍ରଧାନମନ୍ତ୍ରୀ ଧନ ଧାନ୍ୟ କୃଷି ଯୋଜନା, ଜାତୀୟ ଡାଲି ମିଶନ, ଏନ୍‌ଏମ୍‌ଇଓ- ତୈଳବୀଜ, ଏନଏଫଏସଏମ, ଜାତୀୟ ଉଦ୍ୟାନ କୃଷି ମିଶନ, ପଣସ ମିଶନ୍, ସ୍ଥାୟୀ କୃଷି ଉପରେ ଜାତୀୟ ମିଶନ (ଏନ୍‌ଏମ୍‌ଏସ୍‌ଏ), ଆରକେଭିୱାଇ, ପିଏମକେଏସୱାଇ, ଏବଂ ପିଏମ୍‌ଏଫବିୱାଇ ଭଳି ପ୍ରମୁଖ କାର୍ଯ୍ୟକ୍ରମଗୁଡ଼ିକର ସଫଳ ରୂପାୟନ ପାଇଁ କେନ୍ଦ୍ରିତ ଏବଂ ସମନ୍ୱିତ ପ୍ରୟାସ ଜରୁରୀ। ଏହା ସହ ଶ୍ରୀଅନ୍ନ ଅଭିଯାନ, ଧାନ ପରବର୍ତ୍ତୀ ପଡ଼ିଆ ଜମି ପରିଚାଳନା, ବଳଭଦ୍ର ଜୈବିକ ଚାଷ ମିଶନ, କୃଷି ଯାନ୍ତ୍ରିକୀକରଣ ଓ ଅନ୍ୟାନ୍ୟ ସହଯୋଗୀ କାର୍ଯ୍ୟକ୍ରମ ଭଳି ସରକାରୀ ପଦକ୍ଷେପମାନ କୃଷି ବିକାଶକୁ ତ୍ୱରାନ୍ୱିତ କରିବା ଓ କୃଷକଙ୍କ ଜୀବିକାରେ ଉନ୍ନତି ଆଣିବା ପାଇଁ ଜୋରଦାର ଭାବେ କାର୍ଯ୍ୟକାରୀ କରାଯିବା ଆବଶ୍ୟକ। ଏଥିସହିତ ମୃତ୍ତିକା ସଂରକ୍ଷଣ ଏବଂ ଜଳଛାୟା ବିକାଶ କାର୍ଯ୍ୟକ୍ରମ ଯଥା କର୍ଫି ମିଶନ, ଏମଜିଏନଆରଇଜିଏସ, ବର୍ଷା ଆଧାରିତ କ୍ଷେତ୍ରର ବିକାଶ ଏବଂ ଓଏମବିଏଡିସି ଆଦି ଯୋଜନା ସ୍ଥାୟୀ କୃଷିକୁ ପ୍ରୋତ୍ସାହନ ଦେବା ଏବଂ ବର୍ଷା ପ୍ରଭାବିତ ଅଞ୍ଚଳରେ ସ୍ଥିତିସ୍ଥାପକତା ବୃଦ୍ଧି କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ଜିଲ୍ଲାର କୃଷି ପରିବେଶ ପରିସ୍ଥିତିକୁ ଦୃଷ୍ଟିରେ ରଖି ଉପଯୁକ୍ତ ରଣନୀତି ସହିତ ରବି ଫସଲକୁ ଆଗେଇ ନେବା ପାଇଁ ଓଡିଶାର ମୁଖ୍ୟ ଶାସନ ସଚିବଙ୍କ ଦ୍ୱାରା ସମସ୍ତ ଜିଲ୍ଲାପାଳଙ୍କୁ ରବି ସର୍କୁଲାର ଜାରି କରାଯାଇଛି। ଓୟୁଏଟି କୁଳପତି, ଡ଼ ପ୍ରଭାତ କୁମାର ରାଉଳ, କୃଷି ନିର୍ଦ୍ଦେଶକ ଶୁଭମ ସକ୍ସେନା, ଉଦ୍ୟାନ କୃଷି ନିର୍ଦ୍ଦେଶକ କାଲୁଙ୍ଗେ ଗୋରଖ ୱାମନ, ମୃତ୍ତିକା ସଂରକ୍ଷଣ ନିର୍ଦ୍ଦେଶକ ସୁବ୍ରତ କୁମାର ପଣ୍ଡା, ବିଭାଗୀୟ ବରିଷ୍ଠ ଅଧିକାରୀମାନେ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

## ୧୪୫ ବୋତଲ କଫ ସିରପ୍ ଜବତ, ଜଣେ ଗିରଫ



ଖଡ଼ିଆଳ, ୨୪।୧୦ (ସଂଚାର ବ୍ୟୁରୋ) : ନୂଆପଡ଼ା ଜିଲା ଖଡ଼ିଆଳ ଅବକାରୀ ବିଭାଗ ଶୁକ୍ରବାର କଫ ସିରପ୍ ଜବତ ସହ ସମ୍ପୃକ୍ତ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ଖଡ଼ିଆଳ ଥାନା ଡୁଆଝରି ଗ୍ରାମର ବିଷ୍ଣୁ ସତ୍‌ନାମୀ (୨୭)। ବିଭାଗୀୟ ସୂଚନା ଅନୁସାରେ ପୂର୍ବାହ୍ନରେ କୋମନା କୋର୍ଟ ଛକଠାରେ ବିଷ୍ଣୁ ବାଇକ୍ (ସିଜି୦୬ଜିଜେଡ୍-୦୪୬୩)ରେ ୧୪୫ ବୋତଲ କଫ ସିରପ୍ ଡୁଆଝରି ଗ୍ରାମକୁ ଆଣି ଚଢ଼ା ଦରରେ ବିକିବାକୁ ଯୋଜନା କରୁଥିଲେ। ଏହା ଜାଣିପାରି ଅବକାରୀ ଓଆଇସି ଅଲେଖ ପୁଟେଲଙ୍କ ନେତୃତ୍ୱରେ କର୍ମଚାରୀ ଚଢ଼ାଉ କରି ତାଙ୍କୁ କାବୁ କରିଥିଲେ। ଚଢ଼ାଉରେ ଏଏସ୍‌ଆଇ ଅମରନାଥ ବିଶୋଇ, ଧନରାଜ ଦଣ୍ଡସେନା, କନଷ୍ଟେବଲ ଗିରେନ୍ଦ୍ର କଟା, ମଧୁସୂଦନ ସିଂ, ପୁରୋହିତ ବଛା, ଭଗବାନ ହଂସ ପ୍ରମୁଖ ସାମିଲ ହୋଇଥିଲେ।

## ୨ ଦିନିଆ ସେସେଲସ୍ ଗସ୍ତରେ ଯିବେ ଉପରାଷ୍ଟ୍ରପତି



ନୂଆଦିଲ୍ଲୀ ୨୪।୧୦: ଭାରତର ଉପରାଷ୍ଟ୍ରପତି ସି.ପି.ରାଧାକୃଷ୍ଣନ ସେପ୍ଟେମ୍ବର ୨୬ ତାରିଖରେ ଦୁଇ ଦିନିଆ ସେସେଲସ୍ ଗସ୍ତରେ ଯିବେ। ସେ ଭାରତ ସରକାରଙ୍କ ପକ୍ଷରୁ ନବ ନିର୍ବାଚିତ ରାଷ୍ଟ୍ରପତି ପ୍ୟାଟ୍ରିକ୍ ହର୍ମିନୀଙ୍କ ଶପଥ ଗ୍ରହଣ ଉତ୍ସବରେ ଯୋଗ ଦେବେ। ସେସେଲସ୍ ସରକାରଙ୍କ ନିମନ୍ତ୍ରଣ କ୍ରମେ ହେଉଥିବା ଏହି ଯାତ୍ରାରେ ସି.ପି. ରାଧାକୃଷ୍ଣନ ଭାରତ ପକ୍ଷରୁ ହର୍ମିନୀଙ୍କୁ ଶୁଭେଚ୍ଛା ଜଣାଇବେ ଓ ଦୁଇ ଦେଶଙ୍କ ମଧ୍ୟରେ ଘନିଷ୍ଠ, ଦୀର୍ଘକାଳୀନ ଓ ମଜଭୁତ ସମ୍ପର୍କ ପୁଷ୍ଟି କରିବେ। ଏ ନେଇ ବିଦେଶମନ୍ତ୍ରାଳୟ ପକ୍ଷରୁ ଶୁକ୍ରବାର ସୂଚନା ଦିଆଯାଇଛି। ବିଦେଶ ମନ୍ତ୍ରାଳୟ ଦ୍ୱାରା ଏ ନେଇ ଜାରି ବୟାନରେ କୁହାଯାଇଛି ଯେ ଭାରତର ଭିଜନ ମହାସାଗର ଓ ଗ୍ଲୋବାଲ ସାଉଥ୍ ପ୍ରତି ଆମର ସଂକଳ୍ପ ଅନୁସାରେ ସେସେଲ୍ସ ଏକ ମଜଭୁତ ଭାଗିଦାର। ଏହି ଯାତ୍ରା ସେସେଲସ୍ ସହିତ ଭାଗିଦାରୀକୁ ଆହୁରି ମଜଭୁତ ଓ ଆହୁରି ବିସ୍ତାରିତ କରିବାରେ ସହାୟକ ହେବ। ଭାରତ-ସେସେଲସ ଦ୍ୱିପାକ୍ଷୀୟ ସମ୍ପର୍କର ବିଶେଷତା ହେଉଛି ସେସେଲସ୍‌ର ସୁରକ୍ଷା ପ୍ରତି ନୂଆଦିଲ୍ଲୀର ସମର୍ଥନ ରହିଛି। ୧୭୭୦ ମସିହାରେ ୫ ଭାରତୀୟଙ୍କ ଏକ କ୍ଷୁଦ୍ର ସମୂହ ୭ ଜଣ ଆଫ୍ରିକୀୟ ଦାସ ଓ ୧୫ ଫରାସୀ ଉପନିବେଶବାଦୀଙ୍କ ସହ ବାଗାନରେ ଶ୍ରମିକ ରୂପେ କାମ କରିବାକୁ ସେସେଲସ୍ ପହଞ୍ଚିଥିଲେ ଓ ସେମାନଙ୍କୁ ଦ୍ୱୀପର ପ୍ରଥମ ନିବାସୀ ଭାବେ ମାନ୍ୟତା ଦିଆଯାଇଥିଲା।

## ଖୁବ୍‌ଶୀଘ୍ର ସ୍ଥାୟୀ ଅଧ୍ୟାପକ ନିଯୁକ୍ତି

ଭୁବନେଶ୍ୱର, ୨୪।୧୦ (ସଂଚାର ବ୍ୟୁରୋ) : ରାଜ୍ୟରେ ଖୁବଶୀଘ୍ର ନିଯୁକ୍ତି ପାଇବେ ସ୍ଥାୟୀ ଅଧ୍ୟାପକ। -ଏ ନେଇ ପ୍ରକ୍ରିୟା ଆରମ୍ଭ ହୋଇଛି ବୋଲି ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ସୂଚନା ଦେଇଛନ୍ତି। ତା' ପୂର୍ବରୁ ଅନୁଦାନପ୍ରାପ୍ତ କଲେଜରେ ଶିକ୍ଷାଦାନ କରିବେ ଅବସରପ୍ରାପ୍ତ ଅଧ୍ୟାପକ। ୪୮୮ ଓ ୬୬୨ ବର୍ଗ ସରକାରୀ ଅନୁଦାନପ୍ରାପ୍ତ କଲେଜରେ ଶିକ୍ଷାଦାନ କରିବେ। ଆସନ୍ତା ୩୧ ସୁଦ୍ଧା ଏଚ୍‌ଆଇଏମ୍‌ଏସ୍ ପୋର୍ଟାଲରେ ଆବେଦନ କଲେ ନିଯୁକ୍ତି ମିଳିବ ବୋଲି ମନ୍ତ୍ରୀ କହିଛନ୍ତି।


**NOTICE**

Notice is hereby given that the Annual General Body Meeting of the Capital Cooperative Housing Ltd., Bhubaneswar will be held in the Venus Inn Convention Hall, Bapuji Nagar, Bhubaneswar on Sunday the 9th November 2025 at 11.30 am to transact the following business. All 'A' class members of the General Body of the society are requested to make it convenient to attend the meeting.

**AGENDA**

1. Reading out, discussion & confirmation of proceeding of the last Annual General Body Meeting held on 19.07.2017.
2. To approve the receipt & expenditure up to 31.03.2025.
3. To approve the audit reports up to 2022-23.
4. To approve the budget & its work plan for the year 2025-26.
5. To consider & approve proposal of the management committee for increment of grade pay to the employees of the society.
6. To approve land sold & proposed to purchase on behalf of & in the name of the society.
7. To Approve regarding current 'A' class members KYC update.
8. To Discussion & approve proposal of the management committee for amendment of Byelaws.
9. Any other matter with permission of the chair.

By order of the Management

Chief-executive (I/c)


# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ମୋହନ...

ବାହନ। ସରକାରୀ ଯୋଜନା ଲୋକଙ୍କ ପାଖରେ ପହଞ୍ଚାଇବା ସହ ସଚେତନତା ସୃଷ୍ଟି କରିଥିଲା ଏହି ବିକାଶ ବାହନ। ବିକାଶ ବାହନ କାର୍ଯ୍ୟକ୍ରମର ରାଜ୍ୟସ୍ତରୀୟ ଶୁଭାରମ୍ଭ କରିଥିଲେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ । ଓଡ଼ିଶାର ୩୧୪ଟି ବ୍ଲକ, ୧୧୫ଟି ୟୁଏଲବି ଏବଂ ୫ଟି ପୌରନିଗମରେ ବୁଲିଥିଲା ସ୍ୱତନ୍ତ୍ର ବ୍ରାଣ୍ଡେଡ୍ ଭ୍ୟାନ୍।

ବର୍ଷକ ଭିତରେ ରାଜ୍ୟ ସରକାରଙ୍କ ସଫଳତାକୁ ଲୋକଙ୍କ ପାଖରେ ପହଞ୍ଚାଇଥିଲେ। ସରକାରଙ୍କ କେତେକ ପ୍ରମୁଖ ସଫଳତା ଏବଂ ପଦକ୍ଷେପ ଯେମିତି 'ବିକଶିତ ଗାଁ ବିକଶିତ ଓଡିଶା', 'ସୁଭଦ୍ରା ଯୋଜନା', ଅନ୍ତୋଦ୍ୟ ଗୃହ ଯୋଜନା', ଆଦିବାସୀ ଏବଂ ଏସସି କଲ୍ୟାଣ, ଯୁବକମାନଙ୍କ ପାଇଁ ଦକ୍ଷତା ବିକାଶ ଏବଂ ବିଭିନ୍ନ କ୍ରୀଡ଼ାର ପ୍ରୋତ୍ସାହନ, କୃଷି ପାଇଁ ସବସିଡି, ଜାତୀୟ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ନୀତି -୨୦୨୦, ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟ ଯୋଜନା, ଶିଶୁ ବାଟିକା କାର୍ଯ୍ୟକ୍ରମ ନେଇ ଲୋକଙ୍କୁ ଅବଗତ କରାଇଥିଲା ବିକାଶ ବାହାନ। ଏଇ ୫୦୦ ଦିନ ମଧ୍ୟରେ ସୁଭଦ୍ରା ଯୋଜନା, ପ୍ରଧାନମନ୍ତ୍ରୀ ସ୍ୱାସ୍ଥ୍ୟବୀମା ଭଳି ଅନେକ ଲୋକାଭିମୁଖୀ ଯୋଜନା କାର୍ଯ୍ୟକାରୀ ହୋଇଛି। ସବୁଠୁ ବଡ କଥା ହେଲା ରାଜ୍ୟ ସରକାର ୨୦୩୬ ସୁଦ୍ଧା ବିକଶିତ ଓଡିଶା ଗଠନର ଲକ୍ଷ୍ୟ ନେଇ ବ୍ୟାପକ ଶିଳ୍ପାୟନର ପରିକଳ୍ପନା କରିଛନ୍ତି। ଏଥିପାଇଁ ଆୟୋଜିତ ହୋଇଥିଲା ମେକ ଇନ ଓଡିଶା-ଉତ୍କର୍ଷ ଓଡ଼ିଶା କନକ୍ଲେଭ। ଯେଉଁଥିରେ ରେକର୍ଡ ସଂଖ୍ୟକ ଜାତୀୟ ଆନ୍ତର୍ଜାତିକ ସ୍ତରର ନିବେଶକ ଓଡିଶାର ପୁଂଜିନିବେଶ ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି।

## ୨୭ରେ...

ଜାରି କରାଯାଇଥିବା ବେଳେ ଉପକୂଳ ଓ ଦକ୍ଷିଣ ଓଡ଼ିଶାରେ ଅତିପ୍ରବଳ ବର୍ଷା ସମ୍ଭାବନା ରହିଛି। ଗଞ୍ଜାମ ଖୋର୍ଦ୍ଧା ପୁରୀ, କେନ୍ଦ୍ରାପଡା, ଜଗତସିଂହପୁର ଓ କଟକରେ ଅତି ପ୍ରବଳ ବର୍ଷାକୁ ନେଇ ଅରେଞ୍ଜ ୱାର୍ଣ୍ଣିଂ ସହ ପ୍ରବଳ ବର୍ଷା ପାଇଁ ୧୪ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି ୨୯ ରେ ମୟୂରଭଞ୍ଜ ବାଲେଶ୍ୱର ଭଦ୍ରକରେ ଅତି ପ୍ରବଳ ବର୍ଷା ନେଇ ଅରେଞ୍ଜ ସହ କେନ୍ଦ୍ରାପଡା, ଜଗତସିଂହପୁର, ଯାଜପୁର ଓ କେନ୍ଦୁଝରକୁ ପ୍ରବଳ ବର୍ଷା ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ବିଭାଗ। ଏପଟେ ଆସନ୍ତା ୨୪ ଘଣ୍ଟାରେ ଲଘୁଚାପ ପ୍ରଭାବରେ ମାଲକାନଗିରି କୋରାପୁଟ ରାୟଗଡା, ଗଞ୍ଜାମ, ଗଜପତି, କନ୍ଧମାଳ, ଖୋର୍ଦ୍ଧା, ପୁରୀ, ଜଗତସିଂହପୁର ଓ କେନ୍ଦ୍ରାପଡାରେ ବିଜୁଳି ଘଡଘଡି ସହ ବର୍ଷା ସମ୍ଭାବନାକୁ ନେଇ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ। ସେହିପରି ଆସନ୍ତାକାଲି ଦକ୍ଷିଣ ଓ ଉପକୂଳ ଓଡ଼ିଶାର ୧୭ ଜିଲ୍ଲାରେ ବିଜୁଳି ଘଡଘଡି ସହ ବର୍ଷା ସମ୍ଭାବନାକୁ ନେଇ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ। ଏହି ସମୟରେ ୩୦ ରୁ ୪୦ କିମି ବର୍ଷା ହେବାର ସମ୍ଭାବନା ରହିଛି। ୧୯୯୯ ମସିହା ଅକ୍ଟୋବର ବାତ୍ୟାର କରାଳ ଦୃଶ୍ୟ ଲୋକଙ୍କ ମନରୁ ଲିଭି ନଥିବା ବେଳେ ଏବେ ଆଉ ଏକ ବାତ୍ୟାକୁ ନେଇ ଲୋକମାନେ ଭୟଭୀତ ହୋଇପଡ଼ିଛନ୍ତି। ଭାରତୀୟ ପାଣିପାଗ ବିଭାଗ କହିଛି ଯେ, ବଙ୍ଗୋପସାଗରରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି, ଯାହା ସ୍ଥଳଭାଗଠାରୁ ବହୁତ ଦୂରରେ ଅଛି ଏବଂ ଏହା ବାତ୍ୟାରେ ପରିଣତ ହେବାର ସମ୍ଭାବନା ଅଧିକ। ତେବେ ବାତ୍ୟାର ସ୍ଥିତି କ'ଣ ହେବ, ସେନେଇ ଖୁବଶୀଘ୍ର ଅବଗତ କରାଯିବ ବୋଲି କୁହାଯାଇଛି। ଏହି ବାତ୍ୟାର ନାଁ ମୋନ୍ଥା ଦିଆଯିବ। ଏହି ନାଁ ଥାଇଲ୍ୟାଣ୍ଡ ଦ୍ୱାରା ପ୍ରସ୍ତାବିତ ହୋଇଛି। ଥାଇ ଭାଷାରେ, ମୋନ୍ଥା ଅର୍ଥ 'ସୁଗନ୍ଧିତ ଫୁଲ' କିମ୍ବା 'ସୁନ୍ଦର ଫୁଲ'। ଥାଇଲ୍ୟାଣ୍ଡରେ ଏହି ନାମକୁ ଏକ ଡାକନାମ ଭାବରେ ବ୍ୟବହାର କରାଯାଏ, ଯାହା କୋମଳତା, ସୌନ୍ଦର୍ଯ୍ୟ ଏବଂ ପ୍ରକୃତିର ସୁଗନ୍ଧକୁ ପ୍ରତିନିଧିତ୍ୱ କରେ।

ସମୁଦ୍ରରେ ସୃଷ୍ଟି ହେଉଥିବା ଘୂର୍ଣ୍ଣିଝଡର ନାମକରଣ ପ୍ରଥା ବହୁଦିନ ଧରି ଚାଲିଆସିଛି। ସୂଚନାକୁ ଶୀଘ୍ର ଜାହାଜ ଚାଳକମାନଙ୍କ ପାଖରେ ପହଞ୍ଚାଇବା ଏବଂ ଦ୍ୱନ୍ଦ୍ୱକୁ ଏଡାଇବା ପାଇଁ ନାମକରଣ କରାଯାଇଥାଏ। କାରଣ ନାମକରଣ ବ୍ୟତୀତ କୋଡ୍ ବ୍ୟବହାର ସମସ୍ୟା ସୃଷ୍ଟି କରିପାରେ। ବାଂଲାଦେଶ, ଭାରତ, ଇରାନ, ମାଳଦ୍ୱୀପ, ଓମାନ, ପାକିସ୍ତାନ, କତାର, ସାଉଦି ଆରବ, ଶ୍ରୀଲଙ୍କା, ଥାଇଲ୍ୟାଣ୍ଡ, ୟୁଏଇ ଏବଂ ୟେମେନ ଚାରିଟି ଲେଖାଏ ନାମ ସୁପାରିଶ କରିଥାନ୍ତି। ଏହି ଦେଶଗୁଡ଼ିକର ନାମ ବର୍ଣ୍ଣମାଳା କ୍ରମରେ ତାଲିକାଭୁକ୍ତ କରାଯାଇଛି। ଥରେ ଏକ ବାତ୍ୟା ନାମ ବ୍ୟବହାର ହେବା ପରେ ଏହା ଆଉ ବ୍ୟବହାର କରାଯିବ ନାହିଁ। ୧୩ଟି ଦେଶ ଦ୍ୱାରା ପ୍ରସ୍ତାବିତ ନାମଗୁଡ଼ିକୁ ଗୋଟିଏ ପରେ ଗୋଟିଏ ବ୍ୟବହାର କରାଯିବ। ଏହି ଦୃଷ୍ଟିରୁ ବର୍ତ୍ତମାନ ଥାଇଲ୍ୟାଣ୍ଡ ଦ୍ୱାରା ପ୍ରସ୍ତାବିତ ମୋନ୍ଥା ନାମ ତାଲିକାର ଦ୍ୱିତୀୟ ସ୍ଥାନରେ ଅଛି। ସମ୍ଭାବ୍ୟ ବାତ୍ୟାର ପ୍ରଭାବରେ ଅକ୍ଟୋବର ୨୭ରୁ ୨୯ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ପ୍ରବଳ ବର୍ଷା ହେବାର ଆକଳନ କରାଯାଇଛି। ବିଶେଷକରି ଉପକୂଳ ଏବଂ ଦକ୍ଷିଣ ଓଡ଼ିଶାର ଜିଲାରେ ପ୍ରବଳ ବର୍ଷାର ସମ୍ଭାବନା ରହିଛି। ମତ୍ସ୍ୟଜୀବୀମାନଙ୍କୁ ୨୬ରୁ ୨୯ ତାରିଖ ପର୍ଯ୍ୟନ୍ତ ସମୁଦ୍ର ଭିତରକୁ ନ ଯିବାକୁ ପରାମର୍ଶ ଦିଆଯାଇଛି।

## ସମ୍ଭାବ୍ୟ...

ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ବୈଠକରେ ଜଳ ସଂପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀଙ୍କ ସମେତ ଅନ୍ୟ ବରିଷ୍ଠ ପଦାଧିକାରୀମାନେ ଉପସ୍ଥିତ ଥିଲେ।

ବାତ୍ୟା ଫଳରେ ଲଘୁଚାପ ଜନିତ ବର୍ଷାକୁ ନେଇ ରାଜ୍ୟର ବିଭିନ୍ନ ଅବବାହିକାରେ ଥିବା ଜଳଭଣ୍ଡାର ସ୍ଥିତିକୁ ନିକଟରୁ ଅନୁଧ୍ୟାନ କରିବାକୁ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ସମ୍ଭାବ୍ୟ ଲଗାଣ ବର୍ଷା ଫଳରେ ବିଭିନ୍ନ ଜଳ ଭଣ୍ଡାରରେ ଜଳପତ୍ତନ ପରିମାଣ କେତେ ବୃଦ୍ଧି ଘଟୁଛି, ଏହାର ବାସ୍ତବତାକୁ ଦେଖି, ସଠିକ ଆକଳନ କରି ଯୋଜନା ଓ ସୁନିୟନ୍ତ୍ରିତ ଭାବେ ଜଳ ନିଷ୍କାସନ ତଥା ଜଳ ପରିଚାଳନା କରିବାକୁ ସେ ପରାମର୍ଶ ଦେଇଛନ୍ତି। ବର୍ତ୍ତମାନ ସ୍ଥିତିରେ ସମସ୍ତ ନଦୀରେ ଜଳସ୍ତର କମ୍ ରହିଛି। ତେଣୁ ସଂପ୍ରତି ଲଗାଣ ବର୍ଷା ଜନିତ ବନ୍ୟା ପରିସ୍ଥିତି ହେବାର ଆଶଙ୍କା ନାହିଁ ବୋଲି ବୈଠକରେ ଆଲୋଚନା କରାଯାଇଥିଲା। ତେବେ ସ୍ଥିତିକୁ ଦେଖି ବିଭାଗ ତଥା କ୍ଷେତ୍ର ସ୍ତରରେ ଥିବା ସମସ୍ତ ଅଧିକାରୀ ଓ ଯନ୍ତ୍ରୀମାନଙ୍କୁ ସତର୍କ ରହି କାର୍ଯ୍ୟ କରିବାକୁ ଉନ୍ନୟନ କମିଶନର ଏହି ପରିପ୍ରେକ୍ଷୀରେ ଆବଶ୍ୟକ ନିର୍ଦ୍ଦେଶ ଓ ପରାମର୍ଶ ଦେଇଛନ୍ତି।

## ଶ୍ରୀବତ୍ସ...

ଆଙ୍କର ଭାବରେ କାର୍ଯ୍ୟ କରୁଥିଲେ। ଅଭିଯୋଗକାରୀ ଦେବନାରାୟଣଙ୍କୁ ସେ ବାରମ୍ବାର ହଇରାଣ କରି ଧମକ ଦେଉଥିଲେ। ଗତ ଅଗଷ୍ଟ ୧୧ ତାରିଖରେ ଜଣେ ମହିଳା ଆଙ୍କରଙ୍କ ଅଭିଯୋଗ ବିଷୟରେ ଆଲୋଚନା ପାଇଁ ସିଇଓଙ୍କ ଚାମ୍ବରରେ ବୈଠକ ଚାଲିଥିବା ସମୟରେ, ଅଭିଯୁକ୍ତ କୋଠରୀରେ ପ୍ରବେଶ କରି କ୍ରୋଧାନ୍ୱିତ ହୋଇ ଗାଳିଗୁଲଜ କରିଥିଲେ ଏବଂ ଅଭିଯୋଗକାରୀ ଓ ଉପସ୍ଥିତ ଅନ୍ୟମାନଙ୍କୁ ଧମକ ଦେଇଥିଲେ। ଲବିରେ ଥିବା କିଛି ଲୋକଙ୍କ ସମ୍ମୁଖରେ ଅଭିଯୋଗକାରୀଙ୍କୁ ସାର୍ବଜନୀନ ଭାବରେ ଅପମାନିତ କରିଥିଲେ। ଅଭିଯୁକ୍ତ ପୂର୍ବରୁ ସମାନ ପ୍ରକାରର ଅସଦାଚରଣ ପାଇଁ ନିଲମ୍ବିତ ହୋଇଥିଲେ ଏବଂ ଅଗଷ୍ଟ ୧୫ତାରିଖରେ ତାଙ୍କୁ ଚାକିରିରୁ ବହିଷ୍କାର କରାଯାଇଥିଲା। ସେବେଠାରୁ ସେ ଫେସବୁକ୍ ଏବଂ ୟୁଟ୍ୟୁବ୍‌ରେ ଅଭିଯୋଗକାରୀଙ୍କ ବିରୁଦ୍ଧରେ ମାନହାନିଜନକ ବିଷୟବସ୍ତୁ ପୋଷ୍ଟ କରି ତାଙ୍କୁ ସର୍ବସାଧାରଣରେ ଦୁର୍ବ୍ୟବହାର ଏବଂ ବଦନାମ କରୁଥିଲେ। ତଦନ୍ତ ସମୟରେ, ଅଭିଯୁକ୍ତ ଶ୍ରୀବତ୍ସ ଧଳଙ୍କ ବିରୁଦ୍ଧରେ ପ୍ରାଥମିକ ଦୃଷ୍ଟିରୁ ଅପରାଧ ପ୍ରମାଣିତ ହୋଇଥିଲା। ଆଜି ବିଶ୍ୱସ୍ତ ସୂଚନା ଆଧାରରେ ଖଣ୍ଡଗିରିର ଆଇଗିଣିଆସ୍ଥିତ ଶ୍ରୀକ୍ଷେତ୍ର ବିହାରରୁ ତାଙ୍କୁ ଗିରଫ କରାଯାଇ କୋର୍ଟକୁ ଚାଲାଣ କରାଯାଇଛି।

## ତିନି...

ନେତାମାନେ ମଇଦାନକୁ ଓହ୍ଲାଇବାର ଅଛି। ସେହିଭଳି କଂଗ୍ରେସର ଷ୍ଟାର ପ୍ରଚାରକ ତାଲିକାରେ ବି ଜାତୀୟ ନେତାମାନେ ରହିଛନ୍ତି। ତେବେ ବିହାର ନିର୍ବାଚନ ପ୍ରଚାର ଚାଲିଥିବାରୁ ଦୁଇ ଜାତୀୟ ଦଳର କେତେ ସଂଖ୍ୟକ ନେତା ନୂଆପଡା ଆସିବେ, ତାହାକୁ ନେଇ ରାଜ୍ୟ ନେତାମାନେ ସନ୍ଦେହରେ ଅଛନ୍ତି। ଫଳରେ ବଡ଼ନେତାଙ୍କ ପ୍ରଚାର ପୂର୍ବରୁ ଅନ୍ୟ ଦଳର କର୍ମୀ ହଡ଼ପ ଉପରେ ସର୍ବାଧିକ ଗୁରୁତ୍ୱ ଦେଉଛନ୍ତି।

## ୨୦୨୬ ମେ'...

ସଚିବ ଶାଶ୍ୱତ ମିଶ୍ର, ଅର୍ଥ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜିବ ମିଶ୍ର, କ୍ରୀଡା ବିଭାଗର କମିଶନର ତଥା ଶାସନ ସଚିବ ସଚିନ ରାମଚନ୍ଦ୍ର ଯାଦବ, ସଂସ୍କୃତି ବିଭାଗର ଶାସନ ସଚିବ ବିଜୟ କେତନ ଉପାଧ୍ୟାୟ, କ୍ରୀଡା ନିର୍ଦ୍ଦେଶକ ଡଃ ଏଦୁଲା ବିଜୟ ଏବଂ ଉଭୟ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଚନ୍ଦନପୁର...

ଯାଇଥିଲେ। ତେଣୁ ତାଙ୍କ ଘରେ କେହି ନଥିବାର ସୁଯୋଗ ନେଇ ନାବାଳିକାଙ୍କ ବୀରନରସିଂହପୁର ଦକ୍ଷିଣପଟ ଭୋଇ ସାହିର ସମ୍ପର୍କୀୟ ଦାଦା ଓ ଭାଇ ମିଶି ରାତି ୪ଟା ସମୟରେ ତାଙ୍କ ଘରେ ପଶି ନାବାଳିକାଙ୍କୁ ବଳପୂର୍ବକ ଗଣଦୁଷ୍କର୍ମ କରି ଫେରାର ହୋଇଯାଇଥିଲେ। ପରିବାର ଲୋକେ ଫେରିବା ପରେ ନାବାଳିକା ଜଣକ ସେମାନଙ୍କୁ ସମସ୍ତ ଘଟଣା ବର୍ଣ୍ଣନା କରିଥିଲେ। ତେବେ ଅଭିଯୁକ୍ତମାନେ ଗୁଣ୍ଡା ଶ୍ରେଣୀୟ ଲୋକ ହୋଇଥିବାରୁ ଗତକାଲି ସେମାନେ ଭୟରେ ଥାନାକୁ ଆସିନଥିଲେ। ମାତ୍ର ଆଜି ନାବାଳିକା ଜଣକ ମନରେ ସାହାସ ନେଇ ଚନ୍ଦନପୁର ଥାନାକୁ ଆସି ଅଭିଯୋଗ କରିଥିଲେ। ଏହି ଅଭିଯୋଗକୁ ଭିତ୍ତିକରି ପୁଲିସ ନାବାଳିକାଙ୍କୁ ଡାକ୍ତରଖାନା ନେଇ ଡାକ୍ତରୀ ମାଇନା କରାଇଛି। ଘଟଣାର ଅଭିଯୁକ୍ତ ଦ୍ୱୟଙ୍କୁ ପୁଲିସ ଉଠାଇଆଣି ଥାନାରେ ଅଟକ ରଖି ପଚରା ଉଚରା ଚଳାଇଛି। ଏହି ଦାଦା, ପୁତୁରା ଦୁହେଁ ଟେଣ୍ଟ ହାଉସରେ କାମ କରନ୍ତି। ତେବେ ପୂର୍ବରୁ ଉଭୟଙ୍କ ପରିବାର ମଧ୍ୟରେ ପାରିବାରିକ କଳହ ଥିବା ପୁଲିସ କହିଛି।

## ତଦନ୍ତ...

କରିବା ସହ ଝାଡ଼ଖଣ୍ଡ ଟିମ ସମସ୍ତ ରେକର୍ଡ କ୍ୟାପିଟାଲ ଥାନା ପୁଲିସଠାରୁ ନେଇଥିବା ସୂଚନା ମିଳିଛି । କମିସନରେଟ୍ ପୁଲିସ ଲକ୍ଷ୍ମୀସାଗର ଥାନା ଅଞ୍ଚଳରେ ଥିବା ସଞ୍ଜୀବ ଦାସଙ୍କ ତିନିମହଲା କୋଠା ଯାଜ୍ଞସେନୀ 'ନିବାସ'କୁ ବେଶ୍ୟାଳୟ ଘୋଷଣା କରିସାରିଛି। ସେହିଭଳି ଏହି କୋଠାର ଦ୍ୱିତୀୟ ଓ ତୃତୀୟ ମହଲାରେ ଥିବା ୬ଟି ଘର ସହ ସମ୍ପୂର୍ଣ୍ଣ ବିଲ୍ଡିଂକୁ ସିଲ୍ କରିଛି। ଏହି ମାମଲାରେ ଘରମାଲିକ ସଞ୍ଜୀବ ଦାସଙ୍କୁ ପୁଲିସ କୋର୍ଟ ଚାଲାଣ କରିଛି। ମାମଲାର ମାଷ୍ଟରମାଇଣ୍ଡ କୁହାଯାଉଥିବା ସଞ୍ଜୀବଙ୍କୁ ପୁଲିସ ମାରାଥନ୍ ଜେରା କରିଛି। ସେ କେଉଁ ଉଦ୍ଦେଶ୍ୟରେ କିଙ୍ଗପିନ୍ ମଞ୍ଜୁ ସେଠୀଙ୍କୁ ଘରଭଡ଼ା ଦେଇଥିଲେ? କେବେଠାରୁ ଭଡ଼ାରେ ଦେଇଥିଲେ? କେବେଠାରୁ ସେକ୍ସ ର୍‍ୟାକେଟ୍ ଚାଲିଥିଲା? ସେ କେବେଠାରୁ ଏଥିରେ ସମ୍ପୃକ୍ତ ହୋଇଥିଲେ? ଏସବୁ ପ୍ରଶ୍ନର ଉତ୍ତର ସଞ୍ଜୀବ ଦେଇପାରି ନଥିଲେ। ପୁଲିସକୁ ଭୁଆଁ ବୁଲାଇବାକୁ ସଞ୍ଜୀବ ଚେଷ୍ଟା କରିଥିଲା। ସମସ୍ତ ତଥ୍ୟ ଆଧାରରେ ପୁଲିସ ଏହି ଘରକୁ ବେଶ୍ୟାଳୟ ଘୋଷଣା କରିଛି।

ସେକ୍ସ ର୍‍ୟାକେଟ୍‌ର ଅନ୍ୟତମ ମାଷ୍ଟରମାଇଣ୍ଡ କୁହାଯାଉଥିବା ବାରିକ ଏବେ ବି ପୁଲିସ ପାଇଁ ଅପହଞ୍ଚ ହୋଇ ରହିଛି। ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଯେ ବାରିକ, ଉଭୟ ପଶ୍ଚିମବଙ୍ଗ ଓ ଝାଡ଼ଖଣ୍ଡର କିଛି ଦଲାଲଙ୍କ ସହ ନିୟମିତ ଯୋଗାଯୋଗରେ ରହିଛି। ସେହି ଅଣଓଡ଼ିଆ ଦଲାଲଙ୍କୁ ମୋଟା ଅଙ୍କର ଅର୍ଥ ଦେଇ ବାରିକ ଯୁବତୀଙ୍କୁ ଓଡ଼ିଶା ଆଣୁଥିଲା। ସେମାନଙ୍କୁ ଚାକିରି କରାଇବା ନାଁରେ ଫସାଇ ସେକ୍ସ ର୍‍ୟାକେଟ୍‌ରେ ଲଗାଉଥିଲା। ଏହାର ମଙ୍ଗ ଧରିଥିଲେ ମଞ୍ଜୁ ଓ ମମତା। ମଞ୍ଜୁ-ମମତା ଯୋଡ଼ି ମଧ୍ୟ ଅଣଓଡ଼ିଆ ମହିଳା ଦଲାଲଙ୍କ ଲିଙ୍କ୍‌ରେ ଥିବା ଜଣାପଡ଼ିଛି। ବାରିକ ଗିରଫ ହେବା ପରେ ଏହି ବଡ଼ ର୍‍ୟାକେଟ୍‌ର ବହୁ ଗୁମର ଖୋଲିବ।

## ବଢ଼ିଲା...

ସଂରକ୍ଷିତ ରଖିବା ପାଇଁ କୁହାଯାଇଛି । ସମସ୍ତ ହୋଟେଲରେ ବୈଧ ଅଗ୍ନି ନିରାପତ୍ତା ଓ ବୈଦ୍ୟୁତିକ ସୁରକ୍ଷା ସର୍ଟିଫିକେଟ ରଖିବାକୁ କୁହାଯାଇଛି । ହୋଟେଲରେ ନିଯୁକ୍ତି ପାଇଥିବା ପ୍ରତ୍ୟେକ କର୍ମଚାରୀଙ୍କର ନିରୀକ୍ଷଣ କରିବାକୁ କୁହାଯାଇଛି । ପ୍ରତିଦିନ ଅତିଥି ତାଲିକା ରଖିବା ସହିତ ଆଧାର ସଂଖ୍ୟା ଓ ଯୋଗାଯୋଗ ନମ୍ବର ଲିଖିବା ଆବଶ୍ୟକ, ଅଭିଭାବକ ବିନା କୌଣସି ଅପ୍ରାପ୍ତ ବୟସ୍କ ଅତିଥିଙ୍କୁ ରଖାଯିବ ନାହିଁ । ସେହିପରି, ଚେକ୍-ଇନ ସମୟରେ ଯଦି କୌଣସି ଅତିଥି ଉପରେ ସନ୍ଦେହ ଆସେ, ସଙ୍ଗେ ସଙ୍ଗେ ସ୍ଥାନୀୟ ଆଇଆଇସିଙ୍କୁ ସୂଚନା କରିବାକୁ କୁହାଯାଇଛି । ଯଦି କୌଣସି ବିଦେଶୀ ନାଗରିକ ହୋଟେଲରେ ରହନ୍ତି, ତେବେ ତାଙ୍କ ସୂଚନା ଏସପିଙ୍କ କାର୍ଯ୍ୟାଳୟକୁ ପଠାଇବା କୁହାଯାଇଛି। ପ୍ରତ୍ୟେକ ହୋଟେଲ ମାଲିକ ନିଜ ହୋଟେଲ ନାମରେ ନକଲି ୱେବସାଇଟ କିମ୍ବା ଅନଲାଇନ ଲିଷ୍ଟିଂ ଥିଲେ ନିୟମିତ ଭାବେ ଯାଞ୍ଚ କରିବାକୁ କୁହାଯାଇଛି। ଯଦି କୌଣସି ଠକେଇ ୱେବସାଇଟ ଚିହ୍ନଟ ହୁଏ, ତେବେ ସଙ୍ଗେ ସଙ୍ଗେ ସାଇବର ପୋଲିସ ଷ୍ଟେସନକୁ ଅବଗତ କରାଇବେ । ସମୁଦ୍ରତଟ ସମୀରେ ଥିବା ହୋଟେଲଗୁଡ଼ିକ ପ୍ରଯ୍ୟଟକଙ୍କୁ ସମୁଦ୍ର ସ୍ନାନ କରିବାକୁ ଗଲାବେଳେ ସତର୍କ କରାଇବେ କି ବେଶୀ ଗଭୀରକୁ ଯିବେ ନାହିଁ। ହୋଟେଲ ଆଖପାଖରେ ଯଦି କୌଣସି ଅସାମାଜିକ କାର୍ଯ୍ୟ ହୁଏ, ସଙ୍ଗେ ସଙ୍ଗେ ସ୍ଥାନୀୟ ଥାନା କିମ୍ବା ୧୧୨ ନମ୍ବରକୁ ଖବର ଦେବା କୁହାଯାଇଛି । ଏହା ସହ ପୋଲିସ ପର୍ଯ୍ୟଟକ ସହାୟତା ନମ୍ବର ସହ ସ୍ଥାନୀୟ ଥାନା ଯୋଗାଯୋଗ ନମ୍ବର ପ୍ରତେକ ଟୁରିଷ୍ଟଙ୍କୁ ଦେବାପାଇଁ କୁହାଯାଇଛି । ପର୍ଯ୍ୟଟକ ସୁରକ୍ଷା ଓ ପୁରୀର ସକାରାତ୍ମକ ପର୍ଯ୍ୟଟନ ପରିଚୟ ରକ୍ଷା ପାଇଁ ସମସ୍ତ ହୋଟେଲ ମାଲିକ, ପରିଚାଳକ ଓ କର୍ମଚାରୀଙ୍କୁ ନିର୍ଦ୍ଦେଶର ପାଳନ କରିବାକୁ ଅନୁରୋଧ କରାଯାଇଛି ।



ଶୁକ୍ରବାର କୋଲକାତାରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର ଉତ୍ସବରେ ଭାରତୀୟ କ୍ରୀଡ଼ାର ଦୁଇ କିମ୍ବଦନ୍ତୀ ଲିଆଣ୍ଡର ପେସ୍ ଏବଂ ଦିଲୀପ ତିର୍କିଙ୍କୁ କୋଲକାତା ସ୍ପୋର୍ଟସ ଜର୍ଣ୍ଣାଲିଷ୍ଟ କ୍ଲବ୍ ଜୀବନବ୍ୟାପୀ ସେବା ସମ୍ମାନରେ ସମ୍ମାନିତ କରିଛି। ଭାରତୀୟ କ୍ରିକେଟ୍ ଦଳର ପୂର୍ବତନ ଅଧିନାୟକ ସୌରଭ ଗାଙ୍ଗୁଲିଙ୍କଠାରୁ ଉଭୟ ଏହି ସମ୍ମାନ ଗ୍ରହଣ କରିଛନ୍ତି।

## କ୍ରୀଡ଼ା ଭିତ୍ତିଭୂମିର ସମୀକ୍ଷା

ଭୁବନେଶ୍ୱର, ୨୪।୧୦ (ସଂଚାର ବ୍ୟୁରୋ) : ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି, ଉଚ୍ଚଶିକ୍ଷା ଏବଂ କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ଉପସ୍ଥିତିରେ ଆଜି ଲୋକସେବା ଭବନଠାରେ ବିଭିନ୍ନ କ୍ରୀଡ଼ା ଭିତ୍ତିଭୂମିର ନିର୍ମାଣ କାର୍ଯ୍ୟର ଅଗ୍ରଗତି ନେଇ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକରେ ଯୋଗଦେଇ କ୍ରୀଡ଼ା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଲେ ଯେ, କେବଳ ରାଜ୍ୟ କିମ୍ବା ଜିଲ୍ଲା ସ୍ତରରେ ନୁହେଁ କ୍ରୀଡାର ସାମଗ୍ରିକ ବିକାଶ କରିବାକୁ ହେଲେ ଆମକୁ ତୃଣମୂଳ ସ୍ତରକୁ ଯିବାକୁ ହେବ । ଓଡ଼ିଶାର ଗ୍ରାମାଞ୍ଚଳରେ ଅନେକ ପ୍ରତିଭା ଭରି ରହିଛନ୍ତି । ସେମାନଙ୍କୁ ବିଶ୍ୱସ୍ତରୀୟ ଭିତ୍ତିଭୂମିରେ ତାଲିମ ସୁବିଧା ଯୋଗାଇ ଦେଇ ପାରିଲେ ଆମେ ଓଡିଶାକୁ କ୍ରୀଡ଼ା କ୍ଷେତ୍ରରେ ଗର୍ବିତ କରିପାରିବା । ତେଣୁ ରାଜ୍ୟ କ୍ରୀଡ଼ା ଓ କ୍ରୀଡ଼ାବିତଙ୍କ ଉନ୍ନତି ନେଇ ରାଜ୍ୟ ସରକାର ଯେଉଁ ଲକ୍ଷ୍ୟ ରଖିଛନ୍ତି ତାହାକୁ ପୁରା କରିବାକୁ ସମସ୍ତଙ୍କୁ ଏକାଠି ହୋଇ କାର୍ଯ୍ୟ କରିବାକୁ ପଡିବ ବୋଲି କ୍ରୀଡ଼ା ମନ୍ତ୍ରୀ କହିଥିଲେ ।

## ଖୁଡ଼ୀଙ୍କୁ ଦୁଷ୍କର୍ମ ଅଭିଯୋଗରେ ହୋମ୍‌ଗାର୍ଡ ପୁତୁରା ଗିରଫ



କାମାକ୍ଷାନଗର, ୨୪।୧୦ (ସଂଚାର ବ୍ୟୁରୋ) : ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗରରେ ସମ୍ପର୍କୀୟ ଖୁଡ଼ୀଙ୍କୁ ଦୁଷ୍କର୍ମ ଅଭିଯୋଗରେ ଜଣେ ହୋମ୍‌ଗାର୍ଡ ପୁତୁରା ଗିରଫ ହୋଇଛନ୍ତି । ଗିରଫ ହୋମ୍‌ଗାର୍ଡ ଜଣଙ୍କ ହେଲେ କାମାକ୍ଷାନଗର ଥାନା ବାଲିଗୋରଡ଼ ଗାଁର ଅରବିନ୍ଦ ମଲ୍ଲିକ। ଅରବିନ୍ଦ ହିନ୍ଦୋଳ ଥାନାରେ ହୋମ୍‌ଗାର୍ଡ ଭାବେ କାର୍ଯ୍ୟରତ ଥିଲେ । ଅରବିନ୍ଦ ଗ୍ରାମର ସମ୍ପର୍କୀୟ ଖୁଡ଼ୀକୁ ଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଛି । ଏପରିକି ମହିଳା ଜଣକୁ ଗ୍ରାମରେ ରହେଇ ଦେଉନାହାନ୍ତି । ଫଳରେ ମହିଳା ଜଣକ ଭୟରେ ପିଲାଛୁଆଙ୍କୁ ଧରି ବାପଘର କଙ୍ଗେଇଲୋ ଗ୍ରାମରେ ରହୁଛନ୍ତି। ଏ ନେଇ ପୀଡ଼ିତା ଖୁଡ଼ୀ ଜଣଙ୍କ କାମାକ୍ଷାନଗର ଥାନାରେ ଲିଖିତ ଅଭିଯୋଗ କରିଥିଲେ । ତେବେ ଅଭିଯୋଗକୁ ଆଧାର କରି ପୋଲିସ ଅଭିଯୁକ୍ତ ହୋମ୍‌ଗାର୍ଡ ପୁତୁରାକୁ ବାନ୍ଧିବା ସହ ଡାକ୍ତରୀମାଇନା କରାଇ ଗୁରୁବାର ଜେଲ୍‌କୁ ପଠାଇଦେଇଛି।

# ଦାୟିତ୍ୱ ନେଲାନି ପ୍ରଶାସନ, ଖତ ଖାଉଛି ଉପକରଣ

## ଓଟିଡିସିକୁ ହସ୍ତାନ୍ତର ହେବ ପଥପ୍ରାନ୍ତ ସୁବିଧା କେନ୍ଦ୍ର





**ଯାଜପୁର,୨୪।୧୦ (ସଂଚାର ବ୍ୟୁରୋ):** ଯାଜପୁର ଜିଲ୍ଲାର ସଠିପୁର ଅଞ୍ଚଳରେ ଜାତୀୟ ରାଜପଥ-୧୬ କଡ଼ରେ ଯାତ୍ରୀ ସୁବିଧା ପାଇଁ ଗଢ଼ି ଉଠିଥିବା "ପଥପ୍ରାନ୍ତ ସୁବିଧା କେନ୍ଦ୍ର" ଏବେ ଅବହେଳାରେ ପଡ଼ିରହିଛି। ଲକ୍ଷାଧିକ ଟଙ୍କା ବ୍ୟୟରେ ନିର୍ମିତ ଏହି ଆଧୁନିକ ସୁବିଧାକେନ୍ଦ୍ର ଏବେ ନଷ୍ଟ ହେଉଛି ଓ ଉପକରଣଗୁଡ଼ିକ ଖତ ଖାଉଛି। ପ୍ରଶାସନ ଯତ୍ନ ନେଉନଥିବାରୁ ଏହି ଆଧୁନିକ ପ୍ରକଳ୍ପ ଧୀରେ ଧୀରେ ଧ୍ୱଂସ ଅଭିମୁଖ ହେଉଛି। ସେହି ସମୟରେ ଯାତ୍ରୀଙ୍କ ବିଶ୍ରାମ ପାଇଁ ନିର୍ମାଣ ହୋଇଥିବା ଏହି କେନ୍ଦ୍ରରେ ଶୌଚାଳୟ, ପାନୀୟ ଜଳ ବ୍ୟବସ୍ଥା, ମିଶନ ଶକ୍ତି କାଫେ ଓ ଶିଶୁପାର୍କ ଥିଲା। ସୌନ୍ଦର୍ଯ୍ୟ ବୃଦ୍ଧି ପାଇଁ ରଙ୍ଗୀନ ଷ୍ଟ୍ରିଟ୍ ଲାଇଟ୍ ଓ ଫୁଲ ଗଛ ଲଗାଯାଇଥିଲା। କିନ୍ତୁ ବର୍ତ୍ତମାନ ସେହି ସମସ୍ତ ବ୍ୟବସ୍ଥା ନଷ୍ଟ ହୋଇ ଖଣ୍ଡିଆ ଅବସ୍ଥାରେ ପଡ଼ିଛି।

ସ୍ଥାନୀୟ ଲୋକମାନଙ୍କ କହିବା ଅନୁସାରେ, ରାତି ସମୟରେ ଏହି ଜାଗା ଅସାମାଜିକ ଅଞ୍ଚଳରେ ପରିଣତ ହୋଇଛି। ନିୟମିତ ରକ୍ଷଣାବେକ୍ଷଣ ନ ହେବାରୁ ପିଲାମାନେ ଏଠାରେ ଖେଳିଲେ ସର୍ପାଘାତର ସମ୍ଭାବନା ରହିଛି।

ସୂଚନାଯୋଗ୍ୟ ଯେ, ୨୦୧୭ ମାର୍ଚ୍ଚ ୧୨ରେ ପୂର୍ତ୍ତ ବିଭାଗ ଦ୍ୱାରା ଏହି କେନ୍ଦ୍ର ଉଦ୍‌ଘାଟିତ ହୋଇଥିଲା। ତେବେ ବିଦ୍ୟୁତ ବିଭାଗକୁ ବକେୟା ବିଲ୍ ଦେଉନଥିବାରୁ ସଂଯୋଗ କାଟି ଦିଆଯାଇଛି। ମାର୍ଚ୍ଚ ୨୦୨୫ ପର୍ଯ୍ୟନ୍ତ ବିଲ୍ ଅଙ୍କିତ ରାଶି ହେଉଛି ₹୫୩,୮୩୮। ବିଡିଓ ଘଟଣାସ୍ଥଳରେ ପହଞ୍ଚି ସମସ୍ତ ସ୍ଥିତି ପରଖିଥିବା ବେଳେ ଜଣାଇଛନ୍ତି ଯେ, ଏହି ସୁବିଧାକେନ୍ଦ୍ରକୁ ଶୀଘ୍ର ଓଡ଼ିଶା ପର୍ଯ୍ୟଟନ ବିଭାଗ (ଓଟିଡିସି)କୁ ହସ୍ତାନ୍ତର କରାଯିବ।

# ଧଳା ଜହର କବଳରେ ଅସ୍ତରଙ୍ଗ

## ଅବକାରୀ ବିଭାଗ ଓ ପୁଲିସ ନିରବଦ୍ରଷ୍ଟା



**କାକଟପୁର/ଅସ୍ତରଙ୍ଗ,୨୪।୧୦ (ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା ଅସ୍ତରଙ୍ଗ ଥାନା, କାକଟପୁର ଥାନା ଓ ଅସ୍ତରଙ୍ଗ ସାମୁଦ୍ରିକ ଥାନା ଅଂଚଳରେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇ ପଡିଛି। ଧଳା ଜହର କାରବାର ଯୋଗୁଁ ଅସ୍ତରଙ୍ଗ ଅଞ୍ଚଳ ଅପରାଧ ପ୍ରବଣ ହୋଇଛି। ପୁଲିସ ପ୍ରଶାସନ ଅଙ୍କୁଶ ନାହିଁ। ଅସ୍ତରଙ୍ଗ ବ୍ଲକ ବିଭିନ୍ନ ପଂଚାୟତର ଗଳି କନ୍ଦିରେ ଧଳା ଜହର (ବ୍ରାଉନ ସୁଗାର)କାରବାର ଏକ ପ୍ରକାର କୁଟୀର ଶିଳ୍ପରେ ପରିଣତ ହୋଇଛି। ଭୁବନେଶ୍ୱର, ବାଲେଶ୍ୱର ଓ ଖୋର୍ଦ୍ଧା ଅଂଚଳରୁ ଅସ୍ତରଙ୍ଗକୁ ଖୋଲା ଖୋଲି ଭାବେ ଚାଲାଣ ହେଉଥିବା ବେଳେ ଅସ୍ତରଙ୍ଗ ପୁଲିସ ଓ କାକଟପୁର ପୁଲିସ, ଅବକାରୀ ବିଭାଗ ନିରବଦ୍ରଷ୍ଟା ସାଜିଛନ୍ତି। ଖଣ୍ଡାସାହି ନଦୀ ବନ୍ଧରୁ ଅସନ ସମେତ କାଳିଆକଣ ନଦୀବନ୍ଧରେ ଯୁବକମାନେ ଧଳା ଜହର କାରବାର କରୁଛନ୍ତି। ଏହି ନିଶାଦ୍ରବ୍ୟ ସହଜରେ ଉପଲବ୍ଧ ହେଉଥିବାରୁ ନିଶାଡୀଙ୍କ ସଂଖ୍ୟା ବଢ଼ି ବଢ଼ି ଚାଲିଛି। ଅସ୍ତରଙ୍ଗ ଥାନା ନଗର, ଆଳସାହି ଛକ, ଭଉଁରିଆ ସେତୁ, କଣମଣ, ଉକୁଳେଇ ଛକ, ଜିଉନ୍ତି ଛକ ଓ ସାମୁଦ୍ରିକ ଥାନା ନୂଆଗଡ ଛକ, ଡମଶୁଣ ଛକ ସହିତ କାକଟପୁର ଥାନା ଖଣ୍ଡାସାହି ଛକ, ତାଳଦା ନଦୀ ଘାଟରେ ଖୋଲା ଖୋଲି ଭାବେ ଧଳା ଜହର କାରବାର ଚାଲିଛି। ବିଭିନ୍ନ ସମୟରେ ଏହି ନିଶାଡୀଙ୍କ ଦ୍ୱାରା ଚୋରି ଓ ରାହାଜାନି ଭଳି ଅପରାଧ ସଂଘଟିତ ହେଉଛି। ପୁଲିସ ପ୍ରଶାସନ ଏହି କାର୍ଯ୍ୟରେ ଅଙ୍କୁଶ ଲଗାଇବାରେ ବିଫଳ ହେଉଥିବା ଅଭିଯୋଗ ହେଉଛି।

# ଲଘୁଚାପ ବର୍ଷା ପାଇଁ ଚିନ୍ତାରେ ଚାଷୀ



**କାକଟପୁର/ଅସ୍ତରଙ୍ଗ,୨୪।୧୦ (ସଂଚାର ବ୍ୟୁରୋ):** ବଙ୍ଗୋପ ସାଗରରେ ଲଘୁଚାପ ସୃଷ୍ଟି ହୋଇଛି। ଏହାର ପ୍ରଭାବରେ ୨୪ରୁ ୨୭ତାରିଖ ସ୍ଥାନେ ସ୍ଥାନେ ବିକ୍ଷିପ୍ତ ଓ ମଧ୍ୟମ ଧରଣର ବର୍ଷା ସହ ପବନ ବହିବାର ସମ୍ଭାବନା ରହିଛି ବୋଲି ରାଜ୍ୟ ପାଣିପାଗ ବିଭାଗ ପକ୍ଷରୁ ସତର୍କତା ଜାରି କରାଯାଇଛି। ପାଣିପାଗ ବିଭାଗ ପରେ ମଧ ରାଜ୍ୟ କୃଷି ବିଭାଗ ମଧ ଅନୁରୂପ ଭାବେ ସୂଚନା ଦେଇଛି। ଏହାକୁ ନେଇ ଉପକୂଳବର୍ତ୍ତୀ ପୁରୀ ଜିଲ୍ଲା ଅସ୍ତରଙ୍ଗ ଅଞ୍ଚଳର ଚାଷୀକୁଳ ଏବେ ଚିନ୍ତାରେ ପଡିଛନ୍ତି।

ବର୍ତ୍ତମାନ ବିଲରେ ଧାନ ଫଳିଛି। ବର୍ଷା ଓ ପବନ ହେଲେ ଧାନ ସବୁ ଭୁଇଁରେ ଲେଉଟିବା ଆଶଙ୍କା ରହିଛି। କୃଷି ବିଭାଗର ସମ୍ପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ଗତକାଲି ଅପରାହ୍ନରେ ଆସନ୍ନ ଲଘୁଚାପ ବର୍ଷା ନିମନ୍ତେ ୧୫ଟି ସତର୍କ ମୂଳକ ପଦକ୍ଷେପ ଗ୍ରହଣ କରିବାକୁ ପରିବା, ଧାନ ଫସଲ କରିଥିବା ଚାଷୀଙ୍କୁ ପରାମର୍ଶ ଦେଇଛି। ଅସ୍ତରଙ୍ଗ ବ୍ଲକ ଅଂଚଳର ଚାଷୀ ବସନ୍ତ ବରାଳ କହିଛନ୍ତି, ଚଳିତ ବର୍ଷ ୫ଏକର ଜମିରେ ଦୁଇ ୩ କିସମର ଧାନ ଚାଷ କରିଛନ୍ତି। ଏବେ ଧାନ କେଣ୍ଡା ଧରିବା ଆରମ୍ଭ ହେଲାଣି। ଯଦି ଲଘୁଚାପ ଜନିତ ବର୍ଷା ହୁଏ ତେବେ ଅନେକ କ୍ଷତି ହେବ ବୋଲି କହିଛନ୍ତି। ଚାଷୀ ଦୀନବନ୍ଧୁ ବେହେରା କହିଛନ୍ତି କେତେକ କିଆରୀରେ ଧାନ ସମ୍ପୂର୍ଣ୍ଣ ରୂପେ ବାହାରି ଯାଇଥିବା ବେଳେ ଆଉ କେତେକ ଜମିରେ ଧାନ ଗର୍ଭ ଅବସ୍ଥାରେ ରହିଛି। ଏଭଳି ପରିସ୍ଥିତିରେ ଯଦି ବର୍ଷା ଲାଗିରୁହେ ତେବେ ଫସଲ ହାନୀ ଘଟିବ।

# ନୂତନ ପଦ୍ଧତିରେ ମା' ଓ ଶିଶୁର ଜୀବନ ବଞ୍ଚାଇଲେ ସମ୍ ହସ୍ପିଟାଲ୍ କ୍ୟାମ୍ପସ-୨ର ଡାକ୍ତର



**ଭୁବନେଶ୍ୱର,୨୪।୧୦ (ସଂଚାର ବ୍ୟୁରୋ):** ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଏକ ମହତ୍ୱପୂର୍ଣ୍ଣ ସଫଳତା ହାସଲ କରିଛି ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ ହସ୍ପିଟାଲ କ୍ୟାମ୍ପସ-୨, ଫୁଲନଖରା।

ହସ୍ପିଟାଲ୍‌ର ଡାକ୍ତରୀ ଟିମ୍ ଓଡ଼ିଶାରେ ପ୍ରଥମ ଥର ପାଇଁ ହାଇବ୍ରିଡ ପ୍ରକ୍ରିୟାରେ ଜଣେ ମହିଳା ଏବଂ ତାଙ୍କ ନବଜାତ ଶିଶୁର ଜୀବନ ବଞ୍ଚାଇବାରେ ସଫଳ ହୋଇଛନ୍ତି। ୩୦ ସପ୍ତାହର ଗର୍ଭବତୀ ମହିଳା ଜଟିଳ ପ୍ଲାସେଂଟା ଇନ୍‌କ୍ରେଟା ସିଣ୍ଡ୍ରୋମ ସମସ୍ୟାରେ ପୀଡ଼ିତ ହୋଇ ହସ୍ପିଟାଲ୍‌ରେ ଭର୍ତ୍ତି ହୋଇଥିବା ବେଳେ ଇନ୍‌ଟରଭେନ୍‌ସନାଲ୍ ରେଡିଓଲଜି ଏବଂ ସ୍ତ୍ରୀ ଓ ପ୍ରସୂତି ବିଭାଗକୁ ନେଇ ଗଠିତ ଏକ ଡାକ୍ତରୀ ଟିମ୍ ଅଭିନବ ହାଇବ୍ରିଡ ପ୍ରକ୍ରିୟାରେ ମହିଳା ଓ ଶିଶୁଟିର ଚିକିତ୍ସା କରିବାର ନିଷ୍ପତ୍ତି ନେଇଥିଲେ।

ଡାକ୍ତରୀ ଟିମ୍ ଗୋଟିଏ ଟେବୁଲରେ ୟୁଟେରାଇନ୍ ଆର୍ଟେରୀ ଏମ୍ବୋଲାଇଜେସନ୍ ଏବଂ ଲୋୟର ସେଗ୍‌ମେଣ୍ଟ ସିଜରିଆନ୍ ସେକ୍ସନ୍ (ଏଲ୍‌ଏସ୍‌ସିଏସ୍) ପ୍ରକ୍ରିୟା, ଯାହାକୁ କି ହାଇବ୍ରିଡ୍ ପଦ୍ଧତି କୁହାଯାଏ, ତାହାକୁ କାର୍ଯ୍ୟକାରୀ କରିଥିଲେ। ଏହି ବୈଷୟିକ ଜ୍ଞାନ କୌଶଳରେ ମା'ର ଗର୍ଭାଶୟକୁ ଭବିଷ୍ୟତର ଗର୍ଭଧାରଣ କରିବା ପାଇଁ ସୁରକ୍ଷିତ ରଖାଯାଇପାରିଥିଲା। ଉଲ୍ଲେଖନୀୟ ଯେ ମହିଳା ଜଣକର ପୂର୍ବରୁ ୨ଟି ଗର୍ଭ ନଷ୍ଟ ହୋଇଥିବା ବେଳେ ତାଙ୍କର କୌଣସି ସନ୍ତାନ ନଥିଲେ। ଏହି ପ୍ରକ୍ରିୟାର ଏକ ସପ୍ତାହ ପରେ ଉଭୟ ମା' ଓ ଶିଶୁ ସୁସ୍ଥ ଅଛନ୍ତି।

# ଚାଷୀମାନଙ୍କୁ ରବି ଫସଲ ଋଣ ପ୍ରଦାନ



**ଖୋର୍ଦ୍ଧା,୨୪।୧୦ (ସଂଚାର ବ୍ୟୁରୋ):** ଖୋର୍ଦ୍ଧା କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ସଦର ଶାଖା ଚାଷୀମାନଙ୍କୁ ୨୦୨୫-୨୬ ରବି ଫସଲ ଋଣ ପ୍ରଦାନ ଆରମ୍ଭ କରିଛି। ରାଜ୍ୟ ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ନିୟମ ଏବଂ ନିୟମ ଅନୁଯାୟୀ, ସମାଜର ସଦସ୍ୟମାନେ ଶାଖା କାର୍ଯ୍ୟାଳୟରୁ ସିଧାସଳଖ ଋଣ ନେଇ ସେମାନଙ୍କର ଚାଷ କାର୍ଯ୍ୟରେ ନିବେଶ କରିବେ। ଏହି ରବି ଫସଲ ଋଣ କାର୍ଯ୍ୟକ୍ରମର ପ୍ରଥମ ଦିନରେ କୃଷକମାନଙ୍କୁ ପ୍ରାୟ ୧ କୋଟି ୩ ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିଲା। ଏହି ଅବସରରେ, ଖୋର୍ଦ୍ଧା କେନ୍ଦ୍ରୀୟ ସମବାୟ ବ୍ୟାଙ୍କର ସଭାପତି ଅଭିଷେକ ସିଂହ ସାମନ୍ତ, ସଦର ଶାଖାର ସଭାପତି ମାନସ ରଞ୍ଜନ ପ୍ରଧାନ, ସିଇଓ, ସାରଥି ସତପଥୀ, ଏଜିଏମ୍, ସନ୍ଦୀପ ପଟ୍ଟନାୟକ, ଋଣ ପରିଚାଳକ ତପନ କୁମାର ଚୌଧୁରୀ, ସଦର ଶାଖା ପରିଚାଳକ ଅଜୟ କୁମାର ଦାସ, ଏ.ଆଇ. ଖୋର୍ଦ୍ଧା ବ୍ଲକ ୟୁନିଅନର ସଭାପତି ଲଳିତ କୁମାର କର, ସଚିବ କାଇପାଦର ସମବାୟ ସମିତି ଜାଜା ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ।

# ଋଷିକୂଲ୍ୟା ପଠାରୁ ମୃତଦେହ ଉଦ୍ଧାର



**ଛତ୍ରପୁର,୨୪।୧୦ (ସଂଚାର ବ୍ୟୁରୋ):** ଗଞ୍ଜାମ ଥାନା ଅନ୍ତର୍ଗତ ପୋତାଗଡ଼ ନିକଟରେ ଋଷିକୂଲ୍ୟା ନଦୀ ପଠାରେ ଗୁରୁବାର ଅପରାହ୍ନ ଏକ ଅଜଣା ବ୍ୟକ୍ତିଙ୍କ ମୃତଦେହ ପଡ଼ିଥିବା ଦେଖି ସ୍ଥାନୀୟ ଲୋକ ଗଞ୍ଜାମ ପୁଲିସକୁ ସୂଚନା ଦେଇଥିଲେ। ସୂଚନା ପାଇ ଗଞ୍ଜାମ ପୁଲିସ ଓ ଅଗ୍ନିଶମ ବିଭାଗ ଘଟଣାସ୍ଥଳରେ ପହଞ୍ଚିଥିଲେ, କିନ୍ତୁ ନଦୀରେ ପାଣିର ସ୍ତର ଅଧିକ ଥିବାରୁ ଉଦ୍ଧାର କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିଲା। ଶୁକ୍ରବାର ଭୋରରେ ଗଞ୍ଜାମ ଥାନା ଅଧିକାରିଣୀ ସୁମିତ୍ରା ପାତ୍ରଙ୍କ ନେତୃତ୍ୱରେ ଛତ୍ରପୁର ଅଗ୍ନିଶମ ବାହିନୀ ଓ ସାଇଣ୍ଟିଫିକର ଦୁଇଟି ବିଶେଷ ଟିମର ଯୁଗ୍ମ ପ୍ରୟାସରେ ମୃତଦେହକୁ ଉଦ୍ଧାର କରିବାରେ ସଫଳ ହୋଇଛନ୍ତି। ପୁଲିସ ସୂତ୍ର ଅନୁଯାୟୀ, ମୃତକର ପକେଟରୁ ମିଳିଥିବା ଏକ ଆଧାର କାର୍ଡ ଆଧାରରେ ମୃତକଙ୍କ ନାମ ସଂଜାଳ ଫିରଦୌସ (୨୧), ଠିକଣା: ମୈରାଡାଙ୍ଗା, ଜଲପାଇଗୁଡ଼ି ଅଞ୍ଚଳ ବୋଲି ଜଣାପଡିଛି। ମୃତ୍ୟୁର ସ୍ପଷ୍ଟ କାରଣ ଅଜଣା ରହିଥିବା ବେଳେ ମୃତଦେହକୁ ଜବତ କରି ବ୍ରହ୍ମପୁର ବଡ଼ ମେଡିକାଲ ପୋଷ୍ଟମର୍ଟମ ପାଇଁ ପଠାଯାଇଛି।

# ଶୋଷଣର ଶିକାର ହେଉଛନ୍ତି ଆଦିବାସୀ ଛାତ୍ରଛାତ୍ରୀ

**ନବରଙ୍ଗପୁର/ଝରିଗାଁ,୨୪।୧୦ (ସଂଚାର ବ୍ୟୁରୋ):** ନବରଙ୍ଗପୁର ଜିଲା ଏକ ଆଦିବାସୀ ଅଧୁଷିତ ଅଞ୍ଚଳ ହୋଇ ଥିଲେ ମଧ ଏଠାକାର ପିଲା ଗୁଣାତ୍ମକ ଶିକ୍ଷାରୁ ବଞ୍ଚିତ ହେଉଛନ୍ତି ଓ ଶିକ୍ଷାନୁଷ୍ଠାନ ଦ୍ୱାରା ଶୋଷଣର ଶିକାର ହେଉଛନ୍ତି, ଏମିତି ଏକ ଅଭିଯୋଗ ଆସିଛି ଝରିଗାଁ ବ୍ଲକ ଫୁପୁଗାଁ ଉଚ୍ଚ ମାଧମିକ ବିଦ୍ୟାଳୟରୁ। ଆଦିବାସୀ ଛାତ୍ରୀଛାତ୍ର ଓ ତାଙ୍କ ପରିବାର ଆର୍ଥିକ ଶୋଷଣର ଶିକାର ହେଉଥିବା ସହ ବିଦ୍ୟାଳୟରେ ଶିକ୍ଷାର ବିକାଶ ପରିବର୍ତ୍ତେ ଅସାମାଜିକ କାର୍ଯ୍ୟକୁ ପ୍ରୋତ୍ସାହନ ଦିଆଯାଉଛି। ଏଠାରେ ସରକାରଙ୍କ ନିର୍ଦ୍ଧାରିତ ନାମଲେଖା ଫି'ଠାରୁ ଅଧିକ ଅର୍ଥ ଆଦାୟ କରା ଯାଉଥିବା ଅଭିଯୋଗ ହୋଇଛି। ଚଳିତ ଶିକ୍ଷା ବର୍ଷରୁ ଫୁଫୁଗାଁ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟକୁ ଉଚ୍ଚ ମାଧମିକ ବିଦ୍ୟାଳୟ ଭାବେ ସରକାର ମାନ୍ୟତା ପ୍ରଦାନ କରିଛନ୍ତି। ସେଠାରେ କଳା ଏବଂ ବିଜ୍ଞାନ ବିଭାଗ ଖୋଲା ଯାଇ ପିଲାଙ୍କ ନାମ ଲେଖା ପ୍ରକ୍ରିୟା ଚାଲିଛି। ନାମ ଲେଖା ପାଇଁ ସରକାର ଧାର୍ଯ୍ୟ କରିଥିବା ଫିସ୍ ଠାରୁ ଅଧିକ ଟଙ୍କା ଆଦାୟ କରାଯାଇଥିବା ନେଇ ଅଭିଭାବକମାନେ ଅଭିଯୋଗ କରି ଆଜି ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି ।

ଉକ୍ତ ଉଚ୍ଚ ମାଧମିକ ବିଦ୍ୟାଳୟରେ ୯୮ ଛାତ୍ରୀଛାତ୍ର କଳା ବିଭାଗରେ ଏବଂ ୧୩ଜଣ ଛାତ୍ରୀଛାତ୍ର ବିଜ୍ଞାନ ବିଭାଗରେ ନାମ ଲେଖାଇଛନ୍ତି। କଳାରେ ଏସ୍‌ଇବିସି ପିଲାଙ୍କ ପାଇଁ ନାମ ଲେଖା ଫି' ୧୦୮୫ ଥିବାବେଳେ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ସେମାନଙ୍କଠାରୁ ୧୨୫୦ ଟଙ୍କା ଆଦାୟ କରାଯାଇଛି। ସେହିଭଳି ଅନୁସୂଚିତ ଜାତି ଓ ଜନଜାତି ପିଲାଙ୍କ ପାଇଁ ୯୮୯ଟଙ୍କା ଆଡ୍‌ମିଶନ ଫି ବଦଳରେ ୧୩୦୦ ଟଙ୍କା ନିଆଯାଇଥିବା ଅଭିଯୋଗ ହୋଇଛି। ଏସ୍‌ଇବିସି ଛାତ୍ରୀଛାତ୍ରଙ୍କ ନାମଲେଖା ବିଜ୍ଞାନରେ ଫି' ୧୧୩୮ ଥିବାବେଳେ ୧୩୦୦ ଟଙ୍କା ଆଦାୟ କରାଯାଇଛି। ଅନୁସୂଚିତ ଜାତି ଓ ଜନଜାତି ଛାତ୍ରୀଛାତ୍ରଙ୍କ ଠାରୁ ୧୦୩୦ ବଦଳରେ ୧୩୫୦ ଟଙ୍କା ନିଆଯାଇଥିବା ଅଭିଯୋଗ ହୋଇଛି। ନାମ ଲେଖାଇଥିବା ଛାତ୍ରୀଛାତ୍ରଙ୍କଠାରୁ ପ୍ରାୟ ୨୨ହଜାର ଅଧିକ ଟଙ୍କା ଅଧିକ ନିଆଯାଇଥିବା ଅଭିଯୋଗ ହୋଇଛି।

ବିଦ୍ୟାଳୟ କର୍ତ୍ତୃପକ୍ଷ ନିଜ ଉପରୁ ଦୋଷ ଖସାଇ ବିଦ୍ୟାଳୟ ପରିଚାଳନା ନିଷ୍ପତ୍ତିକ୍ରମେ ବ୍ୟାନର, ଲିପ୍‌ଲେଟ୍, ରସିଦ ବହି, ଅଫିସ୍ ଷ୍ଟେଶନେରି ଏବଂ ଅନ୍‌ଲାଇନ ନାମଲେଖା ନିମନ୍ତେ ଖର୍ଚ୍ଚ କରାଯିବା ପାଇଁ ଅତିରିକ୍ତ ଟଙ୍କା ପିଲାଙ୍କଠାରୁ ଆଦାୟ କରାଯାଇଛି ବୋଲି ସଫେଇ ଦେଇଛନ୍ତି । ଏହା ସହ ମଧାହ୍ନ ଭୋଜନରେ ଆନିୟମିତତା ଓ ବିଦ୍ୟାଳୟ ପରିସରରେ ଅସାମାଜିକ କାର୍ଯ୍ୟକଳାପକୁ ପ୍ରୋତ୍ସାହନ ପ୍ରଧାନ ଶିକ୍ଷକ ଦେଉଥିବା ଅଭିଯୋଗ ଆଣିଛନ୍ତି ଗ୍ରାମବାସୀ ଓ ଅବିଭାବକମାନେ।

# ଟ୍ରାଫିକ୍ ଯନ୍ତ୍ରଣାରୁ ମିଳିବ ମୁକ୍ତି

**ଖବର ପ୍ରକାଶ ପରେ ଚେତିଲା ଜିଲ୍ଲାପ୍ରଶାସନ**

## କ୍ଷେତ୍ର ପରିଦର୍ଶନ କଲେ ବିଧାୟକ ଓ ଅଧିକାରୀ



**ଯାଜପୁର,୨୪।୧୦ (ସଂଚାର ବ୍ୟୁରୋ):** ସଂଚାର ଖବର କାଗଜରେ ପାଣିକୋଇଲି ଛକର ଟ୍ରାଫିକ୍ ଯନ୍ତ୍ରଣା ଉପରେ ପ୍ରକାଶିତ ସମାଲୋଚନାତ୍ମକ ଖବର ଜିଲ୍ଲା ପ୍ରଶାସନକୁ ଚେତାଇ ଦେଲା। 'ସଂଚାର' ଖବର ପରେ ଏହି ସମସ୍ୟା ଉପରେ ସକ୍ରିୟ ହୋଇ ଜିଲ୍ଲାପାଳ ଓ ସ୍ଥାନୀୟ ବିଧାୟକ ସହିତ ବହୁ ପ୍ରଶାସନିକ ଅଧିକାରୀ ଗତକାଲି ପାଣିକୋଇଲି ଛକରେ ପହଞ୍ଚି ଟ୍ରାଫିକ୍ ସମସ୍ୟା ନିଜେ ଅନୁଧ୍ୟାନ କରିଛନ୍ତି।

ଯାଜପୁର ଜିଲ୍ଲାର ମୁଖ୍ୟ ଗମନାଗମନ କେନ୍ଦ୍ର ଭାବେ ପରିଚିତ ପାଣିକୋଇଲି ଛକ ୧୬ ଓ ୨୦ ନମ୍ବର ଜାତୀୟ ରାଜପଥ ଯୋଗସ୍ଥଳ ହେବାରୁ ଦିନରାତି ହଜାର ହଜାର ଗାଡ଼ିର ଚଳାଚଳ ହୁଏ। କଳିଙ୍ଗନଗର ଶିଳ୍ପାଞ୍ଚଳ ଓ କେନ୍ଦୁଝର ଖଣି ଅଞ୍ଚଳରୁ ଭାରୀ ଯାନ ଯାତାୟାତ ହେତୁ ଏହି ଛକ ସଦାସର୍ବଦା ଜାମରେ ବନ୍ଦ ରହିଥାଏ। ରାସ୍ତା ଜବରଦଖଲ, ବେଆଇନ୍ ପାର୍କିଂ, ଅସ୍ଥାୟୀ ବ୍ୟବସାୟୀଙ୍କ ଅବସ୍ଥାନ ସହ ଏଠିରେ ଟ୍ରାଫିକ୍ ଥାନା ନଥିବାରୁ ସ୍ଥିତି ଅତ୍ୟନ୍ତ ଦୁରବସ୍ଥାରେ ପହଞ୍ଚିଛି। 'ସଂଚାର' ଖବରରେ ପ୍ରଶାସନର ଅବହେଳା ଉପରେ ପ୍ରଶ୍ନ ଉଠିବା ପରେ ଆଜି ବିଧାୟକ ଆକାଶ ଦାସନାୟକ ନେତୃତ୍ୱରେ ଜିଲ୍ଲାପାଳ ଅମ୍ବର କୁମାର କର, ଉପଜିଲ୍ଲାପାଳ ତାପସ ରଂଜନ ଦେହୁରୀ, କଳିଙ୍ଗନଗର ଅତିରିକ୍ତ ଜିଲ୍ଲାପାଳ ସପନ କୁମାର ନନ୍ଦ, ଯାଜପୁର ଆଞ୍ଚଳିକ ପରିବହନ ଅଧିକାରୀ ଧୀରେନ୍ଦ୍ର କୁମାର ନାୟକ, ଅତିରିକ୍ତ ଏସ୍‌ପି ସୀତିକଣ୍ଠ କାନୁନଗୋ, ଏନ୍‌ଏଚ୍‌ଏଆଇ ଡେପୁଟୀ ମ୍ୟାନେଜର ଅଭିନବ କୁମାର ସହ ଅନ୍ୟାନ୍ୟ ଅଧିକାରୀ ଓ ସ୍ଥାନୀୟ ପ୍ରତିନିଧିମାନେ ଅପରାହ୍ନରେ ସ୍ଥଳ ପରିଦର୍ଶନ କରିଥିଲେ। ଜିଲ୍ଲାପାଳ ଜନତାଙ୍କୁ ଆଶ୍ୱାସନ ଦେଇଥିଲେ ଯେ, "ପାଣିକୋଇଲି ଛକର ଟ୍ରାଫିକ୍ ସମସ୍ୟା ଦୀର୍ଘଦିନର, କିନ୍ତୁ ଶୀଘ୍ର ଏହାର ସ୍ଥାୟୀ ସମାଧାନ ହେବ।"

# ଜନଜାତି ଯୁବ ଲଘୁ ଉଦ୍ୟୋଗୀଙ୍କୁ ଟ୍ରାକ୍ଟର କିଣିବାକୁ ସହାୟତା ପ୍ରଦାନ



**ଫୁଲବାଣୀ,୨୪।୧୦ (ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ଡିଣ୍ଡିରିଗାଁ ପଞ୍ଚାୟତ ସରୁକୋଇ ଗ୍ରାମର ଯୁବ ଉଦ୍ୟୋଗୀ ଦିବ୍ୟାଲୋଚନ କହଁରଙ୍କୁ ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ ମାଧମରେ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, ଫୁଲବାଣୀ ପକ୍ଷରୁ ମହିନ୍ଦ୍ରା ଟ୍ରାକ୍ଟର ଓ ଟ୍ରଲି ପାଇଁ ସହାୟତା ପ୍ରଦାନ କରାଯାଇଛି । ସରୁକୋଇ ଗ୍ରାମରେ ମା ଧରଣିପେନୁ ଜନଜାତି ଜୀବିକା ପରିଷଦ ଗଠନ ହୋଇଛି । ଏହି ପରିଷଦର ଜଣେ ଶିକ୍ଷିତ ବେକାର ଯୁବକ ଦିବ୍ୟାଲୋଚନ୍ ଲଘୁ ଯୁବ ଉଦ୍ୟୋଗୀ ମାଧମରେ ଏକ ଟ୍ରାକ୍ଟର ଓ ଟ୍ରଲି କିଣି ଆର୍ଥିକ ସ୍ୱାବଲମ୍ବୀ ହେବା ପାଇଁ ମନ ବଳାଇଥିଲେ। ସ୍ୱାତୀ ସ୍ୱେଚ୍ଛାସେବୀ ଅନୁଷ୍ଠାନର ଜୀବିକା ବିଶେଷଜ୍ଞ ସଦାଶିବ ଚୌଧୁରୀଙ୍କ ପ୍ରୟାସ କ୍ରମେ ଏହି ପରିଷଦରୁ ଲଘୁ ଯୁବ ଉଦ୍ୟୋଗୀ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, ଫୁଲବାଣୀରୁ ୧ ଲକ୍ଷ ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଅବଶିଷ୍ଟ ରାଶି ବ୍ୟାଙ୍କ୍ ମାଧମରେ ଋଣ କରି ଟ୍ରାକ୍ଟର ଓ ଟ୍ରଲି କିଣି ନିଜେ ଆର୍ଥିକ ସ୍ୱାବଲମ୍ବୀ ହେବେ ବୋଲି କହିଛନ୍ତି।

# ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ଖାଦ୍ୟ ମେଳା

**ଖୋର୍ଦ୍ଧା,୨୪।୧୦ (ସଂଚାର ବ୍ୟୁରୋ):** ଖୋର୍ଦ୍ଧା ଗାନ୍ଧୀ ପଡିଆ ସ୍ଥିତ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ର ଠାରେ ଖାଦ୍ୟ ମେଳାର ଆୟୋଜନ କରାଯାଇଛି। ଶିକ୍ଷା କେନ୍ଦ୍ରର ଛାତ୍ରଛାତ୍ରୀମାନେ ନିଜେ ଖାଦ୍ୟ ପ୍ରସ୍ତୁତି କରି ଆସିଥିବା ସମସ୍ତ ଅତିଥି ଓ ଅଭିଭାବକ ମାନଙ୍କୁ ବିଭିନ୍ନ ପ୍ରକାରର ସୁସ୍ୱାଦୁ ଖାଦ୍ୟ ପରସିଥିଲେ। ଉକ୍ତ ଖାଦ୍ୟ ମେଳା ପ୍ରତିବର୍ଷ ଅନୁଷ୍ଠିତ ହୋଇ ଆସୁଥିବା ବେଳେ ଚଳିତ ବର୍ଷ ଅଧକ୍ଷ ଶ୍ରୀ ମାଧବଚନ୍ଦ୍ର ରାଉତରାୟଙ୍କ ଆୟୋଜିତ ଏହି ଖାଦ୍ୟ ମେଳା କୁ ସହକାରୀ ଉଦ୍ୟାନ ବିଭାଗ ଅଧିକାରୀ ଗାୟତ୍ରୀ ମହାପାତ୍ର ମୁଖ୍ୟ ଅତିଥି ଭାବେ ଉଦଘାଟନ କରିଥିଲେ।ମୁଖ୍ୟ ଅତିଥି ଓ ସମସ୍ତ ଅତିଥି ମାନେ ମେଳାରେ ଲାଗିଥିବା ପ୍ରତ୍ୟେକ ଷ୍ଟଲ୍ ବୁଲି ଦେଖିବା ସହିତ ଖାଇବାର ମଜା ଉଠାଇଥିଲେ। ଖାଦ୍ୟ ମେଳାରେ ପ୍ରାୟ କୋଡ଼ିଏରୁ ଉର୍ଦ୍ଧ୍ୱ ଷ୍ଟଲ୍ ଲାଗିଥିଲା।



# ଟିପିଏସ୍‌ଓଡିଏଲ୍‌ର ସୌରଶକ୍ତି ଓ ସୁରକ୍ଷା ସଚେତନତା ଯାତ୍ରା



**ବ୍ରହ୍ମପୁର,୨୪।୧୦ (ସଂଚାର ବ୍ୟୁରୋ):** ସୌର ଶକ୍ତିକୁ ଆପଣେଇବା ଏବଂ ବୈଦ୍ୟୁତିକ ସୁରକ୍ଷା ନିୟମକୁ ପାଳନ କରିବାର ବାର୍ତ୍ତା ନେଇ ଦୀର୍ଘ ୬୩୯ କିମି ପଥ ଅତିକ୍ରମ କରି ନିଜର ସଚେତନତା ଯାତ୍ରା ଶେଷ କରିଛନ୍ତି ଶ୍ରୀ ସୌମ୍ୟ ରଞ୍ଜନ ଲେଙ୍କା । ଟିପିଏସ୍‌ଓଡିଏଲର ପ୍ରୋଜେକ୍ଟ ବିଭାଗରେ ଟିମ୍ ଲିଡ୍ ଭାବରେ କାର୍ଯ୍ୟରତ ଅଛନ୍ତି ଶ୍ରୀ ଲେଙ୍କା। କର୍ମମୟ ଜୀବନ ବ୍ୟତୀତ ସେ ହେଉଛନ୍ତି ଜଣେ ପରିବେଶ ପ୍ରେମୀ । ପରିବେଶର ସୁରକ୍ଷା ପାଇଁ ସେ ସଦା ତତ୍ପର ଏବଂ ବିଭିନ୍ନ ସ୍ତରରେ ଭିନ୍ନ ଉପାୟରେ ସାଧାରଣ ଲୋକଙ୍କୁ ସଚେତନ କରିଥାଆନ୍ତି। ଏହି କ୍ରମରେ ଅକ୍ଟୋବର ୧୫ତାରିଖରେ ଶ୍ରୀ ସୌମ୍ୟ ରଞ୍ଜନ ଲେଙ୍କା ଆରମ୍ଭ କରିଥିଲେ ସାଇକେଲ ଯୋଗେ ସଚେତନତା ଯାତ୍ରା। କୋରାପୁଟ ଜିଲ୍ଲାର ଜୟପୁରଠାରୁ ଆରମ୍ଭ କରିଥିବା ଏହି ଯାତ୍ରା ନବରଙ୍ଗପୁର, ଭବାନୀପାଟଣା, ବଲାଙ୍ଗୀର, ବୌଦ୍ଧ, କନ୍ଧମାଳ, ଭଞ୍ଜନଗର, ଆସିକା ଦେଇ ବ୍ରହ୍ମପୁରରେ ଦୀର୍ଘ ସାତ ଦିନ ପରେ ତଥା ୨୨ ଅକ୍ଟୋବରରେ ଶେଷ ହୋଇଥିଲା।

ପିଏମ୍ ସୂର୍ଯ୍ୟ ଘର ମୁଫ୍ତ ବିଜୁଳି ଯୋଜନାରେ ସାମିଲ ହୋଇ ସୌର ଶକ୍ତିକୁ ଆପଣେଇବା ଏବଂ ବିଦ୍ୟୁତ ସୁରକ୍ଷା ନିୟମ ମାନିବା ସହିତ ଏଥିପ୍ରତି ଲୋକଙ୍କୁ ସଚେତନ କରାଇବା ଥିଲା ତାଙ୍କର ମୂଳ ଲକ୍ଷ୍ୟ। ଏ ସମ୍ପର୍କରେ ଶ୍ରୀ ଲେଙ୍କା କୁହନ୍ତି "ଆମର ଗୋଟିଏ ପୃଥିବୀ, ଗୋଟିଏ ସୂର୍ଯ୍ୟ ଏବଂ ଗୋଟିଏ ଗ୍ରୀଡ, ହେଲେ ଯାଇ ଆମେ ପରବର୍ତ୍ତୀ ପିଢ଼ିକୁ ଏକ ସବୁଜ ଓ ସୁନ୍ଦର ପୃଥିବୀ ଏବଂ ପରିବେଶ ଉପହାର ଦେଇ ପାରିବା । ଏଥିପାଇଁ ଆମକୁ ସବୁଜ ଏବଂ ସ୍ୱଚ୍ଛ ଶକ୍ତିର ବ୍ୟବହାର କରିବାକୁ ହେବ । କେବଳ ସେତିକି ନୁହେଁ ବୈଦ୍ୟୁତିକ ଉପକରଣ ବ୍ୟବହାର କରିବାବେଳେ ସର୍ବଦା ବିଦ୍ୟୁତ ସୁରକ୍ଷା ନିୟମ ମାନିବାକୁ ହେବ । ଆଗାମୀ ଦିନରେ ମୋର ଏହି ସଚେତନତା ଯାତ୍ରା ସାରା ଓଡ଼ିଶାରେ ପହଞ୍ଚିବ ବୋଲି ମୁଁ ଲକ୍ଷ୍ୟ ରଖିଛି। ନିଜର ସଚେତନତା ଯାତ୍ରା ସମୟରେ ବହୁ ଲୋକ ଏବଂ ବିଭିନ୍ନ ସ୍କୁଲରେ ପହଞ୍ଚି ପିଲାମାନଙ୍କ ମଧ୍ୟରେ ସଚେତନତା ବାର୍ତ୍ତା ବାଣ୍ଟିଛନ୍ତି ଶ୍ରୀ ସୌମ୍ୟ ରଞ୍ଜନ ଲେଙ୍କା।

# ବିଜେପିରେ ମିଶିଲେ ବିଜେଡି ନେତା



**ବ୍ରହ୍ମପୁର,୨୪।୧୦ (ସଂଚାର ବ୍ୟୁରୋ):** ବ୍ରହ୍ମପୁର ବିଜେଡିରେ ଦଳ ଡିଆଁ ଆରମ୍ଭ ହୋଇଛି। ଆଜି ବିଜେଡି ଛାଡି ବିଜେପିରେ ସାମିଲ ହୋଇଛନ୍ତି ପୂର୍ବତନ କର୍ପୋରେଟର ,ବ୍ରହ୍ମପୁର ବିଜେଡିର ନଗର ସଭାପତି ତଥା ପୂର୍ବତନ ଡେପୁଟି ମେୟର ସଂଯୁକ୍ତା ସାମଲଙ୍କ ସ୍ୱାମୀ ବିଜୟ ଚନ୍ଦ୍ର ସାମଲ। ସ୍ଥାନୀୟ ବିଧାୟକ କେ. ଅନୀଲ କୁମାରଙ୍କ ନେତୃତ୍ୱରେ ବିଧାୟକଙ୍କ କାର୍ଯ୍ୟାଳୟରେ ଶ୍ରୀଯୁକ୍ତ ସାମଲ ପଦ୍ମ ଧରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିଚାରଧାରା ଏବଂ ବିଜେପିର ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହୋଇ ସେ ପଦ୍ମ ଦଳରେ ସାମିଲ ହୋଇଥିବା କହିଛନ୍ତି। ଅନ୍ୟପଟେ ବିଜୟଙ୍କ ବିଜେପିରେ ସାମିଲ ଦଳକୁ ଆହୁରି ସୁଦୃଢ଼ ଓ ସଶକ୍ତ କରିବ ବୋଲି ବିଧାୟକ ମତ ରଖିଛନ୍ତି। ଏହି ଅବସରରେ ବିଜେପିର ବହୁ କର୍ଯ୍ୟକର୍ତା ଉପସ୍ଥିତ ରହି ଶ୍ରୀ ସମାଲଙ୍କୁ ଦଳକୁ ସ୍ୱାଗତ କରିଥିଲେ।

# ସରକାରୀ ସ୍କୁଲରେ ନାଁ, ଘରୋଇରେ ପାଠପଢ଼ା

**ସ୍କୁଲକୁ ନଯାଇ ପଡୁଛି ଉପସ୍ଥାନ**

**ମଣ୍ଡଳ ଶିକ୍ଷାଧିକାରୀଙ୍କ ତଦନ୍ତ ନିର୍ଦ୍ଦେଶ**

**ଶିକ୍ଷକମାନଙ୍କ ମଧ୍ୟରେ ଛନକା**

**କାକଟପୁର/ଅସ୍ତରଙ୍ଗ,୨୪।୧୦ (ସଂଚାର ବ୍ୟୁରୋ):** ସରକାରୀ ସ୍କୁଲରେ ନାଁ ଗଡୁଛି। ଦିନେ ହେଲେ ସ୍କୁଲ ମାଟି ମାଡୁ ନାହାନ୍ତି। କିନ୍ତୁ ଉପସ୍ଥାନ ଖାତାରେ ସବୁ ଦିନ ଆସୁଥିବା ରେକର୍ଡ ରହୁଛି। ପରୀକ୍ଷା ବେଳେ ଆସୁଛନ୍ତି ସ୍କୁଲ। ଅସଲରେ ପାଠପଢା ଘରୋଇ ସ୍କୁଲରେ। ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅଞ୍ଚଳରେ ଥିବା ଅନେକ ଘରୋଇ ଓଡ଼ିଆ ମାଧ୍ୟମ ସ୍କୁଲରେ ଦେଖିବାକୁ ମିଳିଛି ଏପରି ଦୃଶ୍ୟ। ସ୍କୁଲରେ ଉପରଶ୍ରେଣୀ ପାଇଁ ସରକାରୀ ଅନୁମତି ନଥିବାରୁ ଘରୋଇ ସ୍କୁଲ କର୍ତ୍ତୃପକ୍ଷ ସେମାନଙ୍କ ଚିହ୍ନା ସରକାରୀ ସ୍କୁଲରେ ପିଲାଙ୍କୁ ନେଇ ନାମ ଲେଖାଉଛନ୍ତି। ପିଲାଙ୍କଠୁ ନାମଲେଖା ଫି ଆଦାୟ କରୁଛନ୍ତି। ଏପରିକି ମାଟ୍ରିକ ପରୀକ୍ଷା ସାର୍ଟିଫିକେଟ ଦେବା ବେଳକୁ ମନଇଚ୍ଛା ଟଙ୍କା ଆଦାୟ କରୁଛନ୍ତି। ଏପରି ଅଭିଯୋଗ କରିଛନ୍ତି ଅନେକ ଅଭିଭାବକ।ଯାହାକୁ ନେଇ ଗତ ଜୁନ ୨୨ତାରିଖରେ ଖବର ପ୍ରକାଶିତ ପରେ ସିଆରସିଙ୍କୁ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି ଅସ୍ତରଙ୍ଗ ମଣ୍ଡଳଶିକ୍ଷାଧିକାରୀ ଶ୍ରୀକାନ୍ତ କୁମାର ସ୍ୱାଇଁ।

ଅଭିଯୋଗ ଅନୁଯାୟୀ, ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅଞ୍ଚଳରେ କିଛି ଘରୋଇ ସ୍କୁଲକୁ ଅଷ୍ଟମ ଶ୍ରେଣୀ ଯାଏ ପାଠ ପଢାଇବାକୁ ଅନୁମତି ମିଳିଛି। ହେଲେ ସେଠାରେ ନବମ ଓ ଦଶମ ଶ୍ରେଣୀ ପାଠ ପଢାଯାଉଛି ବୋଲି ସ୍କୁଲ କର୍ତ୍ତୃପକ୍ଷ ଦାବୀ କରୁଛନ୍ତି। ପିଲାଙ୍କ ଅଷ୍ଟମ ଶ୍ରେଣୀ ସରିବା ମାତ୍ରେ ଅଭିଭାବକ ସ୍କୁଲରୁ ସିଏଲସି ନେବାକୁ ଯିବା ସମୟରେ ସ୍କୁଲ କର୍ତ୍ତୃପକ୍ଷ ଉକ୍ତ ସ୍କୁଲରେ ପାଠ ପଢାଇବାକୁ ଅଭିଭାବକଙ୍କୁ ବାଧ୍ୟ କରୁଛନ୍ତି। ଅଭିଭାବକ ଯଦି ପ୍ରଶ୍ନ କରୁଛନ୍ତି ଆପଣଙ୍କ ସ୍କୁଲରେ ତ ନବମ ଓ ଦଶମ ଶ୍ରେଣୀ ପାଇଁ ଅନୁମତି ନାହିଁ, କିପରି ନାମ ଲେଖାଇବେ। ସେମାନେ ଅଭିଭାବକଙ୍କୁ ଏକ ସରକାରୀ ସ୍କୁଲରେ ତାଙ୍କର ଚିହ୍ନା ଅଛି, ସେଠାରେ ନାଁ ଲେଖାଯିବ ଓ ଏଠାରେ ପାଠ ପଢାଯିବ ବୋଲି କହି ବୁଝାଉଛନ୍ତି। ଏମିତି ସରକାରୀ ସ୍କୁଲରେ ନାମ ଲେଖାଇଲେ ସମସ୍ତ ପ୍ରକାର ସରକାରୀ ସୁବିଧା ମିଳିବ, ସେଠାରେ ଉପସ୍ଥାନ ଆମେ ଦେଖିବୁ। ପରୀକ୍ଷା ଫଳ କିପରି ଭଲ ହେବ ସେଥିଲାଗି ଧାନ ଦେବୁ ବୋଲି ନାନାଦି କଥା କହି ପ୍ରଲୋଭିତ କରୁଛନ୍ତି।

ଏ ଘଟଣା ସମ୍ପର୍କରେ ଗତ ଜୁନ ୨୨ତାରିଖରେ ଖବର ପ୍ରସାରଣ ପରେ ଅସ୍ତରଙ୍ଗ ଅଞ୍ଚଳ ସମାଜସେବୀ ଅମୀୟ ରଞ୍ଜନ ବାରିକ ନିଜ ଏକ୍ସ ମାଧ୍ୟମରେ ଅଭିଯୋଗ କରି ସତ୍ୟାସତ୍ୟ ତଦନ୍ତ କରିବାକୁ ଦାବୀ କରିଥିଲେ। ଯାହାକି ଅଭିଯୋଗ ପାଇବା ପରେ ଅସ୍ତରଙ୍ଗ ମଣ୍ଡଳ ଶିକ୍ଷାଧିକାରୀ ଶ୍ରୀକାନ୍ତ କୁମାର ସ୍ୱାଇଁ ପ୍ରକାଶିତ ଖବର ସତ୍ୟାସତ୍ୟ ଅନୁଧାନ ପାଇଁ ସାଧନ ସଂଯୋଜକ ମାନଙ୍କୁ ଚିଠି ନମ୍ବର ୧୨୭୨ରେ ଜଣାଇଛନ୍ତି। ଅପେକ୍ଷା କିପରି ଓ କେଉଁ ଭଳି ଭାବେ ତଦନ୍ତ ଯାଞ୍ଚ କରୁଛନ୍ତି ତାହା ହିଁ ଅପେକ୍ଷା।

# ମଳିପଡ଼ାରେ ସୋଆ ଆଇଟିଇଆର ଏନ୍‌ଏସ୍‌ଏସ୍ ୟୁନିଟର ସେବା ଶିବିର




**ଭୁବନେଶ୍ୱର,୨୪।୧୦ (ସଂଚାର ବ୍ୟୁରୋ):** ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନିକାଲ୍ ଏଜୁକେସନ୍ ଆଣ୍ଡ ରିସର୍ଚ୍ଚ (ଆଇଟିଇଆର)ର ଏନ୍‌ଏସ୍‌ଏସ୍ ୟୁନିଟ ଦ୍ୱାରା ଇନ୍‌ଷ୍ଟିଚ୍ୟୁଟ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ୍ ହସ୍ପିଟାଲ୍ ନିକଟସ୍ଥ ମଳିପଡ଼ା ଗ୍ରାମରେ ଏକ ସାତ ଦିନିଆ ସ୍ୱତନ୍ତ୍ର ସେବା ଶିବିର ଅକ୍ଟୋବର ୨୩ ରୁ ଆରମ୍ଭ ହୋଇଛି। ଏହି କାର୍ଯ୍ୟକ୍ରମରେ ଆଇଟିଇଆର୍‌ରର ଡିନ୍ ପ୍ରଫେସର ପ୍ରଦୀପ୍ତ କୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶିବିରକୁ ଉଦ୍‌ଘାଟନ କରି ଏନଏସ୍‌ଏସ୍ ସ୍ୱେଚ୍ଛାସେବୀଙ୍କ ସମାଜ ସେବା ପ୍ରତି ନିଷ୍ଠା ଓ ଉତ୍ସାହକୁ ପ୍ରଶଂସା କରିଥିଲେ। ଏଭଳି ଶିବିର ଯୁବ ସମ୍ପ୍ରଦାୟ ମଧ୍ୟରେ ନେତୃତ୍ୱ, ଏକତା ଓ ସାମାଜିକ ଜାଗୃତି ସୃଷ୍ଟି କରିପାରିବ ବୋଲି ପ୍ରଫେସର ସାହୁ କହିଥିଲେ।

ଶିବିରର ପ୍ରଥମ ଦିନ ସମସ୍ତ ଏନଏସଏସ୍ ସ୍ୱେଚ୍ଛାସେବୀ ମଳିପଡ଼ା ଗ୍ରାମର ପ୍ରତ୍ୟେକ ଘର ବୁଲି ଶିକ୍ଷା ଓ ସାମାଜିକ-ଆର୍ଥିକ ସର୍ଭେ କରିଥିଲେ। ସେମାନେ ଗ୍ରାମବାସୀଙ୍କର ଦୈନିକ ଆବଶ୍ୟକତା, ସମସ୍ୟା ଆଦି ବିଷୟରେ ବୁଝିଥିଲେ। ଏହି ଶିବିରରେ ସ୍ୱେଚ୍ଛାସେବୀମାନଙ୍କ ଦ୍ୱାରା ସ୍ୱଚ୍ଛତା ଅଭିଯାନ, ବୃକ୍ଷ ରୋପଣ, ସ୍ୱାସ୍ଥ୍ୟ ଶିବିର, ଶିକ୍ଷା ଓ ସଚେତନତା ରାଲି ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବ।

### କଟକ କାଳୀପୂଜାରେ ବିଶୃଙ୍ଖଳା

# ପୁଲିସ-ଜନତା ହାତାହାତି

**କଟକ, ୨୪।୧୦(ସଂଚାର ବ୍ୟୁରୋ):** କାଳୀପୂଜା ଭସାଣିକୁ ନେଇ କଟକରେ ପୁଣି ଉତ୍ତେଜନା ଦେଖାଦେଇଛି। ରାସ୍ତା ଉପରେ ଅଟକିଛି ମେଢ଼। କମିଟିର ଦୁଇ ବରିଷ୍ଠ ସଦସ୍ୟଙ୍କୁ ପୁଲିସ୍ ମାଡ଼ ମାରିଥିବା ଅଭିଯୋଗ ହୋଇଛି।

ତେବେ କାଳୀପୂଜା ଭସାଣି ପାଇଁ କଟକକୁ ସାଇଲେନ୍ସ ଜୋନ୍ କରାଯାଇଥିଲା। ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ଦରଘା ବଜାର ଥାନା ସିଟି ହସ୍ପିଟାଲ ନିକଟରେ ସାଇଲେନ୍ସ ଜୋନ୍ ଘୋଷଣା କରାଯାଇଥିଲା। ଏନେଇ ନିଜ ପ୍ରତିକ୍ରିୟାରେ ସୂଚନା ଦେଇଥିଲେ ପୋଲିସ କମିଶନର ସୁରେଶ ଦେବଦତ୍ତ ସିଂ। ଏହା ସହିତ ଭସାଣି ସମୟରେ ସହରରେ ୫୦ ପ୍ଲାଟୁନ୍ ପୋଲିସ ଫୋର୍ସ ମୁତୟନ ରହିଥିଲେ। ସମ୍ବେଦନଶୀଳ ସ୍ଥାନରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିଲା। ରୁଫ୍ ଟପ୍ ପୁଲିସ ବ୍ୟବସ୍ଥା ସହ ଡ୍ରୋନ୍ ଓ ସିସିଟିଭି ନଜରରେ ପୂରା ସହର ରଖାଯାଇଥିଲା। କେନ୍ଦ୍ରୀୟ ଫୋର୍ସ ବି ନିୟୋଜିତ ହେବେ ବୋଲି ବାରବାଟୀ ଷ୍ଟାଡିୟମରେ କମିସନରେଟ ପୁଲିସ ପକ୍ଷରୁ ଆୟୋଜିତ ପୋଲିସ ବ୍ରିଫିଂରେ କହିଥିଲେ ପୋଲିସ କମିଶନର। କିନ୍ତୁ ଏତେ ସବୁ ସତ୍ତ୍ୱେ ବି କାଳିପୂଜା ଭସାଣିରେ ଗଣ୍ଡଗୋଳ ଦେଖିବାକୁ ମିଳିଛି। ପୋଲିସ କିଛି ବୟସ୍କ ବ୍ୟକ୍ତିଙ୍କ ଉପରକୁ ହାତ ଉଠାଇଥିବା ଅଭିଯୋଗ ହୋଇଛି। ଯାହାଫଳରେ ଭସାଣି ଅଧାରୁ ବନ୍ଦ ରହିଥିଲା। ରାସ୍ତା ମଝିରେ ମେଢ଼ ଅଟକିଥିଲା। ରାସ୍ତାର ଉଭୟ ପାର୍ଶ୍ୱରେ ଗାଡ଼ି ମଟର ଜାମ୍ ହୋଇଥିଲା।

ଅନ୍ୟପଟେ କଟକ ଦୁର୍ଗାପୂଜା ଭସାଣି ସମୟରେ ହୋଇଥିବା ଗଣ୍ଡଗୋଳ ମାମଲାରେ ଗିରଫ ହୋଇ ଜେଲରେ ଥିବା ୨୨ ଜଣଙ୍କୁ ଏଡିଜେ-୨ ଅଦାଲତ ଜାମିନରେ ଖଲାସ କରିଛନ୍ତି। ସୂଚନାଯୋଗ୍ୟ, କଟକରେ ଦଶହରା ଭସାଣି ଶୋଭାଯାତ୍ରା ଚାଲିଥିବା ବେଳେ ଦୁଇ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ଘଟିଥିଲା। ଉଭୟ ପକ୍ଷରୁ ଢେଲା ଓ କାଚ ବୋତଲ ମାଡ଼ ହେବାରୁ ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ହୋଇଥିଲା। ପରିସ୍ଥିତି ସମ୍ଭାଳିବାକୁ ଯାଇ କଟକ ଡିସିପିଙ୍କ ସମେତ ପୁଲିସ କର୍ମଚାରୀମାନେ ଆହତ ହୋଇଥିଲେ।

ପରବର୍ତ୍ତୀ ସମୟରେ ଏହି ଗଣ୍ଡଗୋଳକୁ ବିରୋଧ କରି ସହରରେ ମୋଟରସାଇକେଲ ଶୋଭାଯାତ୍ରା ଶୋଭାଯାତ୍ରାକାରୀ ପୁନଶ୍ଚ ପୋଲିସ ସହ ମୁହାଁମୁହିଁ ମଧ୍ୟ ହୋଇଥିଲେ। ପୋଡ଼ାଜଳା, ଭଙ୍ଗାରୁଜା ହୋଇ ସହର ଅଶାନ୍ତ ହୋଇଥିଲା। ସାମାଜିକ ଗଣମାଧ୍ୟମ ମାଧ୍ୟମରେ ନାନା ପ୍ରକାର ବିଶୃଙ୍ଖଳା, ଅଶାନ୍ତି ସୃଷ୍ଟି କରିବା ଭଳି ବାର୍ତ୍ତା ପ୍ରଚାରିତ ହୋଇଥିଲା। କମିଶନରେଟ ପୁଲିସ ଏହି ଘଟଣାରେ ଏକାଧିକ ମାମଲା ରୁଜୁ କରିବା ସହ ତଦନ୍ତ କରିଥିଲା।

## ଖାଲିପଡ଼ିଥିବା ୪୨୧୯ କନଷ୍ଟେବଲ ପଦ ସିଧାସଳଖ ପୂରଣ ହେବ

**ଭୁବନେଶ୍ୱର, ୨୪।୧୦ (ସଂଚାର ବ୍ୟୁରୋ) :** ରାଜ୍ୟରେ ଖାଲି ପଡ଼ିଥିବା ୪୨୧୯ କନଷ୍ଟେବଲ ପଦକୁ ସିଧାସଳଖ ପୂରଣ କରାଯିବ ବୋଲି ଗୃହ ବିଭାଗ ପକ୍ଷରୁ କୁହାଯାଇଛି। ଶୁକ୍ରବାର ଏ ସଂକ୍ରାନ୍ତରେ ଗୃହବିଭାଗ ଉପସଚିବ ତରୁଣ କୁମାର ପଣ୍ଡା ପୋଲିସ ମହାନିର୍ଦ୍ଦେଶକ ଏବଂ ଆଇଜିଙ୍କୁ ପତ୍ର ଲେଖି ଅବଗତ କରାଇଛନ୍ତି, ରାଜ୍ୟରେ ଖାଲି ପଡ଼ିଥିବା କନଷ୍ଟେବଲ ପଦ ପୂରଣ ନେଇ ରାଜ୍ୟ ପୋଲିସ ମୁଖ୍ୟାଳୟ ପକ୍ଷରୁ ଆସିଥିବା ପ୍ରସ୍ତାବକୁ ସରକାର ବିଚାର କରିବା ପରେ ଖାଲି ପଦ ପୂରଣ ଲାଗି ଏହି ନିଷ୍ପତ୍ତି ନେଇଛନ୍ତି। ତେବେ କନଷ୍ଟେବଲ ର୍ୟାଙ୍କର ଉକ୍ତ ପଦ ପୂରଣ ବେଳେ ବିଭାଗ ପକ୍ଷରୁ ଜାରି ପୃଥକ୍ ପୃଥକ୍ ନିର୍ଦ୍ଦେଶନାମା ସହିତ ଚଳିତବର୍ଷ ସେପ୍ଟେମ୍ବର ୨୨ରେ ଜାରି ହୋଇଥିବା ଏସ୍ଓପିକୁ ଅନୁସରଣ କରିବାକୁ ହେବ ବୋଲି ଉପସଚିବ ପତ୍ରରେ ଦର୍ଶାଇଛନ୍ତି।

### ● କୁଆଖାଇ ନଦୀପଠାରେ ମହୋତ୍ସବ ନେଇ ପ୍ରସ୍ତୁତି ବୈଠକ

# ନଭେମ୍ବର ୫ରୁ ଭୁବନେଶ୍ୱର ବାଲିଯାତ୍ରା



**ଭୁବନେଶ୍ୱର, ୨୪।୧୦(ସଂଚାର ବ୍ୟୁରୋ):** ବିଗତ ବର୍ଷମାନଙ୍କ ଭଳି ଚଳିତ ବର୍ଷ ଭୁବନେଶ୍ୱର ବାଲିଯାତ୍ରା ମହୋତ୍ସବ ନଭେମ୍ବର ୫ରୁ ୧୪ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏ ନେଇ ଏକ ପ୍ରସ୍ତୁତି ବୈଠକ ଆଜି ଭୁବନେଶ୍ୱରର ଅତିରିକ୍ତ ଜିଲ୍ଲାପାଳ ରୁଦ୍ର ନାରାୟଣ ମହାନ୍ତିଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ସର୍କିଟ୍ ହାଉସ୍‌ଠାରେ ଅନୁଷ୍ଠିତ ହୋଇଯାଇଛି।

ଭୁବନେଶ୍ୱର ବାଲିଯାତ୍ରା ମହୋତ୍ସବ କମିଟି ଏବଂ ଜିଲ୍ଲା ପ୍ରଶାସନର ମିଳିତ ସହଯୋଗରେ କୁଆଖାଇ ନଦୀପଠାରେ ଆୟୋଜିତ ହେବାକୁ ଥିବା ଏହି ମହୋତ୍ସବର ବିଭିନ୍ନ ରୂପରେଖ ସଂପର୍କରେ ଆଲୋଚନା କରି ଶ୍ରୀ ମହାନ୍ତି କହିଲେ ଯେ , ବାଲିଯାତ୍ରା ହେଉଛି ଆମ ଅସ୍ମିତାର ପରିଚୟ। ଏହି ମହୋତ୍ସବକୁ ସଫଳ କରିବା ନିମନ୍ତେ ପ୍ରଶାସନ ପକ୍ଷରୁ ସମସ୍ତ ସହଯୋଗ ପ୍ରଦାନ କରାଯିବ ।

ବୈଠକର ଆଲୋଚନାରୁ ଜଣାପଡ଼ିଛି ଯେ, ଚଳିତ ବର୍ଷ ରାଜ୍ୟର ବିଭିନ୍ନ ଉତ୍ପାଦ ଏଠାରେ ବିକ୍ରୟ କରାଯିବା ନେଇ ବ୍ୟବସ୍ଥା କରାଯିବ। ଏଥିପାଇଁ ଆଲୋକୀକରଣ, ସଂଯୋଗୀ ସଡ଼କ ମରାମତି, ପାର୍କିଂ, ପୁଲିସ ମୁତୟନ,ପାନୀୟ ଜଳ ଓ ଶୌଚାଳୟ, ଖାଦ୍ୟ ମାନ ଯାଞ୍ଚ, ଆଶୁ ଚିକିତ୍ସା ବ୍ୟବସ୍ଥା, ସୁରକ୍ଷା ଓ ଟ୍ରାଫିକ୍ ଆଦି ସଂପର୍କରେ ଆଲୋଚନା ହୋଇ ସଂପୃକ୍ତ ବିଭାଗମାନଙ୍କୁ ଏ ଦିଗରେ ବିହିତ ପଦକ୍ଷେପ ନେବାକୁ କୁହାଯାଇଥିଲା। ଉକ୍ତ ବୈଠକରେ ଯୋଗଦେଇ କମିଟିର ଉପଦେଷ୍ଟା ଗୋଲକ ମହାପାତ୍ର ମହୋତ୍ସବ ଆୟୋଜନର ସର୍ବସଫଳତା ପାଇଁ ସମସ୍ତଙ୍କ ସହଯୋଗ ଲୋଡ଼ିଥିଲେ। ଚଳିତ ବର୍ଷ ଭୁବନେଶ୍ୱର ବାଲିଯାତ୍ରାର ସଫଳ ପରିଚାଳନା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ପ୍ରାରମ୍ଭରେ କମିଟିର କାର୍ଯ୍ୟକାରୀ ସଭାପତି ଯଶୋବନ୍ତ ଓଝା ମହୋତ୍ସବ ପାଳନର ରୂପରେଖ ସଂପର୍କରେ ଧାରଣା ଦେଇଥିଲେ। ଉପଜିଲ୍ଲାପାଳ ଡ. ମନୋରଞ୍ଜନ ସାହୁ, ଜିଲ୍ଲା ପରିଷଦ ଅତିରିକ୍ତ ମୁଖ୍ୟ ଉନ୍ନୟନ ଅଧିକାରୀ କସ୍ତୁରୀବାଳା ଜେନା, ଭୁବନେଶ୍ୱର ବିଡିଓ ଦେବୀ ପ୍ରସାଦ ମହାନ୍ତି, ବିଭିନ୍ନ ବିଭାଗୀୟ ଅଧିକାରୀ ଏବଂ କମିଟିର ସଂପାଦକ ସୁବାଷ ପାତ୍ର, ଉପଦେଷ୍ଟା ଜୀବନ ବଡୁ, ଅଭୟ ବଡ଼ଜେନା, ଅନ୍ନପୂର୍ଣ୍ଣା ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

### ■ ପୀତବାସ ହତ୍ୟା ଘଟଣା

## ବିକ୍ରମ, ମଦନ, ମଳୟଙ୍କ ପାଇଁ ଲଢ଼ିବେ ୫୦ରୁ ଊର୍ଦ୍ଧ୍ୱ ଓକିଲ

**ବ୍ରହ୍ମପୁର,୨୪।୧୦(ସଂଚାର ବ୍ୟୁରୋ):** ବରିଷ୍ଠ ଆଇନଜୀବୀ ତଥା ବିଜେପି ନେତା ପୀତବାସ ହତ୍ୟା ଘଟଣାର ପୁଲିସ୍ ପର୍ଦ୍ଦାଫାସ୍ କରିଛି। ଏହି ଘଟଣାରେ ବିଜେଡି ଗଞ୍ଜାମ ଜିଲ୍ଲା ସଭାପତି ତଥା ପୂର୍ବତନ ବିଧାୟକ ବିକ୍ରମ କୁମାର ପଣ୍ଡା ମଧ୍ୟ ଗିରଫ ହୋଇଛନ୍ତି। ମାମଲା ଏବେ କୋର୍ଟରେ ପହଞ୍ଚିଛି। ତେବେ ହତ୍ୟା ଘଟଣାର ଷଡଯନ୍ତ୍ରକାରୀ କୁହାଯାଉଥିବା ବିକ୍ରମଙ୍କ ପାଇଁ ୫୦ରୁ ଊର୍ଦ୍ଧ୍ୱ ଓକିଲ ଲଢେଇ କରିବା ଆରମ୍ଭ କରିଛନ୍ତି। ଏନେଇ ଓ୍ୱାକାଲାତନାମା ଦାଖଲ ବି କରିଛନ୍ତି। ବିକ୍ରମଙ୍କ ସହ ଗିରଫ ତାଙ୍କ ସହଯୋଗୀ କର୍ପୋରେଟର ମଳୟ ବିଷୋୟୀ ଓ ମଦନ ଦଳେଇଙ୍କ ପାଇଁ ବି ଏହି ଓକିଲମାନେ ମାମଲା ଲଢ଼ିବେ। ଏମାନଙ୍କ ଜାମିନ୍ ଆବେଦନ କରାଯିବ। ଏସବୁ ଭିତରେ ମାମଲାରେ ୧୩ ଜଣ ଗିରଫ ହୋଇଥିବା ବେଳେ ମୁଖ୍ୟ ସୁଟର୍ କୁରୁପତି ଏବେ ବି ଫେରାର ଅଛି। ପୀତବାସଙ୍କୁ ଗୁଳି ମାରିଥିବା କୁରୁପତିଙ୍କୁ ପୁଲିସ୍ ଧରି ପାରିନି। ତା ସହ ପୂରା ମାମଲାରେ ସୁଟରଙ୍କୁ ଡିଲ୍ ଦେଇଥିବା ଦୁର୍ଦ୍ଦାନ୍ତ ଉମା ବିଷୋୟୀ ବି ଏବେ ଯାଏଁ ଫେରାର ଅଛି। ସେହିପରି ଅନ୍ୟ ସହଯୋଗୀ ସୁଦର୍ଶନ ଜେନା ଗୁରୁବାର ସ୍ଥାନୀୟ ବୈଦ୍ୟନାଥପୁର ଥାନାରେ ଆତ୍ମସମର୍ପଣ କରିଥିବା ବେଳେ ପୁଲିସ୍ ପଚରାଉଚରା କରି ତାଙ୍କୁ ଛାଡି ଦେଇଥିବା ଜଣାପଡିଛି। ସୂଚନା ଅନୁଯାୟୀ, ଗତ କୁମାରପୂର୍ଣ୍ଣିମା ରାତିରେ ପୀତବାସ ଘରକୁ ଫେରୁଥିବା ବେଳେ ଦୁଇଜଣ ଦୁର୍ବୃତ୍ତ ଗାଡି ଅଟକାଇ ପ୍ରଥମେ ନମସ୍କାର କରି ଗୁଳି ମାଡ଼ କରିଥିଲେ। ନିକଟରେ ଏହି ହାଇ ପ୍ରୋଫାଇଲା ହତ୍ୟାକାଣ୍ଡର ଖୁଲାସା ପୁଲିସ୍ କରିଥିଲା। ଫେରାର ଦୁଇ ଅଭିଯୁକ୍ତଙ୍କୁ କାବୁ କରିବାକୁ ପୁଲିସ୍ ଉଦ୍ୟମ ଚଳାଇଥିବା ଜଣାପଡ଼ିଛି।

## ଅପେରା ଦେଖାଇବାକୁ ଡାକିନେଇ ମାରିଦେଲା ସାଙ୍ଗ

**କେନ୍ଦୁଝର, ୨୪।୧୦(ସଂଚାର ବ୍ୟୁରୋ):** ମୋ ସ୍ୱାମୀଙ୍କୁ ଅପେରା ଦେଖିବାକୁ ସାଙ୍ଗ ମାନେ ଘରୁ ଡାକି ନେଇ ମାରି ଦେଲେ । ଟାଉନ ଥାନାରେ ଏପରି ଲିଖିତ ଅଭିଯୋଗ କରିଛନ୍ତି ମୃତକ ଜୟନ୍ତ ପାତ୍ରଙ୍କ ସ୍ତ୍ରୀ ସୌଭାଗିନୀ ପାତ୍ର । ଅଭିଯୋଗ ଅନୁସାରେ ଜୟନ୍ତ କେନ୍ଦୁଝର ସ୍ଥାନୀୟ ଗମ୍ଭରିଆ ଗାଁରେ ୮ବର୍ଷ ହେବ ଘରଜ୍ୱାଇଁ ଭାବରେ ରହି ଆସୁଥିଲେ । ତେବେ ଗତ ୨୨ ତାରିଖ ଦିନ ଜୟନ୍ତ ତାଙ୍କୁ ଓ ପିଲାଙ୍କୁ ନିଜ ଗାଁକୁ ପଠାଇ ଗମ୍ଭରିଆ ଘରକୁ ଫେରିଥିଲେ । ସେଦିନ ରାତ୍ର ୧୦ ଟା ବେଳେ ହରିଡାଗୋଠ ଗାଁର ହରେକୃଷ୍ଣ ବେହେରା ଫୋନ କରି ତାଙ୍କ ସ୍ୱାମୀଙ୍କୁ ଅପେରା ଦେଖିବାକୁ ଡାକିଥିଲେ, ସ୍ୱାମୀ ପଇସା ନାହିଁ ବୋଲି କହିବାରୁ ତୁ ଆସେ ତୋର ସବୁ ଖର୍ଚ୍ଚ ବହନ କରିବି ବୋଲି କହିବାରୁ ସ୍ୱାମୀ ଯିବେ ବୋଲି କହିଥିଲେ ବୋଲି ସ୍ୱାମୀ ସୌଭାଗିନୀଙ୍କୁ ଜଣାଇଥିଲେ। ମାତ୍ର ସୈଭାଗିନୀ ତାଙ୍କୁ ଯାତ୍ରା ଯିବା ପାଇଁ ବାରଣ କରିଥିଲେ । ହେଲେ ତାଙ୍କ ସ୍ୱାମୀ ଅପେରା ଦେଖିବାକୁ ଯାଇଥିଲେ । ତାପର ଦିନ ବୁଧବାର ସକାଳ ୯ ଟା



ସମୟରେ ସୌଭାଗିନୀ ସ୍ୱାମୀଙ୍କୁ କୋଉଠି ବୋଲି ପଚାରିବାରୁ ହରେକୃଷ୍ଣ ତାଙ୍କୁ କୋଉଠି ରଖିଛି ସେ ଜାଣି ପାରୁନାହାନ୍ତି ବୋଲି ସୌଭାଗିନୀକୁ କହିଥିଲେ ସ୍ୱାମୀ ଜୟନ୍ତ । ପରେ ସେ ହରେକୃଷ୍ଣଙ୍କୁ ବାରମ୍ବାର ଫୋନ କରିବା ପରେ ମଧ୍ୟ ସେ ଆଉ ଫୋନ ଉଠାଇନଥିଲେ। ପରେ ସୌଭାଗିନୀ ବାଧ୍ୟ ହୋଇ ଜୟନ୍ତଙ୍କ ସାନ ଭଉଣୀଙ୍କ ଫୋନରୁ ଫୋନ୍ କରିବା ପରେ ହରେକୃଷ୍ଣ କହିଥିଲେ ଜୟନ୍ତ ପଡିଛନ୍ତି ଓ ହଲଚଲ ହେଉ ନାହିଁ ଓ ଫୋନ କାଟି ଦେଇଥିଲେ। ପରେ ଆଉଥରେ ଫୋନ୍ କରି ଆମ୍ବୁଲାନସ ଡାକି ତାଙ୍କୁ ମେଡ଼ିକାଲ ନେବାପାଇଁ କହିବାରୁ ହରେକୃଷ୍ଣ ଆମ୍ବୁଲାନ୍ସ ଡାକିଥିଲେ । ଆମ୍ବୁଲାନ୍ସ ପହଂଚି ପୋଲିସକୁ ଖବର ଦେଇଥିଲେ । ପୋଲିସ ତାଙ୍କୁ ମେଡିକାଲ ପହଞ୍ଚାଇଥିବାବେଳେ ଡାକ୍ତର ସେଠାରେ ଜୟନ୍ତଙ୍କୁ ମୃତ ଘୋଷଣା କରିଥିଲେ । ତାଙ୍କ ସ୍ୱାମୀଙ୍କୁ ହତ୍ୟା କରାଯାଇଛି ବୋଲି ସନ୍ଦେହ ପ୍ରକାଶ କରିବା ସହ ପୋଲିସ ତଦନ୍ତ କରି ସତ୍ୟାସତ୍ୟା ପଦାକୁ ଆଣିବାକୁ ସୌଭାଗିନୀ ଓ ଜୟନ୍ତଙ୍କର ବାପା ଅନନ୍ତ ପାତ୍ର ନିବେଦନ କରିଛନ୍ତି । ମୃତ ଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ସହ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି ଟାଉନ ପୋଲିସ ।

## ଶିଳ୍ପ ବିଭାଗର ସାଂସ୍କୃତିକ ପରିଷଦ ଉତ୍ସବ

### ■ ଏକତା ଓ ଭାଇଚାରାର ବାର୍ତ୍ତା ବହନ କରୁଛି: ମନ୍ତ୍ରୀ



**ଭୁବନେଶ୍ୱର,୨୪।୧୦(ସଂଚାର ବ୍ୟୁରୋ):** ଆଜିର ଧାଁ ଧଉଡ଼ଭରା ଜୀବନ ଭିତରେ ପ୍ରତ୍ୟେକ ମଣିଷ ଅଣନିଃଶ୍ୱାସୀ। ଏହାରି ଭିତରୁ କିଛି ସମୟ ବାହାର କରି ଶ୍ରମକ୍ଲାନ୍ତ ମଣିଷ ନିଜର ମନକୁ ହାଲୁକା କରିବା ପାଇଁ କଳା, ସଂସ୍କୃତି, ଐତିହ୍ୟ ଓ ପରମ୍ପରା ମଧ୍ୟରେ ନିଜକୁ ହଜାଇ ଦେଇଥାଏ। ଚାକିରି ଜୀବନର ବ୍ୟସ୍ତତା ମଧ୍ୟରେ ମାନସିକ ଚାପକୁ ଲାଘବ କରିବାରେ ବିଭାଗୀୟ ସାଂସ୍କୃତିକ ପରିଷଦ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହେବା ଏହି ଦିଗରେ ଏକ ସକରାତ୍ମକ ପଦକ୍ଷେପ ବୋଲି ଶିଳ୍ପ, ଦକ୍ଷତା ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ପ୍ରକାଶ କରିଛନ୍ତି। ଆଜି ଶିଳ୍ପ ବିଭାଗ ସାଂସ୍କୃତିକ ପରିଷଦ ପକ୍ଷରୁ ଆୟୋଜିତ ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଲେ ଯେ, ଆଜି ଏହି ଉତ୍ସବ ଅବସରରେ ନାଟକ ସହିତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଏଥିରେ ବିଭାଗର କର୍ମଚାରୀମାନେ ସେମାନଙ୍କର କଳାତ୍ମକ ପ୍ରତିଭାର ପ୍ରଦର୍ଶନର ସୁଯୋଗ ପାଇବେ ଓ ଏହା ଅନ୍ୟମାନଙ୍କୁ ନିଶ୍ଚିତ ଭାବରେ ଆମୋଦପ୍ରମୋଦର ଖୋରାକ ଯୋଗାଇବ। ଏହା ବିଭାଗର କର୍ମଚାରୀମାନଙ୍କ ମଧ୍ୟରେ ଭାଇଚାରା ଓ ଏକତାର ଭାବ ପ୍ରତିଷ୍ଠା କରିବା ସହ କର୍ମସଂସ୍କୃତିକୁ ଋଦ୍ଧିମନ୍ତ କରିବ ବୋଲି ମନ୍ତ୍ରୀ ଶ୍ରୀ କହିଛନ୍ତି।

ଏହି ଅବସରରେ ଯୋଗଦେଇ ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ବିଭାଗୀୟ କର୍ମଚାରୀମାନଙ୍କର ଏଭଳି ଅଭିନବ ଉଦ୍ୟମର ଭୂୟସୀ ପ୍ରଶଂସା କରିବା ସହ ଆଗାମୀ ଦିନରେ ଏହି ସାଂସ୍କୃତିକ ପରିଷଦ ସାଂସ୍କୃତିକ ବୈଭବର ଏକ ମଞ୍ଚ ଭାବରେ କାର୍ଯ୍ୟ କରିବ ବୋଲି ଆଶା ବ୍ୟକ୍ତ କରିଥିଲେ। ପ୍ରାରମ୍ଭରେ ସାଧାରଣ ସମ୍ପାଦକ ସାଦିକୁର୍ ରେହମାନ୍ ଖାଁ ଅନୁଷ୍ଠାନର ବାର୍ଷିକ ବିବରଣୀ ପାଠ କରିଥିଲେ। ବିଭାଗୀୟ ସ୍ୱତନ୍ତ୍ର ସଚିବ ଜ୍ୟୋତି ରଞ୍ଜନ ମିଶ୍ର ଉପସ୍ଥିତ ଥିଲେ। ଏଠାରେ ସୂଚନାଯୋଗ୍ୟ ଯେ, ଶିଳ୍ପ ବିଭାଗ ସାଂସ୍କୃତିକ ପରିଷଦ ପକ୍ଷରୁ ଓଡ଼ିଶୀ ଗବେଷଣା କେନ୍ଦ୍ରର ଉତ୍କଳ ରଙ୍ଗମଞ୍ଚରେ ଆୟୋଜିତ ୪୫ତମ ବାର୍ଷିକ ଉତ୍ସବରେ ତବଲା ବାଦନ, ଓଡ଼ିଶୀ ନୃତ୍ୟ ସହ ନାଟକ 'ଅବୁଝା ରାଜାକୁ ପାଳବିଣ୍ଡା ମନ୍ତ୍ରୀ' ପରିବେଷିତ ହୋଇଛି।

# ଜୈବିକ ଚାଉଳରୁ ପ୍ରସ୍ତୁତ ହେବ ମହାପ୍ରଭୁଙ୍କ କୋଠଭୋଗ



**ପୁରୀ,୨୪।୧୦(ସଂଚାର ବ୍ୟୁରୋ) :** ଜୈବିକ ଚାଉଳରୁ ପ୍ରସ୍ତୁତ ହେବ ମହାପ୍ରଭୁଙ୍କ କୋଠଭୋଗ। ଆସନ୍ତା ରଥଯାତ୍ରାରୁ ଜୈବିକ ଚାଉଳରୁ କୋଠ ଭୋଗ ପ୍ରସ୍ତୁତ କରାଯିବ। ବଳଭଦ୍ର ଜୈବିକ ଚାଷ ମିଶନ ଦ୍ୱାରା ପ୍ରସ୍ତୁତ ଚାଉଳରୁ କୋଠ ଭୋଗ ପ୍ରସ୍ତୁତ ହେବ ବୋଲି କୃଷି ବିଭାଗ ସଚିବ ଅରବିନ୍ଦ ପାଢ଼ୀ ସୂଚନା ଦେଇଛନ୍ତି। ଅମୃତ ଅନ୍ନ ଯୋଜନାରେ ଜୈବିକ ଚାଉଳରୁ କୋଠ ଭୋଗ ପ୍ରସ୍ତୁତ ହେବ। ଏଥି ପାଇଁ ବରଗଡ଼, କଟକ ଏବଂ କୋରାପୁଟ ଜିଲ୍ଲାରେ ଜୈବିକ ଚାଷ କରାଯାଉଛି। ବଳଭଦ୍ର ଜୈବିକ ଚାଷ ମିଶନରେ ଜୈବିକ ଚାଷ ପାଇଁ ସହାୟତା ଦିଆଯାଇଛି। କୋଠ ଭୋଗ ପାଇଁ ଆବଶ୍ୟକୀୟ ପରିମାଣର ଚାଉଳ ଅମଳ ହେବ। ଯଦି ବଳକା ରହେ କିଛି ପରିମାଣର ମହାପ୍ରସାଦ ମଧ୍ୟ କରାଯିବ। ଆନନ୍ଦ ବଜାରରେ ଜୈବିକ ମହାପ୍ରସାଦ ପାଇଁ ହେବ ସ୍ୱତନ୍ତ୍ର କାଉଣ୍ଟର। ପରବର୍ତ୍ତୀ ସମୟରେ ଜୈବିକ ପନିପରିବା ମଧ୍ୟ ବ୍ୟବହାର କରାଯିବ।

# ୩୦୨ ଓଡ଼ିଆ ଯୁବକଯୁବତୀଙ୍କୁ ନିଯୁକ୍ତିପତ୍ର ପ୍ରଦାନ



**ଭୁବନେଶ୍ୱର,୨୪।୧୦(ସଂଚାର ବ୍ୟୁରୋ):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଦେଶବ୍ୟାପୀ ଆୟୋଜିତ ରୋଜଗାର ମେଳା କାର୍ଯ୍ୟକ୍ରମକୁ ଆଭାସୀ ମାଧ୍ୟମରେ ସମ୍ବୋଧିତ କରିବା ସହିତ ୫୧ ହଜାରରୁ ଅଧିକ ଯୁବକଯୁବତୀଙ୍କୁ ସରକାରୀ ଚାକିରିର ନିଯୁକ୍ତିପତ୍ର ବାଣ୍ଟିଛନ୍ତି। ଏହି କ୍ରମରେ ଭୁବନେଶ୍ୱରସ୍ଥିତ ରେଳ ଅଡିଟୋରିୟମରେ ଆୟୋଜିତ ରାଜ୍ୟସ୍ତରୀୟ ରୋଜଗାର ମେଳା କାର୍ଯ୍ୟକ୍ରମରେ କେନ୍ଦ୍ର ଜନଜାତି ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ୩୦୨ ଜଣ ଯୁବକଯୁବତୀଙ୍କୁ ନିଯୁକ୍ତିପତ୍ର ବିତରଣ କରିଛନ୍ତି। ନବନିଯୁକ୍ତ ପ୍ରାର୍ଥୀମାନଙ୍କୁ ଭାରତୀୟ ଡାକ ବିଭାଗ, ରେଳବାଇ, ରାଷ୍ଟ୍ରାୟତ୍ତ ବ୍ୟାଙ୍କ, କେନ୍ଦ୍ରୀୟ ଜିଏସଟି, ସିଆରପିଏଫ ଭୁବନେଶ୍ୱର ଏମ୍ସ ଆଦି ବିଭାଗ ଓ ପ୍ରତିଷ୍ଠାନରେ ନିଯୁକ୍ତି ମିଳିଛି। ଏହି ଅବସରରେ ପ୍ରଧାନମନ୍ତ୍ରୀଙ୍କ ଅଭିଭାଷଣର ଆଭାସୀ ପ୍ରସାରଣ କରାଯାଇଥିଲା।

କାର୍ଯ୍ୟକ୍ରମରେ ଉଦବୋଧନ ଦେଇ କେନ୍ଦ୍ରମନ୍ତ୍ରୀ ଶ୍ରୀ ଓରାମ କହିଥିଲେ, ଏହି ମେଳାରେ ଓଡ଼ିଶାର ଅନେକ ଯୁବକଯୁବତୀ ନିଜର ସ୍ୱପ୍ନକୁ ସାକାର କରିବାର ସୁଯୋଗ ପାଇଛନ୍ତି। ପ୍ରଧାନମନ୍ତ୍ରୀ ମୋଦୀଙ୍କ ଦୂରଦୃଷ୍ଟିପୂର୍ଣ୍ଣ ନେତୃତ୍ୱରେ ଦେଶର ଯୁବପିଢ଼ିଙ୍କୁ ରୋଜଗାରକ୍ଷମ ଏବଂ ଆତ୍ମନିର୍ଭରଶୀଳ ହେବାର ସୁଯୋଗ ପ୍ରଦାନ କରାଯାଉଛି। ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଆଜି ଭିଡିଓ କନଫରେନ୍ସିଂ ମାଧ୍ୟମରେ ରୋଜଗାର ମେଳାକୁ ସମ୍ବୋଧନ କରିଛନ୍ତି। ଏହି ଆନନ୍ଦ ଆଜି ଦେଶର ୫୧ ହଜାର ଯୁବକଯୁବତୀଙ୍କ ନିକଟରେ ପହଞ୍ଚିଛି ଏବଂ ସେମାନଙ୍କ ପରିବାର ପାଇଁ ଅପାର ଆନନ୍ଦ ଆଣିଦେଇଛି। ଜୀବନରେ ନୂତନ ଆରମ୍ଭ ଲାଗି ପ୍ରଧାନମନ୍ତ୍ରୀ ସେମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ।

## ୨୦ଫୁଟ ତଳକୁ ଖସିଲା ଗ୍ୟାସ୍ ବୋଝେଇ ଟ୍ୟାଙ୍କର



**ଜଳେଶ୍ୱର ୨୪।୧୦(ସଂଚାର ବ୍ୟୁରୋ):** ଡ୍ରାଇଭରଙ୍କ ବେପାରୁଆ ଗାଡି ଚାଳନା। ଭାରସାମ୍ୟ ହରାଇ ଡିଭାଇଡ଼ର ଡେଇଁ ନୟନଯୋରିକୁ ଖସିଲା ଟ୍ୟାଙ୍କର । ଅଳ୍ପକେ ବର୍ତ୍ତିଗଲେ ଡ୍ରାଇଭର ଏବଂ ହେଲପର। ଏଭଳି ଦୁର୍ଘଟଣା ଘଟିଛି ବାଲେଶ୍ୱର ଜିଲ୍ଲା ବସ୍ତା ଥାନା ୬୦ନଂ ଜାତୀୟ ରାଜପଥ ପୁନସିତା ଠାରେ । ଟ୍ୟାଙ୍କରରେ ଗ୍ୟାସ୍ ରହିଥିବା ସୂଚନା ମିଳିଛି । ଅଗ୍ନିଶମ ବାହିନୀ ଓ ପୋଲିସ ପକ୍ଷରୁ ଉଦ୍ଧାର କାର୍ଯ୍ୟ ଜାରି ରହିଛି । ସୂଚନାଯୋଗ୍ୟ ଯେ, ଶୁକ୍ରବାର ଅପରାହ୍ନ ସମୟରେ ଏକ ଟ୍ୟାଙ୍କର କଲିକତା ଆଡୁ ବାଲେଶ୍ୱର ଅଭିମୁଖେ ଯାଉଥିବା ବେଳେ ୬୦ନଂ ଜାତୀୟ ରାଜପଥ ପୁନସିତା ଠାରେ ଦୁର୍ଘଟଣା ଘଟିଛି । ଡ୍ରାଇଭରଙ୍କ ବେପରୁଆ ଗାଡି ଚାଳନା ଯୋଗୁଁ ଟ୍ୟାଙ୍କରଟି ଭାରସାମ୍ୟ ହରାଇ ରାସ୍ତା ପାଖ ଡିଭାଇଡ଼ରକୁ ଡେଇଁ ୨୦ଫୁଟ ତଳ ନୟନଯୋରିକୁ ଖସି ପଡିଥିଲା। ଟ୍ୟାଙ୍କରରେ ଥିବା ଡ୍ରାଇଭର ଏବଂ ହେଲ୍ପର ଅଳ୍ପକେ ରକ୍ଷା ପାଇଯାଇଥିବା ବେଳେ ଟ୍ୟାଙ୍କରେ ଗ୍ୟାସ୍ ଥିବାରୁ ସ୍ଥାନୀୟ ଅଞ୍ଚଳ ପ୍ରତି ବିପଦ ରହିଛି। ଘଟଣାସ୍ଥଳରେ ବସ୍ତା ପୋଲିସ ଏବଂ ଅଗ୍ନିଶମ ବାହିନୀ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିବା ସହିତ ଉଦ୍ଧାର କାର୍ଯ୍ୟରେ ଲାଗିଥିବା ଦେଖିବାକୁ ମିଳିଛି ।

## ରାଜେନ୍ଦ୍ର କିଶୋର ପଣ୍ଡାଙ୍କ ଦେହାନ୍ତ

### ଶୋକ ପ୍ରକାଶ କଲେ ମୁଖ୍ୟମନ୍ତ୍ରୀ



**ଭୁବନେଶ୍ୱର, ୨୪।୧୦ (ସଂଚାର ବ୍ୟୁରୋ) :** ବିଶିଷ୍ଟ କବି ରାଜେନ୍ଦ୍ର କିଶୋର ପଣ୍ଡାଙ୍କ ଦେହାନ୍ତ । ୮୧ ବର୍ଷ ବୟସରେ ଆଖି ବୁଜିଛନ୍ତି ରାଜେନ୍ଦ୍ର କିଶୋର । ୧୯୮୫ରେ କବିତା ଶୈଳକଳ୍ପ ପାଇଁ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପାଇଥିଲେ । ତାଙ୍କ ବିୟୋଗରେ ସାହିତ୍ୟିକ ମହଲରେ ଶୋକର ଛାୟା ଖେଳିଯାଇଛି । କବି ରାଜେନ୍ଦ୍ର କିଶୋର ପଣ୍ଡାଙ୍କ ଦେହାନ୍ତକୁ ନେଇ ଶୋକ ପ୍ରକାଶ କଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ସେ ତାଙ୍କର ଏକ୍ସ ହ୍ୟାଣ୍ଡେଲରେ ଲେଖିଛନ୍ତି, କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ କବି ତଥା ପୂର୍ବତନ ପ୍ରଶାସନିକ ଅଧିକାରୀ ରାଜେନ୍ଦ୍ର କିଶୋର ପଣ୍ଡାଙ୍କ ବିୟୋଗ ବିଷୟରେ ଜାଣି ମୁଁ ଦୁଃଖିତ । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣ କମଳରେ ତାଙ୍କ ଆତ୍ମାର ସଦଗତି ନିମନ୍ତେ ପ୍ରାର୍ଥନା କରିବା ସହ ଶୋକସନ୍ତପ୍ତ ପରିବାର ବର୍ଗଙ୍କ ପ୍ରତି ସମବେଦନା ଜ୍ଞାପନ କରୁଛି। ସୂଚନା ୧୯୪୪ ଜୁନ୍ ୨୪ ତାରିଖରେ ଝାରସୁଗୁଡ଼ା ଜିଲ୍ଲାର ବଡଲଗା ଗାଁରେ କବି ରାଜେନ୍ଦ୍ର କିଶୋର ପଣ୍ଡା ଜନ୍ମଗ୍ରହଣ କରିଥିଲେ।

### ● ନୂଆପଡ଼ା ଉପନିର୍ବାଚନ

## କଂଗ୍ରେସକୁ ସମର୍ଥନ କରିବ ସିପିଏମ୍

**ଭୁବନେଶ୍ୱର,୨୪।୧୦ (ସଂଚାର ବ୍ୟୁରୋ):** ଓଡ଼ିଶାର ଏକ ବିଶେଷ ରାଜନୈତିକ ପରିସ୍ଥିତିରେ ନୂଆପଡ଼ା ଉପନିର୍ବାଚନ ହେଉଛି। ପ୍ରତ୍ୟେକ ରାଜନୈତିକ ଦଳ ଜିତିବା ପାଇଁ ଅଣ୍ଟା ଭିଡ଼ିଛନ୍ତି। ଏହି ସମୟରେ ନୂଆପଡା ଉପନିର୍ବାଚନରେ କଂଗ୍ରେସକୁ ସମର୍ଥନ କରିବ ବୋଲି ସିପିଆଇ (ଏମ୍) ନିଷ୍ପତ୍ତି ନେଇଛି। ଶୁକ୍ରବାର ଏକ ସାମ୍ବାଦିକ ସମ୍ମିଳନୀ ସିପିଆଇ (ଏମ୍) ଏହି ଘୋଷଣା କରିଛି। ଏହି ଅବସରରେ ଦଳ ପକ୍ଷରୁ କୁହାଯାଇଛି ଯେ, ଆଗାମୀ ନୂଆପଡ଼ା ଉପନିର୍ବାଚନ କେବଳ ପ୍ରାର୍ଥୀମାନଙ୍କ ମଧ୍ୟରେ ଏକ ପ୍ରତିଯୋଗିତା ନୁହେଁ ଏହା ଆମ ସମ୍ବିଧାନ, ଧର୍ମନିରପେକ୍ଷତା ଓ ଓଡ଼ିଶାର ସମସ୍ତ ସମ୍ପ୍ରଦାୟର ଗଣତାନ୍ତ୍ରିକ ଅଧିକାରର ଭବିଷ୍ୟତ ଉପରେ ଏକ ଜନମତ ସଂଗ୍ରହ। ତେଣୁ ସିପିଆଇ(ଏମ) ଓଡ଼ିଶା ରାଜ୍ୟ କମିଟି ନୂଆପଡ଼ାର ଜନତା, ଗଣତାନ୍ତ୍ରିକ ଓ ଧର୍ମନିରପେକ୍ଷ ଶକ୍ତି, ଶ୍ରମିକ, କୃଷକ, ଯୁବକ, ମହିଳା, ଦଳିତ, ଆଦିବାସୀ, ସଂଖ୍ୟାଲଘୁ ଓ ସମସ୍ତ ସଚେତନ ନାଗରିକଙ୍କୁ ଏକଜୁଟ ହୋଇ ବିଜେପିର ସାମ୍ପ୍ରଦାୟିକ-ହିନ୍ଦୁତ୍ୱବାଦୀ ରାଜନୀତିକୁ ବିଚ୍ଛିନ୍ନ ଏବଂ ପରାସ୍ତ କରିବା ପାଇଁ କଂଗ୍ରେସ ପ୍ରାର୍ଥୀଙ୍କୁ ଭୋଟ୍ ଦେବାକୁ ଆହ୍ୱାନ ଜଣାଉଛି। ରାଜନୈତିକ ଦୃଷ୍ଟିରୁ ଏହି ଉପନିର୍ବାଚନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ।

### ● କୋମନା ବ୍ଲକ ନୂଆଗାଁରେ ବିଜେଡିର ପ୍ରଚାର

# ସବୁଠି ସ୍ନେହାଙ୍ଗିନୀଙ୍କୁ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା



**ଭୁବନେଶ୍ୱର, ୨୪।୧୦(ସଂଚାର ବ୍ୟୁରୋ):** ନୂଆପଡ଼ା ଜିଲ୍ଲା କୋମନା ବ୍ଲକ ଅନ୍ତର୍ଗତ ନୂଆଗାଁ ଗ୍ରାମପଞ୍ଚାୟତରେ ବିଜେଡି ପ୍ରାର୍ଥୀ ସ୍ନେହାଙ୍ଗିନୀ ଛୁରିଆଙ୍କୁ ସ୍ଥାନୀୟ ଜନସାଧାରଣ ବିପୁଳ ସମ୍ବର୍ଦ୍ଧନା ଦେଇଛନ୍ତି। ଶୁକ୍ରବାର ଶ୍ରୀମତୀ ଛୁରିଆ ନୂଆଗାଁରେ ପ୍ରଚାର ଅଭିଯାନ ଆରମ୍ଭ କରିଛନ୍ତି। କୋମନା ବ୍ଲକ ନୂଆଗାଁ ଗ୍ରାମପଞ୍ଚାୟତ ଅଧୀନସ୍ଥ ନୂଆଗାଁ ଗ୍ରାମରେ ହଜାର ହଜାର ସମର୍ଥକ, ସାଧାରଣ ଲୋକ ଓ ବିଜେଡି କାର୍ଯ୍ୟକର୍ତ୍ତାମାନେ ମିଶି ବିଜେଡି ପ୍ରାର୍ଥୀ ଶ୍ରୀମତୀ ଛୁରିଆଙ୍କୁ ଉଚ୍ଛ୍ୱସିତ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ।

ମଧ୍ୟାହ୍ନ ୧୨ଟା ସମୟରେ ପ୍ରଚାର ଆରମ୍ଭ ହୋଇଥିଲା। ବିଜେଡିର ବରିଷ୍ଠ ନେତା ଓ କର୍ମୀଙ୍କ ଦ୍ୱାରା ଗ୍ରାମରେ ବିଶାଳ ଶୋଭାଯାତ୍ରା କରାଯାଇଥିଲା। ପ୍ରଚାର ଆରମ୍ଭ ପୂର୍ବରୁ ଶ୍ରୀମତୀ ଛୁରିଆ ଓ ଅନ୍ୟ ବିଜେଡି ନେତାମାନେ ସ୍ଥାନୀୟ ଜଗନ୍ନାଥ ମନ୍ଦିରରେ ପୂଜାର୍ଚ୍ଚନା କରି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦ ନେଇଥିଲେ। ଏହି ଅବସରରେ ପୂର୍ବତନ ମନ୍ତ୍ରୀ ଓ ବିଜେଡିର ବରିଷ୍ଠ ନେତା ପୁଷ୍ପେନ୍ଦ୍ର ସିଂହଦେଓଙ୍କ ଅଧ୍ୟକ୍ଷତାରେ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଶ୍ରୀମତୀ ଛୁରିଆ ତାଙ୍କ ଅଭିଭାଷଣରେ ବିଜେଡି ସଭାପତି ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ। ସେ କହିଥିଲେ ଯେ, ନବୀନ ବାବୁଙ୍କ ଆଶୀର୍ବାଦରେ ନୂଆପଡ଼ା ଲୋକଙ୍କ ସେବା ପାଇଁ ତାଙ୍କୁ ସୁଯୋଗ ମିଳିଛି। ଦିବଙ୍ଗତ ରାଜେନ୍ଦ୍ର ଢୋଲକିଆଙ୍କ ସ୍ୱପ୍ନକୁ ସେ ପୂରଣ କରିବେ ଏବଂ ବିଜେଡି ସରକାର ସମୟରେ ଆରମ୍ଭ ହୋଇଥିବା ସମସ୍ତ ଉନ୍ନୟନ ପ୍ରକଳ୍ପକୁ ଆଗେଇ ନେବେ। ଏହି ପ୍ରଚାର କାର୍ଯ୍ୟକ୍ରମରେ ବିଜେଡିର ବରିଷ୍ଠ ଉପସଭାପତି ଦେବୀପ୍ରସାଦ ମିଶ୍ର ଯୋଗ ଦେଇଥିଲେ। ପ୍ରଚାର କାର୍ଯ୍ୟକ୍ରମ କୋମନା ବ୍ଲକର ନୂଆଗାଁ, ଟିକିରିପଡ଼ା ଓ ପେନୋର ଗ୍ରାମପଞ୍ଚାୟତ ଅଞ୍ଚଳରେ ହୋଇଥିଲା। ଶ୍ରୀମତୀ ଛୁରିଆ ପ୍ରତ୍ୟେକ ସ୍ଥାନରେ ଗ୍ରାମବାସୀ ଓ ସ୍ଥାନୀୟ ପ୍ରତିନିଧିଙ୍କ ସହ ଆଲୋଚନା କରି ତାଙ୍କ ସମସ୍ୟା ଓ ଆଶା-ଆକାଂକ୍ଷା ଶୁଣିଥିଲେ। ପ୍ରଚାର ଅଭିଯାନରେ ନୂଆପଡ଼ା ଜିଲ୍ଲା ସଭାପତି ଅବନୀ ରଞ୍ଜନ ଯୋଶୀ, ବିଜେଡି ସାଧାରଣ ସମ୍ପାଦକ ମନୋଜ ମିଶ୍ର, ନୂଆପଡ଼ା ଜିଲ୍ଲାପରିଷଦ ଉପାଧ୍ୟକ୍ଷା ଦୀପିକା ଦୀପ, ବରିଷ୍ଠ ନେତା କାର୍ତ୍ତିକ ଦୀପ ପ୍ରମୁଖ ନେତାମାନେ ସାମିଲ ଥିଲେ।

## ସିନେମା ମାଧ୍ୟମରେ ମହିଳା ସଶକ୍ତିକରଣ ସଚେତନତା

### ଅଂଶଗ୍ରହଣ କଲେ ୪୫୦ ଲୋକସେବା ଭବନ କର୍ମଚାରୀ



**ଭୁବନେଶ୍ୱର,୨୪।୧୦(ସଂଚାର ବ୍ୟୁରୋ):** ସିନେମା ହେଉଛି ସମାଜର ପ୍ରତିଛବି। ସିନେମାର କାହାଣୀ ଦର୍ଶକଙ୍କ ଚିନ୍ତାଧାରା ଓ ଭାବନାକୁ ଦୃଢ଼ ଭାବରେ ପ୍ରଭାବିତ କରିଥାଏ। ମହିଳା ସଶକ୍ତିକରଣ ପ୍ରତି ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଆଜି ସନ୍ଧ୍ୟାରେ ମହିଳା ଶିଶୁ ବିକାଶ ବିଭାଗ ଆନୁକୂଲ୍ୟରେ ଓ ଓଡିଶା ସଚିବାଳୟ ସଂଘର ସହଯୋଗରେ ରାଜ୍ୟସ୍ତରୀୟ ଚଳଚ୍ଚିତ୍ର ପ୍ରଦର୍ଶନ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବହୁ ପୁରସ୍କାରପ୍ରାପ୍ତ ମହିଳା ସଶକ୍ତିକରଣ ଉପରେ ଆଧାରିତ ହିନ୍ଦୀ ଚଳଚ୍ଚିତ୍ର "ଲାପତା ଲେଡ଼ିଜ" ପ୍ରଦର୍ଶିତ କରାଯାଇଥିଲା। କାର୍ଯ୍ୟକ୍ରମରେ ମହିଳା ଓ ଶିଶୁ ବିକାଶ ବିଭାଗ ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଶୁଭା ଶର୍ମାଙ୍କ ସମେତ ବିଭାଗୀୟ ଅଧିକାରୀବୃନ୍ଦ ଓ ଓଡିଶା ସଚିବାଳୟ ସଂଘର ଅଧକ୍ଷ ଶ୍ରୀ ବିବେକାନନ୍ଦ ସାମଲ ଯୋଗ ଦେଇଥିଲେ। ପ୍ରତି ମାସର ତୃତୀୟ ଶନିବାରରେ ଏହି ଭଳି ସାମାଜିକ ସୁରକ୍ଷା ଓ ମହିଳା ସଶକ୍ତିକରଣ ଉପରେ ଆଧାରିତ ଚଳଚ୍ଚିତ୍ର ପ୍ରଦର୍ଶିତ କରାଯିବ ବୋଲି ବିଭାଗ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। କାର୍ଯ୍ୟକ୍ରମରେ ଲୋକସେବା ଭବନର ବିଭିନ୍ନ ବିଭାଗରେ କାର୍ଯ୍ୟରତ ୪୫୦ ଜଣ କର୍ମଚାରୀବୃନ୍ଦ ଅଂଶଗ୍ରହଣ କରିଥିଲେ।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776

Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର




# ୯୯.୮% ପେମେଣ୍ଟ ଡିଜିଟାଲ୍‌ରେ




## ରିଜର୍ଭ ବ୍ୟାଙ୍କ ରିପୋର୍ଟ

ମୁମ୍ବାଇ, ୨୪।୧୦: ଭାରତରେ ପେମେଣ୍ଟ୍ ବ୍ୟବସ୍ଥା ସମ୍ପୂର୍ଣ୍ଣ ରୂପେ ବଦଳିଯାଇଛି। ପେମେଣ୍ଟ କହିଲେ ଏବେ ଡିଜିଟାଲ୍ ପେମେଣ୍ଟକୁ ହିଁ ବୁଝାଉଛି। ଭାରତୀୟ ରିଜର୍ଭ ବ୍ୟାଙ୍କ ଜାରି କରିଥିବା ତଥ୍ୟରୁ ଏହି ସଙ୍କେତ ମିଳିଛି। ଚଳିତ ଆର୍ଥିକ ବର୍ଷର ପ୍ରଥମ ଛଅ ମାସରେ ହୋଇଥିବା ମୋଟ୍ ପେମେଣ୍ଟ୍ ମଧ୍ୟରୁ ୯୯.୮ ପ୍ରତିଶତ ଡିଜିଟାଲ୍ ପେମେଣ୍ଟ୍ ଥିଲା ବୋଲି ଜଣାପଡ଼ିଛି। ତଥ୍ୟ ଅନୁଯାୟୀ ଗତ ଛଅ ମାସରେ ଦେଶରେ ୧୫୭୨ ଲକ୍ଷ କୋଟି ଥର ପେମେଣ୍ଟ୍ କରାଯାଇଥିଲା। ସେଥିରୁ ୧୫୩୬ ଲକ୍ଷ କୋଟି ଥର ଡିଜିଟାଲ୍ ପେମେଣ୍ଟ୍ ମାଧ୍ୟମକୁ ବ୍ୟବହାର କରାଯାଇଥିଲା। କୋଭିଡ୍ ମହାମାରୀ ବ୍ୟାପିବା ପୂର୍ବରୁ ମୋଟ୍ ପେମେଣ୍ଟ୍‌ରେ ଡିଜିଟାଲ୍ ପେମେଣ୍ଟର ଭାଗ ୯୬.୭ ପ୍ରତିଶତ ଥିଲା। ଡିଜିଟାଲ୍ ପେମେଣ୍ଟ୍‌ରେ ଲୋକମାନେ ମୁଖ୍ୟତଃ ୟୁପିଆଇ ଓ ଆର୍‌ଟିଜିଏସ୍‌କୁ ବ୍ୟବହାର କରୁଛନ୍ତି। ୮୫ ପ୍ରତିଶତ ଡିଜିଟାଲ୍ କାରବାର ୟୁପିଆଇ ଜରିଆରେ ହେଉଛି। ଆର୍‌ଟିଜିଏସ୍‌ରେ ମାତ୍ର ୦.୧ ପ୍ରତିଶତ କାରବାର ହେଉଛି। କିନ୍ତୁ ମୂଲ୍ୟ ଦୃଷ୍ଟିରୁ ଦେଖିଲେ ସବୁ ବଡ଼ ବଡ଼ ପେମେଣ୍ଟ୍ ଆର୍‌ଟିଜିଏସ୍‌ରେ ହେଉଛି। ଛୋଟମୋଟ ପେମେଣ୍ଟ ପାଇଁ ୟୁପିଆଇ ବ୍ୟବହର କରାଯାଉଛି। ଦେଶର ପେମେଣ୍ଟ୍ ବ୍ୟବସ୍ଥାରେ ୮୪.୮ ପ୍ରତିଶତ କାରବାର ୟୁପିଆଇରେ ହେଉଥିବା ବେଳେ ଚେକ୍‌ରେ ୦.୨ ପ୍ରତିଶତ, ଆର୍‌ଟିଜିଏସ୍‌ରେ ୦.୧ ପ୍ରତିଶତ, ଏନ୍‌ଇଏଫ୍‌ଟିରେ ୩.୯ ପ୍ରତିଶତ, ଆଇଏମ୍‌ପିଏସ୍‌ରେ ୨.୧ ପ୍ରତିଶତ, ଏନ୍‌ଏସିଏଚ୍‌ରେ ୨.୯ ପ୍ରତିଶତ, କାର୍ଡରେ ୨.୭ ପ୍ରତିଶତ ଓ ପିପିଆଇ ୩.୨ ପ୍ରତିଶତ ଡିଜିଟାଲ୍ ପେମେଣ୍ଟ୍ କରାଯାଉଛି। ଚଳିତ ଆର୍ଥିକ ବର୍ଷର ପ୍ରଥମ ଛଅ ମାସରେ ୟୁପିଆଇରେ ୧୦,୬୩୭ କୋଟି ଥର ୟୁପିଆଇ ବ୍ୟବହାର କରି ୧୪୩.୩ ଲକ୍ଷ କୋଟି ଟଙ୍କାର କାରବାର କାଯାଇଥିଲା। ଗତ ଏକ ଦଶନ୍ଧି ମଧ୍ୟରେ ପରିମାଣ ଦୃଷ୍ଟିରୁ ଡିଜିଟାଲ୍ କାରବାର ସଂଖ୍ୟା ୩୮ ଗୁଣା ଏବଂ ମୂଲ୍ୟ ଦୃଷ୍ଟିରୁ ତିନି ଗୁଣା ବଢ଼ିଛି। ଗତ ପାଞ୍ଚ ବର୍ଷ ମଧ୍ୟରେ ପରିମାଣ ଦୃଷ୍ଟିରୁ ଡିଜିଟାଲ୍ ପେମେଣ୍ଟ୍ ୬.୬ ଗୁଣା ଓ ମୂଲ୍ୟ ଦୃଷ୍ଟିରୁ ୧.୬ ଗୁଣା ବଢ଼ିଛି।

## ଏବେ ଆଉ ମନ ଇଚ୍ଛା କାମ କରିପାରିବେନି ଓଲା-ଉବେର ଚାଳକ



ନୂଆଦିଲ୍ଲୀ, ୨୪।୧୦: ଆଜିକାଲି ଯୁଗରେ କ୍ୟାବ୍ ଉପରେ ପ୍ରାୟ ଅଧିକାଂଶ ଲୋକ ନିର୍ଭରଶୀଳ। ତାହାର ଭରପୂର୍ ଫାଇଦା ଉଠାଉଛନ୍ତି କ୍ୟାବ୍ ଚାଳକ। ପ୍ରତିଦିନ ଓଲା-ଉବର ଟ୍ୟାକ୍ସି ସେବାକୁ ନେଇ ବିଭିନ୍ନ ଅଭିଯୋଗ ଆସୁଛି। ଅପରିଷ୍କାର କାର, ମନମୁଖୀ ଭଡ଼ା ଏବଂ ଯାତ୍ରା ବାତିଲକରଣ ଆଦି ଅନେକ ସମସ୍ୟାର ସାମ୍ନା କରୁଛନ୍ତି ଲୋକେ। ଏହି ଅଭିଯୋଗଗୁଡ଼ିକର ସମାଧାନ ପାଇଁ ଭାରତ ଟ୍ୟାକ୍ସି ନାମରେ ଏକ ସରକାରୀ କ୍ୟାବ୍ ସେବା ଆରମ୍ଭ କରାଯାଇଛି। କେନ୍ଦ୍ର ସରକାର ଭାରତ ଟ୍ୟାକ୍ସି ନାମକ ଏକ କ୍ୟାବ୍ ସେବା ଆରମ୍ଭ କରିଛନ୍ତି। ଏହା ଓଲା ଏବଂ ଉବର ଭଳି ଘରୋଇ କ୍ୟାବ୍ କମ୍ପାନୀଗୁଡ଼ିକ ପାଇଁ ଏକ ବଡ଼ ଚ୍ୟାଲେଞ୍ଜ ପ୍ରମାଣିତ ହୋଇପାରେ। ଏହି ସେବାରେ କାର୍ ମାଲିକ ଏବଂ ଡ୍ରାଇଭରମାନଙ୍କୁ କମ୍ପାନିକୁ କୌଣସି କମିସନ ଦେବାକୁ ପଡ଼ିବ ନାହିଁ, ଅର୍ଥାତ୍ ସେମାନେ ସମ୍ପୂର୍ଣ୍ଣ ରାଜସ୍ୱ ହାତେଇବେ। ଫଳସ୍ୱରୂପ, ସେମାନେ ଓଲା, ଉବର କିମ୍ବା ଅନ୍ୟାନ୍ୟ କ୍ୟାବ୍ ସେବା ଅପେକ୍ଷା ଭାରତ ଟ୍ୟାକ୍ସିକୁ ବାଛିବେ। ଭାରତ ଟ୍ୟାକ୍ସି ଦେଶର ପ୍ରଥମ ସମବାୟ ଟ୍ୟାକ୍ସି ସେବା ହେବ। ଡିସେମ୍ବରରେ ଏହି ସେବା ବଡ଼ ସ୍ତରରେ ଆରମ୍ଭ ହେଉଥିବା ବେଳେ, ନଭେମ୍ବରରେ ରାଜଧାନୀ ଦିଲ୍ଲୀରେ ଏହାର ପାଇଲଟ୍ ପ୍ରୋଜେକ୍ଟ ଆରମ୍ଭ ହେବ। ଏହି ପାଇଲଟ୍ ପ୍ରୋଜେକ୍ଟରେ ୫୬୦ ଡ୍ରାଇଭର/ଯାନ ମାଲିକ ସାମିଲ ହେବେ। ଏହାର ଅର୍ଥ ହେଉଛି ଏହି ସମବାୟ କ୍ୟାବ୍ ସେବା ପାଇଁ ୬୫୦ ଯାନ ଉପଲବ୍ଧ ହେବ, ଯାହା ଦ୍ୱାରା ଲୋକମାନେ ଏହାର ଲାଭ ପାଇପାରିବେ। ଡିସେମ୍ବରରୁ ଆରମ୍ଭ ହୋଇ, ଏହି ସେବା ବିସ୍ତାରିତ ହେବ ଏବଂ ଧୀରେ ଧୀରେ ଦେଶର ଅନ୍ୟ ସହରଗୁଡ଼ିକରେ ଉପଲବ୍ଧ ହେବ। ଆକଳନ କରାଯାଉଛି ଯେ ଡିସେମ୍ବର ସୁଦ୍ଧା ପ୍ରାୟ ୫ ହଜାର ଡ୍ରାଇଭର ଏହି ସେବାରେ ଯୋଗଦେବେ ଏବଂ ବିଭିନ୍ନ ସହରରେ ଜନସାଧାରଣଙ୍କ ସେବା ପାଇଁ ସେମାନଙ୍କର ଯାନବାହନ ସହିତ ଉପଲବ୍ଧ ହେବେ। ଭାରତ ଟ୍ୟାକ୍ସିକୁ କେନ୍ଦ୍ର ସରକାରଙ୍କ ସହଯୋଗ ମନ୍ତ୍ରଣାଳୟ ଏବଂ ଜାତୀୟ ଇ-ଗଭର୍ଣ୍ଣାନ୍ସ ଡିଭିଜନ ମିଳିତ ଭାବରେ ବିକଶିତ କରିଛି। କେନ୍ଦ୍ର ସରକାର ସହକାର ଟ୍ୟାକ୍ସି ସମବାୟ ଲିମିଟେଡ୍ ସହିତ ଏକ ବୁଝାମଣାପତ୍ର ସ୍ୱାକ୍ଷର କରିଛି। ଏହା ଏକ ଘରୋଇ କମ୍ପାନି ଭାବରେ ନୁହେଁ, ଏକ ସମବାୟ ଭାବରେ କାର୍ଯ୍ୟ କରିବ। ତେଣୁ, ଡ୍ରାଇଭରମାନେ ମଧ୍ୟ ସହ-ମାଲିକ ହେବେ। ଏହି ସେବା ବ୍ୟବହାର କରିବା ଓଲା କିମ୍ବା ଉବର ଆପ୍ ବ୍ୟବହାର କରିବା ପରି ସହଜ। ଆଣ୍ଡ୍ରଏଡ୍ ବ୍ୟବହାରକାରୀମାନଙ୍କୁ ଗୁଗୁଲ୍ ପ୍ଲେ ଷ୍ଟୋରରୁ "ଭାରତ ଟ୍ୟାକ୍ସି" ଆପ୍ ଇନଷ୍ଟଲ୍ କରିବାକୁ ପଡିବ, ଯେତେବେଳେ ଆଇଫୋନ୍ ବ୍ୟବହାରକାରୀମାନଙ୍କୁ ଆପଲ୍ ଷ୍ଟୋରରୁ ଏହାକୁ ଇନଷ୍ଟଲ୍ କରିବାକୁ ପଡିବ। ଏହା ହିନ୍ଦୀ, ଇଂରାଜୀ, ଗୁଜୁରାଟୀ ଏବଂ ମରାଠୀ ଭାଷାରେ ଉପଲବ୍ଧ ହେବ ବୋଲି ଜଣା ପଡ଼ିଛି।

## ଆଜିର ସୁନା ଦର



ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜି ସୁନା ଦର। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୨୫,୪୬୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୧,୧୫,୦୦୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୨୫,୪୬୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ହଜାର ୧,୧୫,୦୦୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୧,୨୫,୪୬୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୧,୧୫,୦୦୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୧,୨୫,୬୧୦ ଟଙ୍କା ଓ ୨୨ କ୍ୟାରେଟ୍ ୧,୧୫,୧୫୦ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧,୨୫,୮୯୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୧୫,୪୦୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୨୫,୪୬୦ ଓ ୧,୧୫,୦୫୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୧, ୫୬,୦୦୦ ଟଙ୍କା ହୋଇଛି।

# ସାଇ ଇଣ୍ଟରନ୍ୟାସନାଲ୍ ସ୍କୁଲ୍‌କୁ ଆଇଭି ଲିଗ୍ ମାନ୍ୟତା



ଭୁବନେଶ୍ୱର, ୨୪।୧୦: ୨୦୨୫-୨୬ ଶିକ୍ଷାବର୍ଷ ପାଇଁ ଏଜୁକେସନ୍ ୱାର୍ଲ୍ଡ ଇଣ୍ଡିଆ ସ୍କୁଲ୍ ରାଙ୍କିଙ୍ଗ୍(ଇଡବ୍ଲୁଆଇଏସ୍ଆର) ଦ୍ୱାରା ଆୟୋଜିତ ଜାତୀୟ ସର୍ବେକ୍ଷଣରେ ସାଇ ଇଣ୍ଟରନ୍ୟାସନାଲ୍ ସ୍କୁଲକୁ 'ଆଇଭି ଲିଗ୍' ମାନ୍ୟତା ମିଳିଛି। ଏହି ମାନ୍ୟତା ପାଇଥିବା ଦେଶର ୬ଟି ସ୍କୁଲଗୁଡ଼ିକ ମଧ୍ୟରୁ ଦିଲ୍ଲୀର ବସନ୍ତ ଭ୍ୟାଲି ସ୍କୁଲ, ମୁମ୍ବାଇର କ୍ୟାଥେଡ୍ରାଲ ଓ ଜନ୍ କନନ୍ ସ୍କୁଲ, ଦିଲ୍ଲୀର ଡିପିଏସ୍ ଆର କେ ପୁରମ୍, ଇନ୍ଦୋରର ଡାଲି ସହ ସାଇ ଇଣ୍ଟରନ୍ୟାସନାଲ୍ ସ୍କୁଲ ରହିଛି। ୫ ବର୍ଷ ଧରି ସର୍ବଭାରତୀୟ ସ୍ତରରେ ଶ୍ରେଷ୍ଠ ସ୍କୁଲର ମାନ୍ୟତା ପାଉଥିବା ସାଇ ଇଣ୍ଟରନ୍ୟାସନାଲ୍ ସ୍କୁଲ ଶିକ୍ଷାଗତ ଖ୍ୟାତି, ଶିକ୍ଷକଙ୍କ ଦକ୍ଷତା, କଲ୍ୟାଣ ଓ ବିକାଶ ସହ ପାଠ୍ୟକ୍ରମ, କ୍ରୀଡ଼ା ଶିକ୍ଷା, ସାମଗ୍ରିକ ପ୍ରତିଷ୍ଠାନ ପ୍ରମୁଖ ମାନଦଣ୍ଡରେ ଉତ୍କର୍ଷତା ପ୍ରଦର୍ଶନ କରିଥିବାରୁ 'ଆଇଭି ଲିଗ୍' ମାନ୍ୟତା ମିଳିଛି। ୨୦୦୮ରେ ପ୍ରତିଷ୍ଠା ହେବାଠାରୁ ସାଇ ଇଣ୍ଟରନ୍ୟାସନାଲ୍ ସ୍କୁଲ ନବସୃଜନ, ବିଶ୍ୱସ୍ତରୀୟ ପ୍ରଦର୍ଶନ ଓ ମୂଲ୍ୟବୋଧ ଆଧାରିତ ଶିକ୍ଷା ଉପରେ ଧ୍ୟାନ ଦେଇଆସୁଛି। ସାଇ ଇଣ୍ଟରନ୍ୟାସନାଲ୍ ସ୍କୁଲର ଚେୟାରପର୍ସନ ଶିଲ୍ପୀ ସାହୁ ଏହି ମାନ୍ୟତା ପାଇଁ କୃତଜ୍ଞତା ଜଣାଇ କହିଛନ୍ତି, ସ୍କୁଲ୍‌ର ପ୍ରତିଷ୍ଠାତା ବିଜୟ କୁମାର ସାହୁ ଏହାକୁ ଆନ୍ତର୍ଜାତୀୟ ସ୍ତରରେ ଏକ ସ୍ୱତନ୍ତ୍ର ବିଦ୍ୟାଳୟ ଗଢ଼ି ତୋଳିବାକୁ ଯେଉଁ ସ୍ୱପ୍ନ ଦେଖିଥିଲେ ତାହା ଆଜି ପୂରଣ ହୋଇଛି। ପୁଣିଥରେ ଆନ୍ତର୍ଜାତୀୟ ସ୍ତରରେ ସ୍ୱୀକୃତି ପାଇ ଆମେ ଗୌରବାନ୍ୱିତ। ଏହା ରାଜ୍ୟରେ ଶିକ୍ଷାକୁ ପୁନଃବିକାଶ କରିବ। ଏହି ସଫଳତା ଛାତ୍ରଛାତ୍ରୀ, ଅଧାପକ, ଅଧାପିକା, ଅଭିଭାବକଙ୍କର ନିରନ୍ତର ସମର୍ଥନର ପ୍ରମାଣ ବୋଲି ସେ ମତବ୍ୟକ୍ତ କରିଛନ୍ତି।

## ଗୁଗୁଲ୍‌ର କ୍ୱାଣ୍ଟମ୍ ଚିପ୍ 'ୱିଲୋ'

# ସୁପର୍ କମ୍ପ୍ୟୁଟର ତୁଳନାରେ ୧୩,୦୦୦ ଗୁଣା ଅଧିକ ସ୍ପିଡ୍



ନୂଆଦିଲ୍ଲୀ,୨୪।୧୦: ଗୁଗୁଲ୍ ନିକଟରେ ଏହାର କ୍ୱାଣ୍ଟମ୍ ଚିପ୍ 'ୱିଲୋ' ସହିତ ଏକ ବଡ଼ ଉପଲବ୍ଧି ହାସଲ କରିଛି। ଏହି ଚିପ୍‌କୁ ନେଇ କମ୍ପାନି ଦାବି କରିଛି ଯେ, ଏହା ଏକ ବିଶିଷ୍ଟ କାର୍ଯ୍ୟକୁ ବିଶ୍ୱର ସବୁଠାରୁ ଦ୍ରୁତ ସୁପର୍ କମ୍ପ୍ୟୁଟର ତୁଳନାରେ ୧୩,୦୦୦ ଗୁଣା ଅଧିକ ଗତିରେ ସମ୍ପୂର୍ଣ୍ଣ କରିପାରିବ। ଏହି ସଫଳତାକୁ 'ଭେରିଫାଏବଲ୍ କ୍ୱାଣ୍ଟମ୍ ଆଡ୍‌ଭାଣ୍ଟେଜ୍' କୁହାଯାଉଛି। ଏହି ଚିପ୍ 'କ୍ୱାଣ୍ଟମ୍ ଇକୋଜ୍' ନାମକ ଏକ ନୂଆ ଆଲ୍‌ଗୋରିଦମ୍ ଚଳାଇଥିଲା, ଯାହା ଏକ ବିଶେଷ ଭୌତିକ ସିମୁଲେଶନ୍‌କୁ ସୁପର୍ କମ୍ପ୍ୟୁଟରଠାରୁ ବହୁ ଗୁଣା ଦ୍ରୁତ ବେଗରେ କରିଥିଲା। ଏହି ଆଲ୍‌ଗୋରିଦମ୍ ପରମାଣୁ ଏବଂ ଆଣବିକ ଇଣ୍ଟର୍‌ଆକ୍ସନର ଅଧ୍ୟୟନ କରିବାରେ ସାହାଯ୍ୟ କରିଥାଏ। ଏହା ଆଣବିକ ସଂରଚନାକୁ ନେଇ ଅଧିକ ସୂଚନା ପାଇବା ପାଇଁ ନ୍ୟୁକ୍ଲିୟର ମ୍ୟାଗ୍‌ନେଟିକ୍ ରେଜୋନାନ୍ସ(ଏନ୍‌ଏମ୍‌ଆର୍)ର ଡାଟାକୁ ଉପଯୋଗ କରିଥାଏ। ୨୦୧୯ରେ ଗୁଗୁଲ୍ 'ସାଇକେମୋର' ଚିପ୍ ସହିତ 'କ୍ୱାଣ୍ଟମ ସୁପ୍ରିମାସି' ହାସଲ କରିବାର ଦାବି କରିଥିଲା। 'ୱିଲୋ'ର ଏହି ସଫଳତା ସତ୍ୟାପନଯୋଗ୍ୟ।

## ଆଜିର ପେଟ୍ରୋଲ, ଡିଜେଲ୍ ଦର

ତେବେ ପ୍ରମୁଖ ସହର ଗୁଡିକରେ ପେଟ୍ରୋଲ ଓ ଡିଜେଲ ମୂଲ୍ୟରେ ପରିବର୍ତ୍ତନ ହୋଇନି। ପ୍ରତିଦିନ ତେଲର ନୂଆ ଦର ନିର୍ଦ୍ଧାରଣ କରାଯାଇଥାଏ। ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୧ .୧୧ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨. ୬୯ ପଇସା ରହିଛି। ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫. ୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୯୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୩୯ ପଇସା ରହିଛି।



# ରୁଷକୁ ଘେରିଲେ ପାଶ୍ଚାତ୍ୟ ରାଷ୍ଟ୍ର



## ତେଲ କାରବାର ଉପରେ କଡ଼ା କଟକଣା

## ବ୍ରିଟେନ୍ ପରେ ଆମେରିକା, ଇୟୁ ହେଲେ କଠୋର

ନୂଆଦିଲ୍ଲୀ/ୱାସିଂଟନ,୨୪।୧୦: ରୁଷ୍ ତେଲ ବିକ୍ରି ଉପରେ ଯୁକ୍ତରାଷ୍ଟ୍ର ଆମେରିକା ବଡ଼ଧରଣର କଟକଣା ଲଗାଇଛି। ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ସହିତ ହେବାକୁ ଥିବା ଆଲୋଚନାକୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ବାତିଲ କରିବା ପରେ ଟ୍ରମ୍ପ ପ୍ରଶାସନ ପକ୍ଷରୁ କଠୋର ପଦକ୍ଷେପ ଘୋଷଣା କରାଯାଇଛି। ୟୁକ୍ରେନ ଯୁଦ୍ଧ ତୁରନ୍ତ ବନ୍ଦ ପାଇଁ ମସ୍କୋ ଓ ପୁଟିନଙ୍କ ଉପରେ ଚାପ ପ୍ରୟୋଗ ପାଇଁ ଆମେରିକା ଏଭଳି ପଦକ୍ଷେପ ନେଇଛି। କଟକଣା ଲଗାଇବାର ସମୟ ଏବେ ବୋଲି ଟ୍ରମ୍ପ କହିଛନ୍ତି। ଆମେରିକାର ଟ୍ରେଜେରି ସଚିବ ସ୍କଟ ବେସେଣ୍ଟ ବୁଧବାର କହିଥିଲେ ହତ୍ୟା ବନ୍ଦ ସହିତ ତୁରନ୍ତ ଯୁଦ୍ଧ ବିରତିର ସମୟ ବର୍ତ୍ତମାନ ବୋଲି ସେ କହିଥିଲେ। ଯୁଦ୍ଧ ବନ୍ଦ ପାଇଁ ପୁଟିନ ମନା କରିବା ପରେ ଆମେରିକା ଟ୍ରେଜେରି ରୁଷ୍‌ର ଦୁଇଟି ବୃହତ୍ ତେଲ କମ୍ପାନି ଉପରେ କଟକଣା ଲଗାଇଛି। କ୍ରେମଲିନର ଯୁଦ୍ଧ ମେସିନକୁ ଏମାନେ ପାଣ୍ଠି ଯୋଗାଉଛନ୍ତି ବୋଲି ବେସେଣ୍ଟ୍ କହିଛନ୍ତି। ଯୁଦ୍ଧ ବନ୍ଦ କରିବା ପାଇଁ ଆବଶ୍ୟକ ପଡ଼ିଲେ ଅଧିକ କଟକଣା ମଧ୍ୟ ଲଗାଯାଇ ପାରେ ବୋଲି ବେସେଣ୍ଟ କହିଛନ୍ତି। ଏହି କଟକଣା ଦ୍ୱାରା ରୁଷ୍‌ର ଦୁଇ ବୃହତ୍ ତେଲ କମ୍ପାନି ରୋଜନେଫ୍ଟ ଏବଂ ଲୁକଅଏଲ୍ ସମେତ ସେମାନଙ୍କ ପ୍ରାୟ ୩ ଜଣ ସହାୟକ କମ୍ପାନି ପ୍ରଭାବିତ ହେବେ। ଗତ ସପ୍ତାହରେ ରୋଜନେଫ୍ଟ ଏବଂ ଲୁକ୍‌ଅଏଲ୍ ଉପରେ ବ୍ରିଟେନ କଟକଣା ଲଗାଇଥିଲା। ୟୁରୋପୀୟ ସଂଘ ମଧ୍ୟ ରୁଷ୍ ଉପରେ ଗୁରୁବାର ଆଉ ଏକ ପର୍ଯ୍ୟାୟ କଟକଣା ଲଗାଇଛି। ଏଥିରେ ରୁଷ୍‌ରୁ ଏଲ୍‌ଏନ୍‌ଜି ଆମଦାନିକୁ ନିଷିଦ୍ଧ କରାଯାଇଛି। ଆମେରିକାର କଟକଣାକୁ ୟୁକ୍ରେନ ରାଷ୍ଟ୍ରପତି ଭୋଲଡିମିର ଜେଲେନସ୍କି ସ୍ୱାଗତ କରିଛନ୍ତି। କିନ୍ତୁ ରୁଷ୍ ବିଦେଶ ମନ୍ତ୍ରାଳୟ ଆମେରିକାର ଏହି ପଦକ୍ଷେପକୁ ସମାଲୋଚନା କରିଛି। ଏହା ଆଦୌ ଫଳପ୍ରଦ ହେବନାହିଁ ବୋଲି ରୁଷ୍ କହିଛି। ଅର୍ଥନୀତି ପାଇଁ କୌଣସି ସମସ୍ୟା ସୃଷ୍ଟି କରିବ ନାହିଁ ବୋଲି ମଧ୍ୟ ମସ୍କୋ କହିଛି। ଉଲ୍ଲେଖଯୋଗ୍ୟ, ଚଳିତବର୍ଷ ଜାନୁଆରିରେ ଆମେରିକାର ବାଇଡେନ ପ୍ରଶାସନ ରୁଷ୍‌ର ଅନ୍ୟ ତେଲ କମ୍ପାନି ଉପରେ ଯଦିଓ କଟକଣା ଲଗାଇଥିଲା କିନ୍ତୁ ରୋଜନେଫ୍ଟ ଓ ଲୁକଅଏଲ ଉପରେ କଟକଣାକୁ ଅଟକ ରଖାଯାଇଥିଲା। ଆମେରିକାର କଟକଣା ପରେ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତେଲ ଦର ବୃଦ୍ଧି ପାଇଛି। ଭାରତର ତୈଳ ଆମଦାନିକାରୀମାନେ ରୁଷ୍ ତେଲ ଆମଦାନିକୁ ହ୍ରାସ କରିବାକୁ ପଦକ୍ଷେପ ନେଉଛନ୍ତି ବୋଲି ରଏଟର୍ସ ପକ୍ଷରୁ କୁହାଯାଇଛି।

ଯେଉଁ ଦୁଇଟି କମ୍ପାନି ଉପରେ ଆମେରିକା କଟକଣା ଲଗାଇଛି ସେମାନେ ରୁଷ୍‌ର ମୋଟ ଅଶୋଧିତ ତେଲ ରପ୍ତାନିରେ ଅଧାରୁ ଅଧିକ ଯୋଗଦାନ ରହିଛି। ୱାସିଂଟନସ୍ଥିତ ପିଟରସନ ଇନଷ୍ଟିଚ୍ୟୁଟ୍ ଫର୍ ଇଣ୍ଟରନ୍ୟାସନାଲ ଇକୋନୋମିକ୍ସର ବରିଷ୍ଠ ଗବେଷକ ଏଲିନା ରିବାକୋଭା କହିଛନ୍ତି ଯେ ଏଭଳି କମ୍ପାନି ସହିତ ଆର୍ଥିକ କାରବାର ଯୋଗାଇ ଦେଉଥିବା ସଂସ୍ଥା ଏହି କାର୍ଯ୍ୟ କରିବାକୁ ଆଉ ଥରେ ଚିନ୍ତା କରିବେ। କଟକଣା ଲଗାଯାଇଥିବା କମ୍ପାନି ସହିତ ଯଦି କୌଣସି ବ୍ୟାଙ୍କ କାରବାର କରୁଥିବା ଜଣାପଡ଼େ ତାହେଲେ ଆମେରିକା ବଜାର, ଆମେରିକା ମୁଦ୍ରା ଏବଂ ଆମେରିକା ପେମେଣ୍ଟ ବ୍ୟବସ୍ଥା ସହିତ ସେମାନଙ୍କ ସଂପର୍କକୁ ଛିନ୍ନ କରାଯିବ ବୋଲି ରିବାକୋଭା କହିଛନ୍ତି।

ରୁଷ୍‌ର ଏହି ଦୁଇ କମ୍ପାନି ଉପରେ ଆମେରିକା କଟକଣା ଲଗାଇବା ପରେ ଭାରତ ଏହାର ଆମଦାନି କମାଇଛି। ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ ବର୍ତ୍ତମାନ ରୁଷ୍ କମ୍ପାନିଠାରୁ ତେଲ କିଣିବା କମାଇବାକୁ କିମ୍ବା ବନ୍ଦ କରିବାକୁ ଯୋଜନା କରୁଛି ବୋଲି ଶିଳ୍ପ ସୂତ୍ରରୁ ଉଦ୍ଧାର କରି ରଏଟର୍ସ କହିଛି। ସେହିଭଳି ଇଣ୍ଡିଆନ୍ ଅଏଲ୍ ଏବଂ ଭାରତ ପେଟ୍ରୋଲିୟମ ଭଳି ରାଷ୍ଟ୍ରାୟତ୍ତ ତୈଳ କମ୍ପାନି ରୋଜନେଫ୍ଟ ଏବଂ ଲୁକଅଏଲ୍‌ଠାରୁ ସିଧାସଳଖ ଯେଭଳି ଅଶୋଧିତ ତେଲ ନଆସିବ ତାହାକୁ ନିଶ୍ଚିତ କରିବା ପାଇଁ କାର୍ଯ୍ୟ ଆରମ୍ଭ କରିଦେଇଛନ୍ତି।

# ସାହାରା ମନି ଲଣ୍ଡରିଂ ମୂଳରେ ଲକ୍ଷ୍ନୌ କାର୍ଯ୍ୟାଳୟ

## ସବୁ ବଡ଼ ନିଷ୍ପତ୍ତି ସେଇଠି ହେଉଥିଲା: ଇଡି

ଆହ୍ଲାବାଦ, ୨୪।୧୦: ସାହାରା ଗ୍ରୁପ୍ ଦ୍ୱାରା ହୋଇଥିବା ୨୫ ହଜାର କୋଟି ଟଙ୍କାର ମନି ଲଣ୍ଡରିଂ ମୂଳରେ କମ୍ପାନିର ଉତ୍ତରପ୍ରଦେଶର ଲକ୍ଷ୍ନୌ ସହରରେ ଥିବା ମୁଖ୍ୟ କାର୍ଯ୍ୟାଳୟ ରହିଥିଲା। ସେଠାରେ ସବୁ ବଡ଼ ନିଷ୍ପତ୍ତି ହେଉଥିଲା ବୋଲି ଆହ୍ଲାବାଦ ହାଇକୋର୍ଟଙ୍କୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଜଣାଇଛି। ସାହାରା ଅଧୀନରେ ପରିଚାଳିତ ହୋଇ ଜମାରାଶି ସଂଗ୍ରହ କରୁଥିବା ସବୁ ସଂସ୍ଥା ସାହାରା ଇଣ୍ଡିଆର ସେହି ସମାନ ଶାଖା, ଏଜେଣ୍ଟ ଓ ଭିତ୍ତିଭୂମିକୁ ବ୍ୟବହାର କରୁଥିଲେ। ତଦନ୍ତରୁ ଜଣାପଡ଼ିଛି ଯେ ପାଣ୍ଠିକୁ ପୁନଃ ଜମା କରିବା ବେଳେ କୌଣସି ବ୍ୟାଙ୍କ ଟ୍ରାନ୍ସଫର ହୋଇନଥିଲା। କେବଳ ବିଭିନ୍ନ ସଂସ୍ଥାର ହିସାବ ଖାତାରେ ଯାହା କିଛି ପରିବର୍ତ୍ତନ କରାଯାଇଥିଲା। ହାଇକୋର୍ଟରେ ଇଡି ଦାଖଲ କରିଥିବା ସତ୍ୟପାଠରେ ଜଣାଇଛି ଯେ ସବୁ ବଡ଼ ନିଷ୍ପତ୍ତି ଲକ୍ଷ୍ନୌସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ନିଆଯାଉଥିଲା। କମ୍ପାନିର ଅଧ୍ୟକ୍ଷ, ପରିଚାଳନା ନିର୍ଦ୍ଦେଶକ ଓ ବୋର୍ଡ ସଦସ୍ୟମାନେ ଏହି ଦୁର୍ନୀତିରେ ସାମିଲ ଥିଲେ ବୋଲି ଇଡି ଅଭିଯୋଗ କରିଛି।

ଇଡି କହିଛି ଯେ ସାହାରା ଗ୍ରୁପ୍‌ର ଗୋଟିଏ ସ୍କିମ୍‌ର ମାଚ୍ୟୁରିଟି ରାଶିକୁ ପୂର୍ବରୁ ଚାଲୁଥିବା ଅନ୍ୟ ନୂଆ ସ୍କିମ୍‌ରେ ପୁନର୍ବାର ଜମା କରାଯାଉଥିଲା। କିନ୍ତୁ ବ୍ୟାଙ୍କ ଜରିଆରେ ସେହି ଟଙ୍କା ପଠାଯାଉନଥିଲା। ତେଣୁ ଜମାକାରୀଙ୍କ ପାଖରେ ସେହି ସ୍କିମ୍‌ରେ ନିଜ ଟଙ୍କା ଜମା କରିବା ବ୍ୟତୀତ ଅନ୍ୟ କୌଣସି ବିକଳ୍ପ ରହୁନଥିଲା। ସାରା ଇଣ୍ଡିଆ ଶାଖାଗୁଡ଼ିକ ଜମା ଗ୍ରହଣ କରୁନଥିଲେ। ପ୍ରାଥମିକ ପ୍ରମାଣରୁ କୋର୍ଟ ଜାଣିବାକୁ ପାଇଥିଲେ ଯେ ସୁପ୍ରିମକୋର୍ଟଙ୍କ କଟକଣା ସତ୍ତ୍ୱେ ସାହାରା ଗ୍ରୁପ୍‌ର ସଂସ୍ଥାଗୁଡ଼ିକ ଜମା ସଂଗ୍ରହ କରୁଥିଲେ।

## ୧୮ ପରିବାର ପାଇଁ ରୁଫ୍ ଟପ୍ ସୋଲାର ବ୍ୟବସ୍ଥା

ଭୁବନେଶ୍ୱର,୨୪।୧୦: ନବୀକରଣୀୟ ଶକ୍ତିକୁ ପ୍ରୋତ୍ସାହିତ କରିବା ପାଇଁ ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍ (ଟିପିସିଓଡିଏଲ୍), ପିଏମ୍ ସୂର୍ଯ୍ୟଘରଃ ମୁଫ୍ତ ବିଜ୍‌ଲି ଯୋଜନାର ୟୁଟିଲିଟି ଲେଡ୍ ଏଗ୍ରିଗେଶନ (ୟୁଏଲ୍‌ଏ) ମଡେଲ ଅଧୀନରେ ରୁଫ୍‌ଟପ୍ ସୋଲାର ସ୍ଥାପନକୁ ତ୍ୱରାନ୍ୱିତ କରିଛି। ଗ୍ରାମୀଣ ପରିବାରମାନଙ୍କୁ ସ୍ୱଚ୍ଛ, ଭରସାଯୋଗ୍ୟ ଓ ଶସ୍ତା ଶକ୍ତି ଯୋଗାଇବା ସହ ଉଚ୍ଚ ଗୁଣମାନ ଓ ସୁରକ୍ଷିତ ସ୍ଥାପନ ଏହାର ଲକ୍ଷ୍ୟ ରହିଛି। ଏହି ପଦକ୍ଷେପର ଅଂଶ ସ୍ୱରୂପ ସାଲେପୁର ଡିଭିଜନ ଅନ୍ତର୍ଗତ କୁରୁଜଙ୍ଗ ପ୍ରଥମ ଗ୍ରାମ ଭାବେ ଉପକୃତ ହୋଇଛି, ଯେଉଁଠାରେ ୧୮ଟି ପରିବାର ପ୍ରତ୍ୟେକ ୮୭୬୪ ଟଙ୍କା ମୂଲ୍ୟରେ ରୁଫ୍‌ଟପ୍ ସୋଲାର ବ୍ୟବସ୍ଥା ସ୍ଥାପନ କରିଛନ୍ତି। ଏଥିରେ ୧ କିଲୋୱାଟର ସଂଯୋଗ ପାଇଁ ୫୦୦୦ ଟଙ୍କା ଓ ୩୭୬୪ ଟଙ୍କାର ଏକ ଅତିରିକ୍ତ ସୋଲାର ମିଟର ଚାର୍ଜ ଓ ମାଗଣାରେ ନେଟ୍ ମିଟର ସ୍ଥାପନ ଅନ୍ତର୍ଭୁକ୍ତ। ଏହି ପ୍ରକଳ୍ପ ଗାଁର ଶକ୍ତି କ୍ଷେତ୍ରରେ ଆତ୍ମନିର୍ଭରଶୀଳତା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ; ହେବା ସହ ପାୱାର ଗ୍ରୀଡ୍ ଉପରେ ନିର୍ଭରଶୀଳତା ହ୍ରାସ ଏବଂ ବିଦ୍ୟୁତ୍ ଖର୍ଚ୍ଚ କମ୍ କରିବାରେ ସାହାଯ୍ୟ କରିଛି।

## ବ୍ଲକସ୍ତରୀୟ ଶିଶୁ ସୁରଭି ମହୋତ୍ସବ



**କନ୍ଧମାଳ,୨୪।୧୦(ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲାର ଖଜୁରୀପଡ଼ା ବ୍ଲକ ଅନ୍ତର୍ଗତ ଦୁତୀପଡା ପଞ୍ଚାୟତ ନିକଟସ୍ଥ ସରକାରୀ ଉଚ୍ଚ ବିଦ୍ୟାଳୟ ଠାରେ ବୁଧବାରଦିନ ଖଜୁରୀପଡ଼ା ବ୍ଲକ ସ୍ତରୀୟ ଶିଶୁ ସୁରଭି ମହୋତ୍ସବ - ୨୦୨୫ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମଟି ଉଦଘାଟନ ଓ ଅଧ୍ୟକ୍ଷତା କରିଥିଲେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶ୍ରୀ ବିନୋଦ ବିହାରୀ ଦିଗାଲ। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଖଜୁରୀପଡ଼ା ପଞ୍ଚାୟତ ସମିତି ଅଧ୍ୟକ୍ଷା ସୁଶ୍ରୀ ଅନିମା କହଁର ଯୋଗଦେଇ ଥିବା ବେଳେ ସମ୍ମାନିତ ଅତିଥି ରୂପେ ଜିଲ୍ଲାପରିଷଦ ତଥା ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶ୍ରୀମତୀ ଉର୍ବଶୀ ଦିଗାଲ, ସ୍ଥାନୀୟ ସରପଞ୍ଚ ଶ୍ରୀମତୀ ଜାନକୀ ଜାନି, ବିଧାୟକ ପ୍ରତିନିଧି ଅନନ୍ତ କୁମାର ଦିଗାଲ, ବିଡ଼ିଓ ଶୁଭ ଦତ୍ତାତ୍ରେୟ ବାହିନୀପତି, ଅତିରିକ୍ତ ଶିକ୍ଷା ଅଧିକାରୀ ଜ୍ୟୋସ୍ନାରାଣୀ ମଲିକ, ନାର୍ସୁ କହଁର, ଦୁତୀପଡା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ଅମ୍ବିକା ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ଖଜୁରୀପଡ଼ା ବ୍ଲକର ୧୪ ଗୋଟି କ୍ଲଷ୍ଟରର ୪୬୦ ଜଣ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀ ଚିତ୍ରାଙ୍କନ, ବକ୍ତୃତା, ନୃତ୍ୟ, ସଙ୍ଗୀତ ଓ ପ୍ରଧାନମନ୍ତ୍ରୀ ପୋଷଣ ଆଦି ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ବିଚାରକ ଭାବେ ବିଭିନ୍ନ ବିଭାଗରେ ଶିକ୍ଷକ ଶିକ୍ଷୟିତ୍ରୀ ମଣ୍ଡଳୀ ଥିବା ବେଳେ ସଙ୍ଗୀତ ବିଚାରକ ଭାବେ ଅସିତ ନନ୍ଦ, ଗୋଲକ ବିହାରୀ ନାୟକ, ପଞ୍ଚାନନ ସାହୁ ଓ ସାଂସ୍କୃତିକ ବିଚାରକ ରଞ୍ଜିତ ମୁଖି, ସୁଜିତ ବେହେରା, ଶୁକରଞ୍ଜନ ସାହାଣୀ ଯୋଗଦେଇ ଥିଲେ। ସୁରଭି କାର୍ଯ୍ୟକ୍ରମ ହେଉଛି ବିଦ୍ୟାଳୟର ଏକ ସାଂସ୍କୃତିକ ମହୋତ୍ସବ, ଯେଉଁଠି ଛାତ୍ରଛାତ୍ରୀ ମନୋରଞ୍ଜନ ସହିତ ତାଙ୍କ ଲୁକାୟିତ ଥିବା ପ୍ରତିଭା ଦେଖାନ୍ତି। ଏହା ଶିକ୍ଷା, ସଂସ୍କୃତି, ଓ ମୂଲ୍ୟବୋଧକୁ ଏକା ସାଥିରେ ଅଞ୍ଚଳ ଓ ଦେଶର ବିକାଶ ଆଣିଥାଏ।

### ଆଦିବାସୀଙ୍କ ଦୁଃଖ ପ୍ରଶାସନ ଶୁଣିବ କେବେ ?

# ସରକାରଙ୍କ ଯୋଜନାରୁ ବଞ୍ଚିତ କାନ୍ଦରି ଗାଁ



**କନ୍ଧମାଳ,୨୪।୧୦ (ସଂଚାର ବ୍ୟୁରୋ):** ଦେଶ ସ୍ୱାଧୀନତା ଅମୃତ ମହୋତ୍ସବ ପାଳନ କରୁଥିବା ବେଳେ ଦାରିଙ୍ଗବାଡ଼ି ବ୍ଲକ ଅନ୍ତର୍ଗତ ପର୍ତମାହା ପଞ୍ଚାୟତ ର କାନ୍ଦାରୀ ଗାଁ , କିନ୍ତୁ ଏବେ ବି ରାସ୍ତା ଖଣ୍ଡେ ପାଇ ପାରିଲା ନାହିଁ। ଏବେ ବି ଗମନାଗମନ ପାଇଁ ଭଲ ରାସ୍ତା ଖଣ୍ଡେ ପାଇବା ପାଇଁ ଗୁହାରି କରୁଛନ୍ତି ଗାଁ ଲୋକେ। କେନ୍ଦ୍ର ଓ ରାଜ୍ୟ ସରକାର ଆଦିବାସୀଙ୍କ ପାଇଁ ବିଭିନ୍ନ ଯୋଜନା ମାଧ୍ୟମରେ ଆଦିବାସୀଙ୍କ ବିକାଶ ପାଇଁ କୋଟି କୋଟି ଅର୍ଥ ବିୟୋଗ କରୁଥିବା ଦେଖିବାକୁ ମିଳୁଛି। ହେଲେ ଆଜି ବି ଅବହେଳିତ ରହିଛି କାନ୍ଦାରୀ ଗାଁ। ନିତିଦିନ ଗମନାଗମନ ପାଇଁ ଭଲ ରାସ୍ତା ତ ଛାଡ଼ ,ମାଟି ରାସ୍ତା ବି ତାଙ୍କ ପାଇଁ ସାତ ସପନ ପାଲଟିଛି। ଗାଁ ଲୋକ କହିବା କଥା ଆମକୁ ବିଦ୍ୟୁତ୍ ସଂଯୋଗ କରଣ,ବହୁଧା ଯୋଜନା ରେ ବିଶୁଦ୍ଧ ପାନୀୟ ଜଳ ର ବ୍ୟବସ୍ଥା ନ ଦିଆଯାଉ କିନ୍ତୁ ସରକାର ଙ୍କୁ ଅନୁରୋଧ ଆମ ଗାଁ କୁ ମନରେଗା ଯୋଜନାରେ ତଳା ବୁଲା କରିବା ପାଇଁ ଉପଯୋଗୀ ରାସ୍ତା ଖଣ୍ଡେ ଯୋଗେଇ ଦିଅନ୍ତୁ। ରାସ୍ତା, ବିଜୁଳି, ବିଶୁଦ୍ଧ ପାନୀୟ ଜଳ ବିନା ବଞ୍ଚି ଆସୁଛନ୍ତି କାନ୍ଦାରୀ ଗାଁ ର ୧୨ ପରିବାର ଆଦିବାସୀ। କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡ଼ି ବ୍ଲକ ପର୍ତମାହା ଗ୍ରାମ ପଞ୍ଚାୟତ ର ସିଦୁପାଦେରୀ ୱାର୍ଡ ର କାନ୍ଦାରୀ ଗାଁ।ବଣ ପାହାଡ଼ ଭିତରେ ଅବସ୍ଥିତ ଏହି କାନ୍ଦାରୀ ଗାଁ। କୋଟଗଡ଼ ବନାଞ୍ଚଳ ଶ୍ରୀରାମପୁର ରେଞ୍ଜ ଜରିଆରେ ଜଙ୍ଗଲ ଜମି ସିରନାମା ମିଳିଥିବା ଜଣା ପଡ଼ିଛି , ହେଲେ କୋଟଗଡ଼ ବ୍ଲକ ର ମାଲାଙ୍ଗା ଗ୍ରାମ ପଞ୍ଚାୟତ ରେଞ୍ଜ ସିମା ଟକୁବାଡ଼ି ରାଜସ୍ୱ ଗ୍ରାମରେ ଆସୁଥିବା ବେଳେ ଦାରିଙ୍ଗବାଡ଼ି ବ୍ଲକ ପର୍ତମାହା ପଞ୍ଚାୟତ ର ସିଦୁପାଦେରୀ ୱାର୍ଡ ର କାନ୍ଦାରୀ ଗାଁ ରେକର୍ଡ ଭୁକ୍ତ । ପର୍ତମାହା ପଞ୍ଚାୟତ ଠାରୁ କାନ୍ଦାରୀ ଗାଁ ୨୦ ରୁ ୨୨ କିଲୋମିଟର ଦୂରତା ହେବା।ସିବୁ ପଦେର ରୁ ପାହାଡ଼ ଉପରେ ପାଦ ଚଲା ରାସ୍ତା ଦେଇ ଘଞ୍ଚ ଜଙ୍ଗଲ ଭିତରେ ଯିବାକୁ ପଡ଼ିଥାଏ ୫ କିଲୋମିଟର କାନ୍ଦାରୀ ଗାଁ କୁ। ହେଲେ ନିତିଦିନ ରାସନ୍ ସାମଗ୍ରୀ ଆଣିବାକୁ ମାଲାଙ୍ଗା ପଞ୍ଚାୟତ ର ଦୂରୀ କୁପୁଡ଼ା ଦୋକାନ କୁ ସୋଉଦା ଆଣିବା ପାଇଁ ଆସିବାକୁ ହେଲେ ଜଙ୍ଗଲ ଭିତରେ ଚାଲି ଚାଲି ୪ କିଲୋମିଟର ଯିବାକୁ ହୁଏ ବୋଲି କହିଛନ୍ତି କାନ୍ଦାରୀ ଗ୍ରାମବାସୀ।ପିଲା ମାନଙ୍କ ଭବିଷ୍ୟତ କଥା କହିବାକୁ ହେଲେ ଅତି ଦୁଃଖ ଓ ପରିତାପର ବିଷୟ,ନା ଅଛି ବିଦ୍ୟାଳୟ ନି ଅଛି ଅଙ୍ଗନୱାଡ଼ି କେନ୍ଦ୍ର ।

ବିଦ୍ୟାଳୟ ଓ ଅଙ୍ଗନୱାଡ଼ି କେନ୍ଦ୍ର ଯିବାକୁ ହେଲେ ୫ କିଲୋ ମିଟର ଜଙ୍ଗଲ ପାହାଡ଼ ଚଲା ରାସ୍ତା ଦେଇ ଯିବାକୁ ହୋଇଥାଏ।ଏଠି ଶିଶୁଙ୍କ ଭବିଷ୍ୟତ ଅନ୍ଧାର ରେ , ସଂନ୍ଧ୍ୟା ୬ ଟା ହେଲେ ପଡ଼ିଥାଏ ଟାଟି କବାଟ ,ଶୂନସାନ୍ ରେ ରହିଥାଏ ସେହି ଗାଁ, ପୁଣି ସକାଳ ହେଲେ ଉଠି କାମ କରିଥାନ୍ତି।ଜୀବନ ଜୀବିକା କଥା କହିବା ହେଲେ ହଳଦୀ,କାନ୍ଦୁଲ,ବିରି,ଧାନ ,ଜୁଡୁଙ୍ଗ, ମାଣ୍ଡିଆ,କୁଏରୀ,ମକା ଆଦି ଚାଷବାସ କରି ଜୀବନ ଜୀବିକା କୁ ପ୍ରତିପୋଷଣ କରିଥାନ୍ତି।

## ଫିନୋକଣ୍ଟ୍ରୋଲ କମ୍ପାନୀର ପଞ୍ଚମ ପ୍ରତିଷ୍ଠା ଦିବସ ପାଳନ

**ଧାମନଗର,୨୪।୧୦(ସଂଚାର ବ୍ୟୁରୋ):** ଧାମନଗର ଏନ୍‌ଏସିଅଧିନରେ ଥିବା ତହସିଲ ସମ୍ମୁଖସ୍ଥ କଲ୍ୟାଣ ମଣ୍ଡପ ପରିସରରେ ଶିକ୍ଷା ଓ ପ୍ରଶିକ୍ଷଣ ସଂସ୍ଥା ଫିନୋକଣ୍ଟ୍ରୋଲ ତାର ପଞ୍ଚମ ବାର୍ଷିକ ତଥା ପ୍ରତିଷ୍ଠା ଉତ୍ସବ ମହା ଆଡ଼ମ୍ବରରେ ପାଳନ କରିଛି। ଆମ ଦେଶର ବିଭିନ୍ନ ସ୍କୁଲ ଓ କଲେଜ ସହିତ ମିଶି ବିଦ୍ୟାର୍ଥୀ ମାନଙ୍କୁ ପ୍ରୟୋଗିକ ଓ ଜୀବନ ମୂଳକ ଶିକ୍ଷା ପ୍ରଦାନ ଦିଗରେ କାର୍ଯ୍ୟ କରିବାକୁ ସଙ୍କଳ୍ପ ନେଇଥିବା ଓଡ଼ିଶା ଭୁବନେଶ୍ୱରର ଅଗ୍ରଣୀ ସଂସ୍ଥା ଫିନୋକଣ୍ଟ୍ରୋଲ ଧାମନଗର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଛାତ୍ର ଛାତ୍ରୀଙ୍କ ଗହଣରେ ପାଳନ କରିଛି ଏହି ପ୍ରତିଷ୍ଠା ଉତ୍ସବ। ଫିନୋକଣ୍ଟ୍ରୋଲର ସ୍ଥାପକ ଓ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ରମନଜିତ ମହାନ୍ତି ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିବା ବେଳେ ସଂସ୍ଥାର ମୁଖ୍ୟ ମାନବ ସମ୍ପଦ ଅଧିକାରୀ ତେଜସ୍ୱୀ ତ୍ରିପାଠୀ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ।

## ପୌର କର୍ମଚାରୀଙ୍କ ସମସ୍ୟା ଉପରେ ଆଲୋଚନା



**ବଲାଙ୍ଗିର,୨୪।୧୦(ସଂଚାର ବ୍ୟୁରୋ):** ସ୍ଥାନୀୟ କଲେଜଛକ ସ୍ଥିତ କଲ୍ୟାଣ ମଣ୍ଡପ ଠାରେ ପୌର କର୍ମଚାରୀ ସଂଘର ବୈଠକ ସଭାପତି ରତନ ମହାରଣାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ପୌର କର୍ମଚାରୀଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା ହୋଇଥିଲା। ଶ୍ୱେତ ତ୍ରିପାଠୀ କାର୍ଯ୍ୟାଳୟରେ ସ୍ଥାୟୀ, ଅସ୍ଥାୟୀ ଓ ବାହ୍ୟ ଉତ୍ସ ମାଧ୍ୟମରେ ପୌର କାର୍ଯ୍ୟାଳୟରେ କାମ କରୁଥିବା କର୍ମଚାରୀଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରିଥିଲେ। ସଂଘ ତରଫରୁ କାର୍ଯ୍ୟନିର୍ବାହୀ ଅଧିକାରୀ ଓ ନଗରପାଳଙ୍କ ମିଳିତ ଉଦ୍ୟମରେ କିପରି ସମସ୍ତ କର୍ମଚାରୀଙ୍କ ବିଭିନ୍ନ ସମସ୍ୟା ଗୁଡ଼ିକର ସମାଧାନ ଶୀଘ୍ର ହୋଇପାରିବ ତା ଉପରେ ଦୃଷ୍ଟି ଆକର୍ଷଣ କରିଥିଲେ। ସୁନିଲ ମିଶ୍ର ବୈଠକକୁ ପରିଚାଳନା କରିଥିବା ବେଳେ ସଚିଦାନନ୍ଦ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ବୈଠକରେ ସଞ୍ଜୟ ନାଗ, ଶ୍ରୀଧର ସାଥୁଆ, ସରୋଜ ମହାରଣା, ଗୋପାଳ ଚନ୍ଦ୍ର ବାଗ, ଦେବାଶିଷ ବାଗ, ପାର୍ଥସାରଥୀ ମହାକୁଡ଼, ଆର୍ତ୍ତତ୍ରାଣ ସାହୁ, ବିକାଶ ପଟେଲ, ସଂକୀର୍ତ୍ତନ ହରିପାଲ, ସୁଦର୍ଶନ ଦୀପ, ସୁରେନ୍ଦ୍ର ମଛଖଣ୍ଡଙ୍କ ସମେତ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ।

## 'ଆପଣଙ୍କ ପୁଞ୍ଜି ଆପଣଙ୍କ ଅଧିକାର' ସଚେତନତା ଶିବିର



**ସୁନ୍ଦରଗଡ଼,୨୪।୧୦(ସଂଚାର ବ୍ୟୁରୋ):** କେନ୍ଦ୍ର ସରକାରଙ୍କ ଆର୍ଥିକ ସେବା ବିଭାଗର ନିର୍ଦ୍ଦେଶ କ୍ରମେ ଭାରତୀୟ ଷ୍ଟେଟବ୍ୟାଙ୍କ ଆନୁକୁଲ୍ୟରେ ଶୁକ୍ରବାର ସ୍ଥାନୀୟ ସଂସ୍କୃତି ଭବନ ଠାରେ 'ଆପଣଙ୍କ ପୁଞ୍ଜି ଆପଣଙ୍କ ଅଧିକାର' ଶୀର୍ଷକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ବ୍ୟାଙ୍କ ଏବଂ ଅନ୍ୟାନ୍ୟ ଆର୍ଥିକ ସଂସ୍ଥାରେ ଦାବି ନ ହୋଇ ପଡ଼ି ରହିଥିବା ପୁଞ୍ଜିର ତ୍ୱରିତ ଓ ସରଳ ଦାବି ସମାଧାନ ଦିଗରେ ସଚେତନତା ସୃଷ୍ଟି କରିବା ଲକ୍ଷ୍ୟରେ ଏହି ଶିବିରର ଆୟୋଜନ କରା ହୋଇଥିଲା। ସାରା ଦେଶରେ ଦ୍ୱିତୀୟ ପର୍ଯ୍ୟାୟରେ ସୁନ୍ଦରଗଡ଼ ଜିଲାରେ ଏହି ସଚେତନତା କାର୍ଯ୍ୟକ୍ରମର ଶୁଭାରମ୍ଭ ହେଲା। ଏହି ଶିବିରରେ ମୁଖ୍ୟ ଅତିଥିଭାବେ ଜିଲ୍ଲାପାଳ ଡ଼ା. ଶୁଭଙ୍କର ମହାପାତ୍ର, ସମ୍ମାନିତ ଅତିଥି ଭାବେ ଭାରତୀୟ ଷ୍ଟେଟବ୍ୟାଙ୍କର କ୍ଷେତ୍ରୀୟ ଅଧିକାରୀ ଭବାନୀ ଶଙ୍କର ମହାକୁର, ଅଗ୍ରଣୀ ଜିଲ୍ଲା ଅଧିକାରୀ ଗଗନ ବିହାରୀ ଭଲ, ରିଜର୍ଭ ବ୍ୟାଙ୍କ ର ଅଗ୍ରଣୀ ଜିଲ୍ଲା ଅଧିକାରୀ ନବଘନ ରାଉତ, ରାଜ୍ୟ ସ୍ତରୀୟ ବ୍ୟାଙ୍କ ସମିତିର ଆବାହକ ସତୀଶ ରଞ୍ଜନ ପ୍ରଧାନ ଉପସ୍ଥିତ ରହି ନିଷ୍କ୍ରିୟ ପୁଞ୍ଜିର ସରଳ ଓ ତ୍ୱରିତ ଦାବି ସମାଧାନ ବାବଦରେ ନିଜ ବକ୍ତବ୍ୟ ରଖିଥିଲେ। ଏହି ଶିବିରରେ ଭାରତୀୟ ଷ୍ଟେଟବ୍ୟାଙ୍କ ସହିତ ଅନ୍ୟାନ୍ୟ ବ୍ୟାଙ୍କ, ବୀମା କମ୍ପାନୀ, ମ୍ୟୁଚୁଆଲ ଫଣ୍ଡ କମ୍ପାନୀ ମାନେ ମଧ୍ୟ ଅଂଶ ଗ୍ରହଣ କରିଥିଲେ ଓ ସେମାନଙ୍କର କ୍ୟାମ୍ପ ସ୍ଥାପନ କରିଥିଲେ। ଏହି ଶିବିରରେ ବ୍ୟାଙ୍କ ଓ ଅର୍ଥ ଲଗାଣକାରି ସଂସ୍ଥା ମାନଙ୍କର କର୍ମଚାରୀ ମାନଙ୍କ ବ୍ୟତୀତ ଦୁଇ ଶହରୁ ଉର୍ଦ୍ଧ୍ୱ ଜନସାଧାରଣ, ଛାତ୍ରଛାତ୍ରୀ ତଥା ଗୃହିଣୀ ମାନେ ଉପସ୍ଥିତ ଥିଲେ।

## ସୁକାନ୍ତି ଇଣ୍ଟରନ୍ୟାସନାଲ ସ୍କୁଲର ବାର୍ଷିକୋତ୍ସବ



**ସୁବର୍ଣ୍ଣପୁର,୨୪।୧୦(ସଂଚାର ବ୍ୟୁରୋ):** ସୋନପୁର ବ୍ଲକ୍ ଧୂବାମୁଣ୍ଡା ସ୍ଥିତ ସୁକାନ୍ତି ଗ୍ରୁପ ଅଫ୍ ଇନଷ୍ଟିଚ୍ୟୁସନ ଅଧୀନରେ ଥିବା ସୁକାନ୍ତି ଏକାଡେମୀ ଓ ସୁକାନ୍ତି ଇଣ୍ଟରନ୍ୟାସନାଲ ସ୍କୁଲର ବାର୍ଷିକୋତ୍ସବ ' ଉତ୍କର୍ଷ-୨୦୨୫' ସୁକାନ୍ତି ଏକାଡେମୀ ପରିସରରେ ଶୁକ୍ରବାର ସନ୍ଧ୍ୟାରେ ମହା ସମାରୋହରେ ପାଳିତ ହୋଇଅଛି। ସୁକାନ୍ତି ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁସନର ସମ୍ପାଦିକା କମଳିନୀ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସୋନପୁର ଜିଲ୍ଲାପାଳ ଡ଼.ନୃପରାଜ ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶିକ୍ଷା ସହ ଜୀବନ ରେ ସବୁ କିଛି ଦେଖିବାର ଅଛି, ଛାତ୍ର ଛାତ୍ରୀ ଅଭିଭାବକ ସମସ୍ତେ ଶିକ୍ଷକ ଉପରେ ଖୁବ୍ ଭରସା ଓ ନିର୍ଭର କରିଥାନ୍ତି ବୋଲି ମତ ରଖି ଥିବା ବେଳେ ଶିକ୍ଷା ସହିତ ଇମ୍ପାଥି, ଇମୋସନ୍ ଓ ମାନସିକତା ଉପରେ ଗୁରୁତ୍ୱ ଦେବାକୁ କହିଥିଲେ। ସୁକାନ୍ତି ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁସନର ଚେୟାରମ୍ୟାନ ବିଶ୍ୱନାଥ ତ୍ରିପାଠୀ ସ୍ୱାଗତ ଭାଷଣ ଦେଇଥିଲେ। ସୁକାନ୍ତି ଇଣ୍ଟରନ୍ୟାସନାଲ ସ୍କୁଲର ଅଧ୍ୟକ୍ଷ ସନ୍ତୋଷ କୁମାର ଦାସ, ସ୍କୁଲର ଏବଂ ସୁକାନ୍ତି ଏକାଡେମୀର ଅଧ୍ୟକ୍ଷ ଅମିତ କର ସୁକାନ୍ତି ଏକାଡେମୀର ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ। ଗୀତିସୁଦ୍ଧା ସାହୁ ଧନ୍ୟବାଦ ଭାଷଣ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଚଳିତ ବର୍ଷ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ବିଦ୍ୟାର୍ଥୀ ବା କୃତୀ ଛାତ୍ର ଛାତ୍ରୀ ଙ୍କୁ ପୁରସ୍କୃତ କରାଯାଇଥିଲା । ସେହିପରି ଜାତୀୟ ସ୍ତରରେ ତାଇକୋଣ୍ଡୋ ପ୍ରତିଯୋଗିତା ରେ ସଫଳତା ହାସଲ କରିଥିବ ନବମ ଶ୍ରେଣୀର ଛାତ୍ରୀ ସୁଶ୍ରୀ ଆଦର୍ଶ ନାଏକ ତଥା ଜିଲ୍ଲା ସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ୫ମ ଶ୍ରେଣୀର ଛାତ୍ର ଆଦିତ୍ୟ ନାରାୟଣ ଦାଶ ଙ୍କୁ ସମ୍ବର୍ଦ୍ଧିତ କରା ଯାଇଥିଲା ।

# ପାଚିକା ଚୟନରେ ଅନିୟମିତତା ଅଭିଯୋଗ

### ସ୍କୁଲ ଗେଟରେ ତାଲା, ପୁନଶ୍ଚ ନିଯୁକ୍ତି ପାଇଁ ବିଜ୍ଞପ୍ତି ଦାବି



**ବାଲିଆପାଳ,୨୪।୧୦(ସଂଚାର ବ୍ୟୁରୋ):** ବାଲିଆପାଳ ବ୍ଲକ ଅସ୍ତି ପଞ୍ଚାୟତର ଥିବା ସୁବର୍ଣ୍ଣରେଖା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଶୁକ୍ରବାର ପୂର୍ବାହ୍ନରେ କିଛି ମହିଳା ତାଲା ପକାଇ ଦେଇଥିଲେ। ସୁଚନା ଅନୁସାରେ ଉକ୍ତ ବିଦ୍ୟାଳୟରେ ପାଚିକା ପାଇଁ ଆବେଦନ ଫର୍ମ ବାହାରିଥିଲା। ସମୁଦାୟ ୧୦ ଜଣ ମହିଳା ଆବେଦନ କରିଥିଲେ। ଚଞ୍ଚକତା କରି ସେଥିମଧ୍ୟରୁ ଦୁଇଜଣ ସଧବା ମହିଳାଙ୍କୁ ଚୟନ କରାଯାଇଥିବା ବେଳେ ବିଧବା ଓ ଏସି ମହିଳା କେମିତି ବାଦ ପଡ଼ିଲେ ବୋଲି ପ୍ରଶ୍ନ କରିଛନ୍ତି ଅନ୍ୟ ଆବେଦନ କାରୀ ରୁବି ରାଣି ମାଣିକ, ଭାଗ୍ୟବତୀ ଜେନା, ମମତା ଗିରି ପ୍ରମୁଖ। ଏହି ଚୟନ ପ୍ରକ୍ରିୟାରେ ବାଲିଆପାଳ ଭାର ପ୍ରାପ୍ତ ଶିକ୍ଷାଧିକାରୀ ଜଗବନ୍ଧୁ ଜେନା ଅତିରିକ୍ତ ଶିକ୍ଷାଧିକାରୀ ନିମିତାପ୍ରଭା ସାମଲ, ପରିଚାଳନା କମିଟି ଏବଂ ପ୍ରଧାନ ଶିକ୍ଷକଙ୍କ ଉପସ୍ଥିତ ରେ ଚୟନ କରାଯାଇଥିଲା। ମହିଳା ମାନେ ଚୟନ ପ୍ରକ୍ରିୟାରୁ ବାଦ୍ ପଡ଼ିବା ପରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କ ଠାରୁ ଜାଣିବା ପାଇଁ ପାଇଥିଲେ ଆବଶ୍ୟକୀୟ କାଗଜ ପତ୍ର ନଥିବାରୁ ଚୟନ ପ୍ରକ୍ରିୟାରୁ ବାଦ୍ ପଡ଼ିଛନ୍ତି। ପୁନଶ୍ଚ ପାଚିକା ନିଯୁକ୍ତି ପାଇଁ ବିଜ୍ଞପ୍ତି ଜାରି ପାଇଁ ମହିଳା ମାନେ ଦାବି କରିବା ସହିତ ଏହି ଚୟନ ପ୍ରକ୍ରିୟାରେ ଚଞ୍ଚକତା କରି ଥିବା ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବୀ କରିଛନ୍ତି। ଏନେଇ ଗଣମାଧ୍ୟମର ପ୍ରତିନିଧି ମାନେ ପ୍ରଧାନ ଶିକ୍ଷକଙ୍କୁ ଯୋଗାଯୋଗ କରିବାରୁ ବିଇଓ ଙ୍କ ବିନା ଅନୁମତିରେ କାହିଁକି ସ୍କୁଲ ପରିସରରକୁ ଆସିଛ ବୋଲି ଓଲଟା ପ୍ରଶ୍ନ ପଚାରିଥିଲେ। ପରେ ବ୍ଲକ ଶିକ୍ଷା ଅଧିକାରୀଙ୍କ ହସ୍ତକ୍ଷେପ ପରେ ମହିଳା ମାନେ ତାଲା ଖୋଲିଥିଲେ।

## ମଣ୍ଡଳ ସଭାପତିଙ୍କ ହସ୍ତକ୍ଷେପ ପରେ ଛଉ ନୃତ୍ୟ ପାଇଁ ଗୃହ ନିର୍ମାଣର ବାଟ ଫିଟିଲା



**ବେତନଟୀ,୨୪।୧୦(ସଂଚାର ବ୍ୟୁରୋ):** ବେତନଟୀ ବ୍ଲକ ଅଧୀନ ପୁରିନ୍ଦା ପଞ୍ଚାୟତର ଭୁରକୁଣ୍ଡି ଗ୍ରାମରେ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ଯୋଜନାରେ ନିର୍ମାଣ ହେବାକୁ ଥିବା ଛଉ ନୃତ୍ୟ ପାଇଁ ଏକ କମ୍ୟୁନିଟି ସେଣ୍ଟରକୁ ବିରୋଧ କରି ଗ୍ରାମବାସୀ ମାନେ ଏକ ଅଭିଯୋଗ ଆଣିଥିଲେ ଓ ଅଭିଯୋଗ ମୁତାବକ ନିର୍ମାଣ ହେବାକୁ ଥିବା ଛଉ ନୃତ୍ୟ ପାଇଁ କମ୍ୟୁନିଟି ସେଣ୍ଟରଟି ଗାଁ ର ଏକ ପାର୍ଶ୍ୱବତି ଜାଗାରେ ରାଜସ୍ୱ ବିଭାଗ ପକ୍ଷରୁ ଚିହ୍ନଟ ହୋଇଥିବାରୁ ସେଠାରେ ଗ୍ରାମବାସୀ ମାନଙ୍କ ନିମନ୍ତେ ଉପଯୋଗୀ ହୋଇପାରିବ ନାହିଁ ଓ ଏ ନେଇ ସେମାନେ ଉକ୍ତ ଜାଗାରେ କମ୍ୟୁନିଟି ସେଣ୍ଟର ନିର୍ମାଣକୁ ବିରୋଧ କରିବା ସହ ପ୍ରଶାସନ ନିକଟରେ ଅଭିଯୋଗ କରିଥିଲେ ଓ ଖବର ପାଇ ବେତନଟୀ ମଣ୍ଡଳ ସଭାପତି ଜୀବନ ପରିଡା ହସ୍ତକ୍ଷେପ ପରେ ସ୍ଥାନୀୟ ପ୍ରଶାସନ ସହାୟତାରେ ଭୁରକୁଣ୍ଡି ଗ୍ରାମକୁ ପରିଦର୍ଶନ କରି ଗ୍ରାମବାସୀ ଦାବି କରୁଥିବା ସ୍ଥାନରେ କିପରି କମ୍ୟୁନିଟି ସେଣ୍ଟର ନିର୍ମାଣ ସେନେଇ ବିସ୍ତୃତ ଆଲୋଚନା କରିଥିଲେ ।

## ଶିକ୍ଷା ନିର୍ଦ୍ଦେଶାଳୟର ଉପନିର୍ଦ୍ଦେଶିକାଙ୍କ ଅଞ୍ଚଳ ଗସ୍ତ




**କଣାସ,୨୪।୧୦(ସଂଚାର ବ୍ୟୁରୋ):** ଅଞ୍ଚଳିକ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ଉପନିର୍ଦ୍ଦେଶିକା ପ୍ରଜ୍ଞାପରମିତା ଜେନା ଆଜି ଅଚାନକ କଣାସ ବ୍ଲକ ପରିଦର୍ଶନରେ ଆସି କଣାସ ବ୍ଲକ ଶିକ୍ଷା ବିଭାଗ କାର୍ଯ୍ୟାଳୟ ଓ କଣାସ ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ପରିଦର୍ଶନ କରିଥିବା ଜଣାପଡ଼ିଛି। ଆଜି ଶିକ୍ଷା ବିଭାଗ କାର୍ଯ୍ୟାଳୟରେ ଶିକ୍ଷାଧିକାରୀ ରାମଚନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ ଆଞ୍ଚଳିକ ସାଧାନକେନ୍ଦ୍ର ସଂଯୋଜକମାନଙ୍କର ମାସିକ ସମୀକ୍ଷା ବୈଠକ ଲିଥିବା ବେଳେ ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ଉପନିର୍ଦ୍ଦେଶିକା ପ୍ରଜ୍ଞାପରମିତା ଜେନା ହଠାତ୍ ବୈଠକରେ ଉପସ୍ଥିତ ହୋଇଥିଲେ। କଣାସ ବ୍ଲକରେ ଆସ ସ୍କୁଲ ଯିବା କାର୍ଯ୍ୟକ୍ରମର କାର୍ଯ୍ୟକାରିତାର ଉପନିର୍ଦ୍ଦେଶିକା ତଦାରଖ କରିବା ସହ ଉପସ୍ଥିତ ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକମାନଙ୍କ ସହିତ ବିଭିନ୍ନ ଯୋଜନାର କାର୍ଯ୍ୟକାରିତା ସମ୍ପର୍କରେ ଆଲୋଚନା କରିଥିଲେ। ପରେ ଉପନିର୍ଦ୍ଦେଶିକା ପାଖରେ ଥିବା କଣାସ ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ପରିଦର୍ଶନ କରି ଏଫ.ଏଲ୍.ଏନ୍ ଶ୍ରେଣୀ ଗୃହ ବୁଲି ଦେଖିଥିଲେ। ଛାତ୍ରଛାତ୍ରୀମାନଙ୍କୁ ପ୍ରଦାନ କରାଯାଉଥିବା ମଧ୍ୟାହ୍ନ ଭୋଜନର ଗୁଣବତ୍ତା ସମ୍ପର୍କରେ ତଦାରଖ କରିବା ସହିତ ତତ୍ ସମ୍ପର୍କୀୟ କାଗଜପତ୍ର ଉପନିର୍ଦ୍ଦେଶିକା ଯାଞ୍ଚ କରିଥିଲେ। ତାଙ୍କ ସହିତ କଣାସ ଶିକ୍ଷାଧିକାରୀ ରାମଚନ୍ଦ୍ର ବେହେରା ଉପସ୍ଥିତ ଥିଲେ। ଉପନିର୍ଦ୍ଦେଶିକା କଣାସ ବ୍ଲକର ଦୁଇଟି ମହାବିଦ୍ୟାଳୟ ମଧ୍ୟ ପରିଦର୍ଶନ କରିଥିବା ଜଣାପଡ଼ିଛି।

## ପଞ୍ଚାୟତରେ ବିଧାୟକଙ୍କ ଦ୍ୱାରା ଉନ୍ନତି ମୂଳକ କାର୍ଯ୍ୟର ଆଲୋଚନା

**ନୀଳଗିରି,୨୪।୧୦(ସଂଚାର ବ୍ୟୁରୋ):** ନୀଳଗିରି ନିର୍ବାଚନ ମଣ୍ଡଳୀ ଔପଦା ବ୍ଲକ୍ ଅନ୍ତର୍ଗତ କାଣ୍ଡଗରଡି ଗ୍ରାମ ପଞ୍ଚାୟତ ପରିସରରେ ସ୍ଥାନୀୟ ବିଧାୟକ ଶ୍ରୀଯୁକ୍ତ ସନ୍ତୋଷ ଖଟୁଆଙ୍କ ଅଧ୍ୟକତାରେ ପଞ୍ଚାୟତର ଉନ୍ନତି ମୂଳକ କାର୍ଯ୍ୟ ଉପରେ ଆଲୋଚନା କରାଯାଇଥିଲା । ମାନ୍ୟବର ବିଧାୟକ ପଞ୍ଚାୟତର ଗ୍ରାମ ମାନଙ୍କରେ ଉନ୍ନତି ମୂଳକ କାର୍ଯ୍ୟ ପାଇଁ ଦୁଇ କୋଟି ଅଶି ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଅନୁମୋଦନ କରିଛନ୍ତି । ପଞ୍ଚାୟତର ୧୫ ଟି ୱାର୍ଡର ସମସ୍ତ ଗ୍ରାମରେ ଯଉ ସବୁ କାର୍ଯ୍ୟ ଚାଲିଛି ଓ ସରିଛି ତାହା ଗ୍ରାମ ଅନୁଯାୟୀ ବିଧାୟକ କାର୍ଯ୍ୟର ଆଲୋଚନା କରିଥିଲେ ଏବଂ ପଞ୍ଚାୟତର ସମସ୍ତ ଗ୍ରାମରେ ବାକି ଥିବା କାମ ପାଇଁ ଆଉ ତିରିଶ ଲକ୍ଷ ଟଙ୍କା ମଞ୍ଜୁରୀ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । ପଞ୍ଚାୟତର ସମସ୍ତ ଗ୍ରାମରୁ ଆସିଥିବା ଗ୍ରାମ ବାସି ନିଜ ନିଜର ଗ୍ରାମର ସମସ୍ୟା ଉପରେ ବିଧାୟକଙ୍କୁ ଜଣେଇ ଥିଲେ । ବିଧାୟକ ସେମାନଙ୍କୁ କହିଥିଲେ ଯେ ବହୁତ୍ ଶୀଘ୍ର ସମସ୍ତ କାର୍ଯ୍ୟ ପୁରଣ କରାଯିବ ।

## ଛାତ୍ରଛାତ୍ରୀମାନଙ୍କୁ ସାଇବର ଠକେଇ ସମ୍ପର୍କରେ ସଚେତନତା କାର୍ଯ୍ୟକ୍ରମ



**କଣାସ,୨୪।୧୦(ସଂଚାର ବ୍ୟୁରୋ):** ଆଜି ପୁରୀରୁ ସାଇବର ଟିମୀର ଅଧିକରୀ ସାନ୍ତାନୁ ନାୟକ, ଗଡ଼ିଶାଗୋଦା ଥାନା ଏସ୍. ଆଇ ସରୋଜ କୁମାର ବେହେରା କଣାସ ବ୍ଲକ ଯାମଳଗୋଦା ଆଦର୍ଶବିଦ୍ୟାଳୟ, ବଡଓରା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଏବଂ କୁଳମଣି ସଂଯୁକ୍ତି ବିଦ୍ୟାଳୟକୁ ଯାଇ ବର୍ତ୍ତମାନ ସମାଜରେ ସାଇବର ଠକେଇ ଦିନକୁ ଦିନ ବୃଦ୍ଧି ପାଉଥିବାରୁ ସେଥିରୁ କିପରି ନିବୃତ ରହିବ ସେଥିପାଇଁ ଉକ୍ତ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ବୁଝାଇଥିଲେ। ମୋବାଇଲ୍‌ର ପ୍ରଚାର ପ୍ରସାର ଦିନକୁ ଦିନ ଅଧିକ ହେଉଥିବାରୁ ସାଇବର ଠକମାନେ ମୋବାଇଲ୍‌ରେ କଲ୍ କରି ବିଭିନ୍ନ ମିଥ୍ୟା ପ୍ରଲୋଭନ୍ ଦେଖାଇ ବ୍ୟାଙ୍କ ଖାତା ନଂ, ଓଟିପି ମାଗିନେଇ ବ୍ୟାଙ୍କ ଖାତାରୁ ସମସ୍ତ ଖାତା କିପରି ହଡପ କରୁଛନ୍ତି ସେ ସମ୍ପର୍କରେ ଅଧିକାରୀ ଦୋୟ ଛାତ୍ରଛାତ୍ରୀମାନଙ୍କୁ ବୁଝାଇବା ସହିତ ଠକମାନଙ୍କ କବଳରୁ ଦୂରରେ ରହିବା ସହିତ ଅଇନ୍‌ଲାଇନ୍ ରେ ଗେମ୍ ନ ଖଳିବା ପାଇଁ ପରାମର୍ଶ ଦେଇଥିଲେ।

## ଅବକାରୀ ବିଭାଗର ସରକାରୀ ଜମିରେ ଜବର ଦଖଲକାରୀଙ୍କୁ ଉଚ୍ଛେଦ କଲା ପ୍ରଶାସନ

**ବାରିପଦା,୨୪।୧୦(ସଂଚାର ବ୍ୟୁରୋ):** ମୟୁରଭଞ୍ଜ ଜିଲ୍ଲା ବହଳଦା ଅବକାରୀ ବିଭାଗର ସରକାରୀ ଜମି ଉପରେ ଦିର୍ଘ ବର୍ଷଧରି ୧୬ ଟି ଦୋକାନୀ ଦୋକାନ କରି ପରିବାର ଗୁଜୁରାଣ ମେଣ୍ଟାଉ ଥିଲେ। ଆଗକୁ ଅବକାରୀ




ବିଭାଗର ଗୃହ ଏବଂ ଅଫିସ କାର୍ଯ୍ୟାଳୟ ନୂତନ ନିର୍ମାଣ ପାଇଁ ଜାଗା ଆବଶ୍ୟକ ଥିଲା।କିନ୍ତୁ ଅବକାରୀ ବିଭାଗର ଜମିରେ ଦୋକାନୀମାନେ ଦୋକାନ କରିଥିଲେ। ତେଣୁ ସେମାନଙ୍କୁ ଉଚ୍ଛେଦ ପାଇଁ ଅବକାରୀ ବିଭାଗ ତରଫରୁ ସ୍ଥାନ ଛାଡ଼ିବା ପାଇଁ ୩ ଥର ନୋଟିସ ଜାରି କରାଯାଇଥିଲା। ଆଜି ପ୍ରଶାସନ ତରଫରୁ ଜବରଦାଖଲ ଉଚ୍ଛେଦ ପାଇଁ ମାଜିଷ୍ଟ୍ରେଟ ଡିଉଟିରେ ତିରିଂ ତହସିଲଦାର ସୁଶାନ୍ତ କୁମାର ବେହେରା, ବହଳଦା ତହସିଲଦାର ଶିବ ଶଙ୍କର ମୁର୍ମୁ, ବହଳଦା ଥାନାଧିକାରୀ ଭାସ୍କର ଚନ୍ଦ୍ର ପ୍ରଧାନ, ରାଇରଙ୍ଗପୁର ଅବକାରୀ ବିଭାଗ ସୁପରିଣ୍ଟେଣ୍ଡେଣ୍ଟ ସୌମ୍ୟ ରଞ୍ଜନ ପ୍ରଧାନ, ରାଇରଙ୍ଗପୁର ଅବକାରୀ ବିଭାଗ ଆଇଆଇସି ବିନୟ ତିର୍କୀ, ବହଳଦା ଅବକାରୀ ଓଆଇସି ରଣଜିତ ଶବର, ବିଶୋଇ ଅବକାରୀ ବିଭାଗ ଆଇଆଇସି ଙ୍କ ସମେତ ବାରିପଦାରୁ ୧ ପ୍ଲାଟୁନ ପୋଲିସ ଫୋର୍ସ ଘଟଣାସ୍ଥଳରେ ପହଞ୍ଚି ଜେସିବି ମାଧ୍ୟମରେ ଉଚ୍ଛେଦ କରାଯାଇଥିଲା।ଦୋକାନୀମାନେ ସ୍ୱତଃସ୍ଫୁର୍ତ୍ତ ଭାବରେ ନିଜର ଆସବାବପତ୍ର ନେଇଯାଇଥିଲେ। ଶାନ୍ତି ଶୃଙ୍ଖଳାର ସହ ଉଚ୍ଛେଦ ପ୍ରକ୍ରୀୟା ସମ୍ପନ୍ନ ହୋଇଥିଲା।

## ରାଜନୀତିକରଣ ହେବ ନାହିଁ ଶିକ୍ଷାନୁଷ୍ଠାନ: ବିଧାୟକ



**ଭଞ୍ଜନଗର,୨୩।୧୦(ସଂଚାର ବ୍ୟୁରୋ):** ଗଞ୍ଜାମ ଜିଲା ଭଞ୍ଜନଗର ବ୍ଲକ ଗାଲେରୀ ଉଚ୍ଚ ବିଦ୍ୟାଳୟରେ ଗୁରୁବାର ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ପାଳିତ ହୋଇଯାଇଛି। ଭଞ୍ଜନଗର ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ଏହି ଅବସରରେ ସେ ତାଙ୍କ ଭାଷଣରେ କହିଥିଲେ ଯେ, ଛାତ୍ରୀଛାତ୍ରଙ୍କ ମଧ୍ୟରେ ଲୁକ୍କାୟିତ ଅବସ୍ଥାରେ ଥିବା ବିଭିନ୍ନ ପ୍ରତିଭାକୁ ଖୋଜି ବାହାର କରିବା ଲକ୍ଷ୍ୟ ନେଇ ସୁରଭି କାର୍ଯ୍ୟକ୍ରମ ହେଉଛି। ଏଠୁ ହିଁ ଅନେକ ପ୍ରତିଭାକୁ ଖୋଜି ବାହାର କରାଯାଇ ପାରୁଛି। ଶିକ୍ଷା କ୍ଷେତ୍ରରେ ଉନ୍ନତି ପାଇଁ ରାଜ୍ୟ ସରକାର ଅନେକ ପଦକ୍ଷେପ ନେଇଛନ୍ତି। ଭଞ୍ଜନଗର ନିର୍ବାଚନ ମଣ୍ଡଳୀରେ ମଧ୍ୟ ଶିକ୍ଷାକ୍ଷେତ୍ରରେ ଭିତ୍ତିଭୂମି ସୁଦୃଢ଼ ପାଇଁ ପଦକ୍ଷେପ ନିଆଯାଇଛି ବୋଲି ବିଧାୟକ ନାୟକ କହିଥିଲେ। ଏଥିସହ ସେ କହିଥିଲେ ଯେ, ଶିକ୍ଷକମାନେ ଯେଉଁ ଲକ୍ଷ୍ୟ ନେଇ ନିଯୁକ୍ତି ହୋଇଛନ୍ତି ସେମାନେ ସେମାନଙ୍କ କର୍ତ୍ତବ୍ୟ ପାଳନ କଲେ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଉଜ୍ଜ୍ୱଳ ହୋଇପାରିବ। ଏଥିପ୍ରତି ଶିକ୍ଷକମାନେ ଦୃଷ୍ଟି ଦେବାକୁ ବିଧାୟକ ଉପସ୍ଥିତ ଶିକ୍ଷକଙ୍କୁ ଆହ୍ୱାନ କରିଥିଲେ।

## ନିଖୋଜ ବୃଦ୍ଧାଙ୍କୁ ଠାବ କଲା ନୀଳଗିରି ପୁଲିସ




**ନୀଳଗିରି,୨୩।୧୦(ସଂଚାର ବ୍ୟୁରୋ):** ନୀଳଗିରିର ତୃତୀୟ ଶ୍ରୀକ୍ଷେତ୍ର ଜଗନ୍ନାଥ ମନ୍ଦିର ବୁଲିବାକୁ ଆସି ତୀର୍ଥଯାତ୍ରୀ ଜଣେ ବୃଦ୍ଧା ନିଖୋଜ। ନିଖୋଜ ତୀର୍ଥଯାତ୍ରୀ ବୃଦ୍ଧାଙ୍କୁ ଠାବ କଲା ନୀଳଗିରି ପୋଲିସ। ସୁଚନା କନ୍ଧମାଳ ଜିଲ୍ଲା ଖଜୁରୀପଡ଼ା ଥାନା ଅଞ୍ଚଳରୁ ଏକ ଘରୋଇ ବସରେ ଗତ ୨୨/୧୦ ରିଖରୁ ଓଡ଼ିଶାର ବିଭିନ୍ନ ତୀର୍ଥ ସ୍ଥଳୀ ଭ୍ରମଣ କରି ୨୪ ତାରିଖରେ ବାଲେଶ୍ୱର ଜିଲ୍ଲାର ନୀଳଗିରିର ତୃତୀୟ ଶ୍ରୀକ୍ଷେତ୍ର ଜଗନ୍ନାଥ ମନ୍ଦିର ବୁଲିବାକୁ ଆସିଥିଲେ। ସମସ୍ତେ ଜଗନ୍ନାଥ ମନ୍ଦିରରେ ବୁଲାବୁଲି କରୁଥିବା ବେଳେ ପାନବତି ମଲ୍ଲିକ (୭୦) ହଠାତ୍ ନିଖୋଜ ହୋଇ ଯାଇଥିଲେ। ସମ୍ପର୍କୀୟ ଲୋକେ ବହୁ ଖୋଜା ଖୋଜି କଲା ପରେ ବି ବୃଦ୍ଧାଙ୍କୁ ପାଇ ନଥିଲେ। ଶେଷରେ ୧୧୨ ପୋଲିସକୁ ଯୋଗା ପରେ ନୀଳଗିରି ଥାନାର ସବ୍ ଇନ୍ସପେକ୍ଟର ନଳିନୀ ଜେନା ଘଟଣା ସ୍ଥଳକୁ ଆସି ଦିର୍ଘ ଦୁଇ ଘଣ୍ଟା ଭିତରେ ଅନେକ ଖୋଜାଖୋଜି ପରେ ନୀଳଗିରି ବ୍ଲକ ନିକଟରୁ ଉଦ୍ଧାର କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲେ। ନୀଳଗିରି ପୋଲିସର ଏପରି ପଦକ୍ଷେପକୁ ପରିବାର ଲୋକେ ପ୍ରଶଂସା କରିଛନ୍ତି।

ସଂଚାର SANCHAR ଶନିବାର ୨୫ ଅକ୍ଟୋବର ୨୦୨୫

# ସ୍ୱାସ୍ଥ୍ୟ




# କେମିତି ସୁସ୍ଥ ରହିବେ

## ଯୋଗ ହିଁ ମନୁଷ୍ୟକୁ ଦୀର୍ଘାୟୁ କରେ



ନିଜ ଜୀବନ କାଳରେ ସୁସ୍ଥ ରହିବା ପାଇଁ ଲୋକଙ୍କ ସଂଘର୍ଷ ଚାଲିଥାଏ। କିଭଳି ସୁସ୍ଥ ଭାବେ ସେମାନେ ନିଜର ଜୀବନ ବିତାଇବେ, ସେଥିପାଇଁ ବିଭିନ୍ନ ଟିପ୍ସ ଖୋଜନ୍ତି ଲୋକେ। ଏବେ ଜୀବନଶୈଳୀ ବଦଳିଥିବା ବେଳେ ଲୋକଙ୍କ ଆୟୁଷ କମିବାରେ ଲାଗିଛି। ଅନେକ ଲୋକେ ୩୦-୫୦ବର୍ଷ ବୟସ ମଧ୍ୟରେ ମୃତ୍ୟୁବରଣ କରୁଛନ୍ତି। ଏଥିପାଇଁ ଅନେକ କାରଣକୁ ଦାୟୀ କରାଯାଉଥିବା ବେଳେ କିଛି ଅଭ୍ୟାସକୁ ଆପଣାଇ ଆପଣ ଦୀର୍ଘାୟୁ ହୋଇପାରିବେ ବୋଲି କହିଛନ୍ତି ଫ୍ରାନ୍ସର ୧୦୨ ବର୍ଷୀୟ ଯୋଗ ଶିକ୍ଷୟିତ୍ରୀ ଚାର୍ଲୋଟ୍ ଚୋପିନ୍। ତାଙ୍କୁ ଏବେ ୧୦୨ବର୍ଷ। ଏହି ବୟସରେ ମଧ୍ୟ ସେ ସମ୍ପୂର୍ଣ୍ଣ ଫିଟ୍ ଅଛନ୍ତି। ଫ୍ରାନ୍ସର ଏକ ଛୋଟ ଗାଁ ଲେରେରେ ରହୁଥିବା ଚାର୍ଲୋଟ୍ ଚୋପିନ୍ ଆଜି ବିଶ୍ୱ ପାଇଁ ପ୍ରେରଣା। ସେ ୧୯୮୨ ମସିହାରୁ ଗତ ୪୦ ବର୍ଷ ଧରି ଯୋଗ ଶିକ୍ଷା ଦେଇ ଆସୁଛନ୍ତି। ଆଶ୍ଚର୍ଯ୍ୟର କଥା ହେଉଛି, ସେ ୫୦ ବର୍ଷ ବୟସରେ ଯୋଗ କରିବା ଆରମ୍ଭ କରିଥିଲେ। ଆଜି, ସେ କେବଳ ନିଜକୁ ଫିଟ୍ ରଖିନାହାନ୍ତି, ବରଂ ହଜାର ହଜାର ଲୋକଙ୍କୁ ଯୋଗ ସହିତ ଦୀର୍ଘାୟୁ ହେବାର ବାର୍ତ୍ତା ମଧ୍ୟ ବାଣ୍ଟୁଛନ୍ତି। ତେବେ ସେ କେଉଁ ୫ଟି ଅଭ୍ୟାସକୁ ଆପଣାଇ ଏହାକୁ ସମ୍ଭବ କରିପାରିଛନ୍ତି, ତାହା ସାମ୍ନାକୁ ଆସିଛି।

### ଯୋଗ କେବଳ ବ୍ୟାୟାମ ନୁହେଁ, ଏହା ଜୀବନର ଏକ ଅଂଶ

ଚାର୍ଲୋଟଙ୍କ ପାଇଁ, ଯୋଗ କେବଳ ଏକ ନିୟମିତ ବ୍ୟାୟାମ ନୁହେଁ, ଏହା ତାଙ୍କ ଜୀବନର ଏକ ଅଂଶ। ସେ ପ୍ରତିଦିନ ଯୋଗ କରନ୍ତି। ଖରା ହେଉ କି ବର୍ଷା, ଯୋଗ କରିବାକୁ ସେ କେବେ ବି ଭୁଲନ୍ତି ନାହିଁ। ଯୋଗ ଶରୀରକୁ ନମନୀୟ, ମନକୁ ଶାନ୍ତ ଏବଂ ଆତ୍ମାକୁ ଶକ୍ତିଶାଳୀ କରିଥାଏ। ଏଥିପାଇଁ ତାଙ୍କୁ ଭାରତ ସରକାର ମଧ୍ୟ ସମ୍ମାନିତ କରିସାରିଛନ୍ତି। ଗତ ବର୍ଷ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଯୋଗକୁ ପ୍ରୋତ୍ସାହିତ କରିବା ପାଇଁ ତାଙ୍କୁ ସମ୍ମାନିତ କରିଥିଲେ। ଯଦି ଆପଣ ମଧ୍ୟ ଫିଟ୍ ରହିବାକୁ ଚାହାଁନ୍ତି, ତେବେ ଆଜିଠୁ ଯୋଗ କରିବା ଆରମ୍ଭ କରନ୍ତୁ।

### ସଠିକ୍ ଖାଦ୍ୟ ଖାଇବା ଉଚିତ

ଚାର୍ଲୋଟ୍‌ଙ୍କ କହିବା ମୁତାବକ, ତାଙ୍କ ଦିନ କଫି, ଟୋଷ୍ଟ, ବଟର ଏବଂ ମହୁ ସହିତ ଆରମ୍ଭ ହୁଏ। କେତେବେଳେ ସେ କେବଳ ଗୋଟିଏ ଚାମଚ ଜେଲି ମଧ୍ୟ ଖାଆନ୍ତି। ମଧ୍ୟାହ୍ନ ଭୋଜନ ପାଇଁ, ସେ ପ୍ରଚୁର ପନିପରିବା, ଫଳ ଏବଂ ପନିର ପସନ୍ଦ କରନ୍ତି। ତାଙ୍କ ଖାଦ୍ୟରେ ଫାଷ୍ଟ ଫୁଡ ନଥାଏ। ସୁସ୍ଥ ରହିବା ପାଇଁ ସ୍ୱାସ୍ଥ୍ୟକର ଖାଦ୍ୟ ବି ଜରୁରୀ।

### ପ୍ରତିଦିନ ଚାଲିବା ଉଚିତ

୧୦୨ ବର୍ଷ ବୟସରେ ମଧ୍ୟ, ଚାର୍ଲୋଟ୍ ପ୍ରତିଦିନ ଚାଲିବାକୁ ଯାଆନ୍ତି। ସେ ବିଶ୍ୱାସ କରନ୍ତି ଯେ, ତାଜା ପବନରେ ନିଶ୍ୱାସ ନେବା ମନକୁ ଶାନ୍ତ କରିଥାଏ ଏବଂ ଶରୀରକୁ ଶକ୍ତିଶାଳୀ କରିଥାଏ। ଗବେଷଣାରୁ ଜଣାପଡିଛି ଯେ, ପ୍ରତିଦିନ କେବଳ ଗୋଟିଏ ଘଣ୍ଟା ଚାଲିବା ଦ୍ୱାରା ଜୀବନ କାଳ ୬ଘଣ୍ଟା ବୃଦ୍ଧି ପାଇଥାଏ।

### ଜୀବନରେ ସମ୍ପର୍କ ସବୁଠୁ ଗୁରୁତ୍ୱପୂର୍ଣ୍ଣ

ଚାର୍ଲୋଟଙ୍କ ଅନୁସାରେ, ସାମାଜିକ ସମ୍ପର୍କ; ଖାଦ୍ୟ ଏବଂ ବ୍ୟାୟାମ ପରି ଗୁରୁତ୍ୱପୂର୍ଣ୍ଣ। ସେ ଏବେ ବି ତାଙ୍କ ବନ୍ଧୁ, ଛାତ୍ର ଏବଂ ପରିବାର ସହିତ ଯୋଗାଯୋଗ କରନ୍ତି। ହସିବା, କଥାବାର୍ତ୍ତା ହେବା ଏବଂ ଅନ୍ୟମାନଙ୍କ ସହିତ ଯୋଗାଯୋଗ ସ୍ଥାପନ କରିବା ତାଙ୍କର ଶକ୍ତିର ମୁଖ୍ୟ ଉତ୍ସ। ୨୦୨୩ମସିହାର ଏକ ଅଧ୍ୟୟନ ଅନୁଯାୟୀ, ଯେଉଁମାନେ ପ୍ରତିଦିନ ନିଜ ମନ କଥା ନିଜ ପରିବାର ବା ବନ୍ଧୁମାନଙ୍କ ସହ ସେୟାର କରନ୍ତି, ସେମାନଙ୍କର ଆୟୁଷ ୮୭% ଅଧିକ ବଢ଼ିଯାଏ। ତେଣୁ, ଯଦି ଆପଣ ମଧ୍ୟ ଅଧିକ ଦିନ ବଞ୍ଚିବାକୁ ଏବଂ ଖୁସି ରହିବାକୁ ଚାହାଁନ୍ତି, ତେବେ ଲୋକଙ୍କ ସହିତ ସମ୍ପର୍କ ମଜବୁତ କରନ୍ତୁ, ହସନ୍ତୁ ଏବଂ ବନ୍ଧୁ ହୁଅନ୍ତୁ।

### ଛୋଟ ଛୋଟ ଜିନିଷରେ ଖୁସି ଖୋଜନ୍ତୁ

"ଜୀବନରେ ତୁମେ ଯାହା ଚାହୁଁଛ ତାହା ମିଳିଯିବା ସୁଖ ନୁହେଁ, ବରଂ ତୁମ ପାଖରେ ଯାହା ଅଛି ତାକୁ ଭଲ ପାଇବା ଏବଂ ଖୁସି ହେବା ହେଉଛି ସୁଖ। ଛୋଟ ଛୋଟ ଜିନିଷରେ ଖୁସି ଖୋଜିବା ଜରୁରୀ" ବୋଲି କହିଛନ୍ତି ଚାର୍ଲୋଟ।

# ଯକୃତ ଖରାପ ପୂର୍ବରୁ ଦେଖାଦିଏ ଲକ୍ଷଣ



ଯକୃତ ଖରାପ ରୋଗରେ ଆଜିକାଲି ଅନେକ ଲୋକ ଆକ୍ରାନ୍ତ ହେଉଛନ୍ତି। ହେଲେ ଏହାର ଏକ ଭଲ କଥା ହେଉଛି; ଯକୃତ ଖରାପ ହେବା ପୂର୍ବରୁ ଆମକୁ ଲକ୍ଷଣ ଜଣାପଡ଼ିଯାଏ। ଯାହାଫଳରେ ସଜାଗ ହେବାକୁ ଏକ ସୁଯୋଗଟିଏ ମିଳିଥାଏ। ସମୟ ପୂର୍ବରୁ ଚିକିତ୍ସା କଲେ ଭବିଷ୍ୟତରେ ଆଉ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିବ ନାହିଁ। ଏମିତି ଅନେକ ଲକ୍ଷଣ ଅଛି; ଯାହାକୁ ଲୋକ ନଜର ଅନ୍ଦାଜ କରିଥାନ୍ତି। ଯଦି ରାତି ସମୟରେ ଆପଣଙ୍କୁ ବାରମ୍ବାର ପରିଶ୍ରା ଲାଗୁଛି; ତାହା ଏକ ସ୍ୱାଭାବିକ ଶାରୀରିକ ପ୍ରକ୍ରିୟା ନୁହେଁ। ଏଭଳି ପରିସ୍ଥିତିରେ ଆପଣ ଡାକ୍ତରୀ ପରାମର୍ଶ ଗ୍ରହଣ କରିବା ଜରୁରୀ। ବାରମ୍ବାର ପରିଶ୍ରା ଲାଗିବା ଯେପରି ସ୍ୱାଭାବିକ ନୁହେଁ; ପରିଶ୍ରାର ରଂଗ ବଦଳିବା ବି ଚିନ୍ତାର ବିଷୟ। ଯଦି ହଠାତ୍ ଆପଣଙ୍କ ପରିଶ୍ରାର ରଂଗ ବଦଳିବାର ଆପଣ ଅନୁମାନ କରୁଛନ୍ତି ତେବେ ତୁରନ୍ତ ଡାକ୍ତର ଦେଖାନ୍ତୁ। ତ୍ୱଚା ମାତ୍ରାଧିକ କୁଣ୍ଡେଇ ହେବା ବି ଯକୃତ ଖରାପ ହେବାର ସଂକେତ। ଆମେ ଭାବନ୍ତି କୁଣ୍ଡେଇ ହେବା ଏକ ତ୍ୱଚା ସଂକ୍ରମଣ। ମାତ୍ର ବେଳେ ବେଳେ ଏହା ଯକୃତ ସମସ୍ୟା ପାଇଁ ବି ହୋଇପାରେ।

ଯକୃତ ଖରାପ ହେଲେ ଆଖି ରୋଗ ବି ଆରମ୍ଭ ହୋଇଯାଏ। ଆଖି ତଳ କଳାପଡ଼ିବା, ଶୁଖିଲା ଦେଖାଯିବା ଆଦି ଅସୁସ୍ଥକର ଯକୃତର ଲକ୍ଷଣ।

ଯକୃତକୁ ସୁସ୍ଥ ରଖିବେ କିପରିଃ ଆପଣ ଯଦି ନିଜ ଯକୃତକୁ ସୁସ୍ଥ ରଖିବାକୁ ଚାହାନ୍ତି ତେବେ ପିଆଜ ଖାଆନ୍ତୁ। ପିଆଜ ଖାଇବା ଦ୍ୱାରା ଯକୃତ ଭଲ କାମ କରିଥାଏ। ମାଛ ଖାଇବା ବି ଯକୃତ ପାଇଁ ଖୁବ୍ ଭଲ। ଆପଣ ଯେତେ ପାରୁଛନ୍ତି ଶାଗ ଓ ପତ୍ରଜାତୀୟ ଖାଦ୍ୟ ଖାଆନ୍ତୁ। ଏହାବି ଯକୃତ ପାଇଁ ଖୁବ୍ ଭଲ। ଶସ୍ୟଜାତୀୟ ଖାଦ୍ୟ ଖାଇବା ମଧ୍ୟ ଯକୃତ ସ୍ୱାସ୍ଥ୍ୟ ପାଇଁ ଭାରି ଭଲ। ପାରୁଛନ୍ତି ଯଦି ପ୍ରତିଦିନ ଗୋଟାଏ ଲେଖାଏ ଅଣ୍ଡା ଖାଆନ୍ତୁ। ଜଙ୍କ୍ ଫୁଡ୍ ଓ ଫାଷ୍ଟ୍ ଫୁଡ୍ ଆଦି ଆଦୌ ବି ଖାଆନ୍ତୁ ନାହିଁ। ଜଙ୍କ୍ ଫୁଡ୍ ସ୍ୱାସ୍ଥ୍ୟ ପାଇଁ ଖୁବ୍ କ୍ଷତିକାରକ ହୋଇଥାଏ। ବଜାରରୁ ମିଳୁଥିବା ବିଭିନ୍ନ ପ୍ରକାର ଜଙ୍କ୍ ଫୁଡ୍ ଆପଣଙ୍କ ଯକୃତକୁ ଖରାପ କରିବା ପାଇଁ ଯଥେଷ୍ଟ।

ଆଜିର ସମୟରେ ଲୋକମାନେ ମାଂସ ଖାଇବାକୁ ଖୁବ୍ ପସନ୍ଦ କରନ୍ତି। ଭାରତରେ ଶାକାହାରୀଙ୍କ ଠାରୁ ଅଧିକ ମାଂସାହାରୀ ଅଛନ୍ତି। କିନ୍ତୁ ଯଦି ଆପଣ ଆବଶ୍ୟକତାଠାରୁ ଅଧିକ ମାଂସ ସେବନ କରୁଛନ୍ତି ତେବେ ଏହା ଆପଣଙ୍କ ଶରୀର ପାଇଁ ଖୁବ୍ କ୍ଷତିକାରକ ହୋଇପାରେ। ଏହା ମଧ୍ୟ ଯକୃତ ଖରାପର ଅନ୍ୟତମ କାରଣ। ଅଧିକାଂଶ ଲୋକ ଧୂମପାନ କରିବାକୁ ମଧ୍ୟ ଖୁବ୍ ଭଲ ପାଆନ୍ତି। କିନ୍ତୁ ଧୂମପାନ ଶରୀର ପାଇଁ ଖୁବ୍ କ୍ଷତିକାରକ ହୋଇଥାଏ ଯାହା ଯକୃତକୁ ଅକାମୀ କରିଦିଏ।

# ଶୀତଋତୁ ପାଇଁ ଲାଭକାରୀ ଗ୍ରୀନ୍ ମଟର

ଶୀତଋତୁରେ ବଜାରରେ ବିଭିନ୍ନ ପ୍ରକାରର ତାଜା ସବୁଜ ପନିପରିବା ମିଳିଥାଏ। ସେହି ସବୁ ମଧ୍ୟରୁ ଗ୍ରୀନ୍ ମଟର ଅନ୍ୟତମ। ପ୍ରାୟତଃ ସମସ୍ତଙ୍କୁ ଗ୍ରୀନ୍ ମଟର ଭଲ ଲାଗିଥାଏ। ମୁଖ୍ୟତଃ ଏହି ପରିବାରର ଚାହିଦା ଶୀତଦିନେ ବେଶି ଦେଖିବାକୁ ମିଳିଥାଏ। ଏହି ମଟରରେ ବହୁ ପ୍ରକାରର ସ୍ୱାସ୍ଥ୍ୟ ଉପକାରୀ ପୋଷକ ରହିଛି। ଶୀତ ଋତୁରେ ତାଜା ମଟର ଖାଇବା ଦ୍ୱାରା ଶରୀରକୁ ଅନେକ ଲାଭ ମିଳିଥାଏ। ମଟରରେ ପର୍ଯ୍ୟାପ୍ତ ପରିମାଣର ଆଇରନ୍, ଜିଙ୍କ୍, ମାଙ୍ଗାନିଜ୍ ଏବଂ କପର ଭରପୁର ମାତ୍ରାରେ ରହିଥାଏ। ଏହା ଛଡ଼ା ଏଥିରେ ଆଣ୍ଟିଅକ୍ସିଡାଣ୍ଟ ଗୁଣ ମଧ୍ୟ ରହିଛି। ଯାହା ରୋଗ ପ୍ରତିରୋଧକ ଶକ୍ତି ବଢାଇବାରେ ସାହାଯ୍ୟ କରେ। ଏଥିରେ ଥିବା ଫାଇବର ପାଚନ ଶକ୍ତିକୁ ଉନ୍ନତ କରେ।

**ଓଜନ ହ୍ରାସଃ** ଓଜନ କମ୍ କରିବା ପାଇଁ ମଟର ଖାଇବା ଫାଇଦାପୂର୍ଣ୍ଣ ଅଟେ। ଏଥିରେ ଭରପୂର ମାତ୍ରାରେ ଫାଇବର ରହିଥାଏ। ଏହା ସହିତ ଏଥିରେ କ୍ୟାଲୋରୀ ଏବଂ କମ୍ ଫ୍ୟାଟ୍ ରହିଥାଏ। ଯାହା ଶରୀରର ଓଜନକୁ କମ୍ କରିବାରେ ସହାୟକ ହୋଇଥାଏ। ଯଦି ଆପଣ ଏହାକୁ ନିଜର ଖାଦ୍ୟରେ ଗ୍ରହଣ କରୁଛନ୍ତି ତେବେ ଆପଣଙ୍କୁ ଏଥିରେ ଥିବା ଫାଇବର ଦିନ ଯାକ ଏନର୍ଜି ଦେବ।

**ହାଡ ଶକ୍ତ ହେବଃ** ମଟରରେ ଭିଟାମିନ୍ ଭରପୁର ମାତ୍ରାରେ ରହିଛି। ଯାହା ଆପଣଙ୍କ ଶରୀରର ହାଡକୁ ମଜବୁତ୍ କରିବାରେ ସହାୟକ ହୋଇଥାଏ। ମଟର ଆପଣଙ୍କ ହାଡକୁ ଓଷ୍ଟେଓପୋରୋସିସ୍ ପରି ଭୟଙ୍କର ରୋଗରୁ ଦୂରେଇ ରଖିଥାଏ। ସବୁଜ ମଟର ଖାଇବା ହାଡକୁ ସୁରକ୍ଷା ପାଇଁ ନିହାତୀ ଜରୁରୀ।

କୋଲେଷ୍ଟ୍ରୋଲ୍ ନିୟନ୍ତ୍ରଣ କରିଥାଏଃ ସବୁଜ ମଟର ସେବନ ଆପଣଙ୍କ ଶରୀରର କୋଲେଷ୍ଟ୍ରୋଲ୍ କୁ ନିୟନ୍ତ୍ରଣ ରଖିଥାଏ। ଏଥିରୁ ମିଳୁଥିବା ପ୍ରୋଟିନ୍ ଆମ ଶରୀରର କୋଲେଷ୍ଟ୍ରୋଲକୁ ବଢାଇବାରେ ସାହାର୍ଯ୍ୟ କରିଥାଏ। ଏହାର ସେବନ ଦ୍ୱାରା ବହୁ ଗମ୍ଭୀର ରୋଗରୁ ମୁକ୍ତି ଦେଇଥାଏ।

ହାର୍ଟ ରୋଗରୁ ରକ୍ଷା କରିଥାଏଃ ମଟରରେ ଏମିତି ଗୁଣ ରହିଥାଏ ଯାହା ହାର୍ଟ ସମ୍ବନ୍ଧୀୟ ରୋଗରୁ ରକ୍ଷା କରିଥାଏ। ଏଥିରେ ଲୌହ,ଜିଙ୍କ୍,କପର ର ମାତ୍ରା ବହୁ ପରିମାଣରେ ରହିଥାଏ। ଏହାଛଡା ସବୁଜ ମଟରରେ ଆଣ୍ଟିଅକ୍ସିଡେଣ୍ଟ ଗୁଣ ମଧ୍ୟ ରହିଥାଏ। ଏହା ଶରୀରର ରୋଗ ପ୍ରତିରୋଧକ କ୍ଷମତାକୁ ବଢାଥାଏ। ଏବଂ ଶରୀରକୁ ବିଭିନ୍ନ ରୋଗରୁ ଲଢିବା ପାଇଁ ଶକ୍ତି ଦେଇଥାଏ।

**ଗଣ୍ଠିବାତ ପାଇଁଃ** ଏଥିରେ ସେଲେନିୟମ ନାମକ ବିଶେଷ ଉପାଦାନ ରହିଛି। ଯାହା ଗଣ୍ଠି ଯନ୍ତ୍ରଣାର ଆଶଙ୍କାକୁ କମ୍ କରିଥାଏ। ଯଦି ଏଭଳି ସମସ୍ୟା ଦେଖୁଛନ୍ତି ତେବେ ଆପଣଙ୍କ ଖାଇବା ଲିଷ୍ଟରେ ଗ୍ରୀନ୍ ମଟରକୁ ସାମିଲ କରନ୍ତୁ।



# ଅନଲାଇନରେ ଖାଦ୍ୟ ଅର୍ଡର କରି ଖାଉଥିଲେ ସାବଧାନ!



ଆଜିକାଲି ସୁବିଧାବାଦୀ ଦୁନିଆରେ ଲୋକେ ଆଉ କଷ୍ଟ କରିବାକୁ ଚାହୁଁ ନାହାନ୍ତି। କେମିତି କମ ସମୟରେ ପେଟ ପୂରିଯିବ, ଖାଦ୍ୟ ପହଞ୍ଚିଯିବ ସେ ପାଇଁ ଅନଲାଇନ ଖାଦ୍ୟ ଅର୍ଡରକୁ ଗୁରୁତ୍ୱ ଦେଉଛନ୍ତି। ତେଣୁ ଦିନକୁ ଦିନ ଅନଲାଇନ ଖାଦ୍ୟର ଚାହିଦା ବି ବଢୁଛି। ଅର୍ଡର କରିଦେଲେ ରୋଷେଇର ଝିନଝଟ ନାହିଁ କି ସମୟ ନଷ୍ଟ ହେବାର ନାହିଁ। ଅନ୍ୟପଟେ ଆଜିର ପ୍ରତିଯୋଗିତା ମୂଳକ ସମାଜରେ ପରିବାର ଚଳାଇବାକୁ ସମସ୍ତଙ୍କୁ କର୍ମଜୀବୀ ହେବାକୁ ପଡୁଛି । ଆଗ ଭଳି ଖୁବ୍ କମ୍ ପରିବାର ଅଛନ୍ତି ଯେଉଁଠି ଘରେ ରହି କାମ କରିବାକୁ ପରିସ୍ଥିତି ସହଯୋଗ କରୁଛି । ସମସ୍ତେ ଟିକେ ସହଜରେ ଓ ସ୍ୱାଚ୍ଛନ୍ଦରେ ରହିବାକୁ ଉଭୟ ସ୍ୱାମୀ, ସ୍ତ୍ରୀଙ୍କୁ କାମ କରିବାକୁ ପଡୁଛି , ତେଣୁ ଅନେକ ସମୟରେ ରୋଷେଇ କରିବାକୁ ସମୟ ନଥାଏ , ତେଣୁ ବାଧ ହୋଇ ସେମାନେ ଖାଦ୍ୟ ଅର୍ଡର କରି ଖାଆନ୍ତି। ସହରୀ ଜୀବନରେ ଅନେକ ପରିବାର ପାଇଁ ଅର୍ଡର କରି ଖାଦ୍ୟ ଖାଇବା ଅଭ୍ୟାସରେ ପରିଣତ ହୋଇଗଲାଣି। ଯୁବଗୋଷ୍ଠୀ ମଧ୍ୟ ଅନଲାଇନ୍ ଫୁଡ୍ ମାୟାରେ ପଡ଼ିଗଲେଣି। ଏଥିରେ ଅତି ସହଜରେ ଖାଦ୍ୟ ପାଖରେ ପହଞ୍ଚିଯାଏ କିନ୍ତୁ ଜାଣନ୍ତି ,ଏହି ଖାଦ୍ୟ ଶରୀର ପାଇଁ ଘୋର ବିପଦ। ଯୁବ ସମାଜ ଏହି ଅଭ୍ୟାସ ତାଙ୍କର ଏକ ପ୍ରକାର ନିଶାରେ ପରିଣତ ହେଲାଣି। ହେଲେ ଏଥିରେ ଏକାଧିକ ଶାରୀରିକ ସମସ୍ୟା ଦେଖାଯାଉଛି। ପ୍ରଥମତଃ ମେଦବହୁଳତା ସମସ୍ୟା ଦେଖାଯାଉଛି ଏବଂ ପାଚନ କ୍ରିୟା ଦେଖାଯାଉଛି। କେବଳ ଶାରୀରିକ ନୁହେଁ ବରଂ ମାନସିକ ମାନସିକ ସ୍ୱାସ୍ଥ୍ୟ ଉପରେ ମଧ୍ୟ କୁପ୍ରଭାବ ପକାଉଛି।

**ପୋଷଣ ଅଭାବଃ** ଫୁଡ୍ ଡେଲିଭରୀରେ ମିଳୁଥିବା ଅଧିକାଂଶ ଖାଦ୍ୟ ଫାଷ୍ଟଫୁଡ୍, ପ୍ରୋସେସଡ୍ ଫୁଡ୍ ବ୍ୟତୀତ ଅଧିକ କ୍ୟାଲୋରୀ ଓ କମ୍ ପୋଷଣଯୁକ୍ତ ଖାଦ୍ୟ ମିଳିଥାଏ। ସମୟ ସହ ଲୋକଙ୍କର ନିର୍ଭରଶୀଳତା ଫଳରେ ଅସନ୍ତୁଳିତ ଡାଏଟର ମାତ୍ରା କ୍ରମଶଃ ବଢ଼ିଚାଲିଛି। ଏହାଦ୍ୱାରା ଶରୀରରେ ଆବଶ୍ୟକ ଭିଟାମିନ୍, ଖଣିଜ ପଦାର୍ଥ, ଓ ପୋଷକ ତତ୍ତ୍ୱ ଅଭାବ ହେବାର ଆଶଙ୍କା ବଢ଼ିପାରେ।

**ଓଜନ ଓ ମୋଟାପଣଃ** ଅଧିକ କ୍ୟାଲୋରୀଯୁକ୍ତ ଖାଦ୍ୟ ଏବଂ ସ୍ୱାସ୍ଥ୍ୟକୁ କ୍ଷତି ପହଞ୍ଚାଉଥିବା ଖାଦ୍ୟ ଓଜନ ବଢ଼ାଇବା ସହିତ ମୋଟାପଣ ବଢ଼ାଇଥାଏ।ଏଥିରେ ଅସ୍ୱାସ୍ଥ୍ୟକର ଶର୍କରା, ଓ ସୋଡିୟମର ମାତ୍ରା ଅଧିକ ରହିଥାଲ ଫଳରେ ମେଟାବୋଲିଜିମ୍ ସହ ଶରୀରରେ ଆବଶ୍ୟକତାଠାରୁ ଅଧକ ଫ୍ୟାଟ୍ ଜମା ହୋଇ ଘାତକ ପ୍ରମାଣିତ ହୋଇପାରେ।

**ହୃଦଘାତ ସମସ୍ୟାଃ** ସ୍ୱାସ୍ଥ୍ୟକୁ କ୍ଷତି ପହଞ୍ଚାଉଥିବା ଖାଦ୍ୟ ଖାଇବା ଦ୍ୱାରା କାର୍ଡିଓ ଭାସ୍କୁଲାର ବା ହୃଦଘାତ ଜନିତ ସମସ୍ୟା ହେବାର ଆଶଙ୍କା ବଢ଼ିପାରେ, ଯାହା ରକ୍ତଚାପ , ହୃଦରୋଗ ଓ ଷ୍ଟ୍ରୋକକୁ ନିମନ୍ତ୍ରଣ କରେ। ଆବଶ୍ୟକତା ଠାରୁ ଅଧିକ ଫ୍ରାଏଡ୍ ଫୁଡ୍ ଓ ପ୍ରୋସେସଡ ଫୁଡ ଖାଇଲେ ଶରୀରରେ କୋଲେଷ୍ଟରେଲ ସ୍ତର ବଢ଼ିଯାଇ ହାର୍ଟଆଟାକ୍ ସମସ୍ୟାକୁ ବଢ଼ାଇଥାଏ।

**ପାଚନ ସମସ୍ୟାଃ** ଅନଲାଇନରେ ମିଳୁଥିବା ଖାଦ୍ୟରେ ଫାଇଭର ଓ ପୋଷକ ତତ୍ତ୍ୱ ନଥାଏ।ଫଳରେ ପାଚନ ସମସ୍ୟା ସୃଷ୍ଟି ହୋଇଥାଏ। କୋଷ୍ଠକାଠିନ୍ୟ, ବାନ୍ତି ହେବା ପେଟରେ ଗ୍ୟାସ ହେବା ସହ ଫୁଲିଯିବା ପରି ସମସ୍ୟା ଦେଖାଯାଏ।

ରକ୍ତରେ ଶର୍କରା ମାତ୍ରା ବୃଦ୍ଧିଃ ଅଧିକ ମିଠା ଓ ଅଧିକ କାର୍ବୋହାଇଡ୍ରୋଟ୍ ଯୁକ୍ତ ଖାଦ୍ୟ ସାଙ୍ଗକୁ ଖାଇବାରେ ଅନିୟମିତତା ରକ୍ତରେ ଶର୍କରାର ମାତ୍ରା ବଢ଼ାଇଦିଏ। ଏହାଦ୍ୱାରା ଇନସୁଲିନ୍ ସୃଷ୍ଟିରେ ବାଧା ସୃଷ୍ଟି ହେବା ସହ ଫଳରେ ଟାଇପ୍ -୨ ଡାଇବେଟିସ୍ ହୋଇଥାଏ।

**ଚିଡ଼ଚିଡ଼ାପଣଃ** ଅର୍ଡର କରି ପୋସେସଡ୍ ଖାଦ୍ୟ ଲଗାତାର ଖାଇଲେ ମାନସିକ ସ୍ୱାସ୍ଥ୍ୟ ପ୍ରଭାବିକ ହୋଇଥାଏ ।କଥାରେ ଅଛି ଯେପରି ଖାଦ୍ୟ ସେପରି ମନର ସ୍ଥିତି। କହିବାର ଅର୍ଥ ଆମେ ଯେପରି ଖାଦ୍ୟ ଖାଇବା ଆମ ମନ ଓ ଶରୀର ଉପରେ ସେହିପରି ପ୍ରଭାବ ପଡ଼ିବ। ତେଣୁ ଲଗାତାର ଅର୍ଡର ଫୁଡ ଖାଇଲେ ଜଣଙ୍କଠାରେ ଅବସାଦ ଓ ଚିଡ଼ିଚିଡ଼ାପଣ ଦେଖାଯିବାର ଅଧିକ ସମ୍ଭାବନା ଥାଏ।

କହିବାକୁ ଗଲେ ଅର୍ଡର କରି ଖାଦ୍ୟ ଖାଇଲେ ରୋଗ ତ କିଣିବେ, ଡାକ୍ତର ପାଖରେ ଟଙ୍କା ଦେଇ ଦେଇ ଦେବାଳିଆ ବି ହେବେ।ଏବେ ଆପଣ କୁହନ୍ତୁ ଟିକେ ସମୟ କାଢି ଘରେ ରୋଷେଇ କରି ସ୍ୱାସ୍ଥ୍ୟକର ଖାଦ୍ୟ ଖାଇବେ ନା ଅନଲାଇନ୍ ଖାଦ୍ୟ ଖାଇ ବିପଦକୁ ବରଣ କରିବେ।

## ମହାନଦୀର ପ୍ରାକୃତିକ ଦୃଶ୍ୟ ଦେଖି ବିଭୋର ହେଲେ ଜିଲ୍ଲାପାଳ



**ସୁବର୍ଣ୍ଣପୁର,୨୪।୧୦ (ସଂଚାର ବ୍ୟୁରୋ):** ଚିତ୍ରୋତ୍ପଳା ମହାନଦୀର ଐତିହାସିକ ସୋନପୁର ର ରାଜବାଟି ସଂଲଗ୍ନ ଶ୍ରୀ ଗୋପାଳଜୀ ମନ୍ଦିର ର ନବୀ କରଣ କରି ରାଜ୍ୟ ତଥା ଦେଶ ବିଦେଶର ପର୍ଯ୍ୟଟକ ମାନଙ୍କୁ ଆକୃଷ୍ଟ କରିବା ପାଇଁ ଭରପୁର ଭିତ୍ତିଭୂମି ଥିବା ବିଷୟ ସୁବର୍ଣ୍ଣପୁର ଜିଲ୍ଲାପାଳ ଡ଼. ନୃପ ରାଜ ସାହୁ ଏହି ସର୍ବ ପୁରାତନ ମନ୍ଦିର ପରିଦର୍ଶନ ସମୟରେ ନିଜେ ଅନୁଭବ କରିଥିଲେ। ଏଥି ପାଇଁ ଯୁଦ୍ଧ କାଳୀନ ଭିତ୍ତିରେ ଏ ପ୍ରାଚୀନ ମନ୍ଦିର ର ନବୀକରଣ କାର୍ଯ୍ୟ ହାତକୁ ନେବା ପାଇଁ ପୌର ପ୍ରଶାସନ, ବୁଦ୍ଧିଜୀବୀ, ସାମ୍ବାଦିକ, ମନ୍ଦିର ପରିଚାଳନା କମିଟି ପକ୍ଷରୁ ଜିଲ୍ଲାପାଳ ଙ୍କୁ ଦାବୀ କରାଯାଇଛି। ଏଠି ବିଦେଶୀ ପକ୍ଷୀ ଙ୍କ କଳ କଳ ରାବ ସହ ବନ୍ୟା ସମୟର ମହାନଦୀ, ତେଲ ନଦୀ ଓ କର୍ପୁର ନଦୀ ତ୍ରିବେଣୀ ସଙ୍ଗମ ର କୃତ୍ରିମ ଦୃଶ୍ୟ ଚିଲିକା ହ୍ରଦ ଭଳି ଦୃଶ୍ୟମାନ ହେଉଥିବା ଅବଗତ ଓ ଅନୁଭବ କରି ଥିଲେ। କାରଣ ଏହି ପ୍ରକାର ପ୍ରାକୃତିକ ଦୃଶ୍ୟ କୁ ଉପଭୋଗ କରିବା ପାଇଁ ସମଗ୍ର ଓଡ଼ିଶାରେ ଏହା ଏକ ସ୍ୱତନ୍ତ୍ର ସ୍ଥାନ ଓ ବିରଳ ବୋଲି ଜିଲ୍ଲାପାଳ ମତ ପ୍ରକାଶ କରିଥିଲେ। ଏ ମହାନଦୀ ର ପ୍ରାକୃତିକ ଦୃଶ୍ୟ ଓ ପୁରୁଣା ରାଜ ବାଟି କୁ ଦେଖି ନିଜେ ବିଭୋର ହୋଇ ଫଟୋ ଉତ୍ତୋଳନ କରି ଥିଲେ ।

## ଛାୟା ସାଂସଦଙ୍କ ଉତ୍ପାତ

**ଜଗତସିଂହପୁର,୨୪।୧୦ (ସଂଚାର ବ୍ୟୁରୋ):** ଜିଲ୍ଲା ତିର୍ତ୍ତୋଲ ବ୍ଲକ ହେଉଛି ରାଜନୀତି ର ଏକ ସମ୍ବେଦନ ଶିଳ ବ୍ଲକ। ଗଲା କେତେ ବର୍ଷ ହେଲା କେଉଁ ସାଂସଦ ଙ୍କ ସମୟରେ ଯାହା ହୋଇନଥିଲା ଏହା ଏଥର ପଞ୍ଚାୟତ ସମିତି ବୈଠକ ରେ ଦେଖିବାକୁ ମିଳିଛି। ଜଣେ ଆତ୍ମ ଘୋଷିତ ଛାୟା ସାଂସଦ ଙ୍କ ପ୍ରତିନିଧି ପରିଚୟରେ ଥିବା ହୋତା ବାବୁ ଜଣଙ୍କ ପଞ୍ଚାୟତ ସମିତି ବୈଠକ ରେ ସାମ୍ବାଦିକ ମାନଙ୍କୁ ଖରାପ୍ ବ୍ୟବହାର କରିବା ଓ ଆଙ୍ଗୁଠି ଉଠାଇ ତମେ କେଉଁ ସାମ୍ବାଦିକ ଗ୍ରୁପ ବୋଲି ପ୍ରଶ୍ନ ଉଠାଇବା ବିଗତ ସରକାର ସମୟରେ ଯାହା ହୋଇ ନଥିଲା ତାକୁ ବିଜେପି ଶାସନ କୁ ଆସୁ ଆସୁ ତାକୁ ପଦାରେ ପକାଇବା ଦେଖା ଦେଇଛି। ଚତୁର୍ଥ ସ୍ତମ୍ଭ କୁହାଯାଉଥିବା ଜନପ୍ରତିନିଧି ଙ୍କୁ ଖରାପ୍ ବ୍ୟବହାର ଦେଖାଇବା ପରେ ଜଗତସିଂହପୁର ସାଂସଦ ଙ୍କ ପାରିବା ପଣୀୟା ଉପରେ ପ୍ରଶ୍ନ ଆସିଛି। ମହାଶୟ ବାବୁ ଜଣଙ୍କ ଏତେ ଉଦ୍ଧତ ହେଉଛନ୍ତି ଯେ ସୀମା ଟପିବାକୁ ବସିଲେଣି ତିର୍ତ୍ତୋଲ ବ୍ଲକ ରେ। ହୋତା ବାବୁ ବିଜେଡ଼ି ରୁ ଗନ୍ଧ ଯାଇନଥିବା ବେଳେ କେବେ କେତେବେଳେ ବିଜେପି ରେ ଯୋଗଦେଲେ ତାହା କାହାକୁ ଜଣାନାହିଁ। କିନ୍ତୁ ସାମ୍ବାଦିକ ଙ୍କ ଉପରେ ପ୍ରଶ୍ନ ଉଠାଇବା ପୂର୍ବରୁ ନିଜେ ଜାଣିବା ଦରକାର ବିଗତ ଦିନରେ କାହା ପାଖରେ ଥିଲେ ଆଉ କଣ କରିଥିଲେ ତାଙ୍କର ସେ ପୋଥି ଆଗାମୀ ଦିନରେ ତିର୍ତ୍ତୋଲ ସେଇ ସାମ୍ବାଦିକ ସଂଘ ପରଦା ଉପରକୁ ଆଣିବ ଯୋଉ ସଂଘକୁ ସେ ଆକ୍ଷେପ କରିଛନ୍ତି। ଆତ୍ମ ଘୋଷିତ ସାଂସଦ ଙ୍କ ଜନ ପ୍ରତିନିଧି ବୋଲାଉଥିବା ନେତା କେତେଦିନ ସାଂସଦ ଙ୍କ ପଖରେ ତିଷ୍ଟିବେ ଦେଖିବାକୁ ବାକି ରହିଲା।

# ମୁଣ୍ଡାଗୁଡ଼ା ଛକଠାରୁ ପିରିଗଡ଼ ରାସ୍ତା ମରାମତି ଦାବି

## ମୁଣ୍ଡିକିଆ ରାସ୍ତା ଖାଲଖମା



**କନ୍ଧମାଳ,୨୪।୧୦ (ସଂଚାର ବ୍ୟୁରୋ):** ସରକାର ଙ୍କ ତରଫରୁ ଜନସାଧାରଣ ଙ୍କ ସୁବିଧା ପାଇଁ ରାସ୍ତା ଘାଟ ହେଉକି ଅନ୍ୟାନ୍ୟ ବ୍ୟବସ୍ଥା ହେଉ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଉଛି। ହେଲେ ଏସବୁ ଟଙ୍କା ଠିକ୍ ଜାଗାରେ ଆଉ ଠିକ୍ ପରିମାଣ ରେ ବିନିଯୋଗ ହୋଇପାରୁ ନଥିବା ବେଳେ ଠିକାଦାର ହୁଅନ୍ତୁ କି ବିଭାଗୀୟ ଅଧିକାରୀ ଙ୍କ ଅବହେଳା ରୁ ରାସ୍ତା ନିର୍ମାଣ କାମ ଦିନରେ କେଉଁଠି ପିଚୁ ଉଠିଯାଉଛି ତ କେଉଁଠି ନିମ୍ନମାନର କାର୍ଯ୍ୟ ଯୋଗୁଁ ଅଳ୍ପ ଦିନରେ ରାସ୍ତା ପିଚୁ ଉଠିଯାଉଛି। ରାସ୍ତା ଶୋଚନୀୟ ହୋଇ ଧନଜୀବନ ହାନି ହେଉଥିଲେ ମଧ୍ୟ ପ୍ରଶାସନ ମରାମତି ପାଇଁ ଗୁରୁତ୍ୱ ଦେଉନଥିବାରୁ ଜନସାଧାରଣ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଛି। ଏମିତି ରାସ୍ତା ଦେଖିବାକୁ ମିଳିଛି କନ୍ଧମାଳ ଜିଲ୍ଲା କ ନୂଆଗାଁ ବ୍ଲକ ଗୁଞ୍ଜିବାଡି ପଞ୍ଚାୟତ ପିରିଗଡ଼ ଠାରୁ ଆମ୍ବିଲିପଡା, ଡଣ୍ଡିପଡା, ମୁଣ୍ଡିକିଆ ଦେଇ ମୁଣ୍ଡାଗୁଡ଼ା ଛକ ପର୍ଯ୍ୟନ୍ତ ଆସିଥିବା ରାସ୍ତା ପିରିଗଡ଼, ମୁଣ୍ଡିକିଆ ରାସ୍ତା ର ପୋଲ ରାସ୍ତା ଖାଲଖମା ହୋଇ ପଡ଼ିରହିଛି। ଏହି ରାସ୍ତା ପିରିଗଡ଼, ମୁଣ୍ଡିକିଆ ଦେଇ ମୁଣ୍ଡାଗୁଡ଼ା ଛକ କୁ ସଂଯୋଗ କରୁଥିବା ପ୍ରଧାନ ମନ୍ତ୍ରୀ ସଡକ ଯୋଜନା ରାସ୍ତା। ଏହି ରାସ୍ତା ପିଚୁ ଉଠି ଖାଲଖମା ଭର୍ତ୍ତି ହେବା ସହ ରାସ୍ତା ର ଅଧିକାଂଶ ସ୍ଥାନରେ ଗୋଡ଼ି ବାହାରି ପଡ଼ିଥିବା ରୁ ଜନସାଧାରଣ ହୁଅନ୍ତୁ କି ରାସ୍ତା ରେ ଯାଉଥିବା ବାଇକ୍ ଚାଳକ ଯିବା ଆସିବା ପାଇଁ ବହୁତ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଯାହା ଫଳରେ ଅଧିକାଂଶ ସମୟରେ ବାଇକ୍ ଆରୋହି ହୁଅନ୍ତୁ କି ସାଇକେଲ ଆରୋହୀ ଦୁର୍ଘଟଣା ର ଶିକାର ହେଉଛନ୍ତି। ଏହି ରାସ୍ତା ରେ ପ୍ରତିଦିନ ଛାତ୍ର ଛାତ୍ରୀ କଲେଜ୍ ଛାତ୍ର ଛାତ୍ରୀ ସହ ଶତାଧିକ ଜନସାଧାରଣ ଦୈନିକ ଯିବା ଆସିବା କରୁଛନ୍ତି ଓ ଅସୁବିଧାର ସମ୍ମୁଖୀନ ମଧ୍ୟ ହେଉଛନ୍ତି। ରାସ୍ତା ମରାମତି ପାଇଁ ବାରମ୍ବାର ବିଭାଗୀୟ ଅଧିକାରୀ ମାନଙ୍କୁ ଦାବି କରିଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ ବୋଲି କହିଛନ୍ତି ମୁଣ୍ଡିକିଆ ଗାଁ ତୁନୁରା ପ୍ରଧାନ, ଲିଟୁ ପ୍ରଧାନ, ନମିତା ପ୍ରଧାନ ସହ ଅଞ୍ଚଳ ବାସୀ। ତେବେ ଏହାକୁ ଦୃଷ୍ଟିରେ ରଖି ତୁରନ୍ତ ପ୍ରଶାସନ ଗୁରୁତ୍ୱ ଦେଇ ପ୍ରଧାନ ମନ୍ତ୍ରୀ ସଡକ ମରାମତି କରିବାକୁ ଆଠରୁ ନଖଣ୍ଡ ଗ୍ରାମ ବାସୀ ଦାବି କରିଛନ୍ତି।

## ଘରୋଇ ହିଂସା ପ୍ରତିରୋଧ ପ୍ରଶିକ୍ଷଣ କର୍ମଶାଳା



**ଭବାନୀପାଟଣା,୨୪।୧୦(ସଂଚାର ବ୍ୟୁରୋ):** ଘରୋଇ ହିଂସା ପ୍ରତିରୋଧ ଓ ପୀଡିତାଙ୍କ ସୁରକ୍ଷା ସମ୍ପର୍କରେ ସଚେତନ ବୃଦ୍ଧି ପାଇଁ ଜିଲ୍ଲା ସମାଜ କଲ୍ୟାଣ କାର୍ଯ୍ୟାଳୟ ଆନୁକୁଲ୍ୟରେ ଏକ ଜିଲ୍ଲା ସ୍ତରୀୟ ପ୍ରଶିକ୍ଷଣ କର୍ମଶାଳା ଭବାନୀପାଟଣା ସ୍ଥିତ ଜିଲ୍ଲା ଯୋଜନା ଓ ସମୀକ୍ଷା ବିଭାଗଙ୍କ ସଭା ଗୃହରେ ଅନୁଷ୍ଠିତ ହୋଇଥିଲା। ପ୍ରଶିକ୍ଷଣରେ ଘରୋଇ ହିଂସା (ନିବାରଣ) ଅଧିନିୟମ, ୨୦୦୫, ପୀଡିତାଙ୍କ ପାଇଁ ଉପଲବ୍ଧ ସହାୟତା ସେବା, ପରାମର୍ଶ ପ୍ରକ୍ରିୟା ଏବଂ ସମ୍ପର୍କିତ ବିଭାଗ ସହ ସମନ୍ୱୟ ନେଇ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହୋଇଥିଲା ଏହା ସହିତ ଘରୋଇ ହିଂସା ପ୍ରତିରୋଧ ପାଇଁ ସମାଜିକ ସଚେତନତା, ପୀଡିତାଙ୍କ ପକ୍ଷରେ ସମୟୋପଯୋଗୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ପାଇଁ ମଧ୍ୟ ଆଲୋଚନା କରାଯାଇ ଆଗାମୀ ଦିନପାଇଁ ଯୋଜନା ପ୍ରସ୍ତୁତି କରାଯାଇଥିଲା। ଜିଲ୍ଲା ଆଇନ ସେବା ପ୍ରାଧିକରଣ ଅଧିକାରୀଣୀ ସ୍ନିଗ୍ଧା ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରିଣୀ ମୁଜିବୁନ ନିଶା, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶୈଳେନ୍ଦ୍ରୁ ଶେଖର ମହାପାତ୍ର, ଆଇ.ଆଇ.ସି ସାଇବର କ୍ରାଇମ ବିଜୟ ଲକ୍ଷ୍ମୀ ହିକୋକା, ସମସ୍ତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ, ଜେଜେବି ସଦସ୍ୟ ସ୍ୱର୍ଣ୍ଣଲତା ମହାନ୍ତି, ଜିଲ୍ଲା ମହିଳା ହବ୍ ସଂଯୋଜକ ଯୋଗେଶ୍ୱର ବୁଦ୍ଧିଆ, ଜିଲ୍ଲା ସଂଯୋଜକ ଏଡ ଏଟ ଆଶ୍ୱିନ ଦିବ୍ୟ ରଞ୍ଜନ ଯୋଷି, ୱାନ ଷ୍ଟପ ସେଣ୍ଟର, ଶକ୍ତି ସଦନ ଏବଂ ଏଫ. ସି. ସି ର ପ୍ରତିନିଧିମାନେ ଯୋଗଦେଇଥିଲେ।

## ଭତ୍ତା ଟଙ୍କା ଲୁଟ୍: ଧରାପଡ଼ିଲେ ୬ ଯୁବକ



**କଣ୍ଟାବାଞ୍ଜି,୨୪।୧୦(ସଂଚାର ବ୍ୟୁରୋ):** ଭତ୍ତା ଟଙ୍କା ଲୁଟ ଘଟଣାରେ ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ପୋଲିସ ଲୁଟେରା ଗ୍ୟାଙ୍ଗର ୬ଜଣଙ୍କୁ ଧରିବାରେ ସଫଳ ହୋଇଛି। ପୋଲିସ ସେମାନଙ୍କ ନିକଟରୁ ୨ ଲକ୍ଷ ୮୦ ହଜାର ଟଙ୍କା ଜବତ କରିଛି। ଏପରି କି ଘଟଣାରେ ସମ୍ପୃକ୍ତ ଆଉ ୨ ଅଭିଯୁକ୍ତ ଫେରାର ଥିବା ସୂଚନା ମିଳିଛି। ମିଳିଥିବା ସୂଚନା ମୁତାବକ, ଗତ ୨୨ ତାରିଖରେ ମୁରିବାହାଲ ଟୁପାଉଡ଼ାର ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଏବଂ ତାଙ୍କ ୨ ସହଯୋଗୀ ଟିଟିଲାଗଡ଼ ବ୍ୟାଙ୍କରୁ ୯ ଲକ୍ଷ ୭୫ ହଜାର ଭତ୍ତା ଟଙ୍କା ଉଠାଇ ଆସୁଥିଲେ। ସେତିକିବେଳେ ଦୁର୍ବୃତ୍ତମାନେ ସେମାନଙ୍କ ଅଟକାଇ ଆକ୍ରମଣ କରିଥିଲେ। ପରେ ସେମାନେ ଧରିଥିବା ଟଙ୍କା ଲୁଟି ନେଇ ଫେରାର ହୋଇଯାଇଥିଲେ। ଏନେଇ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ କଣ୍ଟାବାଞ୍ଜି ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଅଭିଯୋଗକୁ ଭିତ୍ତି କରି ଘଟଣାର ତଦନ୍ତ ପରେ ଲୁଟେରା ଗ୍ୟାଙ୍ଗର ୬ ଜଣଙ୍କୁ ଧରିବାରେ ସଫଳ ହୋଇଛି।

## ବିଦ୍ୟୁତ ତାର ଚୋରି ଓ ହତ୍ୟା ଘଟଣାର ସମସ୍ତ ଅଭିଯୁକ୍ତ ନିର୍ଦୋଷରେ ଖଲାସ

**ନବରଙ୍ଗପୁର,୨୪।୧୦(ସଂଚାର ବ୍ୟୁରୋ):** ନବରଙ୍ଗପୁର ଜିଲ୍ଲା ଓ ଦୌରା ଜଜ ମାନ୍ୟବର ବିଚାରପତି ଶ୍ରୀ ସୁବ୍ରତ ମହାନ୍ତି ଏକ ବିଦ୍ୟୁତ ତାର ଚୋରି ଓ ହତ୍ୟା ଘଟଣା ର ବିଚାରଣା କରି ଉପଯୁକ୍ତ ସାକ୍ଷ୍ୟ ପ୍ରମାଣ ଅଭାବରୁ ସମସ୍ତ ଅଭିଯୁକ୍ତଙ୍କୁ ନିର୍ଦୋଷ ରେ ଖଲାସ କରିଛନ୍ତି। ସୂଚନା ଅନୁଯାୟୀ, ଝରୀଗାଁ ଥାନା ଅନ୍ତର୍ଗତ ଛୁଟାଗୁଡା ଡିଏନକେ ୟୁଭି ୫୧ଗ୍ରାମର ଜୟନ୍ତ ମାଲାକାର ଗତ ୨୦/୦୯/୨୦୨୩ ତାରିଖ ଦିନ କୋଡ଼ିଙ୍ଗା ଥାନାରେ କେସ ନମ୍ବର ୧୯୬/୨୩ ପ୍ରକାରେ ଏକ ଲିଖିତ ଅଭିଯୋଗ କରିଥିଲେ ଯେ ତାଙ୍କ ଭାଇ ରାଜା ମାଲାକାର ଗତ ତା, ୧୭/୦୯/୨୦୨୩ ରିଖ ଦିନ ସକାଳ ପ୍ରାୟ ୧୦ ଘଣ୍ଟ ସମୟରେ ବାହାରକୁ ଯାଇ ଆଉ ଫେରିନାହାନ୍ତି। ଘଟଣା ର ତଦନ୍ତ କରି ପୋଲିସ କି. ରମେଶ ରାଓ, ବିଦ୍ୟାଧର ଗୌଡ଼, କୈଳାସ ଭାଟ, ଯତୀଶ ଭତ୍ରା, ଲକ୍ଷ୍ମଣ ଭତରା ଓ କାର୍ତ୍ତିକ ଗୌଡ଼ କୁ ଭାରତୀୟ ପିଙ୍ଗଳ କୋର୍ଡ ର ଧାରା ୩୦୨ ପ୍ରକାରେ ଗିରଫ କରି କୋର୍ଟ ଚାଲାଣ କରିଥିଲେ।

## ମଣ୍ଡଳସ୍ତରୀୟ ଶିଶୁ ମହୋତ୍ସବ ସୁରଭି ପାଳିତ



**ବାଲିପାଟଣା,୨୪।୧୦(ସଂଚାର ବ୍ୟୁରୋ):** ଆଜି ବାଲିପାଟଣା ବ୍ଲକ୍ ଅନ୍ତର୍ଗତ ଭାକର ସାହି ସ୍ଥିତ କୁଶଭଦ୍ରା ସରକାରୀ ଉଚ୍ଚ ବିଦ୍ୟାଳୟ ଠାରେ ବ୍ଲକ୍ ସ୍ତରୀୟ ଶିଶୁ ମହୋତ୍ସବ ସୁରଭି ର ସଫଳତାର ସହିତ ପାଳନ କରାଯାଇ ଅଛି। ବାଲିପାଟଣା ଗୋଷ୍ଠି ଶିକ୍ଷା ଅଧିକାରୀ ପ୍ରଭାତ କୁମାର ରଥ ଙ୍କ ସଭାପତିତ୍ୱ ରେ ଏହି ସମାରୋହ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ସମ୍ମାନନୀୟ ଜୟଦେବ ନିର୍ବାଚନ ମଣ୍ଡଳୀ ବିଧାୟକ ନବ କିଶୋର ମଲିକ୍ ଯୋଗଦେଇ ସୁରଭି ମହୋତ୍ସବ ର ଉଦ୍ଦେଶ୍ୟ ସମ୍ବନ୍ଧରେ ଛାତ୍ର ଛାତ୍ରୀ ମାନଙ୍କୁ ବାର୍ତ୍ତା ଦେଇଥିଲେ। ଅନ୍ୟ ମଞ୍ଚାସୀନ ଅତିଥି ଭାବେ ବାଲିପାଟଣା ବିଡିଓ ଶୁଭ୍ରାଂଶୁ ଶେଖର ପାଢ଼ୀ, ପୂର୍ବତନ ଜିଲ୍ଲା ପରିଷଦ ଭାଗୀରଥି ପାତ୍ର, ବିଜେଡି ବାଲିପାଟଣା ସଭାପତି କିଶୋର ଚନ୍ଦ୍ର ଜେନା, ଜିଲ୍ଲାପରିଷଦ ଗଙ୍ଗାଧର ମଲିକ୍, ପବିତ୍ର ମୋହନ ପଟେଲ୍, ପୁର୍ବତନ ପ୍ରଧାନ ଶିକ୍ଷକ ରଘୁନାଥ ଲେଙ୍କା, କୁଶଭଦ୍ରା।ଏହି ଅବସର ରେ କୃତୀ ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ମାନ ଅନୁଷ୍ଠିତ ହୋଇ ପୁରସ୍କାର ବିତରଣ ହୋଇଥିଲା। କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀ ଜିଲ୍ଲା ସ୍ତରୀୟ ସୁରଭୀ ରେ ଯୋଗଦେଇ ତାଙ୍କର ପ୍ରତିଭା ପ୍ରତିପାଦନ କରିବେ ବୋଲି ବିଇଓ ଶ୍ରୀଯୁକ୍ତ ରଥ ବକ୍ତବ୍ୟ ରଖିଥିଲେ। ଏହି ସମାରୋହ କୁ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ପୁର୍ଣ୍ଣ ସହଯୋଗ କରିଥିଲେ।

## ବ୍ୟାଟେରି ଚାଳିତ ଗାଡିର ଶୁଭ ଉଦ୍‌ଘାଟନ କଲେ ମନ୍ତ୍ରୀ

**ବାରିପଦା:** ସମାଜ ସେବା ଓ ଜନସ୍ୱାସ୍ଥ୍ୟ ଉନ୍ନତିରେ ଏକ ଅଭିନବ ପଦକ୍ଷେପ ସ୍ୱରୂପ ଆଇଡିବିଆଇ ବ୍ୟାଙ୍କ ବାରିପଦା ଶାଖା ତାଙ୍କର କର୍ପୋରେଟ୍ ସୋସିଆଲ୍ ରେସ୍ପନସିବିଲିଟି ଅଭିଯାନ ଅନ୍ତର୍ଗତ, ବାରିପଦା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ (ଉଏଏ) କୁ ବ୍ୟାଙ୍କ ଦାନ କରିଛି ୧୧ଟି ଷ୍ଟ୍ରେଚର୍ ଓ ଏକ ବ୍ୟାଟେରି ଚାଳିତ ଗାଡି, ଯାହାକି ଏମ ଆର ଆଇ ସେଣ୍ଟର, ଏକ୍ସ-ରେ ବିଭାଗ ନିକଟକୁ ରୋଗୀମାନଙ୍କୁ ନେବା ଆଣିବା ଓ ଚିକିତ୍ସା ସେବାରେ ଅନେକ ସହାୟକ ହେବ। ଏହି ସେବାଧର୍ମୀ କାର୍ଯ୍ୟକ୍ରମଟି ଆଜି ବାରିପଦା ପରିସର ସ୍ଥିତ (ଚାରିତାଲା ଭବନ) ରେ ଆୟୋଜିତ ହୋଇଥିଲା।ଉକ୍ତ ଜନ କଲ୍ୟାଣକାରୀ ସେବାଧର୍ମୀ କାର୍ଯ୍ୟକ୍ରମକୁ ଓଡ଼ିଶା ସରକାରଙ୍କ ଗୃହ ନିର୍ମାଣ ଓ ନଗର ଉନ୍ନୟନ ତଥା ସାଧାରଣ ଉଦ୍ୟୋଗ ବିଭାଗର ମାନ୍ୟବର ମନ୍ତ୍ରୀ ଡଃ କୃଷ୍ଣଚନ୍ଦ୍ର ମହାପାତ୍ର ଶୁଭ ଉଦଘାଟନ କରିଥିଲେ।

### ମିରିଗିଣି ପଥର ଖଣିର ପରିବେଶ ମଞ୍ଜୁରୀକୁ ବିରୋଧ

## ଶାଳବନ୍ଧ ପଡ଼ିଆରେ ବିଶାଳ ଜନସମାବେଶ

**ନୀଳଗିରି,୨୪।୧୦(ସଂଚାର ବ୍ୟୁରୋ):** ନୀଳଗିରି ମିରିଗିଣି ପଥର ଖଣିର ପରିବେଶ ମଞ୍ଜୁରୀକୁ ବିରୋଧ କରି ଶୁକ୍ରବାର ଦିନ ସନ୍ଧ୍ୟାରେ ମିରିଗିଣି ଖାଣ୍ଡିଆହୁଡ଼ି ସୁରକ୍ଷାମଞ୍ଚ ତରଫରୁ ଶାଳବନ୍ଧ ପଡ଼ିଆରେ ବିଶାଳ ଜନସମାବେଶ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଜନସମାବେଶ ନୀଳଗିରିର ପୂର୍ବତନ ବିଧାୟକ ଇଂ ସୁକାନ୍ତ ନାୟକ ସଭାପତିତ୍ୱ କରିଥିବାବେଳେ ଏହି ସଭାରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ତଥା ବିଜେଡ଼ି ଜିଲ୍ଲା ସଭାପତି ଜ୍ୟୋତି ପ୍ରକାଶ ପାଣିଗ୍ରାହୀ, ସମ୍ମାନିତ ଅତିଥି ଭାବେ ରେମୁଣା ର ପୂର୍ବତନ ବିଧାୟକ ସୁଦାମ ପରିଡ଼ା, ପରିବେଶବିତ୍ ତଥା ଶ୍ରମିକ ନେତା ଅରୁଣ ଜେନା, ବରିଷ୍ଠ ପରିବେଶବିତ ଅନିରୁଦ୍ଧ ବେହେରା, ରବୀନ୍ଦ୍ର ଜେନା, ସୁନିଲ ପ୍ରଧାନ, ଗଙ୍ଗା ସିଂ, କ୍ଷେତ୍ରମୋହନ ସିଂ, ରାମଚନ୍ଦ୍ର ଦାସ, ରାମଚନ୍ଦ୍ର ବିଶ୍ୱାଳ, ସାମ୍ବାଦିକ ଲୋକନାଥ ଦଳେଇ, ଭରତଚନ୍ଦ୍ର ପରିଡା, ରବିନ୍ଦ୍ର ଦଳେଇ, ଗୌରମୋହନ ସିଂ ଓ ଶତାଧିକ ସ୍ଥାନୀୟ ସାଧାରଣ ଉପସ୍ଥିତ ଥିଲେ। ଖଣ୍ଡିଆ ହୁଡ଼ିରେ ଖାଦାନ ହେଲେ ୪ ନମ୍ବର ୱାର୍ଡ ମିରିଗିଣି ୩ ନମ୍ବର ୱାର୍ଡ ଶାଳବନ୍ଧ ଗାଁ ଲୋକଙ୍କର ଅଧିକ କ୍ଷତି ହେବା ନେଇ ଉପସ୍ଥିତ ଥିବା ସ୍ଥାନୀୟ ସାଧାରଣ ପ୍ରଥମେ କହିଥିଲେ ମରିଯିବୁ ପଛେ ପାହାଡ଼ ଦେବୁନାହିଁ ବୋଲି କହିଥିଲେ ଉପସ୍ଥିତ ଗ୍ରାମବାସୀ।

## ସାଇବର ଠକେଇ ବିରୋଧରେ ଜାଗୃତି ଅଭିଯାନ



**ବିଷମକଟକ,୨୪।୧୦(ସଂଚାର ବ୍ୟୁରୋ):** ରାୟଗଡ଼ା ଜିଲ୍ଲାର ସମସ୍ତ ବ୍ଲକରେ ସାଇବର ଠକେଇ ସତର୍କତା ପ୍ରଚାର ଅଭିଯାନ ଚାଲିଥିବା ବେଳେ ବିଷମକଟକ ବ୍ଲକରେ ମଧ୍ୟ ଆଜି ଏହାର ବିଶେଷ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି।ସାଇବର ସଚେତନତା ଅଭିଯାନ ଅଧିନରେ ଦିନଭରି ତିନିଟି ସ୍ଥାନରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ପ୍ରଥମେ ବିଷମକଟକ ଆଇ.ଟି.ଆଇ. କଲେଜରେ, ତାପରେ ବିଷମକଟକ ଉଚ୍ଚ ବିଦ୍ୟାଳୟରେ ଏବଂ ସନ୍ଧ୍ୟା ସମୟରେ ବିଜୁ କଲ୍ୟାଣମଣ୍ଡପରେ ସାଇବର ସେଫଟି ସଭା ହୋଇଥିଲା। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ରାୟଗଡ଼ା ଜିଲ୍ଲାର ସାଇବର ନିରୀକ୍ଷକ ଅଭିନାଶ ରେଡି ଯୋଗଦେଇଥିଲେ। ସେ ସାଇବର ଠକେଇ, ଅନଲାଇନ ଠକେଇ, ଫୋନ ଓ ଓ.ଟି.ପି ଠକେଇ ରୁ ସାବଧାନ ହେବା ଉପରେ ବିସ୍ତୃତ ଆଲୋଚନା କରି ସାଧାରଣ ଲୋକଙ୍କୁ ସଚେତ କରିଥିଲେ। ତାଙ୍କ ସହ ସୁର୍ଯ୍ୟଚନ୍ଦ୍ର ପାଢ଼ି, ଆଇ. ଆଇ.ସି ବିଷମକଟକ ଓ ନମିତା କୁଲୁସିକା, ସରପଞ୍ଚ ବିଷମକଟକ ମାଧ୍ୟ ମଞ୍ଚାସୀନ ଥିଲେ। ସେମାନେ ଗ୍ରାମ୍ୟ ଅଞ୍ଚଳର ଲୋକଙ୍କ ମଧ୍ୟରେ ସାଇବର ସଚେତନତା ଆଣିବାର ଆବଶ୍ୟକତା ଉପରେ ଜୋର ଦେଲେ। ଅନ୍ୟାନ୍ୟ ସମ୍ମାନିତ ଅତିଥିମାନଙ୍କ ମଧ୍ୟରେ ଥିଲେ ଶଙ୍କର ପ୍ରସାଦ ଦାଶ, ଅବସରପ୍ରାପ୍ତ ବ୍ୟାଙ୍କ ମେନେଜର, ବିଶ୍ୱାଳ ଶିକ୍ଷକ, ସି.ଟି. ବିଦ୍ୟାଳୟ ବିଷମକଟକ ର ମୁଖ୍ୟଶିକ୍ଷକ ଜଗନ୍ନାଥ ମେହେର ଓ ସମନାଥ ଶିକ୍ଷକ। ସେମାନେ ମଧ୍ୟ ସାଇବର ସୁରକ୍ଷା ଉପରେ ମତାମତ ଦେଇ ଯୁବପିଢ଼ିକୁ ଅନଲାଇନ ଠକେଇ ରୁ ସତର୍କ ହେବାକୁ ଆହ୍ୱାନ କଲେ।

### ତୃତୀୟ ଦିନରେ ପଞ୍ଚାୟତ ପ୍ରତିନିଧିଙ୍କ ଧାରଣା, ଫିଟୁନି ସମାଧାନର ବାଟ

## ୨୭ ଦିନର ଶିଶୁକୁ ଧରି ଧାରଣାରେ ବସିଲେ ସରପଞ୍ଚ



**ନାଉଗାଁ,୨୪।୧୦(ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକ କାର୍ଯ୍ୟାଳୟର ଫାଟକ ସମ୍ମୁଖରେ ବୁଧବାର ବ୍ଲକର ବିଭିନ୍ନ ପଞ୍ଚାୟତର ପ୍ରତିନିଧିମାନେ ୧୦ଦଫା ଦାବିକୁ ନେଇ ଧାରଣା ଦେଇଥିବା ଦ୍ୱିତୀୟ ଦିନରେ ତଥା ଗୁରୁବାର କାର୍ଯ୍ୟାଳୟର ଫାଟକ ଭିତରେ ଧାରଣାରେ ବସିଥିଲେ। ଦାବି ପୂରଣ ନ ହେବାରୁ ତୃତୀୟ ଦିନରେ ଧାରଣା ଜାରି ରହିଥିବା ବେଳେ ଜାମୁଗାଁ ପଞ୍ଚାୟତ ସରପଞ୍ଚ ଶୁଭ୍ରସ୍ମୃତୀ ପରିଡ଼ା ୨୭ଦିନର ଶିଶୁ କନ୍ୟାକୁ ଧରି ଧାରଣାରେ ବସି ରହିଥିବା ଦେଖିବାକୁ ମିଳିଥିଲା। ପ୍ରଥମ ଦ୍ୱିତୀୟ ଦିନରେ ଏମାନଙ୍କ ସହିତ ବିଡିଓ ନିରଞ୍ଜନ ପରିଡ଼ା ଓ ଥାନାଧିକାରୀ ପ୍ରଦିପ୍ତ କାନୁନଗୋ ଆଲୋଚନା କରିଥିଲେ ମଧ୍ୟ କୌଣସି ସୁଫଳ ମିଳି ନଥିଲା। ଉପରୀସ୍ଥ ପ୍ରଶାସନିକ ଅଧିକାରୀ ଆସି ତାଙ୍କ ସହିତ ଆଲୋଚନା କରନ୍ତୁ ଅଥବା ବିଡିଓ ଲିଖିତ ପ୍ରତିଶ୍ରୁତି ଦେଲେ ଧାରଣାରୁ ଓହରିବେ ବୋଲି ପଞ୍ଚାୟତ ପ୍ରତିନିଧିମାନେ ଅଡି ବସିଥିଲେ। ହେଲେ ତୃତୀୟ ଦିନରେ ବିଡିଓ ପରିଡ଼ା ଓ ଥାନାଧିକାରୀ କାନୁନଗୋ ତାଙ୍କ ସହିତ ଦୀର୍ଘ ସମୟ ଆଲୋଚନା କରିଥିଲେ ମଧ୍ୟ କୌଣସି ନିଷ୍କର୍ଷ ବାହାରି ନଥିବାରୁ ଧାରଣା ଜାରି ରହିଥିବା ଜଣାଯାଇଛି। ସୂଚନା ଅନୁସାରେ ପଞ୍ଚାୟତ ପ୍ରତିନିଧିମାନେ ଏକ ଦାବିପତ୍ର ଅକ୍ଟୋବର ୧୩ ରେ ବିଡିଓ ପରିଡ଼ାଙ୍କୁ ପ୍ରଦାନ କରାଯାଇଥିଲେ। ଏହି ଦାବି ଗୁଡିକ ୭ ଦିନ ମଧ୍ୟରେ ସମାଧାନ କରା ନ ଗଲେ ପ୍ରଥମେ ଧାରଣା ଓ ପରେ ଆମରଣ ଅନଶନ କରିବାକୁ ଚେତାବନୀ ଦେଇଥିଲେ। ହେଲେ ସେମାନଙ୍କର ଦାବି ଗୁଡିକ ବିଡିଓଙ୍କ ସହିତ ଆଲୋଚନା ହୋଇଥିଲେ ମଧ୍ୟ ଧାର୍ଯ୍ୟ ସମୟ ମଧ୍ୟରେ କୌଣସି ସମାଧାନ ହୋଇପାରିନଥିଲା।

# ବିକାଶରେ ବାଧକ ସାଜିଛି ଗୁଡ଼ାଙ୍ଗଘାଟି

## ପ୍ରାଥମିକ ଶିକ୍ଷାରୁ ପିଲାଙ୍କ ପାଠପଢ଼ା ଠପ୍



**ଭବାନୀପାଟଣା,୨୪।୧୦(ସଂଚାର ବ୍ୟୁରୋ):** ସରକାର ବଦଳିଛି, ମାତ୍ର କଳାହାଣ୍ଡି ଜିଲାର ଦୁର୍ଗମ ଅଞ୍ଚଳର ବାସ୍ତବ ଚିତ୍ରରେ କୌଣସି ପରିବର୍ତ୍ତନ ଆସିଲା ନାହିଁ। ରାସ୍ତା ନ ଥିବାରୁ ବିକାଶ ଅପହଞ୍ଚ ହୋଇରହିଛି। ପୂର୍ବରୁ ଯେଉଁ ସମସ୍ୟା ଥିଲା ଆଜି ମଧ୍ୟ ସମାନ ଅବସ୍ଥା। ଲୋକଙ୍କ ଜୀବନଧାରଣ ମାନରେ ପରିବର୍ତ୍ତନ ଆସି ପାରୁନାହିଁ। କଳାହାଣ୍ଡି ଜିଲା ସଦର ବ୍ଲକ ଭବାନୀପାଟଣା ସଦର ମହକୁମାଠାରୁ ମାତ୍ର ୧୮ କିଲୋମିଟର ଦୂରରେ ରହିଛି ଚାଞ୍ଚେର ପଞ୍ଚାୟତ। ଏହି ପଞ୍ଚାୟତର ଗୁଡାଙ୍ଗଘାଟି ଶିଖରରେ ରହିଥିବା ୨ ଗାଁ ପିରୁଙ୍ଗଗୁଡା ଓ ପରଡଙ୍ଗଗୁଡାକୁ ନିତିଦିନିଆ ରାସ୍ତା ନାହିଁ। କହିବାକୁ ଗଲେ ଗୁଡ଼ାଙ୍ଗ ଘାଟି ଏହି ଦୁଇ ଗାଁର ବିକାଶରେ ବାଧକ ସାଜିଛି। କେରାଣ୍ଡିହାପର ଛକଠାରୁ ଗୁଡାଙ୍ଗ ପରେ ୮ କିଲୋମିଟର ବିପଦପୂର୍ଣ୍ଣ ପାହାଡ଼ିଆ ରାସ୍ତାରେ ଗଲେ ଗାଁରେ ପହଞ୍ଚତେହ୍ବ। ମାତ୍ର ବର୍ଷା ହେଲେ ଆଉ ଫେରିବା ପାଇଁ ରାସ୍ତା ମିଳିବ ନାହିଁ। ବର୍ଷ ବର୍ଷ ଧରି ଦୁଇ ଗ୍ରାମବାସୀ ପ୍ରଶାସନ ଓ ସ୍ଥାନୀୟ ନେତାଙ୍କଠାରେ ରାସ୍ତାଟିଏ ପାଇଁ ଗୁହାରି ହୋଇ ଥକିଗଲେଣି। ହେଲେ ପ୍ରଶାସନର ଅଣଦେଖା ଲୋକଙ୍କ ମନୋବଳ ଭାଙ୍ଗିଦେଉଛି ବୋଲି ପିରୁଙ୍ଗଗୁଡା ଗ୍ରାମର ବାସନ୍ତୀ ମାଝୀ, ପଦ୍ମା ମାଝୀ, ପରଡଙ୍ଗଗୁଡାର ଗ୍ରାମର ଜୁଲି ମାଝୀ ଓ ଅନ୍ୟମାନେ ଅଭିଯୋଗ କରୁଛନ୍ତି। ପରଡଙ୍ଗଗୁଡା ଗାଁକୁ ବିଦ୍ୟୁତ୍ ସଂଯୋଗ ହୋଇଥିବାବେଳେ ନେଟ୍‌ୱର୍କ ମଧ୍ୟ ଆସୁଛି। ହେଲେ ପିଇବା ପାଣି ମିଳୁ ନାହିଁ। ଗ୍ରାମବାସୀଙ୍କୁ ମିଳିଥିବା ବସୁଧା ଅଧାପନ୍ତରିଆ ରହିଛି।

## ଅଙ୍ଗନବାଡ଼ି କର୍ମୀଙ୍କୁ ସ୍ମାର୍ଟ ଫୋନ ପ୍ରତିବନ୍ଧକ

**ଗଂଜାମ,୨୪।୧୦ (ସଂଚାର ବ୍ୟୁରୋ):** ଶିଶୁଙ୍କ ଉପସ୍ଥାନ, ଦୈନିକ ରନ୍ଧାଖାଦ୍ୟ ଅଣ୍ଡା ଛତୁଆ ଓ ଲଡୁ ବଣ୍ଟନ ସମସ୍ତ ସୂଚନା ଅଙ୍ଗନବାଡି କର୍ମୀଙ୍କୁ ମୋବାଇଲ ଜରିଆରେ ଉପରିସ୍ଥ ଅଧିକାରୀଙ୍କୁ ଦେବାକୁ ପଡୁଛି। ସେହିପରି ଅଙ୍ଗନବାଡି କର୍ମୀ ମାନେ ମମତା ସକ୍ଷମ ପୋଷଣ ଆପ୍ଲିକେସନରେ ବିଭିନ୍ନ କାମ କରିବା ସହ ଦୈନିକ ଅନେକ କାଗଜପତ୍ରକାମ ମୋବାଇଲରେ କରିବାକୁ ପଡୁଛି। ଅଧିକାଂଶ ଅଙ୍ଗନବାଡି କର୍ମୀଙ୍କ ପାଖରେ ଭଲ ସ୍ମାର୍ଟ ଫୋନଟିଏ ନାହିଁ। ଏଣୁ ସେମାନେ ସମସ୍ୟାରେ ପଡୁଛନ୍ତି। ଅନେକ କର୍ମୀଙ୍କ ପାଖରେ ମୋବାଇଲ ଫୋନ୍ ଥିଲେ ମଧ୍ୟ ସ୍ୱଳ୍ପ ପାରିଶ୍ରମିକରେ ମାସିକ ୩୦୦, ୪୦୦ଟଙ୍କା ଖର୍ଚ୍ଚ କରି ରିଚାର୍ଜ କରିବାକୁ ସକ୍ଷମ ହେଉନାହାନ୍ତି। ଏହି ସମସ୍ୟାକୁ ଦୃଷ୍ଟିରେ ରଖି ପୂର୍ବ ବିଜେଡି ସରକାରଙ୍କ ଅମଳରେ ପ୍ରତ୍ୟେକ ଅଙ୍ଗନବାଡି କର୍ମୀଙ୍କୁ ଭଲ ସ୍ମାର୍ଟ ଫୋନ ଯୋଗାଇବା ପାଇଁ ଘୋଷଣା କରାଯାଇଥିଲା।

## ପୁଲିସ ବିଭାଗ ପକ୍ଷରୁ ସାଇବର ସୁରକ୍ଷା ଅଭିଯାନ



**ଉମରକୋଟ/ରାଇଘର,୨୪।୧୦ (ସଂଚାର ବ୍ୟୁରୋ):** ୨୫- ସାଇବର ଅପରାଧ ରାଜ୍ୟ ରେ ଦିନକୁ ଦିନ ବୃଦ୍ଧି ପାଉଥିବା ବେଳେ ଏହାକୁ ରୋକିବା ପାଇଁ ଜନ ସଚେତନତା ର ବହୁଳ ଆବଶ୍ୟକତା ରହିଥିବାରୁ ରାଜ୍ୟ ପୋଲିସ ବିଭାଗ ପକ୍ଷରୁ ଆରମ୍ଭ ହୋଇଛି ସଚେତନତା ଅଭିମୁଖୀ ଅଭିଯାନ। ଏହି କ୍ରମ ରେ ନବରଙ୍ଗପୁର ଜିଲ୍ଲା ଉମରକୋଟ ପୋଲିସ ବିଭାଗ ପକ୍ଷରୁ ଆଜି ଏକ ୱାକାଥନ ଅନୁଷ୍ଠିତ ହୋଇଛି। ସାଇବର କ୍ରାଇମ ର ଅଭିଯୋଗ କରିବା ପାଇଁ ୧୯୩୦ ହେଲ୍ପ ଲାଇନ ନମ୍ବର ଜାରୀ କରାଯାଇଛି। ସାଇବର କ୍ରାଇମ ଠାରୁ ଦୁରେଇ ରହିବା ସହ ସତର୍କତା ମୂଳକ ପଦକ୍ଷେପ କିପରି ଗ୍ରହଣ କରିବେ ସେ ନେଇ ଜନ ସଚେତନତା ସହ ଜନ ସହଯୋଗୀତା ଦ୍ୱାରା କିପରି ଏହାକୁ ରୋକାଯିବ ସେ ନେଇ ୱାକାଥନ ଜରିଆରେ ସଚେତନ କରାଯାଇଥିଲା। ଏହି ୱାକାଥନ କାର୍ଯ୍ୟକ୍ରମ ରେ କଲେଜ ଛାତ୍ର ଛାତ୍ରୀ ଯୋଗ ଦେଇଥିବା ବେଳେ କାର୍ଯ୍ୟକ୍ରମ ରେ ନବରଙ୍ଗପୁର ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଏମ ସୁନୀଲ ସମ୍ପତ୍ତ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଆଦିତ୍ୟ ସେନ, ନବରଙ୍ଗପୁର ଡ଼ିଏସପି ସୁଶ୍ରୀ ସରୋଜ କିସପଓ୍ଟା, ପାପଡାହାଣ୍ଡି ଏସଡିପିଓ ସତ୍ୟଜିତ ଖାନପଙ୍କଜ, ପୌରାଧ୍ୟକ୍ଷା ଏବଂ ସମସ୍ତ କାଉନ୍ସିଲର, ଥାନା ଅଧିକାରୀ ରମାକାନ୍ତ ସାଇ, ଶିବଜି ପଣ୍ଡା, ଏ ଏସ ଆଇ ବିଶ୍ୱରଂଜନ ପାଢ଼ୀ, ନରେନ୍ଦ୍ର ଗୋଲାପୀ ଏବଂ ସମସ୍ତ ଥାନା କର୍ମଚାରୀ, ସ୍ଥାନୀୟ ବୁଦ୍ଧିଜୀବୀ ଯୋଗ ଦେଇଥିଲେ। ସେହିପରି ରାଇଘର ବ୍ଲକ ରେ ମଧ୍ୟ ସାଇବର ସୁରକ୍ଷା ସଚେତନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଦାୟିତ୍ୱ ରେ ଥିବା ଥାନା ଏସଆଇ ମେନକା ସା, ମନୋରଞ୍ଜନ ମିଶ୍ର ଏ ଏସ ଆଇ, ସଂଗ୍ରାମ ସିଂ ଏ ଏସ ଆଇ, ସହ ଥାନାର କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ବିପର୍ଯ୍ୟୟ ପରିଚାଳନା ଦକ୍ଷତା ବିକାଶ ପ୍ରଶିକ୍ଷଣ ଶିବିର ଉଦଘାଟିତ

**ବାରିପଦା,୨୪।୧୦(ସଂଚାର ବ୍ୟୁରୋ):** ବିପର୍ଯ୍ୟୟ ପରିଚାଳନାକୁ ଅଧିକରୁ ଅଧିକ ସୁଦୃଢ଼ କରିବା, ଗୋଷ୍ଠୀ ସହଭାଗିତା ବୃଦ୍ଧି ସହିତ ଗ୍ରାମ ଓ ପଞ୍ଚାୟତ ସ୍ତରରେ ଏହାର ସଫଳ ରୂପାୟନ ନିମନ୍ତେ ସରକାର ପ୍ରତିଶ୍ରୁତିବଦ୍ଧ ଓ ଏଥି ନିମନ୍ତେ ମୟୁରଭଞ୍ଜ ଜିଲ୍ଲାର ୪୦୪ ପଞ୍ଚାୟତର କାର୍ଯ୍ୟରତ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ମାନଙ୍କ ଦକ୍ଷତା ବୃଦ୍ଧି ପ୍ରଶିକ୍ଷଣ ଶିବିର ଜିଲ୍ଲା ପଞ୍ଚାୟତ ସଂସାଧନ କେନ୍ଦ୍ର ସଭା ଗୃହରେ ଅତିରିକ୍ତ ଜିଲ୍ଲାପାଳ ଈଶ୍ୱର ଚନ୍ଦ୍ର ନାଏକଙ୍କ କରକମଳରେ ଉଦଘାଟିତ ହୋଇଯାଇଛି। ପ୍ରାରମ୍ଭରେ ଜିଲ୍ଲା ଜରୁରୀକାଳୀନ କାର୍ଯ୍ୟାଳୟର ଜିଲ୍ଲା ପ୍ରକଳ୍ପ ଅଧିକାରୀ ଜଗବନ୍ଧୁ ମହାନ୍ତି ସ୍ୱାଗତ ଅଭିଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିବା ସହିତ ଏହି ତାଲିମ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ଅବଗତ କରାଇଥିଲେ. ଏହି ଅବସରରେ ଜିଲ୍ଲା ଜରୁରୀକାଳୀନ ବିଭାଗର ଡେପୁଟି କଲେକ୍ଟର ଶ୍ରଦ୍ଧା ସୁମନ ଜିଲ୍ଲା ଜରୁରୀକାଳୀନ ବିଭାଗ ତରଫରୁ ବିପର୍ଯ୍ୟୟ ପରିଚାଳନା କିଭଳି ଭାବରେ କରାଯାଇଥାଏ ତାହା ବିସ୍ତୃତ ଭାବରେ ଆଲୋଚନା କରିଥିଲେ।

## ଅବହେଳିତ ଗାଁ କରଞ୍ଜିଗୁଡ଼ା, ମୌଳିକ ସୁବିଧା ସାତସପନ



**କାଲିମେଲା,୨୪।୧୦ (ସଂଚାର ବ୍ୟୁରୋ):** ସଦରମହକୁମା ଠାରୁ ପ୍ରାୟ ୧୫ କିମି ଦୂର ଗଲେ ପାହାଡ଼ ପାଦଦେଶରେ ପଡ଼ିବ କରଞ୍ଜିଗୁଡ଼ା ।ବିକାଶ କ'ଣ ଏ ଗାଁ ଜାଣିନି। ଶିକ୍ଷା ଏଠି ବିପର୍ଯ୍ୟସ୍ତ ।ଭଙ୍ଗା ଅଙ୍ଗନବାଡ଼ି ଘରେ ଗଢ଼ା ହୁଏ ଭବିଷ୍ୟତ । ଗାଁରେ ପ୍ରାଥମିକ ବିଦ୍ୟାଳୟ ବି ନାହିଁ ।ପାଠପଢ଼ିବା ପାଇଁ ଛାତ୍ରଛାତ୍ରୀଙ୍କୁ ଦୂରଦରାନ୍ତରେ ଥିବା ସ୍କୁଲ କିମ୍ବା ହଷ୍ଟେଲରେ ରହିବାକୁ ପଡୁଥିବା ଅଭିଯୋଗ କରିଛନ୍ତି ଅଭିଭାବକ ।ବିଶୁଦ୍ଧ ପାଣି ବି ଏ ଗାଁ ପାଇଁ ସାତ ସପନ । ୨ଟି ନଳକୂପରୁ ଗୋଟିଏ ଅଚଳ । ଆଉ ଗୋଟିଏରୁ ବାହାରୁଛି ଲୌହଯୁକ୍ତ ପାଣି ।ଅନ୍ୟ କିଛି ବିକଳ୍ପ ନପାଇ ସେହି ପାଣି ପିଇ ଲୋକେ ରୋଗାଗ୍ରସ୍ତ ହେଉଥିବା ଅଭିଯୋଗ କରିଛନ୍ତି । ଗାଁରେ ପରଜା ସମ୍ପ୍ରଦାୟର ୧୬ ପରିବାର ବାସ କରୁଛନ୍ତି। ଏଥିରୁ ୭ଟି ପରିବାରକୁ ଆଜବେଷ୍ଟସ୍ ନିର୍ମିତ ଆବାସ ଘର ଯୋଗାଯାଇଛି ଅବଶିଷ୍ଟ ୯ ପରିବାର ଏବେ ବି ଭଙ୍ଗା ଦଦରା ଘରେ ପଡ଼ିରହିଛନ୍ତି ।